RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-319 ♦BHUBANESWAR ♦THURSDAY ♦16 MAY 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୩୧୯ ♦ଭୁବନେଶ୍ୱର ♦ଗୁରୁବାର ♦୧୬ ମେ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦



ପ୍ରମୋସନ୍ କରିବେ ଗର୍ଭବତୀ ଦୀପିକା

▶ପୃଷ୍ଠା ୧୮ ଦେଖନ୍ତୁ...

## ସମ୍ବଲପୁର ଓ ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ମାରାଥନ ପ୍ରଚାର

# ନବୀନ ଗ୍ୟାରେଣ୍ଟି ମାଗଣା ବିଜୁଳି





■ ଦେବଗଡ଼/ଛେଣ୍ଡିପଦା/ଆଠମଲ୍ଲିକ/ରାଉରକେଲା, ୧୫।୫ (ସମିସ): ସୁନ୍ଦରଗଡ଼ ଓ ସମ୍ବଲପୁର ସଂସଦୀୟ କ୍ଷେତ୍ରର ଦେବଗଡ଼, ଆଠମଲ୍ଲିକ, ରାଉରକେଲା ଆଦି ସ୍ଥାନରେ ଦଳୀୟ ପ୍ରାର୍ଥୀଙ୍କ ନିମନ୍ତେ ନିର୍ବାଚନ ପ୍ରଚାର କରିଛନ୍ତି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହି ଅବସରରେ ସେ ବିରୋଧୀ ବିଜେପିକୁ ଶାଣିତ ଆକ୍ରମଣ କରିବା ସହ ରାଜ୍ୟର ୯୦% ଲୋକଙ୍କୁ ମାଗଣା ବିଜୁଳି, ସରକାରୀ କର୍ମଚାରୀଙ୍କ ସମେତ ସମସ୍ତଙ୍କୁ ବିଏସ୍‌କେୱାଇ କାଡ଼ର୍ ଓ ମିଶନଶକ୍ତି ମା' ମାନଙ୍କୁ ପେନସନ ନିମନ୍ତେ ଗ୍ୟାରେଣ୍ଟି ଦେଇଛନ୍ତି ।

**ଜୁନ୍ ୯ ତାରିଖରେ ଶପଥ ଗ୍ରହଣ ପରେ ୩ଟି ନିଷ୍ପତ୍ତିରେ ପ୍ରଥମେ ଦସ୍ତଖତ**

**ବିଜେପି କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛି; କୁଆଡ଼େ ଗଲା 'ଅଚ୍ଛେ ଦିନ'?**

ଦେବଗଡ଼ରୁ ମାରାଥନ ପ୍ରଚାର ଆରମ୍ଭ କରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଶାଣିତ ଶବ୍ଦରେ ବିଜେପିକୁ କଟାକ୍ଷ କରିଛନ୍ତି । ସେ କହିଛନ୍ତି ଯେ ବିଜେପି କେବଳ କୁମ୍ଭୀରକାନ୍ଦଣା କାନ୍ଦୁଛି । ସେମାନେ ଘୋଷଣା କରିଥିବା 'ଅଚ୍ଛେଦିନ' କୁଆଡ଼େ ଗଲା ବୋଲି ପ୍ରଶ୍ନ କରିବା ସହ ଏହାର ଉତ୍ତର ସେମାନେ କାହିଁକି ଦେଉନାହାନ୍ତି ବୋଲି ମୁଖ୍ୟମନ୍ତ୍ରୀ ପଚାରିଛନ୍ତି। ▶ପୃଷ୍ଠା-୧୩

**କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଲେ ପାଣ୍ଡିଆନ**

# ନେଲା ବେଳେ ଚତୁର୍ଭୁଜ, ଦେଲାବେଳେ ଖାଲି ହାତ

■ ଅନୁଗୋଳ/ ଦେବଗଡ, ୧୫।୫ (ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସମ୍ବଲପୁର ସଂସଦୀୟ କ୍ଷେତ୍ରର ଦେବଗଡ଼, ଆଠମଲ୍ଲିକ ଓ ଛେଣ୍ଡିପଦାରେ ଦଳୀୟ ପ୍ରାର୍ଥୀଙ୍କ ନିମନ୍ତେ ପ୍ରଚାର ବେଳେ ରାଜ୍ୟକୁ କେନ୍ଦ୍ରର ବିଜେପି ସରକାରଙ୍କ ଉପେକ୍ଷା ଓ ଅବହେଳାକୁ ତୀବ୍ର ସମାଲୋଚନା କରିଛନ୍ତି ବିଜେଡି ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ । କେନ୍ଦ୍ରର ବିଜେପି ସରକାର ରାଜ୍ୟରୁ 'ନେବାବେଳେ ଚତୁର୍ଭୁଜ, ଦେବା ବେଳକୁ ଖାଲି ହାତ' ବୋଲି କଟାକ୍ଷ କରିଛନ୍ତି ।

ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ କେନ୍ଦ୍ର ସରକାର ଓଡ଼ିଶାରୁ ଯେଉଁ ପରିମାଣର ଅର୍ଥ ବିଭିନ୍ନ କର ଆକାରରେ ନେଉଛି ସେଇ ଅନୁଯାୟୀ ଓଡ଼ିଶାକୁ କିଛି ଦେଉନାହିଁ। ଏମ୍‌ସିଏଲ ପ୍ରତିବର୍ଷ ଓଡ଼ିଶାରୁ କୋଇଲା ବାବଦକୁ ୨୫ରୁ ୨୭ ହଜାର କୋଟି ଟଙ୍କା ପାଉଛି, କିନ୍ତୁ ଓଡ଼ିଶାକୁ ମିଳୁଛି ମାତ୍ର ୪ ହଜାର କୋଟି ଟଙ୍କା। ▶ପୃଷ୍ଠା-୧୩

**କୋଇଲାରୁ ବର୍ଷକୁ ଓଡ଼ିଶା ପାଉଛି ମାତ୍ର ୪୦୦୦ କୋଟି ଟଙ୍କା**

**କେନ୍ଦ୍ର ସରକାର ନେଉଛନ୍ତି ବର୍ଷକୁ ୨୫ ହଜାର କୋଟିରୁ ଅଧିକ**

**ବର୍ଷକୁ ୪ଥର ତେଲ, ୬ଥର ଗ୍ୟାସ୍ ଦର ବଢ଼ାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର**

**କ୍ଷମତା ପାଇଲେ ମିଶନଶକ୍ତି ବନ୍ଦ କରିବେ, ଏଲପିଜି ଦର ବଢ଼ାଇବେ**

# ଓଡ଼ିଶାରେ କେବଳ ଉଡ଼ିବ ବିଜେଡି ପତାକା

## ମୁଖ୍ୟମନ୍ତ୍ରୀ ମହାବାତ୍ୟା ଦେଖିଛନ୍ତି; ବିଜେପି ପବନ ପ୍ରଭାବହୀନ: ପାଣ୍ଡିଆନ

■ ଭୁବନେଶ୍ୱର, ୧୫।୫ (ସମିସ): ଓଡ଼ିଶାରେ ବିଜେପି ନିମନ୍ତେ ପ୍ରଚାର ପାଇଁ କେନ୍ଦ୍ରୀୟ ନେତାଙ୍କ ଧାଡ଼ି ଲାଗିଛି । ବିଜେପି ଶାସିତ ରାଜ୍ୟର ୩ ଜଣ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ନିର୍ବାଚନ ପର୍ଯ୍ୟଟନ କରୁଛନ୍ତି। ବହୁ କେନ୍ଦ୍ରମନ୍ତ୍ରୀ ଓଡ଼ିଶା ଗସ୍ତ କରି ସେମାନଙ୍କ ପତାକା ଉଡ଼ାଇବାକୁ ପ୍ରୟାସ କରୁଛନ୍ତି, ମାତ୍ର ସେମାନେ କୌଣସି ସୁଫଳ ପାଇବେ ନାହିଁ; ଓଡ଼ିଶାରେ କେବଳ ବିଜେଡି ଓ ନବୀନ ପଟ୍ଟନାୟକଙ୍କ ବିଜେଡି ପତାକା ଉଡ଼ିବ ବୋଲି କହିଛନ୍ତି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ। ଏକ ଜାତୀୟ ସମ୍ବାଦ ସରବରାହ ସଂସ୍ଥାକୁ ସାକ୍ଷାତକାର ଦେବା ଅବସରରେ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ଅତୀତରେ ମୁଖ୍ୟମନ୍ତ୍ରୀ ବହୁତ ବଡ଼ ବଡ଼ ବାତ୍ୟା ଦେଖିଛନ୍ତି; ତେଣୁ



ବିଜେପି ନେତାଙ୍କ ପବନ ଓଡ଼ିଶାରେ କୌଣସି ପ୍ରଭାବ ପକାଇବ ନାହିଁ । ସେ ପୁଣି କହିଛନ୍ତି ଯେ ବିରୋଧୀମାନେ ହେଉଛନ୍ତି "ନିର୍ବାଚନ ପର୍ଯ୍ୟଟକ'। ନିର୍ବାଚନ ସମୟରେ ସେମାନେ ଓଡ଼ିଶା ଆସନ୍ତି, ମିଠାମିଠା କଥା କହନ୍ତି। ଆଉ ନିର୍ବାଚନ ଶେଷ ହେବାପରେ ଖୋଜିଲେ ବି ସେମାନଙ୍କ ଦେଖା ମିଳେନାହିଁ। "ନିର୍ବାଚନ ପର୍ଯ୍ୟଟକ' କିଏ ଆଉ ଓଡ଼ିଶାବାସୀଙ୍କ ପାଇଁ ୨୪ ଘଣ୍ଟା କିଏ କାମ କରୁଛି ତାହା ଓଡ଼ିଶାବାସୀ ଜାଣନ୍ତି। ▶ପୃଷ୍ଠା-୧୩

**'ନିର୍ବାଚନୀ ପର୍ଯ୍ୟଟକ'ଙ୍କ ପ୍ରଚାରରେ ପଡ଼ିବନି କୌଣସି ପ୍ରଭାବ୍**

**ନବୀନ ବାବୁ ବିପୁଳ ବହୁମତରେ ଜିତି ଜୁନ୍ ୯ରେ ଶପଥ ନେବେ**

## କଂଗ୍ରେସକୁ ବଳ ଦେବା ପାଇଁ ବଲାଙ୍ଗିରରେ ରାହୁଲ୍

# ମୋଦୀ ସରକାର ଗଣତନ୍ତ୍ର ପାଇଁ ବିପଦ

■ ବଲାଙ୍ଗିର, ୧୫।୫ (ସମିସ): ବଲାଙ୍ଗିରରେ ବିଜେଡି ପାଇଁ ମୁଖ୍ୟମନ୍ତ୍ରୀ, ବିଜେପି ପାଇଁ ପ୍ରଧାନମନ୍ତ୍ରୀ ପ୍ରଚାର କରିବା ପରେ ବୁଧବାର କଂଗ୍ରେସ ପାଇଁ ପ୍ରଚାର କରିଛନ୍ତି ରାହୁଲ ଗାନ୍ଧୀ। ସେ ଦିନିକିଆ ବଲାଙ୍ଗିର ଗସ୍ତରେ ଆସି ସ୍ଥାନୀୟ କୋଶଳ କଳା ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ନିର୍ବାଚନୀ ସଭାରେ ସେ ସିଧାସଳଖ ବିଜେପିକୁ ଟାର୍ଗେଟ କରି ମୋଦୀ ସରକାର ଗଣତନ୍ତ୍ର ପାଇଁ ବିପଦ ବୋଲି କହିଥିଲେ। ଗତ ଦଶ ବର୍ଷରେ ଦେଶରେ ବଢ଼ିଥିବା ଅରାଜକତା, ଚାଷୀମାରଣ ନୀତି, ଭ୍ରଷ୍ଟାଚାରକୁ ନେଇ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଥିଲେ। ସେହିପରି କେନ୍ଦ୍ରରେ କଂଗ୍ରେସ ସରକାର ଆସିଲେ ଦେଶବାସୀଙ୍କ ପାଇଁ କଣ ଯୋଜନା ରହିଛି



ଲୋକଙ୍କ ଆଗରେ ରଖିଲେ ପ୍ରତିଶ୍ରୁତିର ପାହାଡ଼ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଭୋଟଭିକ୍ଷା

ସେ ନେଇ ଲୋକଙ୍କୁ ଜଣାଇବା ସହ କଂଗ୍ରେସକୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ରାହୁଲ ନିଜ ଅଭିଭାଷଣରେ କହିଥିଲେ ଯେ ୨୦୨୪ରେ ପୁଣି ମୋଦୀଙ୍କ ସରକାର ଆସିଲେ ଭାରତର ସମ୍ବିଧାନ ବିପଦରେ ପଡ଼ିବ। ସମ୍ବିଧାନକୁ ପୋଡି ଫୋପାଡି ଦେବେ ମୋଦୀ। ତେଣୁ ଏହାର ସୁରକ୍ଷା ଦେଶ ପାଇଁ ଅତ୍ୟନ୍ତ ଜରୁରି ହୋଇ ପଡିଥିବା ସେ କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ୨୬ ଲକ୍ଷ କୋଟି ଟଙ୍କାରେ ଦେଶର ୨୨ ଜଣ ବ୍ୟକ୍ତିଙ୍କ ଋଣ ଛାଡ଼ କରିଛନ୍ତି ମୋଦୀ ସରକାର। ଯାହାକୁ ହିସାବ ଲଗାଇଲେ କେନ୍ଦ୍ରର ମନରେଗା ଯୋଜନାର ୨୪ ବର୍ଷର ଖର୍ଚ୍ଚ। ଜାତୀୟ ଗଣମାଧ୍ୟମ ଅମ୍ବାନୀ ଆଦାନୀଙ୍କ ଛୋଟ ଛୋଟ କାର୍ଯ୍ୟକ୍ରମକୁ ପ୍ରସାରଣ କରୁଥିବା ବେଳେ ଦେଶର ଚାଷୀ ସଂସଦ ସମ୍ମୁଖରେ ତାଙ୍କର ହକ୍ ପାଇଁ କରୁଥିବା ଆନ୍ଦୋଳନର ପ୍ରସାରଣ ହେଉନାହିଁ ଯାହାକି ବେଶ ▶ପୃଷ୍ଠା-୧୩



# ସିଏଏ: ପ୍ରଥମ ୧୪ ଜଣଙ୍କୁ ମିଳିଲା ନାଗରିକତା

ନୂଆଦିଲ୍ଲୀ, ୧୫ ।୫ (ଏଜେନ୍ସି)



ନାଗରିକତା ସଂଶୋଧନ ଆଇନ ବା ସିଏଏ ଅନୁଯାୟୀ ଆଜି କେନ୍ଦ୍ର ସରକାର ପାକିସ୍ତାନ, ଆଫଗାନିସ୍ଥାନ କିମ୍ବା ବାଂଲାଦେଶରୁ ଭାରତକୁ ଆସିଥିବା ୧୪ ଜଣ ଅଣ-ମୁସଲିମ୍ ଶରଣାର୍ଥୀଙ୍କୁ ନାଗରିକ ପ୍ରମାଣପତ୍ର ବଣ୍ଟନ କରିଛନ୍ତି । ସିଏଏ'ରେ ନାଗରିକ ପ୍ରମାଣପତ୍ର ପାଇଥିବା ଏହି ୧୪ଜଣ ବ୍ୟକ୍ତି ହେଲେ ପ୍ରଥମ ବ୍ୟାଚ୍ ଆବେଦନକାରୀ । କେନ୍ଦ୍ର ଗୃହ ସଚିବ ଅଜୟ କୁମାର ଭାଲ୍ଲା ଆବେଦନକାରୀ ୧୪ ଜଣଙ୍କୁ ନୂଆଦିଲ୍ଲୀରେ ନାଗରିକ ପ୍ରମାଣପତ୍ର ବଣ୍ଟନ କରିବା ସହ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଚଳିତ ବର୍ଷ ମାର୍ଚ୍ଚ ୧୧ରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସିଏଏ ନିୟମାବଳୀ ନେଇ ବିଜ୍ଞପ୍ତି ଜାରି କରିଥିଲେ । ଆବେଦନ ଫର୍ମ କିପରି ହେବ, କ'ଣସବୁ ଭରିବାକୁ ପଡ଼ିବ, ଫର୍ମ ସହିତ କ'ଣସବୁ ଦଲିଲ ସଂଲଗ୍ନ ହେବା ଦରକାର, ଜିଲ୍ଲା ସ୍ତରୀୟ କମିଟି(ଡିଏଲସି) ଦ୍ୱାରା ଆବେଦନ ପ୍ରୋସେସିଂ କିପରି ହେବ, ରାଜ୍ୟ ସ୍ତରୀୟ କ୍ଷମତାସମ୍ପନ୍ନ କମିଟି(ଇସି) କ'ଣ ଯାଞ୍ଚ୍ କରି ନାଗରିକତା ପ୍ରଦାନ କରିବେ ସେ ସମ୍ପର୍କରେ ସେହି ବିଜ୍ଞପ୍ତିରେ ବିସ୍ତୃତ ଭାବେ ନିୟମାବଳୀ ଉଲ୍ଲେଖ ଅଛି । ନିୟମ କରାଯାଇଛି ଯେ ପାକିସ୍ତାନ, ଆଫଗାନିସ୍ଥାନ କିମ୍ବା ବାଂଲାଦେଶରୁ ଭାରତକୁ ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଆସିଥିବା ହିନ୍ଦୁ, ଶିଖ୍ ଜୈନ, ବୌଦ୍ଧ, ଖ୍ରୀଷ୍ଟିଆନ ଓ ପାର୍ସି ଆବେଦନକାରୀଙ୍କୁ ଭାରତୀୟ ନାଗରିକତା ପ୍ରଦାନ କରାଯିବ । ଗତ ଦୁଇ ମାସରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ଅନେକ ଆବେଦନ ଆସିଥିଲା । ଡିଏଲସିରେ ପୋଷ୍ଟାଲ ବିଭାଗର ବରିଷ୍ଠ ଅଧୀକ୍ଷକ(ସିନିୟର ସୁପରିଟେଣ୍ଡେଣ୍ଟ) ଓ ଅଧୀକ୍ଷକମାନେ ହେଉଛନ୍ତି କ୍ଷମତାପ୍ରାପ୍ତ ଅଧିକାରୀ । ସେମାନେ ଆବେଦନକାରୀଙ୍କ ଦଲିଲ ଯଥା ଅନ୍ ଲାଇନ୍ ଆବେଦନ ଫର୍ମ, ସତ୍ୟପାଠ, ଆବେଦନକାରୀଙ୍କ ଚରିତ୍ର ନେଇ ଜଣେ ଭାରତୀୟ ନାଗରିକଙ୍କ ସତ୍ୟପାଠ, ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଥିବା ଭାଷାଗୁଡ଼ିକ ମଧ୍ୟରୁ ଆବେଦନକାରୀ ଗୋଟିଏ ଭାଷା ବୁଝିପାରୁଥିବା ଓ କହିପାରୁଥିବା ନେଇ ପ୍ରମାଣ, ଆବେଦନକାରୀଙ୍କୁ ପାକିସ୍ତାନ, ଆଫଗାନିସ୍ତାନ ବା ବାଂଲାଦେଶରୁ ଇସ୍ୟୁ ହୋଇଥିବା ପାସପୋର୍ଟର ନକଲ, ଜନ୍ମ ପ୍ରମାଣପତ୍ର, ପରିଚୟ ନେଇ ରହିଥିବା ଅନ୍ୟ ପ୍ରମାଣ, ଜମିଜମା ରେକର୍ଡ, ଆବେଦନକାରୀଙ୍କ ପୂର୍ବଜ ପାକିସ୍ତାନ, ଆଫଗାନିସ୍ତାନ ବା ବାଂଲାଦେଶର ନାଗରିକ ଥିବା ପ୍ରମାଣ ଆଦି ଯାଞ୍ଚ୍ କରି ସନ୍ତୁଷ୍ଟ ହେବା ପରେ ଆବେଦନକାରୀଙ୍କୁ ଭାରତ ପ୍ରତି ବିଶ୍ୱସ୍ତ ରହିବାକୁ ଶପଥପାଠ କରାଇବେ । ଡିଏଲସି ଏହା ପରେ ରାଜ୍ୟ ସ୍ତରୀୟ କ୍ଷମତାସମ୍ପନ୍ନ କମିଟି(ଇସି) କୁ ଯାଞ୍ଚ୍ ଓ ଶପଥପାଠ ସରିଥିବା ଆବେଦନପତ୍ର ପଠାଇବେ । ନିର୍ଦ୍ଦେଶକ (ଜନଗଣନା) ହେଉଛନ୍ତି ରାଜ୍ୟସ୍ତରୀୟ ଇସିର ମୁଖ୍ୟ । ଆବେଦନ ପ୍ରସେସିଂ ସମ୍ପୂର୍ଣ୍ଣ ଭାବେ ଅନ୍ ଲାଇନ ପୋର୍ଟାଲରେ ହେବ । ଦିଲ୍ଲୀର ନିର୍ଦ୍ଦେଶକ(ଜନଗଣନା) ଆବଶ୍ୟକ ଯାଞ୍ଚ୍ କରି ପ୍ରଥମ ବ୍ୟାଚ୍‌ରେ ୧୪ଜଣ ବ୍ୟକ୍ତିଙ୍କୁ ଭାରତୀୟ ନାଗରିକତା ଅର୍ପଣ କରିବାକୁ ନିଷ୍ପତ୍ତି ନେଇଥିଲେ । ତଦନୁଯାୟୀ ଆଜି ସେହି ୧୪ଜଣଙ୍କୁ ଭାରତୀୟ ନାଗରିକ ପ୍ରମାଣପତ୍ର ଦିଆଯାଇଛି ।

# ପଶ୍ଚିମବଙ୍ଗ ରାଜ୍ୟପାଳଙ୍କ ବିରୋଧରେ ଦ୍ୱିତୀୟ ମାମଲା

ନୂଆଦିଲ୍ଲୀ, ୧୫।୫ (ଏଜେନ୍ସି)



ପଶ୍ଚିମବଙ୍ଗ ରାଜ୍ୟପାଳ ସିଭି ଆନନ୍ଦ ବୋଷଙ୍କ ବିରୋଧରେ ଦ୍ୱିତୀୟ ଯୌନ ଉତ୍ପୀଡ଼ନ ମାମଲା ରୁଜୁ କରାଯାଇଛି । ଜଣେ ଓଡ଼ିଶୀ ନୃତ୍ୟାଙ୍ଗନା ଏହି ଅଭିଯୋଗ ଲଗାଇଛନ୍ତି । ଦିଲ୍ଲୀର ଏକ ପଞ୍ଚ ତାରକା ହୋଟେଲରେ ଗତ ବର୍ଷ ଜାନୁଆରୀ ପ୍ରଥମ ସପ୍ତାହରେ ବୋଷ୍ ତାଙ୍କୁ ଯୌନ ଉତ୍ପୀଡ଼ନ ଦେଇଥିବା କହିଛନ୍ତି । ଏହି ସମୟରେ ସେ ବିଦେଶ ଯାତ୍ରା ସମ୍ବନ୍ଧିତ ସମସ୍ୟା ପାଇଁ ରାଜ୍ୟପାଳଙ୍କୁ ସହାୟତା ମାଗିବାକୁ ଯାଇଥିଲେ । ସେତେବେଳେ ରାଜ୍ୟପାଳ ଦିଲ୍ଲୀ ଗସ୍ତରେ ଯାଇଥିଲେ । ତେଣୁ ପୀଡ଼ିତାଙ୍କୁ ଦିଲ୍ଲୀରେ ଦେଖା କରିବାକୁ କହିଥିଲେ । ତାଙ୍କର ଯାଆସ ପାଇଁ ମଧ୍ୟ ବିମାନ ଟିକଟ ବୁକ୍ କରି ଦେଇଥିଲେ । ରାଜ୍ୟପାଳଙ୍କ ଜଣେ ସମ୍ପର୍କୀୟ ପୀଡ଼ିତାଙ୍କ ରହଣି ପାଇଁ ପଞ୍ଚ ତାରକା ହୋଟେଲରେ ଜାନୁଆରୀ ୫ ଏବଂ ୬ ତାରିଖ ପାଇଁ ରୁମ୍ ବୁକ୍ ମଧ୍ୟ କରିଥିଲେ । ବୋଷ୍ ସେତେବେଳେ ବଙ୍ଗ ଭବନରେ ରହୁଥିଲେ । ପରେ ହୋଟେଲକୁ ଆସି ମହିଳାଙ୍କୁ ଯୌନ ଉତ୍ପୀଡ଼ନ ଦେଇଥିଲେ । ୨୦୨୩ ଅକ୍ଟୋବରରେ ଏ ନେଇ ପୀଡ଼ିତା ମାମଲା ରୁଜୁ କରାଇଥିଲେ । ଗତ ସପ୍ତାହରେ ପଶ୍ଚିମବଙ୍ଗ ପୁଲିସ ଏହାର ତଦନ୍ତ ରିପୋର୍ଟକୁ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଛି । ମାତ୍ର ମଙ୍ଗଳବାର ଏହି ମାମଲା ସାମ୍ନାକୁ ଆସିଛି । ଯାଞ୍ଚ ରିପୋର୍ଟରେ ଦାବି କରାଯାଇଛି ଯେ ସିସିଟିଭି ଫୁଟେଜରେ ରାଜ୍ୟପାଳଙ୍କ ହୋଟେଲରେ ପ୍ରବେଶ ଓ ବାହାରିବା ସମୟ ଏବଂ ମହିଳା ଦର୍ଶାଇଥିବା ସମୟ ସମାନ ରହିଛି । ତେବେ ୧୦ ମାସ ବିତିବା ପରେ ଅକ୍ଟୋବରରେ କାହିଁକି ମାମଲା ରୁଜୁ କରିଥିଲେ ସେ ବିଷୟରେ ନୃତ୍ୟାଙ୍ଗନା କୌଣସି ସୂଚନା ଦେଇନାହାନ୍ତି । ଏ ବିଷୟରେ ସିଭି ବୋଷ କିମ୍ବା ରାଜ୍‌ଭବନ ପକ୍ଷରୁ କୌଣସି ଜବାବ ଦିଆଯାଇ ନାହିଁ ।

# ନିଟ୍ ଛାତ୍ରୀଙ୍କୁ ଗର୍ଭପାତ ଅନୁମତି ଦେଲେନି ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୫।୫ (ଏଜେନ୍ସି): ସୁପ୍ରିମକୋର୍ଟ ଜଣେ ନିଟ୍ ଆଶାୟୀ ଅବିବାହିତ ଯୁବତୀ (୨୦) ଙ୍କ ଗର୍ଭପାତ ଆବେଦନକୁ ଖାରଜ କରିଦେଇଛନ୍ତି । ସେ ୨୭ ସପ୍ତାହର ଗର୍ଭ ନଷ୍ଟ କରିବାକୁ ଅନୁମତି ମାଗିଥିଲେ । ଗର୍ଭରେ ବଢୁଥିବା ଭ୍ରୂଣର ମଧ୍ୟ ଜିଇଁବା ମୌଳିକ ଅଧିକାର ବୋଲି ଜଷ୍ଟିସ ବିଆର ଗଭାଇ, ଏସଭିଏନ ଭାଟି ଏବଂ ସନ୍ଦୀପ ମେହେଟାଙ୍କ ଖଣ୍ଡପୀଠ କହିଛନ୍ତି । ଏହା ପୂର୍ବରୁ ଦିଲ୍ଲୀ ହାଇକୋର୍ଟ ଯୁବତୀଙ୍କ ଆବେଦନକୁ ଖାରଜ କରିଦେଇଥିଲେ । କୋର୍ଟ ଆଇନ ଉଲ୍ଲଙ୍ଘନ କରି କୌଣସି ଆଦେଶ ପାରିତ କରିବେ ନାହିଁ ବୋଲି କହିଥିଲେ । ସେ ଏହାକୁ ବିରୋଧ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

● ୩୫ କୋଟି ନଗଦ ଜବତ ମାମଲା

## ଝାଡ଼ଖଣ୍ଡ ମନ୍ତ୍ରୀଙ୍କୁ ଗିରଫକଲା ଇଡି



ରାଞ୍ଚି,୧୫।୫(ଏଜେନ୍ସି): ଅର୍ଥ ହେରଫେର ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଝାଡଖଣ୍ଡ ଗ୍ରାମ୍ୟ ବିକାଶ ମନ୍ତ୍ରୀ ଆଲମଗିରି ଆଲମଙ୍କୁ ବୁଧବାର ଗିରଫ କରିଛି । କିଛି ଦିନ ତଳେ ଆଲମଙ୍କ ବ୍ୟକ୍ତିଗତ ସଚିବଙ୍କ ସହାୟକ ଘରୁ ନଗଦ ୩୫ କୋଟି ଟଙ୍କା ଜବତ ହେବା ପରେ ଇଡି ଆଲମଙ୍କ ବିରୋଧରେ ଯାଞ୍ଚ ଜୋରଦାର କରିଥିଲା । ଏହି ଟଙ୍କା ଜବତ ଘଟଣାରେ ଇଡି ପ୍ରାୟ ଏକ ସପ୍ତାହ ଧରି ଆଲମଙ୍କୁ ଜେରା କରିଆସିଥିଲା ବେଳେ ତାଙ୍କୁ ଗିରଫ କରାଯାଇଥିବା କୁହାଯାଇଛି । ପୂର୍ବରୁ ଟଙ୍କା ଜବତ ଘଟଣାରେ ଆଲମଙ୍କ ବ୍ୟକ୍ତିଗତ ସଚିବ ସଞ୍ଜୀବ ଲାଲ ଏବଂ ତାଙ୍କ ଘରୋଇ ସହାୟକ ଜାହାଙ୍ଗୀର ଆଲାମକୁ ଇଡି ଗିରଫ କରିସାରିଛି । ବୁଧବାର ଆଲମଙ୍କୁ ଗିରଫ କରାଯିବା ପରେ ଇଡିର ରାଞ୍ଚିସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟରେ ବୟାନ ରେକର୍ଡ କରାଯାଇଛି ।

## ରାମଚରିତମାନସ, ପଞ୍ଚତନ୍ତ୍ରକୁ ୟୁନେସ୍କୋ ମାନ୍ୟତା

ନୂଆଦିଲ୍ଲୀ, ୧୫।୫ (ଏଜେନ୍ସି): ରାମଚରିତମାନସ, ପଞ୍ଚତନ୍ତ୍ର ଏବଂ ସହୃଦୟଲୋକ-ଲୋକନକୁ ୟୁନାଇଟେଡ ନେସନ୍ସ ଏଜୁକେଶନାଲ, ସାଇଣ୍ଟିଫିକ ଆଣ୍ଡ କଲଚୁରାଲ ଅର୍ଗାନାଇଜେସନ (ୟୁନେସ୍କୋ) ବିଶ୍ୱ ମାନ୍ୟତା ଦେଇଛି । ଏହି ରଚନାଗୁଡ଼ିକୁ ମେମୋରି ଅଫ୍ ଦ ୱାର୍ଲ୍ଡ ଏସିଆ-ପ୍ୟାସିଫିକ ରିଜିଓନାଲ ରେଜିଷ୍ଟର (ଏମଓଡବ୍ଲ୍ୟୁସିଏପି) ରେ ସାମିଲ କରାଯାଇଛି । ଅନ୍ତର୍ଜାତୀୟ ପରାମର୍ଶଦାତା ଏବଂ କାର୍ଯ୍ୟନିର୍ବାହୀ ବୋର୍ଡ ଦ୍ୱାରା ପ୍ରସ୍ତାବିତ ସାହିତ୍ୟକୁ ଦ ମେମୋରି ଅଫ ଦ ୱାର୍ଲ୍ଡ (ଏମଓଡବ୍ଲ୍ୟୁ) ମାନ୍ୟତା ଦେଇଥାଏ । ମହତ୍ତ୍ୱ ଏବଂ ସାର୍ବଜନୀନ ମୂଲ୍ୟବୋଧ ଆଧାରରେ ଏହାକୁ ତାଲିକାରେ ସାମିଲ କରାଯାଇଥାଏ । ରିଜିଓନାଲ ରେଜିଷ୍ଟରରେ ସାମିଲ ପୁସ୍ତକକୁ ବିଶ୍ୱସ୍ତରରେ ଅଧିକ ପରିଚୟ ମିଳିଥାଏ । ଏହା ସହିତ ଗୋଟିଏ ଦେଶର ସଂସ୍କୃତିକୁ ବିଶ୍ୱର ଅନ୍ୟ ଦେଶଗୁଡ଼ିକୁ ପହଞ୍ଚାଇ ଥାଏ ।

## ମଣିପୁରରେ ୬୭ ହଜାର ଲୋକ ବିସ୍ଥାପିତ

ନୂଆଦିଲ୍ଲୀ, ୧୫।୫ (ଏଜେନ୍ସି): ଗତ ବର୍ଷ (୨୦୨୩)ରେ ଦକ୍ଷିଣ ଏସିଆରୁ ୬୯ ହଜାର ଲୋକ ବିସ୍ଥାପିତ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ୯୭ ପ୍ରତିଶତ ଅର୍ଥାତ୍ ୬୭ ହଜାର ଲୋକ ମଣିପୁର ହିଂସା ଯୋଗୁଁ ଘର ଦ୍ୱାର ଛାଡ଼ି ପଳାଇଛନ୍ତି । ଜେନେଭାର ଇଣ୍ଟରନାଲ ଡିସପ୍ଲେସମେଣ୍ଟ ମନିଟରିଂ ସେଣ୍ଟର (ଆଇଡିଏମସି) ପକ୍ଷରୁ ଜାରି ରିପୋର୍ଟରେ ଏହି ସୂଚନା ଦିଆଯାଇଛି । ଆଇଡିଏମସି ପକ୍ଷରୁ କୁହାଯାଇଛି ଯେ ୨୦୨୩ ମାର୍ଚ୍ଚରେ ମଣିପୁର ହାଇକୋର୍ଟ ମେଇତି ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି (ଏସ୍‌ଟି)ରେ ସାମିଲ କରିବାକୁ ପରାମର୍ଶ ଦେଇଥିଲେ । ଏହା ପରେ କୁକି ସମ୍ପ୍ରଦାୟ ରାଜ୍ୟରେ ପାହାଡ଼ି ଜିଲ୍ଲାରେ ହିଂସା ଆରମ୍ଭ କରିଦେଇଥିଲା । ଏହି ହିଂସାରେ ପ୍ରାୟ ୨୦୦ ଲୋକଙ୍କ ମୃତ୍ୟୁ ହେଲାଣି । ରିପୋର୍ଟ ଅନୁଯାୟୀ ୨୦୨୩ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ଦକ୍ଷିଣ ଏସିଆରେ ପ୍ରାୟ ୫.୩ ନିୟୁତ ଲୋକ ବିସ୍ଥାପିତ ହୋଇଥିଲେ । ଏମାନଙ୍କ ମଧ୍ୟରେ ୮୦ ପ୍ରତିଶତ ଆଫଗାନିସ୍ଥାନର ବାସିନ୍ଦା ଥିଲେ ।

## ତେନ୍ଦୁଲକରଙ୍କ ଅଙ୍ଗରକ୍ଷୀ ଯବାନଙ୍କ ଆତ୍ମହତ୍ୟା

ମୁମ୍ବାଇ, ୧୫।୫ (ଏଜେନ୍ସି): ପୂର୍ବତନ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ସୁରକ୍ଷାରେ ମୁତୟନଥିବାଷ୍ଟେଟରିଜର୍ଭପୁଲିସଫୋର୍ସ(ଏସ୍‌ଆରପିଏଫ) ରଯବାନପ୍ରକାଶକାପଡେ (୩୯) ଆତ୍ମହତ୍ୟା କରିଛନ୍ତି । ସେ ନିଜ ସରକାରୀ ବନ୍ଧୁକରୁ ନିଜକୁ ଗୁଳି ମାରିଛନ୍ତି । ସେ ମହାରାଷ୍ଟ୍ର ଜାମନେରର ବାସିନ୍ଦା ଥିଲେ । ଛୁଟିରେ ଘରକୁ ଆସିଥିଲେ । ଏ ପର୍ଯ୍ୟନ୍ତ ତାଙ୍କ ଆତ୍ମହତ୍ୟାର କାରଣ ଜଣାପଡ଼ି ନାହିଁ । ଏବେ ମାମଲାର ତଦନ୍ତ ଜାରି ରହିଛି ।

## ଚାରିଧାମ ଯାତ୍ରାରେ ଗଲାଣି ୧୧ ଜୀବନ

ଦେରାଦୁନ, ୧୫।୫ (ଏଜେନ୍ସି): ଉତ୍ତରାଖଣ୍ଡର ଚାରିଧାମ ଯାତ୍ରା ପାଇଁ ନାହିଁ ନ ଥିବା ଭିଡ଼ ହେଉଛି । ଯାତ୍ରୀ ବିନା ପଞ୍ଜିକରଣରେ ପହଞ୍ଚୁଛନ୍ତି । ଏଥିପାଇଁ ଉତ୍ତରକାଶୀ-ଗଙ୍ଗୋତ୍ରୀ ମାର୍ଗରେ ଗଙ୍ଗନାନୀ ନିକଟରୁ ୪୫ କିମି ପର୍ଯ୍ୟନ୍ତ ଜାମ୍ ଲାଗିଛି । ତେବେ ଏହାକୁ ମଙ୍ଗଳବାର ହଟାଇ ଦିଆଯାଇଛି । ସୁରକ୍ଷିତ ଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ପ୍ରୟାସ କରାଯାଉଛି । ଏ ପର୍ଯ୍ୟନ୍ତ ଏହି ଚାରିଧାମ ଯାତ୍ରାରେ ୧୧ ଜଣଙ୍କ ମୃତ୍ୟୁ ହେଲାଣି । ଏମାନଙ୍କ ମଧ୍ୟରେ ୪ ଜଣଙ୍କର ମଧୁମେହ ଏବଂ ରକ୍ତଚାପ ଥିଲା । ଗଢ଼ୱାଲ କମିଶନର ବିଜୟ ଶଙ୍କର ପାଣ୍ଡେ ଏହି ସୂଚନା ଦେଇଛନ୍ତି । ମଙ୍ଗଳବାର ସୁଦ୍ଧା ଏହି ଯାତ୍ରା ପାଇଁ ୨୬, ୭୩, ୫୧୯ ଯାତ୍ରା ପଞ୍ଜିକରଣ କଲେଣି ବୋଲି ସେ କହିଛନ୍ତି ।

## ଜ୍ୟୋତିରାଦିତ୍ୟଙ୍କ ମା' ମାଧବୀଙ୍କ ପରଲୋକ

ନୂଆଦିଲ୍ଲୀ, ୧୫ ।୫(ଏଜେନ୍ସି): କେନ୍ଦ୍ର ବେସାମରିକ ବିମାନ ଚଳାଚଳ ବିଭାଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ମା' ରାଜମାତା ମାଧବୀ ରାଜେ ସିନ୍ଧିଆଙ୍କର ଆଜି ସକାଳେ ପରଲୋକ ଘଟିଛି । ଗତ ତିନି ମାସ ଧରି ଦିଲ୍ଲୀ ଏଆଇଆଇଏମ୍‌ଏସ୍‌ରେ ତାଙ୍କର ଚିକିତ୍ସା ଚାଲିଥିଲା । ସେ ନିମୋନିଆ ଆକ୍ରାନ୍ତ ଥିଲେ ଓ ତାଙ୍କର ସେପ୍‌ସିସ୍ ହୋଇଥିଲା । ଗତ କିଛି ଦିନ ଧରି ତାଙ୍କୁ ଭେଣ୍ଟିଲେଟର୍‌ରେ ରଖାଯାଇଥିଲା । ଲୋକ କଲ୍ୟାଣରେ ବ୍ରତୀ ରାଜମାତା ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଭଳି କ୍ଷେତ୍ରରେ ଅନେକ ଦାତବ୍ୟ କାର୍ଯ୍ୟରେ ସଂପୃକ୍ତ ଥିଲେ । ତାଙ୍କ ବିୟୋଗରେ ଅନେକ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି । ଚଳିତ ଲୋକସଭା ନିର୍ବାଚନରେ ଜ୍ୟୋତିରାଦିତ୍ୟ ମଧ୍ୟ ପ୍ରଦେଶର ଗୁନା ସଂସଦୀୟ କ୍ଷେତ୍ରରେ ବିଜେପି ପ୍ରାର୍ଥୀ ଭାବେ ଲଢ଼ୁଛନ୍ତି ।

# ସ୍ଲୋଭାକିଆ ପ୍ରଧାନମନ୍ତ୍ରୀଙ୍କୁ ଗୁଳିମାଡ଼



ବ୍ରାଟିସ୍ଲାଭା, ୧୫।୫ (ଏଜେନ୍ସି): ୟୁରୋପୀୟ ଦେଶ ସ୍ଲୋଭାକିଆର ପ୍ରଧାନମନ୍ତ୍ରୀ ରବର୍ଟ ଫିକୋଙ୍କୁ ବୁଧବାର ଗୁଳିମାଡ଼ କରାଯାଇଛି । ଗୁଳି ତାଙ୍କ ପେଟରେ ବାଜିଛି । ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି । ରିପୋର୍ଟ ଅନୁଯାୟୀ ପ୍ରଧାନମନ୍ତ୍ରୀ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ହ୍ୟାଣ୍ଡଲୋଭା ସହରକୁ ଯାଇଥିଲେ । ଏହି ସମୟରେ ତାଙ୍କ ଉପରକୁ ଆକ୍ରମଣକାରୀ ୪ଟି ଗୁଳିମାଡ଼ କରିଥିଲେ । ପୁଲିସ ଆକ୍ରମଣକାରୀଙ୍କୁ ଧରି ପଚରାଉଚୁରା କରୁଛି । ସ୍ଲୋଭାକିଆ ରାଷ୍ଟ୍ରପତି ଜୁଜନା କୈପୁତୋଭା ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି । ସୂଚନାଯୋଗ୍ୟ ଯେ ୨୦୨୩ ସେପ୍ଟେମ୍ବର ୩୦ରେ ହୋଇଥିବା ସଂସଦୀୟ ନିର୍ବାଚନରେ ଫିକୋ ବିଜୟୀ ହୋଇଥିଲେ । ପରେ ସେ ବିବାଦରେ ରହିଥିଲେ । ପ୍ରଥମେ ସେ ୟୁକ୍ରେନକୁ ସହାୟତା ଦେବାରେ ଏବଂ ପରେ ସରକାରୀ ଟିଭି ଚ୍ୟାନେଲ ଉପରେ କଟକଣା ଲଗାଇ ଦେଇଥିଲେ ।

ୟୁଏପିଏରେ ନ୍ୟୁଜ୍‌କ୍ଲିକ୍ ସଂସ୍ଥାପକଙ୍କ ଗିରଫ ବେଆଇନ୍

# ତୁରନ୍ତ ମୁକ୍ତ କରିବାକୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୫ ।୫(ଏଜେନ୍ସି): ବେଆଇନ କାର୍ଯ୍ୟକଳାପ ନିରୋଧ ଆଇନ ବା ୟୁଏପିଏ'ରେ ନ୍ୟୁଜ୍‌କ୍ଲିକ୍ ୱେବ୍ ପୋର୍ଟାଲ୍ ସଂସ୍ଥାପକ ପ୍ରବୀର ପୁରକାୟସ୍ଥଙ୍କୁ ଯେପରି ଗିରଫ କରାଯାଇ ଅଧିକ ତଦନ୍ତ ପାଇଁ ରିମାଣ୍ଡରେ ନେବା ପରେ ଜେଲ ପଠାଯାଇଛି ତାହା ଅସିଦ୍ଧ ଓ ଅବୈଧ ବୋଲି ଆଜି ନ୍ୟାୟମୂର୍ତ୍ତି ବିଆର୍ ଗାଭାଇ ଓ ନ୍ୟାୟମୂର୍ତ୍ତି ସନ୍ଦୀପ ମେହେଟାଙ୍କୁ ନେଇ ଗଠିତ ସୁପ୍ରିମ୍‌କୋର୍ଟ ଖଣ୍ଡପୀଠ ରାୟ ଦେଇ ପ୍ରବୀରଙ୍କୁ ତୁରନ୍ତ ଜାମିନରେ ମୁକ୍ତ କରିବାକୁ ଆଦେଶ ଦେଇଛନ୍ତି । ଖଣ୍ଡପୀଠ କହିଛନ୍ତି, ଯେହେତୁ ଏହି ମାମଲାରେ ଦିଲ୍ଲୀ ପୁଲିସ୍ ଚାର୍ଜସିଟ୍ ଫାଇଲ୍ କରିଛି, ପ୍ରବୀର ପୁରକାୟସ୍ଥଙ୍କୁ ଅବିଳମ୍ବେ ଜାମିନରେ ଛଡ଼ାଯାଉ ଓ ଟ୍ରାଏଲ୍ କୋର୍ଟ ଜାମିନ ସର୍ତ୍ତ ନିର୍ଦ୍ଧାରଣ କରନ୍ତୁ । ଖଣ୍ଡପୀଠ ପ୍ରବୀରଙ୍କ ଗିରଫଦାରୀ ଓ ରିମାଣ୍ଡକୁ ଅସିଦ୍ଧ କହିବାର କାରଣ, ଟ୍ରାଏଲ୍ କୋର୍ଟରେ କଷ୍ଟୋଡି ଆବେଦନର ନିଷ୍ପତ୍ତି ପୂର୍ବରୁ ପ୍ରବୀର କିମ୍ବା ତାଙ୍କ ଓକିଲଙ୍କୁ କ'ଣ ପାଇଁ ଗିରଫ କରାଯାଇଛି ତାହା ଲିଖିତ ଭାବେ ଜଣାଇ ଦିଆଯାଇ ନ ଥିଲା, ପୁଣି ରିମାଣ୍ଡ ଦରଖାସ୍ତର ନକଲ ମଧ୍ୟ ପ୍ରବୀର କିମ୍ବା ତାଙ୍କ ଓକିଲଙ୍କୁ ମିଳି ନ ଥିଲା । ଦିଲ୍ଲୀ ପୁଲିସ୍'ର ସ୍ପେଶାଲ ସେଲ୍ ୨୦୨୩ ଅକ୍ଟୋବର ୩ ତାରିଖରେ ନ୍ୟୁଜ୍‌କ୍ଲିକ୍ ୱେବ୍ ପୋର୍ଟାଲ୍ ସଂସ୍ଥାପକ ପ୍ରବୀର ଓ ସେହି ସଂସ୍ଥାର ମାନବ ସମ୍ବଳ(ଏଚ୍‌ଆର୍) ବିଭାଗ ମୁଖ୍ୟ ଅମିତ ଚକ୍ରବର୍ତ୍ତୀଙ୍କୁ ଚୀନଠାରୁ ଟଙ୍କା ନେଇ ଦେଶର ସାର୍ବଭୌମତ୍ୱକୁ ହାନୀ ପହଁଚାଇଥିବା ଅଭିଯୋଗରେ ଗିରଫ କରିଥିଲା ।



ଏଫ୍‌ଆଇଆର୍ ଅନୁଯାୟୀ ନ୍ୟୁଜ୍ ସାଇଟ୍‌କୁ ଚଳାଇବା ପାଇଁ ଚୀନ୍‌ରୁ ବଡ଼ ପରିମାଣର ଟଙ୍କା ଆସିଥିଲା । ପୁଲିସ୍ ଦର୍ଶାଇଥିଲା, ପିପୁଲ୍ସ ଆଲିଆନ୍ସ ଫର୍ ଡେମୋକ୍ରାସୀ ଆଣ୍ଡ ସିକୁଲାରିଜମ୍ ନାମକ ଗ୍ରୁପ୍ ସହ ମିଶି ପ୍ରବୀର ପୁରକାୟସ୍ଥ ୨୦୧୯ ଲୋକସଭା ନିର୍ବାଚନ ପ୍ରକ୍ରିୟାକୁ ଭଣ୍ଡୁର କରିବାର ଷଡ଼ଯନ୍ତ୍ର ରଚିଥିଲେ । ସେତେବେଳେ ଦିଲ୍ଲୀ ପୁଲିସ୍'ର ସ୍ପେଶାଲ୍ ସେଲ୍ ଦିଲ୍ଲୀର ୮୮ଟି ଠିକଣାରେ ଓ ବାହାର ରାଜ୍ୟର ୭ଟି ଠିକଣାରେ ଚଢ଼ଉ ଓ ଖାନତଲାସ୍ କରିଥିଲା । ନ୍ୟୁଜ୍‌କ୍ଲିକ୍ ଅଫିସରୁ ଓ ନ୍ୟୁଜ୍‌କ୍ଲିକ୍'ରେ କାମ କରୁଥିବା କେତେଜଣ ସାମ୍ବାଦିକଙ୍କ ବାସଭବନରୁ ପାଖାପାଖି ୩୦୦ଟି ଇଲେକ୍‌ଟ୍ରୋନିକ୍ ଡିଭାଇସ୍ ଜବତ କରାଯାଇଥିଲା । ୟୁଏପିଏ ବ୍ୟବସ୍ଥାନୁଯାୟୀ ଯାଞ୍ଚ୍ ଏଜେନ୍ସି ଦ୍ୱାରା ସଂଗୃହିତ ପ୍ରମାଣ ଓ ଉପଲବ୍ଧ ଡାଟାକୁ ଏକ ସ୍ୱାଧୀନ କର୍ତ୍ତୃପକ୍ଷ ପରଖି ଅଭିଯୁକ୍ତଙ୍କ ବିରୋଧରେ ୟୁଏପିଏ'ରେ ମାମଲା ଚଳାଇବାକୁ କେନ୍ଦ୍ର ବା ରାଜ୍ୟ ସରକାରଙ୍କୁ ସୁପାରିସ କରିଥାନ୍ତି । କେନ୍ଦ୍ର ବା ରାଜ୍ୟ ସରକାର ସେ ସୁପାରିସକୁ ଗ୍ରହଣ କରିପାରନ୍ତି କିମ୍ବା ଅଗ୍ରାହ୍ୟ କରିପାରନ୍ତି । ନ୍ୟୁଜ୍‌କ୍ଲିକ୍ କ୍ଷେତ୍ରରେ ସୁପାରିସ ଗୃହୀତ ହୋଇଛି ଓ ପ୍ରବୀରଙ୍କୁ ଗିରଫ କରାଯାଇ ୟୁଏପିଏ'ରେ ମାମଲା ଚାଲିଛି ।

# ଲିଫ୍ଟ ଦୁର୍ଘଟଣାରେ ଭିଜିଲାନ୍ସ ଅଧିକାରୀ ମୃତ

ଜୟପୁର, ୧୫।୫ (ଏଜେନ୍ସି): ରାଜସ୍ଥାନ ନିମକାଥନା ଜିଲ୍ଲାରେ ଥିବା ହିନ୍ଦୁସ୍ଥାନ କପର ଲିମିଟେଡର କୋଲିହାନ ଖଣିରେ ଦୁର୍ଘଟଣା ଘଟିଛି । ମଙ୍ଗଳବାର ସନ୍ଧ୍ୟାରେ ୧୮୭୫ ଫୁଟ ଗଭୀରତାରେ ଲିଫ୍ଟର ଚେନ୍ ଖସି ଯିବାରୁ ୧୫ ଅଧିକାରୀ ଏବଂ କର୍ମଚାରୀ ଫସି ରହିଛନ୍ତି । ବୁଧବାର ସକାଳେ ଏଠାରୁ ୧୪ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ଏମାନଙ୍କ ମଧ୍ୟରୁ ୭ ଜଣ ଆହତ ହୋଇଛନ୍ତି । ମାତ୍ର ମୁଖ୍ୟ ଭିଜିଲାନ୍ସ ଅଧିକାରୀ ଉପେନ୍ଦ୍ର ପାଣ୍ଡେଙ୍କ ମୃତ୍ୟୁ ହୋଇଯାଇଛି । ତାଙ୍କ ମୃତଦେହ ଖେତଡ଼ିର କପର କର୍ପୋରେସନ ହସ୍ପିଟାଲରେ ରଖାଯାଇଛି । ତେବେ ପ୍ରଶାସନ ପକ୍ଷରୁ ଏ ନେଇ କୌଣସି ସୂଚନା ଦିଆଯାଇ ନାହିଁ । ସୂଚନା ଅନୁଯାୟୀ ମଙ୍ଗଳବାର ସନ୍ଧ୍ୟାରେ ଖେତଡ଼ି କର୍ପୋରେସନ (କେସିସି) ମୁଖ୍ୟ ସମେତ ଭିଜିଲାନ୍ସ ଟିମ୍ ଖଣି ତଳକୁ ଓହ୍ଲାଇ ଥିଲା । ରାତି ୮ଟା୧୦ରେ ଖଣିରୁ ବାହାରିବା ସମୟରେ ଦୁର୍ଘଟଣା ଘଟିଥିଲା । ଏହି ଲିଫ୍ଟରେ କୋଲକାତାରୁ ଆସିଥିବା ଭିଜିଲାନ୍ସ ଟିମ୍ ଏବଂ କେସିସିର ବଡ଼ ଅଧିକାରୀ ଥିଲେ ।

ଉତ୍ତରାଖଣ୍ଡ ଜଙ୍ଗଲ ନିଆଁ ମାମଲା

# ସରକାରଙ୍କ ଉପରେ ବର୍ଷିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୫।୫(ଏଜେନ୍ସି): ବିଭିନ୍ନ ଜଙ୍ଗଲରେ ଲାଗିଥିବା ନିଆଁ ପ୍ରଶମିତ କରିବାକୁ ରାଜ୍ୟ ସରକାର କୌଣସି ବିଧିବଦ୍ଧ ପଦକ୍ଷେପ ନେଇ ନ ଥିବାରୁ ସୁପ୍ରିମକୋର୍ଟ ଉତ୍ତରାଖଣ୍ଡ ସରକାରଙ୍କ ଉପରେ ବର୍ଷିଛନ୍ତି । ଏଭଳି ଘଟଣାକୁ ନେଇ ରାଜ୍ୟ ସରକାରଙ୍କ ଉଦାସୀନତା ବିଭିନ୍ନ ମହଲରେ ଉଦବେଗ ସୃଷ୍ଟି କରିଥିବା ବେଳେ ତ୍ୱରିତ ପଦକ୍ଷେପ ନେବାରେ ରାଜ୍ୟ ସରକାର କାହିଁକି ଦୃଢ଼ ପଦକ୍ଷେପ ନେଉନାହାନ୍ତି ବୋଲି ପ୍ରଶ୍ନ କରିଛନ୍ତି । ସରକାର ବର୍ତ୍ତମାନ ସୁଦ୍ଧା କି ପଦକ୍ଷେପ ଗ୍ରହଣ କରିଛନ୍ତି ତାହାର ଉତ୍ତର ରଖିବାକୁ ସୁପ୍ରିମକୋର୍ଟ ରାଜ୍ୟ ମୁଖ୍ୟ ସଚିବଙ୍କୁ ସମନ କରିବା ସହିତ ଆସନ୍ତା ଶୁକ୍ରବାର କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଉତ୍ତରାଖଣ୍ଡ ସରକାରଙ୍କ ବ୍ୟତୀତ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ମଧ୍ୟ କଡ଼ା ଟିପ୍ପଣୀ ରଖିଛନ୍ତି । ପର୍ବତ ଏବଂ ଜଙ୍ଗଲ ଘେରା ଉତ୍ତରାଖଣ୍ଡ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାୟ ୧୦୦୦ ବନାଗ୍ନି ଘଟଣା ଦେଖାଯାଇଥିଲା ବେଳେ ଏହାଦ୍ୱାରା ୧୧୪୫ ହେକ୍ଟର ଜଙ୍ଗଲ ନଷ୍ଟ ହୋଇଛି । କିନ୍ତୁ ଏହାକୁ ରୋକିବାକୁ ରାଜ୍ୟ ସରକାର ଆଦୌ ତତ୍ପରତା ଦେଖାଉ ନାହାନ୍ତି । ନିଆଁ ପ୍ରଶମନ ପାଇଁ ଯେତିକି ପରିମାଣର ଅର୍ଥର ଆବଶ୍ୟକତା ରହିଛି ତାହାକୁ ମଧ୍ୟ ଦେବାରେ ରାଜ୍ୟ ସରକାର ଟାଳଟୁଳ ନୀତି ଗ୍ରହଣ କରୁଛନ୍ତି । ଏକ ଆକଳନ ଅନୁସାରେ ଜଙ୍ଗଲ ନିଆଁ ଲିଭାଇବାକୁ ୯ କୋଟି ଟଙ୍କାର ଆବଶ୍ୟକତା ରହିଥିଲା ବେଳେ ବର୍ତ୍ତମାନ ସୁଦ୍ଧା ସରକାର ମାତ୍ର ୩.୧୫ କୋଟି ଟଙ୍କା ଅନୁମୋଦନ କରିଛନ୍ତି । ଜଙ୍ଗଲ ସୁରକ୍ଷା ଦାୟିତ୍ୱରେ ରହିଥିବା କର୍ମୀଙ୍କୁ ଏବେ ରାଜ୍ୟ ସରକାର ନିର୍ବାଚନ କାମରେ ଲଗାଇଥିବାରୁ ସୁପ୍ରିମକୋର୍ଟ କ୍ଷୋଭ ପ୍ରକାଶ କରିଛନ୍ତି ।

ସ୍ୱାତୀ ମାଲିୱାଲଙ୍କ ଘଟଣାକୁ ନେଇ ଅଡୁଆରେ ଆପ୍

# ମାମଲା ଚପାଇଦେବାକୁ ଉଦ୍ୟମ ହେଉଛି: ବିଜେପି

ନୂଆଦିଲ୍ଲୀ,୧୫।୫(ଏଜେନ୍ସି)





ଆପ୍ ରାଜ୍ୟସଭା ସାଂସଦ ତଥା ପୂର୍ବତନ ଦିଲ୍ଲୀ ମହିଳା ଆୟୋଗ ଅଧକ୍ଷା ସ୍ୱାତୀ ମାଲିୱାଲଙ୍କୁ ମାଡ଼ ମରାଯିବା ଘଟଣା ଏବେ ଆମ ଆଦମୀ ପାର୍ଟି ପାଇଁ ସଙ୍କଟ ସୃଷ୍ଟି କରିଛି । ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଅତ୍ୟନ୍ତ ଘନିଷ୍ଠ ଏବଂ ବ୍ୟକ୍ତିଗତ ସଚିବ ବିଭବ କୁମାର ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଡ୍ରଇଂ ରୁମ୍‌ରେ ସ୍ୱାତୀଙ୍କୁ ଅଶାଳୀନ ବ୍ୟବହାର କରିଥିବାରୁ ଏହି ଘଟଣାକୁ ନେଇ ବିଜେପି ମଧ୍ୟ ଆପ୍‌କୁ ନିଶାଣ କରିଛି । ସେପଟେ ନିର୍ବାଚନ ଚାଲିଥିଲା ବେଳେ ଏଭଳି ଏକ ପ୍ରସଙ୍ଗ ଆପ୍‌କୁ ଅଡୁଆରେ ପକାଇବ ବୋଲି ଆଶଙ୍କା କରି ଦଳ ମଧ୍ୟ ମୁହଁ ଖୋଲିବାକୁ ପ୍ରସ୍ତୁତ ନୁହେଁ । କେବଳ ଆପ୍ ନୁହେଁ ; ସ୍ୱାତୀ ମାଲିୱାଲ ମଧ୍ୟ ଏହି ପ୍ରସଙ୍ଗରେ ଆଉ ମୁହଁ ଖୋଲିବାକୁ ପ୍ରସ୍ତୁତ ନାହାନ୍ତି । ଏଭଳି ଘଟଣାକୁ ନେଇ ଏବେ ରାଜନୀତିକ ମହଲରେ ଚର୍ଚ୍ଚା ଜୋର ଧରିବା ସହିତ ଏହାପଛର କାରଣ କ'ଣ ତାହା ଜାଣିବା ଲାଗି ବିଭିନ୍ନ ମହଲରେ ତର୍ଜମା ଚାଲିଛି । ଉଲ୍ଲେଖଯୋଗ୍ୟ ଯେ, ଗତ ସୋମବାର ସକାଳେ ସ୍ୱାତୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଭେଟିବାକୁ ତାଙ୍କ ବାସଭବନକୁ ଯାଇଥିଲା ବେଳେ ବିଭବ କୁମାର ସ୍ୱାତୀଙ୍କୁ ମାଡ଼ ମାରିଥିବା ଖୋଦ୍ ସ୍ୱାତୀ ପୁଲିସକୁ ଫୋନ କରି ଅଭିଯୋଗ କରିଥିଲେ । ଏହାପରେ ସେ ଏକ ଅଟୋରେ ଥାନାକୁ ଯାଇଥିଲେ ହେଁ ସେଠାରେ ଲିଖିତ ଅଭିଯୋଗ କରି ନଥିଲେ । କେବଳ ସେତିକି ନୁହେଁ, ଏହାପରେ ସ୍ୱାତୀ ଗାଏବ ହୋଇଯାଇଥିଲେ ଏବଂ ତାଙ୍କ ସହ କୌଣସି ଯୋଗାଯୋଗ ସମ୍ଭବ ହୋଇ ନଥିଲା । ତେବେ ସ୍ୱାତୀଙ୍କ ନିରବତା ପଛରେ ଦଳୀୟ ନେତାଙ୍କ ପ୍ରବଳ ଚାପ କାରଣଥିଲା ବୋଲି କୁହାଯାଉଛି । ସବୁଠୁ ବଡ଼ କଥା ହେଲା ଏଭଳି ଏକ ସ୍ପର୍ଶକାତର ଘଟଣାକୁ ନେଇ ଦଳ ମୁଖିଆ ତଥା ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ମୁହଁ ନ ଖୋଲିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । କେବଳ ସାଂସଦ ସଞ୍ଜୟ ସିଂ ଘଟଣାର ପରଦିନ ଏକ ସାମ୍ବାଦିକ ସମ୍ମିଳନୀରେ ଘଟଣାକୁ ନିନ୍ଦା କରିବା ସହିତ ରହିଛି ବୋଲି ଏବେ ବିଭିନ୍ନ ଗଣମାଧ୍ୟମରେ ଚର୍ଚ୍ଚା ଚାଲିଛି । ସ୍ୱାତୀ ମାଲିୱାଲ ସାଂସଦ ପଦରୁ ଇସ୍ତଫା ଦିଅନ୍ତୁ ବୋଲି ଆପ୍ ଚାହିଁବା ପରେ ଏଭଳି ଘଟଣାର ସୂତ୍ରପାତ ହୋଇଥିବା କୁହାଯାଉଛି । ଉଲ୍ଲେଖଯୋଗ୍ୟ ଯେ, କେଜ୍ରିୱାଲଙ୍କ ଘନିଷ୍ଠ ପରିସର ମଧ୍ୟରେ

## ■ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସାମ୍ନାରେ ବିଜେପିର ବିକ୍ଷୋଭ

ବିଭବଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହି କଥା ସାରି ଦେଇଛନ୍ତି । କିନ୍ତୁ ବିଜେପି ଏହି ଘଟଣାରୁ ରାଜନୀତିକ ଫାଇଦା ନେବା ଚକ୍କରରେ ବୁଧବାର ତୁମ୍ବି ତୋଫାନ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ମହିଳା କର୍ମୀମାନେ ବିକ୍ଷୋଭ କରିଛନ୍ତି । ଜଣେ ମହିଳା ସାଂସଦଙ୍କ ପ୍ରତି କରାଯାଇଥିବା ଅଭଦ୍ରାମୀ ପାଇଁ ଦଳ କ୍ଷମା ପ୍ରାର୍ଥନା କରୁ ଏବଂ ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆଣୁ ବୋଲି ବିଜେପି ଦାବି କରିଛି । ଅନ୍ୟପକ୍ଷରେ ଏହି ଘଟଣା ପଛରେ ଏକ ରାଜନୈତିକ କାରଣ ରହିଥିବା ସ୍ୱାତୀ ଆପ୍ ଟିକଟରେ ନିକଟରେ ରାଜ୍ୟସଭାକୁ ଯାଇଥିଲେ । କିନ୍ତୁ କିଛି ନିର୍ଦ୍ଦିଷ୍ଟ କାରଣ ପାଇଁ ଦଳ ଏବେ ତାଙ୍କୁ ଇସ୍ତଫା ଦେବାକୁ କହୁଛି । ତାଙ୍କ ସ୍ଥାନରେ ଆପ୍ ଅନ୍ୟ କାହାକୁ ରାଜ୍ୟସଭାକୁ ପଠାଇବାକୁ ଚାହୁଁଛି । ଘଟଣା ଦିନ ଏହି ବିଷୟ ସ୍ୱାତୀଙ୍କୁ ଜଣାଇ ଦିଆଯିବା ପରେ ସ୍ୱାତୀ ମୁଖ୍ୟମନ୍ତ୍ରୀଙ୍କୁ ଦେଖା କରିବାକୁ ଆସିଥିଲେ । ହେଲେ ସେଠାରେ ବିଭବଙ୍କ ସହ ତାଙ୍କର ଏହି ବିଷୟକୁ ନେଇ ବଚସା ହେବା ପରେ ବିଭବ ସ୍ୱାତୀଙ୍କୁ ଅଭଦ୍ରୋଚିତ ବ୍ୟବହାର କରିଥିଲେ ବୋଲି କୁହାଯାଉଛି ।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-319 ♦BHUBANESWAR ♦THURSDAY ♦16 MAY 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୩୧୯ ♦ଭୁବନେଶ୍ୱର ♦ଗୁରୁବାର ♦୧୬ ମେ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦


## ୩୧ରେ କେରଳ ଛୁଇଁବ ମୌସୁମୀ

■ **ନୂଆଦିଲ୍ଲୀ, ୧୫।୫ (ଏଜେନ୍ସି):** ଚଳିତ ବର୍ଷ ମୌସୁମୀ ସ୍ୱାଭାବିକ ସମୟ ଠାରୁ ଆଗୁଆ ଆସିବା ନେଇ ଭାରତୀୟ ପାଣିପାଗ ବିଭାଗ(ଆଇଏମଡି) ପକ୍ଷରୁ ସୂଚନା ଦିଆଯାଇଛି। ମେ ' ୩୧ ସୁଦ୍ଧା ମୌସୁମୀ କେରଳ ଉପକୂଳ ଛୁଇଁବା ନେଇ ଆକଳନ କରିଛି ଆଇଏମଡି। ସାଧାରଣତଃ ମେ ' ୨୨ ବେଳକୁ ଏହା ସଚଳ ହେବା ସହିତ ଜୁନ୍ ପହିଲାରେ ପ୍ରଥମେ କେରଳ ଉପକୂଳ ଛୁଇଁ ଥାଏ। ଏହାପରେ ଏହା ଉତ୍ତର ଦିଗକୁ ଗତି କରିବା ସହିତ ଜୁଲାଇ ୧୫ ସୁଦ୍ଧା ଦେଶର ପ୍ରାୟ ସମସ୍ତ ଭାଗରେ ପହଞ୍ଚିଥାଏ। କିନ୍ତୁ ଚଳିତ ବର୍ଷ ମୌସୁମୀ ମେ ' ୧୯ ତାରିଖରେ ବଙ୍ଗୋପସାଗରର ଦକ୍ଷିଣପୂର୍ବ ଭାଗର କିଛି ଅଞ୍ଚଳ ଏବଂ ନିକୋବର ଦ୍ୱୀପାଞ୍ଚଳରେ ଗତିଶୀଳ ହେବ ବୋଲି ଆଇଏମଡି ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ଜୁନରୁ ସେପ୍ଟେମ୍ବର ମାସ ମଧ୍ୟରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବା ନେଇ ମଧ୍ୟ ଆଇଏମଡି ଆକଳନ କରିଛି। ମୌସୁମୀଜନିତ ବର୍ଷା ୧୦୬ ପ୍ରତିଶତ ରହିବା ସହିତ ଦୀର୍ଘସୂତ୍ରରେ ବର୍ଷାର ହାରାହାରି ପରିମାଣ ମଧ୍ୟ ଅଧିକ ରହିବ ବୋଲି କୁହାଯାଇଛି।

**ଉହ ଉହ ଖରାରେ ହେବ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍**

## ୧୮ରୁ ବିଭିନ୍ନ ଜିଲ୍ଲାକୁ ହିଟ୍ ୱେଭ୍ ଆଲର୍ଟ ଜାରି

**୧୯ରେ ପଶ୍ଚିମ ଓଡ଼ିଶାରେ ତାପମାତ୍ର ୪୫ ଛୁଇଁବ**

**ପର୍ଯ୍ୟାପ୍ତ ବ୍ୟବସ୍ଥା ନ ହେଲେ ଭୋଟ୍‌ଦାନ ହ୍ରାସ ଆଶଙ୍କା**

■ **ଭୁବନେଶ୍ୱର, ୧୫।୫ (ସମିସ):** ରାଜ୍ୟକୁ ପୁଣି ଫେରିବ ଗ୍ରୀଷ୍ମ ଲହରୀ (ହିଟ୍ ୱେଭ୍)। ଗତ ୩ ଦିନ ହେବ ରାଜ୍ୟରେ ଧୀରେ ଧୀରେ ତାପମାତ୍ରା ବୃଦ୍ଧି ହେଉଛି। ଏହି ଧାରା ଆସନ୍ତା ୨ ଦିନ ପର୍ଯ୍ୟନ୍ତ ଜାରି ରହିବା ସହ ତାତି ଆହୁରି ୨-୪ ଡିଗ୍ରୀ ବୃଦ୍ଧି ହେବାର ସମ୍ଭାବନା ରହିଛି। ତେଣୁ ଆସନ୍ତା ୧୮ ତାରିଖରୁ ରାଜ୍ୟର ବିଭିନ୍ନ ସ୍ଥାନରେ ହିଟ୍ ୱେଭ୍ ଆରମ୍ଭ ହୋଇଯିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଅନ୍ୟପଟେ ହିଟ୍ ୱେଭ୍ ସ୍ଥିତି ଉପୁଜିଲେ ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ଗୁରୁତର ପ୍ରଭାବ ସୃଷ୍ଟି ହେବାର ଆଶଙ୍କା ଦେଖା ଦେଇଛି। କାରଣ ଦ୍ୱିତୀୟ ପର୍ଯ୍ୟାୟରେ ଯେଉଁ ଅଞ୍ଚଳଗୁଡ଼ିକରେ ଭୋଟ୍ ଗ୍ରହଣ ହେବ ସେହି ଅଞ୍ଚଳରେ ତାପମାତ୍ରା ଅଧିକ ଓ ସ୍ଥାନେ ସ୍ଥାନେ ତାତି ୪୫ ଡିଗ୍ରୀ ଛୁଇଁବା ନେଇ ଆକଳନ କରାଯାଉଛି। ଯାହାଦ୍ୱାରା ପ୍ରଥମ ପର୍ଯ୍ୟାୟରେ ଯେଉଁ ଉତ୍ସାହ ଜନକ (ପାଖାପାଖି ୭୬ ପ୍ରତିଶତ) ମତଦାନ ହାର ରହିଛି, ତାହା ଦ୍ୱିତୀୟ ପର୍ଯ୍ୟାୟରେ ଦୃଷ୍ଟାନ୍ତମୂଳକ ଭାବେ ହ୍ରାସ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

ଦେଶରେ ପୂର୍ବ ପର୍ଯ୍ୟାୟ ନିର୍ବାଚନଗୁଡ଼ିକରେ ଭୋଟ୍‌ଦାନ ହାର ବହୁ ପରିମାଣରେ ହ୍ରାସ ହୋଇଛି। ୩ ଟି ପର୍ଯ୍ୟାୟରେ ୬୦-୬୫ ପ୍ରତିଶତ ମଧ୍ୟରେ ଭୋଟ୍‌ଦାନ ହାର ରହୁଛି। ମାତ୍ର ଦେଶର ଚତୁର୍ଥ ପର୍ଯ୍ୟାୟ ତଥା ଓଡ଼ିଶାର ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ରାଜ୍ୟରେ ପାଗ ସମ୍ପୂର୍ଣ୍ଣ ଅନୁକୂଳ ଅର୍ଥାତ ତାପମାତ୍ରା ୪୦ ଡିଗ୍ରୀ ତଳେ ରହିଥିବାରୁ ଭୋଟ୍‌ଦାନ ହାର ମଧ୍ୟ ଉତ୍ସାହଜନକ ରହିଛି। ହେଲେ ଆଗାମୀ ଦିନ ଅର୍ଥାତ ୨୦ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ହେବାକୁ ଥିବା ଭୋଟ୍‌ଗ୍ରହଣ ବେଳକୁ ତାପମାତ୍ରା ବୃଦ୍ଧି ପାଇବାକୁ ଥିବାରୁ ଏହି ଧାରା ଜାରି ରହିବ କି ନାହିଁ ତାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରାଜ୍ୟରେ ଆସନ୍ତା ୩ ଦିନ ମଧ୍ୟରେ ରାଜ୍ୟରେ ଆହୁରି ୩-୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ। ଏହାଦ୍ୱାରା ୧୮ ତାରିଖରେ ନୂଆପଡ଼ା, ବଲାଙ୍ଗିର, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାରେ ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ହେବ। ସେହିପରି ୧୯ରେ ଏକାଧିକ ଜିଲ୍ଲାରେ ସମାନ ସ୍ଥିତି ସହ ନୂଆପଡ଼ା ଓ ବଲାଙ୍ଗୀରରେ ତାପମାତ୍ରା ୪୫ ଡିଗ୍ରୀ ଛୁଇଁବାର ସମ୍ଭାବନା ରହିଛି। ରାଜ୍ୟର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗିର, କନ୍ଧମାଳ ଓ ଆସିକା ଲୋକସଭା ଆସନ ଓ ଏହା ଅଧିନରେ ଥିବା ୩୫ ଟି ବିଧାନସଭା ଆସନ ପାଇଁ ଭୋଟ୍ ପଡ଼ିବ। ଏହି ସମୟରେ ପଶ୍ଚିମ ଓଡ଼ିଶାରେ ତାତିର ପ୍ରକୋପ ସର୍ବାଧିକ ରହିବାକୁ ଥିବାରୁ ସ୍ଥିତି ଜଟିଳ ହେବାର ଆଶଙ୍କା ରହିଛି।

ରାଜ୍ୟରେ ଦିନ ୧୦ରୁ ଅପରାହ୍ଣ ୪ ଟା ଯାଏଁ ଖରାର ପ୍ରକୋପ ଅଧିକ ରହୁଥିବାରୁ ଏହି ସମୟରେ ଲୋକେ କିପରି ବାହାରକୁ ଯାଇ ଭୋଟ୍ ଦେବେ ତାହା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମୁଖ୍ୟତଃ ଯେଉଁ ସ୍କୁଲ ବା ଭୋଟ ବୁଥ୍‌ରେ ଛାଇ ▶ପୃଷ୍ଠା-୧୩

**ନବୀନ-ପାଣ୍ଡିଆନଙ୍କ ଭିଡିଓ ବାର୍ତ୍ତା**

## ୯୦ ପ୍ରତିଶତ ଜନତାଙ୍କୁ ବିଜୁଳି ଛାଡ଼

**ଶପଥ ଗ୍ରହଣ ପରେ ପ୍ରଥମ ନିଷ୍ପତ୍ତି ଭାବେ ହେବ କାର୍ଯ୍ୟକାରୀ**

**ମୁଖ୍ୟମନ୍ତ୍ରୀ କହିଲେ 'ଏହା ନବୀନ ପଟ୍ଟନାୟକଙ୍କ ବିଜୁଳିର ଗ୍ୟାରେଣ୍ଟି, ଶଙ୍ଖ ଚିହ୍ନର ଗ୍ୟାରେଣ୍ଟି'**

**ବିଏସ୍‌କେୱାଇରେ ଯୋଡ଼ି ହେବେ ରାଜ୍ୟର ପ୍ରାୟ ସମସ୍ତ ବର୍ଗ**

■ **ଭୁବନେଶ୍ୱର, ୧୫।୫ (ସମିସ):** ଆସନ୍ତା ଜୁନ୍ ୯ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ପ୍ରଥମ ନିଷ୍ପତ୍ତି ଭାବେ ରାଜ୍ୟର ୯୦ ପ୍ରତିଶତ ଜନତାଙ୍କ ବିଜୁଳି ଛାଡ଼ ହେବ। ସେହିପରି ବିଏସ୍‌କେୱାଇ ଯୋଜନାରେ ରାଜ୍ୟର ପ୍ରାୟ ସମସ୍ତେ ସାମିଲ ହେବେ। ବିଶେଷକରି ସରକାରୀ କର୍ମଚାରୀ ଏଥିରେ ଯୋଡ଼ି ହେବେ। ଆଜି ଏକ ଭିଡିଓ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବାର୍ତ୍ତା ଦେଇଛନ୍ତି। ଏହା ନବୀନ ପଟ୍ଟନାୟକଙ୍କ ବିଜୁଳିର ଗ୍ୟାରେଣ୍ଟି। ଶଙ୍ଖ ଚିହ୍ନର ଗ୍ୟାରେଣ୍ଟି ବୋଲି ମୁଖ୍ୟମନ୍ତ୍ରୀ ଭିଡିଓରେ କହିଛନ୍ତି।

ଭିଡିଓରେ ପ୍ରଥମେ ୫-ଟି ଅଧ୍ୟକ୍ଷ ତଥା ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍ କହୁଛନ୍ତି ଯେ ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ଜୁନ୍ ୯ ତାରିଖରେ ମହାପ୍ରଭୁ ଏବଂ ଆପଣମାନଙ୍କ ଆଶୀର୍ବାଦରେ ପୁଣି ଶପଥ ଗ୍ରହଣ କରିବେ। ଶପଥ ଗ୍ରହଣ ପରେ ପ୍ରଥମ ନିଷ୍ପତ୍ତି ଭାବେ ରାଜ୍ୟର ୯୦ ପ୍ରତିଶତ ଜନତାଙ୍କ ପାଇଁ ବିଜୁଳି ଛାଡ଼ କରିବେ। ସେହିପରି ବିଏସ୍‌କେୱାଇରେ ସରକାରୀ କର୍ମଚାରୀଙ୍କ ସହ ରାଜ୍ୟର ପ୍ରାୟ ସମସ୍ତେ ସାମିଲ ହେବେ ବୋଲି ସେ କହିଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀ ଏହା ନବୀନ ପଟ୍ଟନାୟକଙ୍କ ବିଜୁଳି ଗ୍ୟାରେଣ୍ଟି ବୋଲି କହିଛନ୍ତି। ଭଡିଓଟି ସାମାଜିକ ଗଣମାଧ୍ୟମରେ ପୋଷ୍ଟ ହେବା ପରେ ଖୁବ୍ କମ ସମୟରେ ଲକ୍ଷ ଲକ୍ଷ ସଂଖ୍ୟାରେ ଲୋକେ ଦେଖିଛନ୍ତି ଏବଂ ସେୟାର ମଧ୍ୟ କରିଛନ୍ତି। ସୂଚନାଯୋଗ୍ୟ ଯେ ନବିଜେଡି ନିଜ ନିର୍ବାଚନୀ ଇସ୍ତାହାରରେ ୧୦୦ ୟୁନିଟ୍ ଯାଏଁ ବିଜୁଳି ବ୍ୟବହାର କରୁଥିବା ଉପଭୋକ୍ତାଙ୍କ ବିଜୁଳି ଦେୟ ସମ୍ପୂର୍ଣ୍ଣ ଛାଡ଼ କରିବାକୁ ପ୍ରତିଶ୍ରୁତି ଦେଇଛି। ସେହିପରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟର ପ୍ରାୟ ପ୍ରାୟ ସମସ୍ତ ବର୍ଗଙ୍କୁ କଭରେଜ୍ କରିବ। ଏଥିରେ ମଧ୍ୟବିତ୍ତ, ସରକାରୀ କର୍ମଚାରୀ, ଚୁକ୍ତିଭିତ୍ତିକ ଶ୍ରମିକମାନେ ପର୍ଯ୍ୟାୟ କ୍ରମେ ଅନ୍ତର୍ଭୁକ୍ତ ହେବେ ବୋଲି ଇସ୍ତାହାରରେ ଉଲ୍ଲେଖ ରହିଛି। ଏହି ଦୁଇ ପ୍ରତିଶ୍ରୁତି ସାଧାରଣ ଲୋକଙ୍କୁ ବେଶ୍ ଆକର୍ଷିତ କରୁଥିବା ବେଳେ ଏହା ନିର୍ବାଚନରେ ଗେମ୍ ଚେଞ୍ଜର ହେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।



## ମେ ଶେଷ ସପ୍ତାହରେ +୨ ପରୀକ୍ଷା ଫଳ

■ **ଭୁବନେଶ୍ୱର, ୧୫।୫ (ସମିସ):** ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପରିଚାଳିତ +୨ ପରୀକ୍ଷା ଫଳ ଚଳିତ ମାସ ଶେଷ ସପ୍ତାହରେ ପ୍ରକାଶ ପାଇବ। ଏନେଇ ପରିଷଦର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଖାତାଦେଖା ପ୍ରକ୍ରିୟା ସମ୍ପୂର୍ଣ୍ଣ ଶେଷ ହୋଇଥିବା ବେଳେ ଟେବୁଲେସନ କାର୍ଯ୍ୟ ଜାରି ରହିଛି। ନିର୍ବାଚନ ଓ ଆନୁସଙ୍ଗିକ କାର୍ଯ୍ୟ ପାଇଁ ପ୍ରକ୍ରିୟା ବିଳମ୍ବ ହୋଇଛି। ପୁଣି ଚଳିତ ବର୍ଷ ଗୋଟିଏ ଦିନରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଫଳ ଗୋଟିଏ ଦିନରେ ପ୍ରକାଶ ପାଇବ। ଏଣୁ ଟାବୁଲେସନ୍ ସହିତ ତଥ୍ୟ ଏକତ୍ରିତ କରିବାକୁ ଅତିରିକ୍ତ ସମୟ ଲାଗୁଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ଚଳିତ ବର୍ଷ ପ୍ରଖର ଗ୍ରୀଷ୍ମ ପ୍ରବାହ ଓ ବହୁ ଛୁଟି ପଡ଼ିବାରୁ ଖାତାଦେଖାରେ ବିଳମ୍ବ ହୋଇଥିଲା। ତେଣୁ ପ୍ରାଥମିକ ଭାବେ ୧୫ ତାରିଖ ମଧ୍ୟରେ ଫଳ ପ୍ରକାଶ ପାଇବ ବୋଲି ଧାର୍ଯ୍ୟ ହୋଇଥିଲେ ମଧ୍ୟ ବିଳମ୍ବ ହୋଇଛି। ଚଳିତବର୍ଷ ମୋଟ୍ ୩ ଲକ୍ଷ ୮୬ ହଜାର ୨୫୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ତନ୍ମଧ୍ୟରୁ ୬୪୯ ଜଣ କପି କରି ଧରାପଡ଼ିଛନ୍ତି। କଳା ବିଭାଗରେ ମୋଟ୍ ୨ ଲକ୍ଷ ୩୭ ହଜାର ୭୫୦ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ବିଜ୍ଞାନରେ ୧ ଲକ୍ଷ ୧୬ ହଜାର ୬୨୦, ବାଣିଜ୍ୟରେ ୨୬ ହଜାର ୮୯ ଜଣ ଏବଂ ଧନ୍ଦାମୂଳକ ଶିକ୍ଷାରେ ୫ହଜାର ୭୯୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି।

## ୟୁଜିସି-ନେଟ୍ ଆବେଦନ ଅବଧି ବୃଦ୍ଧି

**୧୯ ଯାଏଁ ବଢ଼ିଲା**

■ **ଭୁବନେଶ୍ୱର, ୧୫।୫(ସମିସ):** ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ନେଟ୍ ପରୀକ୍ଷା ପାଇଁ ଆବେଦନ ଅବଧି ଦ୍ୱିତୀୟ ଥର ପାଇଁ ବୃଦ୍ଧି ପାଇଛି। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଆଶାୟୀମାନେ ଆବେଦନ କରିପାରିବେ। ୨୦ ତାରିଖ ମଧ୍ୟରେ ପରୀକ୍ଷା ଫି' ଦାଖଲ କରିବାକୁ କୁହାଯାଇଛି। ଆବେଦନ ପତ୍ରରେ ତ୍ରୁଟି ଥିଲେ ୨୧ରୁ ୨୩ ତାରିଖ ମଧ୍ୟରେ ସଂଶୋଧନ କରିପାରିବେ। ବହୁ ▶ପୃଷ୍ଠା-୧୩

## ସିୟୁଇଟି-ୟୁଜି ପରୀକ୍ଷା ଆରମ୍ଭ

**୨୧୫୭ କେନ୍ଦ୍ରରେ ପରୀକ୍ଷା ଦେଲେ ୨୬ ଲକ୍ଷ ପରୀକ୍ଷାର୍ଥୀ**

**ଭୁବନେଶ୍ୱର,୧୫।୫(ସମିସ):** ସ୍ନାତକ ପାଇଁ ଏକକ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା (ସିୟୁଇଟି-ୟୁଜି) ଆଜିଠାରୁ ଆରମ୍ଭ ହୋଇଯାଇଛି। ପ୍ରଥମ ଦିନରେ ୫ଟି ବିଷୟରେ ପରୀକ୍ଷା ହୋଇଥିଲା। ସମୁଦାୟ ୨୧୫୭ ଟି ପରୀକ୍ଷା କେନ୍ଦ୍ରରେ ୨୫ ଲକ୍ଷ ୯୧ ହଜାର ୧୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଏନେଇ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ପକ୍ଷରୁ ସୂଚନା ଦିଆଯାଇଛି। ପରୀକ୍ଷାର ପ୍ରଥମ ଦିନରେ ୭୫% ଉପସ୍ଥାନ ରହିଥିବା ନେଇ ପରୀକ୍ଷା ସଂଚାଳନ କରୁଥିବା ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ପକ୍ଷରୁ କୁହାଯାଇଛି। ଦିନକୁ ୩ଟି ସିଫ୍ଟରେ ପରୀକ୍ଷା ଅନୁଷ୍ଠିତ ହେଉଛି। ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ▶ପୃଷ୍ଠା-୧୩

### ଲୋକକଥା



ଦିନେ କାଳେ ଦେଖା ନାହିଁଲୋ ସଜନୀ
ଗହ୍ମା ପୁନେଇଁରେ ମାଇଁ,
'ଫୁଲ'ବାଲା ଏବେ ଧାଇଁ ଆସିଚନ୍ତି
ଭୋଅଟ ମାଗିବା ପାଇଁ !
ମିଛରୁ ଗୁଡ଼ିଏ କହି,
ମନ ପ୍ରାଣ ଦେଇ ଲାଗିପଡ଼ିଛନ୍ତି
ଗାଦିରେ ବସିବା ପାଇଁ !!

## ସିରିଜ୍ ଦୁର୍ଘଟଣାରେ ପରିବାର ୬ ମୃତ

■ **କେନ୍ଦୁଝର/ଚମ୍ପୁଆ/ନାରଦପୁର, ୧୫।୫ (ସମିସ):** କେନ୍ଦୁଝର ଜିଲ୍ଲା ରିମୁଳିଠାରେ ବୁଧବାର ରାତିରେ ଏକ ସିରିଜ୍ ଦୁର୍ଘଟଣା ଘଟି ଗୋଟିଏ ପରିବାରର ୬ ଜଣଙ୍କ ମୃତ୍ୟୁ ଘଟିଛି। କେନ୍ଦୁଝର ଆଡୁ ବଡ଼ବିଲ ଯାଉଥିବା ଏକ କାର ଟ୍ରକ ପଛରେ ଧକ୍କା ଦେବାପରେ ଅନ୍ୟ ଏକ ଟ୍ରକ କାରର ପଛକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ୬ ଜଣଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ, କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ରିମୁଳି ବାଇପାସରେ ବଡ଼ବିଲ ଆଡକୁ ଯାଉଥିବା ବଡବିଲ ଅଞ୍ଚଳର ଏକ କାର ସମ୍ମୁଖରେ ଯାଉଥିବା ଟ୍ରକ ପଛକୁ ଧକ୍କା ଦେଇଥିଲା। ସେହି ସମୟରେ ପଛରୁ ଆସୁଥିବା ଅନ୍ୟ ଏକ ଟ୍ରକ ଦୁର୍ଘଟଣାଗ୍ରସ୍ତ କାରକୁ ଧକ୍କା ଦେଇଥିଲା। ଫଳରେ କାରରେ ବସିଥିବା ସମସ୍ତ ୬ ଜଣ ଚାପି ହୋଇଯାଇଥିଲେ। ଖବର ପାଇ ପୁଲିସ, ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଚାପି ହୋଇଥିବା କାରକୁ କଟର ସାହାଯ୍ୟରେ କଟାଯାଇ ମୃତଦେହକୁ ଉଦ୍ଧାର କରାଯାଇଛି। ମୃତକମାନେ ହେଲେ ବଡବିଲ ଅଞ୍ଚଳର ଭଦ୍ରସାହିର ସଞ୍ଜୟ ମହାକୁଡ, ସନ୍ଧ୍ୟା ମହାକୁଡ, ରୁଷି ପଲେଇ, ପିହୁ ମହାକୁଡ, ଫୁଲନ୍ତୀ ପଲେଇ, ଡ୍ରାଇଭର ପ୍ରମୋଦ ମହାକୁଡ।



## ପରଲୋକରେ ପୂର୍ବତନ ମନ୍ତ୍ରୀ ଡମ୍ବୁରୁଧର ଉଲ୍ଲାକା



■ **ବିଷମ କଟକ, ୧୫।୫ (ସମିସ):** ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ଡମ୍ବୁରୁଧର ଉଲ୍ଲାକାଙ୍କର ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ସେ ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୮୬ବର୍ଷ ବୟସ ହୋଇଥିଲା। ତାଙ୍କ ଦୁଇପୁଅ, ତିନିଝିଅ ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ଡମ୍ବୁରୁଧର ଉଲ୍ଲାକା ଜାତୀୟ କଂଗ୍ରେସ ଦଳର ଜଣେ ପୁରୁଖା ଏବଂ ବରିଷ୍ଠ ସଦସ୍ୟ ହୋଇଥିବାବେଳେ ସେ ୧୯୭୨ରେ ତାଙ୍କ ରାଜନୈତିକ ଯାତ୍ରା ଆରମ୍ଭ କରି ବିଷମ କଟକ ନିର୍ବାଚନମଣ୍ଡଳୀରୁ ୭ଥର ବିଧାୟକ ହୋଇଥିଲେ। ୧୯୮୫ରେ ସେ ଅବକାରୀ, ▶ପୃଷ୍ଠା-୧୩

**ମୁଖ୍ୟମନ୍ତ୍ରୀ ଯାହା କହନ୍ତି, ତାହା କାର୍ଯ୍ୟକାରୀ କରନ୍ତି: ପ୍ରଣବପ୍ରକାଶ**

## ସମଲେଇ ପ୍ରକଳ୍ପକୁ ବନ୍ଦ କରିବାକୁ ଷଡ଼ଯନ୍ତ୍ର କରିଥିଲେ ବିଜେପି ନେତା

■ **ଦେବଗଡ଼/ଆଠମଲ୍ଲିକ, ୧୫।୫ (ସମିସ):** ସମାବେଶରେ ଯୋଗ ଦେଇ ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବପ୍ରକାଶ ଦାସ କହିଛନ୍ତି ଯେ ମା ସମଲେଇଙ୍କ ପ୍ରକଳ୍ପକୁ ବିରୋଧ କରୁଥିଲେ ବିଜେପି ନେତା। ବନ୍ଦ କରିଦେବା ପାଇଁ ହାଇକୋର୍ଟ, ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ଯାଇଥିଲେ, ମା ସମଲେଇଙ୍କ ଆଶୀର୍ବାଦ, ନବୀନ ପଟ୍ଟନାୟକଙ୍କ ଆନ୍ତରିକତା ଯୋଗୁଁ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ପାରିଲା। ବିଜେପି ସରକାର ଯାହା କହନ୍ତି ତାହା କରନ୍ତି ନାହିଁ। ମାତ୍ର ମୁଖ୍ୟମନ୍ତ୍ରୀ ଯାହା କହନ୍ତି, ତାହା କାର୍ଯ୍ୟରେ ▶ପୃଷ୍ଠା-୧୩



## ଭାଜପା ଜିଲ୍ଲା ସାଧାରଣ ସମ୍ପାଦକଙ୍କ ଗାଡ଼ିରୁ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ

■ **ଟିଟିଲାଗଡ଼/ବଲାଙ୍ଗିର, ୧୫।୫ (ସମିସ):** ଭାରତୀୟ ଜନତା ଦଳର ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀବତ୍ସ ବେହେରାଙ୍କ ଗାଡ଼ିରୁ ପୁଲିସ ୪ ଲକ୍ଷ ୪୮ ହଜାର ଟଙ୍କା ଜବତ କରିଛି। ଗତକାଲି ରାତି ଗୋଟାଏ ବେଳେ ଟିଟିଲାଗଡ଼ ପୁଲିସ୍ ସହରରେ ବିଭିନ୍ନ ଗାଡି ଯାଞ୍ଚ କରୁଥିବା ସମୟରେ ଏକ ଇନୋଭା ଗାଡିକୁ ସନ୍ଦେହରେ ଅଟକାଇଥିଲା। ଉକ୍ତ ଗାଡିଟି ଭାଜପା ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀ ବେହେରାଙ୍କର ଓ ସେ ନିଜେ ଗାଡ଼ିରେ ଥିଲେ। ଯାଞ୍ଚ୍ ସମୟରେ ଶ୍ରୀବତ୍ସ ଓ ଗାଡ଼ିର ଡ୍ରାଇଭର ସହଯୋଗ ନ କରିବାରୁ ପୁଲିସ୍ ସ୍କ୍ୱାଡ଼କୁ ଡାକି ଗାଡିର ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ଉକ୍ତ ଗାଡିରେ ଥିବା ଏକ ବ୍ୟାଗ୍‌ରୁ ୪ ଲକ୍ଷ ୪୮ ହଜାର ଟଙ୍କା ଜବତ କରିଛି। ଏହାଛଡ଼ା ଉକ୍ତ ଗାଡ଼ିରୁ ଦଳୀୟ ଟୋପି ଓ ଅନ୍ୟାନ୍ୟ ପୋଷ୍ଟର ସହିତ ଏକ ଡାଏରୀ ଜବତ କରାଯାଇଛି। ଆଜି ଟିଟିଲାଗଡ ସହରରେ ଥିବା ଏକ ଘରୋଇ ହୋଟେଲରେ ବିଜେପିର ଏକ ବୈଠକ ଥିବାରୁ ଓ ଏହି ଇନୋଭା ଗାଡି ସେହି ହୋଟେଲରୁ ବାହାରି ଥିବାରୁ ପୁଲିସ୍ ଉକ୍ତ ହୋଟେଲକୁ ମଧ୍ୟ ଯାଞ୍ଚ କରିଛି। ଆସନ୍ତା ୨୦ ତାରିଖରେ ବଲାଙ୍ଗିରରେ ନିର୍ବାଚନ ଥିବାରୁ ଭୋଟରଙ୍କୁ ପ୍ରଭାବିତ କରିବା ନିମନ୍ତେ ବିଜେପି ନେତା ଟଙ୍କା ବାଣ୍ଟିବାକୁ ନେଉଥିବା ସ୍ଥାନୀୟ ଲୋକ କହିଛନ୍ତି। ତେବେ ଶ୍ରୀବତ୍ସ ବେହେରା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଭଉଣୀ ଘରୁ ଜମି କିଣିବା ପାଇଁ ଟଙ୍କା ନେଉଥିବା ବେଳେ ପୁଲିସ୍ ଯାଞ୍ଚରେ ଧରା ପଡିଛି। ପୁଲିସ ଟଙ୍କା ଓ ଗାଡି ଜବତ କରି ତଦନ୍ତ ଜାରି ରଖିଛି। ଏହି ଘଟଣାରୁ ସ୍ପଷ୍ଟ ହୋଇଛଇ ଯେ ଯେ ବିଜେପି ନିର୍ବାଚନରେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଟଙ୍କା ବାଣ୍ଟୁଛି।

**କୋଇଲାରୁ ସବୁଜ କର ବାବଦକୁ ୧୦ ବର୍ଷରେ କେନ୍ଦ୍ର ନେଇଛି ୧ ଲକ୍ଷ କୋଟି**

## ଓଡ଼ିଶାକୁ ଦେଲାନାହିଁ ଫଟା ପାହୁଲା



- **୧୦ବର୍ଷରେ ଓଡ଼ିଶା ହରାଇଛି ୩୦ ହଜାର କୋଟି ରାଜଭାଗ**
- **ଗତ ୫ ବର୍ଷରେ ଥରଟିଏ ବି ସ୍ୱର ଉଠାଇନାହିଁ ରାଜ୍ୟ ବିଜେପି**
- **କ୍ରମାଗତ ଦାବି ସତ୍ତ୍ୱେ କୋଇଲା ରାଜଭାଗ ବଢ଼ାଉନାହିଁ କେନ୍ଦ୍ର**
- **ଓଡ଼ିଶା ବୋହୁଛି ପ୍ରଦୂଷଣ ବୋଝ; କେନ୍ଦ୍ର ଲୁଟି ନେଉଛି ସେସ୍**

■ **ଭୁବନେଶ୍ୱର, ୧୫।୫ (ସମିସ):** ଓଡ଼ିଶାରୁ କୋଇଲା ନ ଗଲେ ଅନ୍ୟ ରାଜ୍ୟର ତାପଜ ବିଦ୍ୟୁତ୍ କେନ୍ଦ୍ର ଅଚଳ। ଗତ ୧୦ ବର୍ଷରେ କେନ୍ଦ୍ର ସରକାରଙ୍କ ସଂସ୍ଥା ଏମ୍‌ସିଏଲ୍ ଓଡ଼ିଶାରୁ ୧୪୫୦ ନିୟୁତ ଟନ୍ କୋଇଲା ଉତ୍ତୋଳନ କରିଛି। ଗତ ୨୦୨୨-୨୩ରେ ଉତ୍ପାଦିତ କୋଇଲା ପରିମାଣ ୧୯୩ ନିୟୁତ ଟନ୍‌ରେ ପହଞ୍ଚିଛି। ବର୍ଷକୁ ବର୍ଷ ଓଡ଼ିଶାର ଭୂଗର୍ଭ ଶୂନ୍ୟ ହେଉଛି, କୋଇଲା ଉତ୍ତୋଳନ ଓ ପରିବହନଜନିତ ପ୍ରଦୂଷଣ ଓଡ଼ିଶା ସହୁଛି; ମାତ୍ର ରାଜ୍ୟ ସରକାର ଏ ବାବଦରେ ଯେତିକି ରାଜସ୍ୱ ପାଇବା କଥା ତାହା ପାଉ ନାହାନ୍ତି। ହାରାହାରି ହିସାବ କଲେ, ଗତ ୧୦ ବର୍ଷ ମଧ୍ୟରେ ରାଜ୍ୟ ସରକାର ରାଜଭାଗ (ରୟାଲଟି) ବାବଦରେ ୩୦ ହଜାର କୋଟି ହରାଇଛନ୍ତି; ଅନ୍ୟପକ୍ଷରେ ସବୁଜ କର(ଗ୍ରୀନ୍ ସେସ୍) ବାବଦରେ କେନ୍ଦ୍ରର ବିଜେପି ସରକାର କେବଳ କୋଇଲାରୁ ଲକ୍ଷେ କୋଟି ଟଙ୍କା ନେଇଛନ୍ତି। ବିଡ଼ମ୍ବନା ହେଉଛି କେନ୍ଦ୍ର ସରକାର ଆଦାୟ କରିଥିବା ଏହି ବିପୁଳ ଅର୍ଥରୁ ଫଟା ପାହୁଲାଟିଏ ମଧ୍ୟ ରାଜ୍ୟକୁ ମିଳିନାହିଁ।

କେନ୍ଦ୍ର ସରକାର ପ୍ରଣୟନ କରିଥିବା ନିୟମ ଅନୁସାରେ ସମ୍ପ୍ରତି ରାଜ୍ୟରେ କୋଇଲାରୁ ୧୪% ରାଜଭାଗ ଆଦାୟ କରାଯାଉଛି। ବିଭିନ୍ନ ଗ୍ରେଡ୍ କୋଇଲା ଆଧାରରେ ରାଜସ୍ୱ ନିର୍ଦ୍ଧାରଣ ହେଉଛି ଓ ହାରାହାରି ହିସାବ କଲେ ପ୍ରତି ଟନ୍ ପିଛା ରାଜ୍ୟ ସରକାର ଶହେ ଟଙ୍କାରୁ କିଛି ଅଧିକ ରାଜସ୍ୱ ପାଉଛନ୍ତି। ପ୍ରତି ୩ ବର୍ଷରେ କୋଇଲା ରାଜଭାଗ ସଂଶୋଧନ ହେବା କଥା। ମାତ୍ର ୨୦୧୭ ମସିହାରୁ କୋଇଲା ରାଜଭାଗ ସଂଶୋଧନ ହୋଇନାହିଁ। ନିୟମିତ ଭାବେ ସଂଶୋଧନ ହୋଇଥିଲେ ୨୦୧୭ ପରେ ୨୦୨୦ ଓ ୨୦୨୩ରେ ରାଜଭାଗ ଦେୟ ସଂଶୋଧନ ହୋଇଥାଆନ୍ତା। ମାତ୍ର କୋଇଲା ରାଜଭାଗ ସଂଶୋଧନ ନ ହେବାରୁ ରାଜ୍ୟ ସରକାର ବିପୁଳ ରାଜସ୍ୱ ହରାଉଛନ୍ତି। ପରିସଂଖ୍ୟାନ ଅନୁସାରେ ଗତ ୧୦ ବର୍ଷରେ ମହାନଦୀ କୋଲ୍ ଫିଲ୍ଡ ଲିମିଟେଡ୍(ଏମ୍‌ସିଏଲ୍) ପ୍ରାୟ ୧୪୫୦ ନିୟୁତ ଟନ୍ କୋଇଲା ଉତ୍ତୋଳନ କରିଛି। ମାତ୍ର ରାଜଭାଗ ବୃଦ୍ଧି ନ ହେବାରୁ ଓଡ଼ିଶା ସରକାର ଏ ବାବଦରେ ପ୍ରାୟ ୩୦ ହଜାର କୋଟି ଟଙ୍କା ହରାଇଛନ୍ତି।

୨୦୧୦ ମସିହାରେ କୋଇଲାରୁ କେନ୍ଦ୍ର ସରକାର ଟନ୍ ପିଛା ୫୦ ଟଙ୍କା ଗ୍ରୀନ୍ ସେସ୍ ଆଦାୟ କରୁଥିଲେ। ୨୦୧୪ ମସିହାରେ ଏହାକୁ ଟନ୍ ପିଛା ୧୦୦ ଟଙ୍କାକୁ ବୃଦ୍ଧି କରାଗଲା। ମାତ୍ର କେନ୍ଦ୍ରରେ ବିଜେପି ସରକାର ଆସିବା ପରେ ୨୦୧୫ରେ ଏହି ସେସ୍ ପରିମାଣ ଟନ୍ ପିଛା ୨୦୦ ଟଙ୍କା ଓ ୨୦୧୬ ମସିହାଠାରୁ ଟନ୍ ପିଛା ପ୍ରାୟ ୪୦୦ ଟଙ୍କା ଆଦାୟ କରୁଛନ୍ତି। ରାଜ୍ୟ ସରକାର ଯେତିକି ରାଜଭାଗ ପାଉଛନ୍ତି, ତା'ର ପ୍ରାୟ ୪ ଗୁଣା ଅର୍ଥ କେନ୍ଦ୍ର ସରକାର ▶ପୃଷ୍ଠା-୧୩

# ଜଳେଶ୍ୱର ଗଡ଼ ସୁରକ୍ଷାରେ ଅଶ୍ୱିନୀ ଢାଲ

**ବାଲେଶ୍ୱର,୧୫।୫(ସମିସ):** ଭୌଗୋଳିକ ଦୃଷ୍ଟିକୋଣରୁ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ମଣ୍ଡଳୀ। ଏହି ଆସନରୁ ଚାରି ଥରର ବିଧାୟକ ହେଉଛନ୍ତି ଅଶ୍ୱିନୀ କୁମାର ପାତ୍ର। ୧୯୯୦ ମସିହାରେ ଜନତା ଦଳରୁ ଅଶ୍ୱିନୀ ବିଧାୟକ ଭାବେ ନିର୍ବାଚିତ ହୋଇ ବିଧାନସଭାକୁ ଯାଇଥିଲେ। ପୁଣି ୨୦୦୪ ମସିହାରେ ବିଜେପି ଟିକଟ୍‌ରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ୨୦୧୪ ଓ ୨୦୧୯ ମସିହାରେ ଅଶ୍ୱିନୀ ମଧ୍ୟରେ ଡବଲ୍ ଝଟ୍‌କା ଲାଗିଛି। ଅଶ୍ୱିନୀଙ୍କ ସଫଳ ଗୋଟିଚାଳନାରେ ବିଜେପି ଫାଳ ଫାଳ ହେବାକୁ ଯାଉଛି। ଜଳେଶ୍ୱର ବିଜେପିର ଅନ୍ୟତମ ଆଶାୟୀ ଜଳେଶ୍ୱର ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷ ତଥା ବିଜେପି ଜିଲ୍ଲା ଉପସଭାପତି ପ୍ରବୀର କୁମାର ପ୍ରଧାନ ଏବଂ ପୂର୍ବତନ ସରପଞ୍ଚ ପ୍ରତିନିଧି ବିନୋଦ କୁମାର ମହାନ୍ତି ତାଙ୍କ ସମର୍ଥକଙ୍କ ସହ ବିଜେଡିରେ ଯୋଗ ଦେଇଛନ୍ତି। ବିଜେପିର ଅନ୍ୟତମ ଆଶାୟୀ ଜଳେଶ୍ୱରର ପୂର୍ବତନ ୨୦୦୯ ନିର୍ବାଚନରେ ଜଳେଶ୍ୱରରୁ ୪୦.୯୫% ଭୋଟ୍ ପାଇ ଦେବୀ ପ୍ରସନ୍ନ ଚାନ୍ଦ ଜିଲ୍ଲାରୁ ଏକମାତ୍ର କଂଗ୍ରେସ ବିଧାୟକ ଭାବେ ବିଜୟୀ ହୋଇଥିଲେ। ତେବେ କଂଗ୍ରେସ ଭୋଟ୍‌ବ୍ୟାଙ୍କ କ୍ରମଶଃ ହ୍ରାସ ପାଇ ୨୦୧୪ରେ ୩୧.୬୯% ଏବଂ ୨୦୧୯ରେ ୧୯.୮୪% ରେ ଯାଇ ପହଞ୍ଚି ସାରିଛି। ବାଲେଶ୍ୱରରୁ ସାଂସଦ ପ୍ରାର୍ଥୀ ଭାବେ ୨୦୦୯ର ବିଜେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କଂଗ୍ରେସ ଟିକଟ୍ ପାଇବା ପରେ ପ୍ରଥମେ ଦେବୀଙ୍କୁ ଟିକଟ୍

- ଢିଲା ପଡୁଛି ବିଜେପି ଓ କଂଗ୍ରେସ ଭୋଟବ୍ୟାଙ୍କ୍
- ବ୍ରଜ ଓ ସୁଦର୍ଶନଙ୍କ ପାଇଁ ବଡ଼ ଆହ୍ୱାନ





ବିଜେଡିରୁ ଜିତି ରାଜ୍ୟ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇଛନ୍ତି। ଏବେ ଅଶ୍ୱିନୀ ଜିଲ୍ଲା ବିଜେଡି ସଭାପତି ଭାବେ କାର୍ଯ୍ୟରତ ଥିବା ବେଳେ ଏହି ଆସନ ଦଳ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। ତେବେ ଜଳେଶ୍ୱରରୁ ବିଜେଡି ହ୍ୟାଟ୍ରିକ୍ ବିଜୟ ଲକ୍ଷ୍ୟରେ ଥିବାବେଳେ ଅଶ୍ୱିନୀ ଜଳେଶ୍ୱର ଗଡ଼ ସୁରକ୍ଷା ପାଇଁ ଢ଼ାଲ ଭାବେ ଛିଡ଼ା ହୋଇଛନ୍ତି। ବିଜେଡିରୁ ବହିଷ୍କୃତ ହୋଇଥିବା ବ୍ରଜ ମୋହନ ପ୍ରଧାନଙ୍କୁ ବିଜେପି ଟିକଟ୍ ଦେଇ ଅଶ୍ୱିନୀଙ୍କ ବିଜୟ ବାଟକୁ ଓଗାଳିବାକୁ ଚେଷ୍ଟା କରିଛି। ତେବେ ରାଜନୈତିକ ରଣନୀତିରେ ପରିପକ୍ୱ ଅଶ୍ୱିନୀଙ୍କ ଆଗରେ ନବାଗତ ବ୍ରଜଙ୍କୁ ଇତି ବିଧାୟକ ଜୟନାରାୟଣ ମହାନ୍ତିଙ୍କ ପୁଅ ଦିବ୍ୟକାମ ମହାନ୍ତି ସ୍ୱାଧୀନ ଭାବେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଯାହାକି ବିଜେପି ବାଟରେ ବଡ଼ କଣ୍ଟା ସାଜିଛି।

ସୂଚନା ମୁତାବକ, ୨୦୧୯ ନିର୍ବାଚନରେ ବିଜେପି ପ୍ରାର୍ଥୀ ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କୁ ୨୮.୩୧% ଅର୍ଥାତ୍ ୪୯, ୯୯୨ ଖଣ୍ଡ ଭୋଟ୍ ମିଳିଥିଲା। ପୂର୍ବ ନିର୍ବାଚନ ତୁଳନାରେ ବିଜେପି ୨୦% ଅଧିକ ଭୋଟ୍ ପାଇ ଦ୍ୱିତୀୟ ସ୍ଥାନକୁ ଲମ୍ଫ ଡିଆଁ ମାରିଥିଲା। ଗତ ନିର୍ବାଚନରେ ବିଜେପିର ରହିଥିବା ଭୋଟବ୍ୟାଙ୍କ୍‌କୁ ଚଳିତ ନିର୍ବାଚନରେ ବଜାୟ ରଖିବା ବ୍ରଜଙ୍କ ପାଇଁ ସବୁଠୁ ବଡ଼ ଆହ୍ୱାନ ପାଲଟିଛି। ଅନ୍ୟପଟେ ଘୋଷଣା କରିଥିଲା। ଦେବୀଙ୍କ ସମର୍ଥକ ନିର୍ବାଚନୀ ମଇଦାନରେ କସରତ ଆରମ୍ଭ କରିଥିବା ବେଳେ କଂଗ୍ରେସର ଅନ୍ତଃକନ୍ଦଳ ଜୋର ଧରିବାରୁ ପୂର୍ବଥରର କଂଗ୍ରେସ ପ୍ରାର୍ଥୀ ସୁଦର୍ଶନ ଦାସଙ୍କୁ ଦଳ ପ୍ରାର୍ଥୀ ଘୋଷଣା କରିଥିଲା। କଂଗ୍ରେସର ଦଳୀୟ ଅନ୍ତଃକନ୍ଦଳ ଏତେ ଜୋର ଧରିଲା ଯେ, ଜଳେଶ୍ୱର ବ୍ଲକ କଂଗ୍ରେସ ସଭାପତି ରାଜୀବ କୁମାର ପରିଡ଼ାଙ୍କ ଠାରୁ ଆରମ୍ଭ କରି ବହୁ ପଦାଧିକାରୀ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ବିପକ୍ଷ ଦଳର ବିଭାଜିତ ଭୋଟ୍‌ବ୍ୟାଙ୍କ ପାଇଁ ବିଜେଡିର ଜଳେଶ୍ୱର ଦୁର୍ଗ ସୁରକ୍ଷିତ ରହିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

# ସବୁ ଦାଢ଼ି ରଖୁଥିବା ଲୋକ ସନ୍ନ୍ୟାସୀ ନୁହନ୍ତି

## ପ୍ରତାପ ଷଡ଼ଙ୍ଗୀ ଅପାରଗ; ଡ୍ରାମା କରୁଛନ୍ତି: ଖାରବେଳ

ବାଲେଶ୍ୱର, ୧୫।୫(ସମିସ): ବାଲେଶ୍ୱରରୁ ସ୍ୱାଧୀନ ପ୍ରାର୍ଥୀ ରୂପେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଜେପି ନେତା ତଥା ପୂର୍ବତନ ସାଂସଦ ଖାରବେଳ ସ୍ୱାଇଁ ଦଳର ଲୋକସଭା ପ୍ରାର୍ଥୀ ପ୍ରତାପ ଷଡ଼ଙ୍ଗୀଙ୍କୁ କଟୁ ସମାଲୋଚନା କରିଛନ୍ତି। ନିଜ



ବାସଭବନରେ ଏକ ସାମ୍ବାଦିକ ସମ୍ମିଳନୀ କରି ସବୁ ଦାଢ଼ି ରଖୁଥିବା ଲୋକ ସନ୍ନ୍ୟାସୀ ନୁହନ୍ତି ଓ ପ୍ରତାପ ଷଡ଼ଙ୍ଗୀ ଜଣେ ଅପାରଗ ବୋଲି ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ବାଲେଶ୍ୱର ଲୋକସଭା ପ୍ରାର୍ଥୀ ପ୍ରତାପ ଷଡଙ୍ଗୀ ଜଣେ ସ୍ୱଚ୍ଛ ବ୍ୟକ୍ତି ବୋଲି ପ୍ରଚାର କରାଯାଉଛି। ଅପାରଗ ହୋଇଥିବାରୁ ତାଙ୍କୁ ମନ୍ତ୍ରୀ କରିବାର ବର୍ଷକ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦୀ ମନ୍ତ୍ରିମଣ୍ଡଳରୁ ବାହାର କରି ଦେଇଛନ୍ତି। ପ୍ରତାପଙ୍କ ବର୍ତ୍ତମାନର ବ୍ୟକ୍ତିଗତ ସଚିବ ଚନ୍ଦ୍ରବିନ୍ଦୁଙ୍କ ଘର ହେଉଛି ଯାଜପୁର। ଏବେ ସେ ନୀଳଗିରି ଠାରେ ଥିବା ମନ୍ଦିର ପଛରେ ଗୋଟିଏ ଦୁଇ ମହଲା ଘର କରିଛନ୍ତି। ଏପରିକି ଗୋଟିଏ ଗାଡି ଓଡି୦୧ଏଜି୫୬୭୫ଚଢ଼ି ସେ ବୁଲୁଛନ୍ତି। ଏ କଥା କ'ଣ ପ୍ରତାପ ଷଡଙ୍ଗୀ ଜାଣି ନାହାନ୍ତି ? ଏହାଛଡା ଶେରଗଡ଼ ଠାରୁ ନୀଳଗିରି ପର୍ଯ୍ୟନ୍ତ ସବୁ ଶିଳ୍ପ ଓ ଜମିରେ ତାଙ୍କର ଭାଗ ରହିଛି। ଏସବୁ ଅର୍ଥ କେଉଁଠୁ ଆସୁଛି ? ସେ ଶୁଣିବାକୁ ପାଉଛନ୍ତି ଯେ ବର୍ତମାନ ପ୍ରତାପଙ୍କର ଭୁବନେଶ୍ୱରରେ ଘର ମଧ୍ୟ ଗୋଟିଏ ରହିଛି। ପ୍ରତାପଙ୍କ ପିଏର ସମ୍ପତ୍ତି ଯଦି ଏତେ, ତେବେ ପ୍ରତାପଙ୍କ ସମ୍ପତ୍ତି କେତେ ବୋଲି ସେ ପ୍ରଶ୍ନ କରିଛନ୍ତି। ଜଣେ ଦାଢ଼ି ରଖିଦେଲେ ସନ୍ନ୍ୟାସୀ ହୋଇଯିବେ ନାହିଁ; ଦିଲ୍ଲୀରେ ତାଙ୍କୁ ଗୋଟିଏ ଭଲ ଘର ଦିଆଯାଇଛି। ଏହା ବ୍ୟତୀତ ଆହୁରି ଟଙ୍କା ଖର୍ଚ୍ଚ କରି ଗୋଟିଏ ଚାଳଘର କରିଛନ୍ତି। ଏହା ଡ୍ରାମା ନୁହେଁ ତ ଆଉ କ'ଣ ? ପ୍ରତାପ ଷଡଙ୍ଗୀ ସବୁ ପୁରୁଣା ବିଜେପି ଲୋକଙ୍କୁ ବାହାର କରି କଂଗ୍ରେସ, ବିଜେଡିରୁ ଲୋକ ଆଣି ସେମାନଙ୍କୁ ବିଧାୟକ ଟିକଟ ପ୍ରଦାନ କରିଛନ୍ତି। ଭୋଗରାଇ ବିଧାୟକ ପ୍ରାର୍ଥୀ ଆଶିଷ ପାତ୍ରଙ୍କୁ କଂଗ୍ରେସରୁ ଆଣି ବିଧାୟକ ପ୍ରାର୍ଥୀ କରାଇଛନ୍ତି। ଜଳେଶ୍ୱରର ବ୍ରଜ ପ୍ରଧାନ ଓ ବସ୍ତାର ରବୀନ୍ଦ୍ରଙ୍କୁ ଆଣି ପ୍ରାର୍ଥୀ କରିଛନ୍ତି। ଏହାଛଡା ରେମୁଣା ବଡସାହି ବିଧାୟକମାନଙ୍କ ବିରୋଧରେ ବ୍ୟାପକ ଅସନ୍ତୋଷ ଥିଲେ ମଧ୍ୟ ସେମାନଙ୍କୁ ପରିବର୍ତନ କରୁନାହାନ୍ତି। ଏଣୁ ପ୍ରତାପ ଷଡଙ୍ଗୀଙ୍କ ଭଳିଆ ଜଣେ ଏତ ବଡ ଭ୍ରଷ୍ଟ ବ୍ୟକ୍ତି ତଥା ବାହାରକୁ ଡ୍ରାମା କରୁଥିବା ବ୍ୟକ୍ତିଙ୍କୁ ଭୋଟ ଦିଅନ୍ତୁ ନାହିଁ। ଏଣୁ ଏସବୁ ତଥ୍ୟ ଯଦି ମିଥ୍ୟା ହୋଇଥାଏ ତେବେ ପ୍ରତାପ ଷଡ଼ଙ୍ଗୀ ସାମ୍ବାଦିକ ସମ୍ମିଳନୀ କରି ଏହାର ଉତ୍ତର ରଖନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି।

## ଦଶପଲ୍ଲାରେ ଜୋର୍ ଧରିଛି ବିଦେଶୀ ନାରା

# ବିଜେପି ଓ କଂଗ୍ରେସ ପ୍ରାର୍ଥୀଙ୍କୁ ନେଇ ଚର୍ଚ୍ଚା

**ନୟାଗଡ଼, ୧୫।୫(ସମିସ):** ନୟାଗଡ଼ ଜିଲ୍ଲା ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ ମେ ୨୦ ତାରିଖରେ ମତଦାନ ଅନୁଷ୍ଠିତ ହେବ। ଏହି ନିର୍ବାଚନ ମଣ୍ଡଳୀର ୧ ଲକ୍ଷ ୮୮ ହଜାର ୯୬୫ ଜଣ ଭୋଟର ମତଦାନ କରିବେ। ନିର୍ବାଚନ ମଇଦାନରେ ୧୦ ଜଣ ପ୍ରାର୍ଥୀ ରହିଥିବା ବେଳେ ବିଜେପି ଓ କଂଗ୍ରେସ ପ୍ରାର୍ଥୀଙ୍କୁ ନେଇ ଚର୍ଚ୍ଚା

- ସ୍ୱାଧୀନ ପ୍ରାର୍ଥୀ ଉପରେ ଭରସା ପାଉନି
- ସୁବିଧା ସ୍ଥିତିରେ ବିଜେଡି ପ୍ରାର୍ଥୀ ରମେଶ

ଜୋର ଧରିଛି। ଉଭୟ ପ୍ରାର୍ଥୀ ନିର୍ବାଚନମଣ୍ଡଳୀ ବାହରର ହୋଇଥିବାରୁ ବିଦେଶୀ ନାରାରେ ଦଶପଲ୍ଲା ଗୁଞ୍ଜରିତ ହେଉଛି। କଂଗ୍ରେସ ଏହି ଆସନ ପାଇଁ ଜିଲ୍ଲା ବାହରର ପ୍ରାର୍ଥୀ ନକୁଳ ନାୟକଙ୍କୁ ସୁଯୋଗ ଦେଇଥିବା ବେଳେ ବିଜେପି ନୟାଗଡ଼ ନିର୍ବାଚନ ମଣ୍ଡଳୀ ଅଶ୍ୱସ୍ଥପଡ଼ା ଗ୍ରାମର ରାଘବ ମଲ୍ଲିକଙ୍କୁ ସୁଯୋଗ ଦେଇଛି। ଯାହାକୁ ଦଶପଲ୍ଲାବାସୀ ନାପସନ୍ଦ କରୁଛନ୍ତି। ସେହିଭଳି ଭାବେ ସ୍ୱାଧୀନ ପ୍ରାର୍ଥୀ ଭାବେ ଆଗରେ ରହିଥିବା ଡ. ରବୀନ୍ଦ୍ର ସେଠୀଙ୍କୁ ମଧ୍ୟ ଲୋକେ ଭରସା କରିପାରୁ ନାହାନ୍ତି। ପ୍ରଥମେ ବିଜେଡିରୁ ଟିକଟ ଆଶାୟୀ ଥିବା ଡ. ରବୀନ୍ଦ୍ର ନିରାଶ ହେବା ପରେ ତରବରିଆ ଭାବେ ବିଜେପିରେ ମିଶିଥିଲେ। ବିଜେପି ରାଘବଙ୍କୁ ସୁଯୋଗ ଦେବା ପରେ ସେ ସ୍ୱାଧୀନ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ପ୍ରଥମେ ବିଜେଡି, ପରେ ବିଜେପି ଏବେ ସ୍ୱାଧୀନ ଭାବେ ଅବତୀର୍ଣ୍ଣ ହେବାକୁ ନେଇ ଅନେକ ସମର୍ଥକ ମଧ୍ୟ ଅସନ୍ତୁଷ୍ଟ ଅବସ୍ଥାରେ ରହିଛନ୍ତି। ନିର୍ବାଚନ ମଇଦାନରେ ବିଜୁ ଜନତା ଦଳ ପକ୍ଷରୁ ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କୁ ପୁନଃ ପ୍ରାର୍ଥୀ କରାଯାଇଥିବା ବେଳେ ସେ ବିକାଶ ଓ ଉନ୍ନତିକୁ ମୁଦ୍ଦା କରି ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ନିର୍ବାଚନ ମଇଦାନରେ ତାଙ୍କୁ ପ୍ରବଳ ଜନସମର୍ଥନ ମିଳୁଥିବା ବେଳେ ନିକଟରେ ସମାଜସେବୀ ଶ୍ରୀହରୀ ନାୟକ ଏବଂ ଏନ୍‌ଏସି ଅଧକ୍ଷା ପୁନମ୍ ପ୍ରିୟଦର୍ଶିନୀ ବିଜେଡିରେ ସାମିଲ ହେବା ଦଳକୁ ମଜଭୁତ କରିଛି। ଗତ ୨୦୧୯ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳରୁ ପ୍ରାର୍ଥୀ ହୋଇ ରମେଶ ଚନ୍ଦ୍ର ବେହେରା ପ୍ରଥମ ଥର ବିଧାୟକ ହୋଇଥିଲେ। ଗତ ନିର୍ବାଚନରେ ସେ ୭୫ ହଜାର ୬ ଖଣ୍ଡ ଭୋଟ ପାଇଥିଲେ। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପୂର୍ଣ୍ଣଚନ୍ଦ୍ର ନାୟକ ୩୯ ହଜାର ୭୧୫ ଖଣ୍ଡ ଭୋଟ ପାଇଥିଲେ। ୩୫ ହଜାର ୨୯୧ ଖଣ୍ଡ ଭୋଟରେ ଶ୍ରୀ ବେହେରା ବିଜୟୀ ହୋଇଥିଲେ। ଚଳିତ ନିର୍ବାଚନରେ ବିଜୁ ଜନତା ଦଳ ପ୍ରାର୍ଥୀଙ୍କୁ ୬୦ ହଜାର ଭୋଟ ବ୍ୟବଧାନରେ ବିଜୟୀ କରିବା ପାଇଁ ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ଆହ୍ୱାନ ଦେଇଛନ୍ତି। ସେହି ଆହ୍ୱାନକୁ ଭିତ୍ତିକରି ଦଳୀୟ ନେତା ଓ କର୍ମୀ ବିଜେଡି ଭୋଟହାର କିଭଳି ବୃଦ୍ଧି ପାଇବ



ତାକୁ ନେଇ ସାଂଗଠନିକ ପ୍ରସ୍ତୁତି ଏବଂ ପ୍ରଚାରକୁ ଗୁରୁତ୍ୱ ଦେଇ ଆସୁଛନ୍ତି। ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ଗଣିଆ ବ୍ଲକର ୮ଟି ପଞ୍ଚାୟତ, ଦଶପଲ୍ଲା ବ୍ଲକର ୨୦ଟି ପଞ୍ଚାୟତ, ନୂଆଗାଁ ବ୍ଲକର ୨୨ଟି ପଞ୍ଚାୟତ ଏବଂ ଦଶପଲ୍ଲା ଏନ୍‌ଏସି ଅଞ୍ଚଳରେ ଏବେ ବିଜେଡି ପ୍ରାର୍ଥୀ ରମେଶ ଚନ୍ଦ୍ର ବେହେରା ସୁବିଧା ସ୍ଥିତିରେ ରହିଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି। ବିଜେଡି ଏହି ବିଧାନସଭା ଆସନରୁ ବିପୁଳ ଭୋଟରେ ବିଜୟୀ ହେବା ସମ୍ଭାବନା ସୃଷ୍ଟି ହୋଇଛି।

# ସମ୍ବଲପୁର ସଂସଦୀୟ କ୍ଷେତ୍ରକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଥମ ଗସ୍ତରେ ବିଚଳିତ ହୋଇଛନ୍ତି ଧର୍ମେନ୍ଦ୍ର: ଲେନିନ

ସମ୍ବଲପୁର, ୧୫।୫(ସମିସ): ଦେଶର ପ୍ରମୁଖ ଆଞ୍ଚଳିକ ରାଜନୈତିକ ଦଳ ଭାବରେ ବିଜୁ ଜନତା ଦଳ ଏକ ସଫଳ ରାଜନୈତିକ ଦଳ। ଚାରିକୋଟି ଓଡ଼ିଆଙ୍କ ସ୍ନେହ, ଭଲପାଇବା ଓ ପ୍ରଭୁ ଜଗନ୍ନାଥ, ମା' ସମଲେଶ୍ୱରୀଙ୍କ ଆଶୀର୍ବାଦରେ ନବୀନ ପଟ୍ଟନାୟକ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ହେବେ। ଯାହା ବିରୋଧୀ ଦଳ ନେତାଙ୍କୁ ଚିନ୍ତାରେ ପକାଇଛି। ଆଜି ଯେତେବେଳେ ସମ୍ବଲପୁର ସଂସଦୀୟ କ୍ଷେତ୍ରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ ଗସ୍ତରେ ଆସୁଛନ୍ତି। ଏହା ଜାଣିବା ପରେ ବିଚଳିତ ହୋଇ ଉଠିଛନ୍ତି ଧର୍ମେନ୍ଦ୍ର ପ୍ରଧାନ। ତାଙ୍କର ବଟସ୍କରଙ୍କୁ ଲଗାଇ ନାନା ପ୍ରସଙ୍ଗରେ ଅବାନ୍ତର ପ୍ରଶ୍ନ କରୁଛନ୍ତି ବୋଲି କହିଛନ୍ତି ବିଜୁ ଜନତା ଦଳର ମୁଖପାତ୍ର ଡ଼. ଲେନିନ ମହାନ୍ତି। ବୁଧବାର ସ୍ଥାନୀୟ ପାନ୍ଥନିବାସରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରି ଡ଼. ଲେନିନ ମହାନ୍ତି କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଦିଗଦର୍ଶନକ୍ରମେ ଆମେ ବିଜୁ ଜନତା ଦଳର ଫୁଟ୍ ସୋଲଜରମାନେ ଓଡ଼ିଶାର ଉନ୍ନତି ପାଇଁ ଆମେ ସଦାବେଳେ ଚେଷ୍ଟିତ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏକ ମିଡିଆ ଟିମ୍ ଗଠନ କରାଯାଇଛି। ଏହି ମିଡିଆ ଟିମ୍ ବାର୍ତ୍ତାଦିଏ ଗଣମାଧ୍ୟମକୁ। କିନ୍ତୁ ଭାରତୀୟ ଜନତା ପାର୍ଟିରେ କିଏ କେଉଁଠି ଥିବା ଲୋକ। ନେତାଙ୍କ ଗୋଡ଼ ମୋଡୁଥିବା ବ୍ୟକ୍ତିମାନଙ୍କୁ ଆଣି ମିଡିଆ ପେନାଲିଷ୍ଟ କରି ନାନାକଥା କହୁଛନ୍ତି।



- ଭୃତ୍ୟଙ୍କୁ ଲଗାଇ ଗଳାଫଟା ଚିତ୍କାର କରୁଛନ୍ତି
- ପାନ୍ଥନିବାସ ଆସି ମ୍ୟାନେଜରଙ୍କଠାରୁ ରସିଦ୍ ନେଇଯାଆନ୍ତୁ
- ଆଇଆଇଏମ୍ ପ୍ରସଙ୍ଗରେ ଆମ ପ୍ରଶ୍ନର ଉତ୍ତର ରଖନ୍ତୁ ଧର୍ମେନ୍ଦ୍ର
- ଯୁଯୁମୁରା ସାଂସଦ ପାଣ୍ଠି ଲୁଟ୍ ପ୍ରସଙ୍ଗର ଉତ୍ତର ରଖିଲେ ନାହିଁ
- ଟୁଙ୍ଗୁରୁ ଭୋଳ ପାର୍ଟିରୁ ବିଜେପିକୁ ଆସିଥିବା ଭୃତ୍ୟ ସବୁ ଦଳ ପାଇଁ ହୁୟାଙ୍ଗ ହୋ

ଡ. ଲେନିନ ମହାନ୍ତି ପୁଣି ପ୍ରଶ୍ନ କରିଥିଲେ ଆଇଆଇଏମକୁ କରିବାକୁ ରୋକିବା କଣ ଅନ୍ୟାୟ ନୁହେଁ ? ଆଇଆଇଏମର କିଛି ଅଂଶ ଦିଲ୍ଲୀର ଯେଉଁ ଆଇଟି କମ୍ପାନୀକୁ ଦିଆଗଲା ତାର ନିର୍ଦ୍ଦେଶକ କିଏ ତାହା ଧର୍ମେନ୍ଦ୍ର ପ୍ରଧାନ କହିଲେ କି ? ଏନଏଚ ୫୫ କାମ ସମ୍ପୂର୍ଣ୍ଣ କରିପାରୁନାହାନ୍ତି। କିନ୍ତୁ ଦେଶର ଗର୍ବ ଗୌରବକୁ ଅଟକାଇବାକୁ ଚେଷ୍ଟା କରୁଛନ୍ତି ବୋଲି କହିଛନ୍ତି। ସେହିଭଳି ପ୍ରଥମେ କଂଗ୍ରେସରୁ ବିଜୁ ଜନତା ଦଳ ଆସିଥିବା, ବିଜେଡି ଛାଡ଼ି ପୁଣି ଟୁଙ୍ଗୁରୁ ଭୋଳ ପାର୍ଟି ଓ ସେଠାରୁ ଭାରତୀୟ ଜନତା ପାର୍ଟିକୁ ଆସିଥିବା ବ୍ୟକ୍ତି ଅବାନ୍ତର ପ୍ରଶ୍ନ କରୁଛନ୍ତି। ପାନ୍ଥନିବାସ ସମ୍ପର୍କରେ ପଚାରିଥିବା ପ୍ରଶ୍ନର ଉତ୍ତର ଦେଇ ଡ. ଲେନିନ ମହାନ୍ତି କହିଥିଲେ ଏହା ହେଉଛି ଲୋକଙ୍କ ସମ୍ପତ୍ତି। ପଇସା ଦେଇ ଯେ କେହି ବି ପାନ୍ଥନିବାସରେ ରହିପାରିବ। ମୁଁ ଏଠାରେ ରହିଲି କଣ ଅପରାଧ କରିଛି କି ? ସେମାନେ ଯେଉଁ ରସିଦ୍ କଥା କହୁଛନ୍ତି ଧର୍ମେନ୍ଦ୍ର ପ୍ରଧାନ ଆସି ପାନ୍ଥ ନିବାସର ମ୍ୟାନେଜରଙ୍କଠାରୁ ରସିଦ୍ ନେଇପାରିବେ ବୋଲି କହିଥିଲେ। ଦୁର୍ନୀତି ସମ୍ପର୍କରେ ପ୍ରଶ୍ନ କରୁଥିବା ଭାରତୀୟ ଜନତା ପାର୍ଟିର ଭୃତ୍ୟ କହିପାରିବେ କି ଯୁଯୁମୁରାରେ ସାଂସଦ ପାଣ୍ଠିକୁ ଲୁଟି କିଏ କରିଛି? ଧର୍ମେନ୍ଦ୍ର ପ୍ରଧାନ ଏ ସମ୍ପର୍କରେ କେବେ ପ୍ରଶ୍ନ ପଚାରିଛନ୍ତି କି? ନିଜେ ଯେଉଁମାନେ ସରକାରୀ କାନ୍ଥରେ ମିଛ ପ୍ରତିଶ୍ରୁତି ଲେଖି ପ୍ରଚାର କରୁଥିଲେ। ଜିଲ୍ଲାପାଳଙ୍କୁ ଅଭିଯୋଗ କଲା ପରେ ମିଛ ପ୍ରତିଶ୍ରୁତି ଉପରେ ଧଳା ଚୂନ ମାରିଛନ୍ତି। ସେହିଭଳି ବିଜୁ ଜନତା ଦଳର ବରିଷ୍ଠ ନେତା ତଥା '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଅଣଓଡ଼ିଆ କହିବା ପ୍ରସଙ୍ଗରେ ସେ କହିଥିଲେ। ଧର୍ମେନ୍ଦ୍ର ପ୍ରଧାନଙ୍କ ପତ୍ନୀ ମୃଦଳା ଠାକୁର, ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ କଥା କହିଲେ ଗୋତ୍ର କଥା ମନେ ପଡୁଛି। ଏହା ସେହି ରାଷ୍ଟ୍ରୀୟ ଦଳ ଯିଏ ଦିନେ ଅନ୍ୟ ରାଷ୍ଟ୍ରୀୟ ଦଳର ମୁଖ୍ୟଙ୍କୁ ତାଙ୍କର ଗୋତ୍ର କଣ ବୋଲି ପ୍ରଶ୍ନ କରିଥିଲା। ବର୍ତ୍ତମାନ ଅପରାଜିତା ଷଡ଼ଙ୍ଗୀ, ମୃଦଳା ଠାକୁର ପ୍ରସଙ୍ଗରେ ଗୋତ୍ର ଦିଶୁନି କି। ମୃଦଳା ଠାକୁରଙ୍କୁ କେବେ କେଉଁଠି ମୃଦଳା ପ୍ରଧାନ ବୋଲି କହିବା କେବେ ଶୁଣିଛନ୍ତି କି? ଭାରତୀୟ ଜନତା ପାର୍ଟି ସବୁବେଳେ ଧର୍ମକୁ ନେଇ ରାଜନୀତି କରେ। ନହେଲେ ତାଙ୍କର ଦଳ ଚଳିବନି ତେବେ ମୋର ଆଶା ଯେଉଁ ପ୍ରଶ୍ନ ଆମେ ଆଗରୁ କରିଥିଲେ ତାର ଉତ୍ତର ଦିଅନ୍ତୁ ବୋଲି ଡ. ଲେନିନ୍ ମହାନ୍ତି ସାମ୍ବାଦିକ ସମ୍ମିଳନୀ ଜରିଆରେ କହିଛନ୍ତି।

## ସାରସକଣା ନିର୍ବାଚନମଣ୍ଡଳୀ

# ବିଜେପିକୁ ଅଡୁଆ ଅସନ୍ତୁଷ୍ଟ କର୍ମୀ

**ବିଶୋଇ, ୧୫।୫(ସମିସ):** ସବୁବେଳେ 'ସବ୍‌କା ସାଥ, ସବ୍‌କା ବିକାଶ' ନାରା ଦେଉଥିବା ବିଜେପିରେ ଏବେ ଗୋଷ୍ଠୀ କନ୍ଦଳ ଜଳଜଳ ଦିଶୁଛି। ରାଜ୍ୟ ଓ କେନ୍ଦ୍ରରେ ବିଜେପି ସରକାର ଆସିଲେ ସବକା ବିକାଶ କେତେଦୂର ହେବ ତାହା ଆଗାମୀ ଭବିଷ୍ୟତରେ ଜଣା ପଡ଼ିବ; ମାତ୍ର ଚଳିତ ନିର୍ବାଚନରେ ସବକା ସାଥ ଦେଇ ବିଜେପି କର୍ମୀମାନେ ନିର୍ବାଚନୀ ବୈତରଣୀରେ କେତେ ଦୂର ପାର ହେବେ ସେ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏପରି ଘଟଣା ମୟୂରଭଞ୍ଜ ଜିଲ୍ଲା ସାରସକଣା ନିର୍ବାଚନ ମଣ୍ଡଳୀରେ ଦେଖିବାକୁ ମିଳିଛି। ଏହି ନିର୍ବାଚନ ମଣ୍ଡଳୀର ବିଜେପି କର୍ମୀ ଗହଣରେ ଫାଟ ସୃଷ୍ଟି ହୋଇଛି ବୋଲି ଚର୍ଚ୍ଚା ଜୋର ଧରିଛି। ଦଳରେ ବହୁ ପୁରାତନ କର୍ମୀ ରହିଥିଲେ



ମଧ୍ୟ ସେମାନଙ୍କ ମଧ୍ୟରେ ଅସନ୍ତୋଷର ନିଆଁ କୁହୁଳୁଛି। ଏହି ଅସନ୍ତୋଷ କର୍ମୀମାନେ ନିର୍ବାଚନ ସମୟରେ ଦଳକୁ ସହଯୋଗ କରିବେ ନାହିଁ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଜିଲ୍ଲାରେ ବିଜେପିକୁ ପରିଚାଳନା କରୁଥିବା କିଛି ହାତଗଣତି ବରିଷ୍ଠ ନେତା ପ୍ରାକ୍ତନ କର୍ମୀମାନଙ୍କୁ ଅଣଦେଖା କରିବା ଏଥିପାଇଁ ମୁଖ୍ୟ କାରଣ। ଅସନ୍ତୋଷ କର୍ମୀମାନେ ଦୀର୍ଘ ବର୍ଷ ଧରି ବିଜେପିର ପଦପଦବୀ ରହି ଦଳ ପ୍ରତି ନିଜକୁ ଉତ୍ସର୍ଗୀକୃତ କରିଛନ୍ତି; ମାତ୍ର କିଛି ଉପର ସ୍ତରର ନେତାଙ୍କ ପାଇଁ ଦଳରେ ଏମାନେ କଣଠେସା ହୋଇ ରହି ଆସୁଛନ୍ତି ବୋଲି ଅଭଯୋଗ ଶୁଣିବାକୁ ମିଳୁଛି। ଏମିତିକି ଦଳରେ କୌଣସି ସମ୍ମିଳନୀ କିମ୍ବା ପ୍ରଚାର କାର୍ଯ୍ୟର ପ୍ରସ୍ତୁତି କିଛି ହାତଗଣତି କର୍ମୀଙ୍କୁ ନେଇ ସ୍ଥିର ହେଉଛି। ତେଣୁ ଚଳିତ ନିର୍ବାଚନରେ ଅସନ୍ତୁଷ୍ଟ କର୍ମୀମାନେ ବିଜେପି ପ୍ରତି ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ଚା' ଖଟିରେ ଚର୍ଚ୍ଚା ହେଉଛି। କିଛି ଅସନ୍ତୋଷ କର୍ମୀ ବିଧାୟକ ଓ ସାଂସଦକୁ ବ୍ୟକ୍ତିଗତ ଭାବେ ଭୋଟ ଦେବେ; ମାତ୍ର ନିର୍ବାଚନରେ ବିଜେପି ଦଳକୁ ସହଯୋଗ କରିବେନି ବୋଲି ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ସେହିପରି ଅନ୍ୟ କେତେକ ଅସନ୍ତୋଷ କର୍ମୀ ଦଳରେ ରହିବେ; ମାତ୍ର ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବେନି ବୋଲି ସିଧାସଳଖ କହୁଛନ୍ତି। ସେହିପରି ଏହି ଅସନ୍ତୋଷ କର୍ମୀ ମିଶି କୁଆଡେ ସ୍ୱାଧୀନ ପ୍ରାର୍ଥୀ ମଧ୍ୟ ନିଜ ପଟୁ ଛିଡ଼ା କରୁଛନ୍ତି; ଯାହାକି ଅଞ୍ଚଳରେ ଲୋକମାନେ ବିଜେପିର ଦ୍ୱିତୀୟ ସଂସ୍କରଣ ବୋଲି ଆଖ୍ୟା ଦେଇଛନ୍ତି। ତେବେ ଏହି ଅସନ୍ତୋଷ କର୍ମୀଙ୍କ ପଛରେ ଦୁଇଟି କାରଣ ଥାଇପାରେ। ପ୍ରଥମ କାରଣ ଦଳର କିଛି ବରିଷ୍ଠ ନେତା ତାଙ୍କୁ ଅଣଦେଖା କରି କେବଳ ସ୍ୱାର୍ଥ ହାସଲ କରିବା ସମୟ

### ସାଥି ଦେବେନି କୋଣଠେସା କର୍ମୀ

ଆସିଲେ ତାଙ୍କୁ ବ୍ୟବହାର କରୁଛନ୍ତି। ସେହିପରି ଦ୍ୱିତୀୟ କାରଣଟି ହେଲା ବୁଢାନ ମୁର୍ମୁଙ୍କୁ ଟିକଟ କାଟିବା। ଏହି ନିର୍ବଚନୀ ମଣ୍ଡଳିରେ ବୁଢାନ ମୁର୍ମୁଙ୍କୁ ଟିକଟ କଟିବା ପରେ ବୁଢାନ ଖୁବ ଅସନ୍ତୋଷ ପ୍ରକାଶ କରିଥିଲେ ସୁଦ୍ଧା ବୁଝାମଣା ପରେ ବୁଢ଼ାନ ଏବେ ଦଳରେ ରହି ଦଳୀୟ କାର୍ଯ୍ୟରେ ଲିପ୍ତ ଅଛନ୍ତି। ତେବେ ଏ ନେଇ ବୁଢ଼ାନଙ୍କ ସଙ୍ଗଠନ ଗହଣରେ ଅସନ୍ତୋଷ ଉଗ୍ରରୂପ ନେଇଛି; ଯାହାକି ଆଗାମୀ ନିର୍ବାଚନରେ ପ୍ରଭାବ ପକାଇବ ବୋଲି ଚର୍ଚ୍ଚା ଜୋର ଧରୁଛି। କିଛି ଦିନ ପୂର୍ବରୁ 'ରାମ ଦାସ ମହାନ୍ତି' ଶୀର୍ଷକ ଏକ ପୋଷ୍ଟ ସୋସିଆଲ ମିଡିଆରେ ଘୁରି ବୁଲୁଥିଲା; ଯାହା ସାରା ମୟୂରଭଞ୍ଜ ଜିଲ୍ଲା ବିଜେପି କ୍ୟାମ୍ପରେ ଆଲୋଡନ ସୃଷ୍ଟି କରିଥିଲା। ଏଥିରୁ ଜଣା ପଡୁଛିଯେ ବିଜେପିର ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ନିଜର ତୃଣମୂଳ ସ୍ତରୀୟ କର୍ମୀ ପ୍ରତି କେତେ ଉଦାସୀନତା ମନଭାବ ରହିଛି। ବିଜେପିର ଏହି ଗୋଷ୍ଠୀ କନ୍ଦଳରେ ଆଗକୁ ଅନ୍ୟ ବିରୋଧୀ ଦଳର ଭାଗ୍ୟ ଖୋଲିବ ନା ବିଜେପିର ପତନ ହେବ ତାହା ଦେଖିବାକୁ ବାକି ରହିଲା।

## ରାଜୁଙ୍କ ଟିକଟ କଟିବା ପରେ ଧାମନଗର ବିଜେଡି ପ୍ରାର୍ଥୀଙ୍କୁ ମିଳିବ କି ଫାଇଦା

# ସୁରଜଙ୍କ ପାଇଁ ଚିନ୍ତାର କାରଣ ପାଲଟିବେ ରାଜୁ

**ଭଦ୍ରକ/ଦୋବଲ, ୧୫।୫(ସମିସ):** ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟିଛି। ଶେଷ ମୁହୂର୍ତ୍ତରେ ବିଜେପି ସୋରର ପୂର୍ବତନ ବିଧାୟକ ପର୍ଶୁରାମ ଧଡ଼ାଙ୍କୁ ଟିକଟ ଦେଇଛି। ଦଳର ଏଭଳି ନିଷ୍ପତ୍ତି ପରେ ପୂର୍ବରୁ ବିଧାୟକ ପ୍ରାର୍ଥୀ ଘୋଷିତ ହୋଇଥିବା ଧାମନଗରର ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ (ରାଜୁ)ଙ୍କୁ ନିରାଶ ହେବାକୁ ପଡ଼ିଛି। ରାଷ୍ଟ୍ରୀୟ ନେତାଙ୍କ ଏଭଳି ନିଷ୍ପତ୍ତି ପରେ ଶିଶୁପାଳ ହୋଇଥିବା ଶ୍ରୀ ଦାସ ଧାମନଗରର



ବିଜେପି ବିଧାୟକ ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜଙ୍କ ପାଇଁ କଣ୍ଟା ସାଜିପାରନ୍ତି ବୋଲି ଆଶଙ୍କା ଉପୁଜିଛି। ଶେଷର ନିର୍ବାଚନ ମଣ୍ଡଳୀକୁ ପଶିବାକୁ ଦେଇ ନ ଥିଲେ। ତେବେ ବିଧାୟକ ଶ୍ରୀ ଧଡ଼ା ବିଜେପିରେ ମିଶିବା ପରେ ଏହି ନିର୍ବାଚନ ମଣ୍ଡଳୀର ରାଜନୈତିକ ସମୀକରଣ ବଦଳି ଯାଇଥିଲା। ଶ୍ରୀ ଧଡ଼ାଙ୍କ ପ୍ରତି ରାଜ୍ୟସ୍ତରୀୟ ନେତୃବୃନ୍ଦଙ୍କ ସମର୍ଥନ ବଢ଼ିଥିଲା। ଏହା ସତ୍ତ୍ୱେ ଶ୍ରୀ ଦାସଙ୍କୁ ନେଇ ବିଜେପି ନେତା ଚୂଡ଼ାନ୍ତ ନିଷ୍ପତ୍ତି ଘୋଷଣ କରି ନ ଥିଲେ।

ନାମାଙ୍କନ ଦାଖଲ ପୂର୍ବରୁ ବିଜେପି ଶ୍ରୀ ଧଡ଼ାଙ୍କୁ ପ୍ରାର୍ଥୀ ଘୋଷଣା କରିଥିଲା। ହେଲେ ଶ୍ରୀ ଦାସ ଦଳରେ କିଛି କ୍ଷତି ଘଟାଇପାରନ୍ତି ବୋଲି ଦଳୀୟ ନେତା ଆଶଙ୍କା କରିଥିଲେ। ଏକପ୍ରକାରରେ କହିବାକୁ ଗଲେ ଦଳୀୟ ନେତା ଶ୍ରୀ ଦାସଙ୍କୁ ଶିଶୁପାଳ ବନାଇବା ନେଇ ପୂର୍ବରୁ ନିଷ୍ପତ୍ତି ନେଇସାରିଥିଲା। କେବଳ ଘୋଷଣା ବାକି ଥିଲା। ମଙ୍ଗଳବାର ଟିକଟ ଘୋଷଣା ପରେ ଶ୍ରୀ ଦାସ ଶିଶୁପାଳ ହୋଇଯାଇଥିଲେ।

ସବୁଠୁ ନିରାଶ ହେବା ପରେ ଶ୍ରୀ ଦାସ ନିଜ



ସମ୍ମାନକୁ ବଞ୍ଚାଇବା ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ସୋର ଆସନରୁ ଅନ୍ତିମ ଦିନରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ରାଜ୍ୟ ବିଜେପି ନେତାଙ୍କ ଏଭଳି ନିଷ୍ପତ୍ତିକୁ ସେଠାକାର ନେତା ବିରୋଧ କରିଆସୁଥିଲେ। ଏ ନେଇ ସେମାନେ ରାଜ୍ୟ ନେତୃବୃନ୍ଦଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିଥିଲେ। ଶ୍ରୀ ଦାସ ସୋରରେ ବିଧାୟକ ପ୍ରାର୍ଥୀ ହେଲେ ସେମାନେ ନିର୍ବାଚନ ପ୍ରଚାର କରିବେ ନାହିଁ ବୋଲି ମଧ୍ୟ ଚେତାବନୀ ଦେଇଥିଲେ। ଏପରିକି ଶ୍ରୀ ଦାସଙ୍କୁ ଧାମନଗର ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜଙ୍କ ଉପରେ ପ୍ରଭାବ ପକାଇବ ବୋଲି ରାଜନୀତି ସମୀକ୍ଷକମାନେ ଭବିଷ୍ୟବାଣୀ କରିଛନ୍ତି। ସେମାନଙ୍କ କହିବା କଥା; ବିଜେପି ପକ୍ଷରୁ ଶ୍ରୀ ଦାସଙ୍କୁ ଯେଉଁଭଳି ନିରାଶ କରାଗଲା, ତାହାର ପ୍ରତିଶୋଧ ସେ ନିଶ୍ଚିତ ଧାମନଗର ଆସନରେ ଦଳୀୟ ପ୍ରାର୍ଥୀଙ୍କ ଉପରେ ନେଇପାରନ୍ତି। ଯଦି ଏହି ଆକଳନ ସତ ହୁଏ ତେବେ ସୂରଜଙ୍କ ପାଇଁ ଚିନ୍ତାର କାରଣ ପାଲଟିବ। ଧାମନଗରରେ ଶ୍ରୀ ଦାସଙ୍କ ସାଙ୍ଗଠନ ଭଲ ଅଛି। ଏହି ନିର୍ବାଚନମଣ୍ଡଳୀରୁ ସେ ୨୦୦୯ରେ ବିଜେଡି ଟିକଟରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ।

୨୦୧୪ରେ ସେ ଟିକଟ ଦାବିଦାର ଥିଲେ ହେଁ ଶେଷ ମୁହୂର୍ତ୍ତରେ ମୁକ୍ତିକାନ୍ତ ମଣ୍ଡଳକୁ ଟିକଟ ମିଳିଥିଲା। କିନ୍ତୁ ୨୦୧୯ରେ ଦଳ ପୁନଶ୍ଚ ଶ୍ରୀ ଦାସଙ୍କୁ ଟିକଟ ଦେଇଥିଲେ ହେଁ ସେ ବିଜେପିରୁ ବିଷ୍ଣୁ ସେଠୀଙ୍କ ନିକଟରୁ ୪, ୬୨୫ ଖଣ୍ଡ ଭୋଟରେ ପରାସ୍ତ ହୋଇଥିଲେ। ସେଥର ତାଙ୍କୁ ୭୫, ୪୮୬ ଖଣ୍ଡ ଭୋଟ ମିଳିଥିଲା। ତେବେ ୨୦୨୨ ଉପନିର୍ବାଚନରେ ଦଳ ତାଙ୍କୁ ପୁନଶ୍ଚ ଟିକଟ ନ ଦେଇ ଅବନ୍ତୀ ଦାସଙ୍କୁ ଟିକଟ ଦେବାରୁ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିଥିଲେ। ନିର୍ବାଚନରେ ସେ ବିଜେଡିର ବିଦ୍ରୋହୀ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ୮, ୧୫୩ ଖଣ୍ଡ ଭୋଟ ପାଇଥିଲେ। ସେବେଠାରୁ ସେ ଧାମନଗରରେ ରାଜୁର ପରିଚୟ ପାଇଯାଇଥିଲେ। ଏହି ନିର୍ବାଚନରେ ଏଥର ଧାମନଗରରୁ ବିଜେପିରୁ ସୂର୍ଯ୍ୟବଂଶୀ ସୁରଜ, ବିଜେଡିରୁ ଡ଼ା ସଞ୍ଜୟ କୁମାର ଦାସ, କଂଗ୍ରେସରୁ ରଞ୍ଜନ କୁମାର ବେହେରା ଧାମନଗର ପାଇଁ ନିର୍ବାଚନ ଲଢୁଛନ୍ତି। ତେବେ ସୁରଜ ଓ ସଞ୍ଜୟଙ୍କ ମଧ୍ୟରେ କଡ଼ା ଟକ୍କର ହେବା ନେଇ ଆଶା କରାଯାଉଛି। ଏଭଳି ସମୟରେ ଶ୍ରୀ ଦାସ ହାରଜିତ୍ ନିଶ୍ଚିତ ନିର୍ଣ୍ଣାୟକ ଭୂମିକା ସାଜିବେ ବୋଲି ଆକଳନ କରାଯାଉଛି।

## ଗଡ଼ାଚାଲିଛି ତିନିରଥ...

# ୪୧ ତୁମ୍ବର ଗୋଲେଇ ଓ ମଠା କାମ ଶେଷ



**ପୁରୀ, ୧୫।୫(ସମିସ):** ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ପ୍ରାଥମିକ ପର୍ଯ୍ୟାୟରେ ତିନିରଥର ତୁମ୍ବ ତିଆରି କରାଯାଉଛି। ବୁଧବାର ସୁଦ୍ଧା ତିନିରଥର ମୋଟ ୪୨ଟି ତୁମ୍ବ ମଧ୍ୟରୁ ୪୧ଟି ତୁମ୍ବର ଗୋଲେଇ ଏବଂ ମଠା କାର୍ଯ୍ୟ ଶେଷ ହୋଇଛି। ଏଥିମଧ୍ୟରେ ନନ୍ଦିଘୋଷ ରଥର ସମସ୍ତ ୧୬ଟି ତୁମ୍ବ ରହିଥିବା ବେଳେ ଦେବଦଳନ ରଥର ସମସ୍ତ ୧୨ଟି ତୁମ୍ବର ଗୋଲେଇ ଏବଂ ମଠା କାମ ସରିଛି। ତାଳଧ୍ୱଜ ରଥର ୧୪ଟି ତୁମ୍ବ ମଧ୍ୟରୁ ୧୩ଟିର ଗୋଲେଇ ଏବଂ ମଠା ସରିଥିବା ବେଳେ ଗୋଟିଏ ତୁମ୍ବର କାମ ଚାଲିଛି। ତେବେ ତୁମ୍ବଗୁଡ଼ିକର ଗୋଲେଇ ଏବଂ ମଠା କାର୍ଯ୍ୟ ପରେ ଏଥିରେ ବିନ୍ଧ କରାଯିବ। ଏହି ବିନ୍ଧ ପୂର୍ବରୁ ତୁମ୍ବରେ ସୂତା ବାଡ଼ିଆ କାମ କରାଯିବ। ଗୁରୁବାର ତିନିରଥରେ ତୁମ୍ବରେ ସୂତା ବାଡ଼ାଯିବ। ଅନ୍ୟପକ୍ଷରେ ଦୋଳବେଦୀ କୋଣରେ ରଥ ପାଇଁ ଆବଶ୍ୟକ ଲୁହା ଉପକରଣ କମାର ସେବକ ନିର୍ମାଣ କରୁଛନ୍ତି। ବର୍ତ୍ତମାନ ଅରକଣ୍ଟା ଏବଂ ପନ୍ଦାରୀ ତିଆରି କରୁଛନ୍ତି। ଗୋଟିଏ ଚକରେ ୩୨ଟି ଅରକଣ୍ଟା ଲାଗିଥାଏ। ତେଣୁ ତିନିରଥର ମୋଟ ୪୨ଟି ଚକ ପାଇଁ ୧, ୩୪୪ଟି ଅରକଣ୍ଟା ତିଆରି କରାଯିବ। ପ୍ରାଥମିକ ଭାବେ ୬ଟି ଚକ ପାଇଁ ଅରକଣ୍ଟା ତିଆରି ହେଉଛି। ସେହିପରି ତୁମ୍ବର ଭିତର ପାର୍ଶ୍ୱରେ ପନ୍ଦାରୀ ଲାଗିଥାଏ। ଗୋଟିଏ ତୁମ୍ବରେ ୨ଟି ପନ୍ଦାରୀ ହିସାବରେ ତିନିରଥର ମୋଟ ୪୨ଟି ଚକ ପାଇଁ ୮୪ଟି ପନ୍ଦାରୀ ତିଆରି କରିବେ କମାର ସେବକ। ବୁଧବାର ରଥଖଳାରେ ଜଣେ ତୁମ୍ବ ବିନ୍ଧ କାରୀଗର ଏବଂ ଜଣେ ସହାୟକଙ୍କୁ ମିଶାଇ ମୋଟ ୮୯ ଜଣ ସେବକ କାମ କରୁଥିଲେ।

**ବିନ୍ଧ ପାଇଁ ଆଜି ତୁମ୍ବରେ ସୂତା ବାଡ଼ିଆ ଯିବ**

# ରାଉରକେଲାରେ ମୁଖ୍ୟମନ୍ତ୍ରୀଙ୍କ ବିଜୟର ଶଙ୍ଖନାଦ




- ମୁଖ୍ୟମନ୍ତ୍ରୀଙ୍କ ହାତମୁଠା ଟାଣ ହେଲେ ଦ୍ୱିଗୁଣ ହେବ ବିକାଶର ଗତି: ପାଣ୍ଡିଆନ
- ଗତ ୧୦ ବର୍ଷ ମଧ୍ୟରେ ଆପଣଙ୍କ ସାଂସଦ ଆପଣଙ୍କ ପାଇଁ କ'ଣ କରିଛନ୍ତି?
- ବିଶ୍ୱର ବୃହତ୍ତମ ହକି ଷ୍ଟାଡ଼ିୟମ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଦିନରାତି ଏକ କରିଛନ୍ତି
- ସରକାର ଗଠନର ପ୍ରଥମ ଦିନରେ ବିଜୁଳି ବିଲ୍ ଛାଡ଼, ସମସ୍ତଙ୍କୁ ବିଏସ୍‌କେୱାଇ

**ରାଉରକେଲା, ୧୫।୫(ସମିସ):** ଦଳୀୟ ପ୍ରାର୍ଥୀଙ୍କ ପାଇଁ ରାଉରକେଲାରେ ବିଜୟର ଶଙ୍ଖନାଦ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଦଳର ଲୋକସଭା ଓ ବିଧାନସଭା ପ୍ରାର୍ଥୀମାନଙ୍କୁ ଶଙ୍ଖ ଚିହ୍ନରେ ଆଶୀର୍ବାଦ କରିବାକୁ ଲୋକମାନଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କ ହାତ ମୁଠା ଟାଣ ହେଲେ ବିକାଶର ଗତି ଦ୍ୱିଗୁଣିତ ହେବ ବୋଲି ଉଲ୍ଲେଖ କରି ହକି ବିଶ୍ୱକପ୍ ଆୟୋଜନର କଥା କହିଛନ୍ତି।

ସେ କହିଛନ୍ତି ଯେ ରାଉରକେଲାକୁ ଓ ହକିକୁ ମୁଖ୍ୟମନ୍ତ୍ରୀ ବହୁତ ଭଲ ପାଆନ୍ତି। ରାଉରକେଲାରେ ବ୍ୟାପକ ରୂପାନ୍ତର ଆସିଛି। ବର୍ତ୍ତମାନର ରାଉରକେଲାକୁ ଦେଖିଲେ ତାହା ବେଶ୍ ଦେଖାଯାଏ। ହକି ବିଶ୍ୱକପ୍ ଆୟୋଜନ ବହୁ କଠିନ କାମ ଥିଲା। ମୁଖ୍ୟମନ୍ତ୍ରୀ ଦିନରାତି କଠିନ ପରିଶ୍ରମ କରି ଏହାକୁ ସଫଳ କରିଥିଲେ। ମୁଖ୍ୟମନ୍ତ୍ରୀ ରାଉରକେଲା ଓ ସୁନ୍ଦରଗଡ଼ର ଗୌରବ ବୃଦ୍ଧି କରିଛନ୍ତି।

ଅନ୍ୟପକ୍ଷରେ ସେ ବିଜେପିକୁ ଆକ୍ରମଣ କର କହିଛନ୍ତି ଯେ ତାଙ୍କ ନେତାଙ୍କୁ ପଚାରନ୍ତୁ ଯେ ପେଟ୍ରୋଲ, ଡିଜେଲ ଦର କମିଲା କି ? ରାଉରକେଲାରେ ମେଡ଼ିକାଲ କଲେଜ ଘୋଷଣା କରିଥିଲେ, ତାହା ହେଲା କି ? ମାତ୍ର ମୁଖ୍ୟମନ୍ତ୍ରୀ ଯାହା କହିଥାନ୍ତି ତାକୁ କାମରେ କରି ଦେଖାଇଥାନ୍ତି। ତା'ର ଉଦାହରଣ ଜିଲା ସଦର ମହକୁମା ଡାକ୍ତର ଖାନା ଏବଂ ବିଶ୍ୱ ସ୍ତରୀୟ ହକି ଷ୍ଟାଡିୟମ। ଜୁନ ୯ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକ ପୁଣି ଥରେ ଶପଥ ନେବେ। ପ୍ରଥମ ଦସ୍ତଖତରେ ବିଜୁଳି ବିଲ୍ ଛାଡ଼ କରିବେ, ବିଜୁଳି ବିଲ୍ ଛାଡ଼ ଯୋଗୁଁ ୯୦ ପ୍ରତିଶତ ପରିବାର ଉପକୃତ ହେବେ। ଦ୍ୱିତୀୟ ଦସ୍ତଖତରେ ବି.ଏସ୍.କେ.ୱାଇ କାର୍ଡ ନଥିବା ଲୋକ କାର୍ଡ ପାଇବେ। ଏଥିରେ ସରକାରୀ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଅଙ୍ଗନବାଡ଼ି, ଆଶାକର୍ମୀ ପର୍ଯ୍ୟନ୍ତ ସମସ୍ତେ ସାମିଲ ହେବେ। ଆପଣମାନେ ଜଣକୁ ୨୦ ବର୍ଷ ହେଲା ସଂସଦକୁ ପଠାଉଛନ୍ତି। ସେ ଆପଣଙ୍କ ପାଇଁ କିଛି କରିଛନ୍ତି କି ? କିନ୍ତୁ ନବୀନ ବାବୁ ଆପଣଙ୍କ ପାଇଁ ବହୁତ କିଛି କରିଛନ୍ତି। ପ୍ରତି ବ୍ଲକରେ ଆଷ୍ଟ୍ରୋଟର୍ଫ ହକି ପଡ଼ିଆ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ସ୍ୱାସ୍ଥ୍ୟ ସେବା ସୁବିଧା, ଉନ୍ନତ ଶିକ୍ଷା ବ୍ୟବସ୍ଥା ସବୁ କରିଛନ୍ତି। ଏହି ସମାବେଶରେ ବିଜୁ ଜନତା ଦଳର ସାଂସଦ ଓ ବିଧାୟକ ପ୍ରାର୍ଥୀମାନଙ୍କୁ ବିପୁଳ ଭୋଟରେ ଜିତେଇବା ପାଇଁ ସେ ଅନୁରୋଧ କରିଥିଲେ। ଏହାପରେ ଦଳୀୟ ସାଂସଦ ପ୍ରାର୍ଥୀ ଯୋଗେଶ ସିଂହ, ରାଉରକେଲା ବିଧାୟକ ପ୍ରାର୍ଥୀ ସାରଦା ନାୟକ ଓ ଲୋକସଭା କ୍ଷେତ୍ରର ଅନ୍ୟ ବିଧାନସଭା ପ୍ରାର୍ଥୀମାନେ ବିଜେଡିକୁ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ନିବେଦନ କରିଥିଲେ।

# ନିର୍ବାଚନ ହାରିବା ଭୟରେ ଗଣ୍ଡଗୋଳ, ଆକ୍ରମଣକୁ ଅସ୍ତ୍ର କରିଛି ବିଜେପି

**ଭୁବନେଶ୍ୱର, ୧୫।୫(ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ନିର୍ବାଚନ ହାରିବା ନେଇ ହୃଦୟଙ୍ଗମ ହେବା ପରେ ରାଜ୍ୟ ବିଜେପି ଏହାର ରଣନୀତିରେ ପରିବର୍ତ୍ତନ ଆଣିଛି। ରାଜ୍ୟରେ ଅଶାନ୍ତି ସୃଷ୍ଟି କରିବା ସହ ଗୁଣ୍ଡାଗର୍ଦ୍ଦି, ଗଣ୍ଡଗୋଳ ଓ ଶାସକ ଦଳ ସଦସ୍ୟଙ୍କୁ ଆକ୍ରମଣ ପ୍ରଭୃତିକୁ ମୁଖ୍ୟ ଅସ୍ତ୍ର ବନାଇଛି। ବିଭିନ୍ନ ସ୍ଥାନରେ ଶାସକ ଦଳର ପାର୍ଥୀଙ୍କୁ ଆକ୍ରମଣ କରି ରାଜ୍ୟର ଭୟର ବାତାବରଣ ସୃଷ୍ଟି କରୁଛି। ନିର୍ବାଚନ ଯେତେ ପାଖେଇ ଆସୁଛି ରାଜ୍ୟ ବିଜେପି ନେତାଙ୍କ ଏଭଳି କାର୍ଯ୍ୟକଳାପ ସେତେ ବଢ଼ି ବଢ଼ି ଚାଲିଛି ବୋଲି ବିଜେଡି ପକ୍ଷରୁ ଅଭିଯୋଗ ହୋଇଛି। ଯାହାଦ୍ୱାରା ରାଜ୍ୟରେ ସୁସ୍ଥ ଓ ନିରପକ୍ଷ ନିର୍ବାଚନ ଉପରେ ଗଭୀର ପ୍ରଭାବ ପଡ଼ୁଛି। ତେଣୁ ରାଜ୍ୟରେ ନିର୍ବାଚନୀ ହିଂସା ରୋକିବା ପାଇଁ ନିର୍ବାଚନ କମିଶନ ତୁରନ୍ତ ହସ୍ତକ୍ଷେପ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ବୁଧବାର ବିଜେଡିର ଏକ ପ୍ରତିନିଧି ଦଳ ନିର୍ବାଚନ କମିସନଙ୍କୁ ଜଣାଇଛନ୍ତି। ଅଭିଯୋଗ ଅନୁଯାୟୀ, ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ଗୋଳନ୍ଥରା



ଗ୍ରାମ ପଞ୍ଚାୟତରେ ବିଜେପି ସମର୍ଥକମାନେ ଗୋପାଳପୁର ବିଜେପି ବିଧାୟକ ପାର୍ଥୀ ବିଭୂତି ଜେନାଙ୍କ ଉପସ୍ଥିତିରେ ବିଜେଡି ସମର୍ଥକମାନଙ୍କୁ ଭୟଙ୍କର ଆକ୍ରମଣ କରିଛନ୍ତି। ଏହି ଆକ୍ରମଣରେ କେ ସନ୍ତୋଷ ଦାସ, ଭିକି ବେହେରା ଓ କେଦାର ବେହେରା ପ୍ରମୁଖ ଗୁରୁତର ଆହତ ହୋଇଛନ୍ତି। ଅନ୍ୟ ଏକ ଘଟଣାରେ ବିଜେପି ସମର୍ଥକମାନେ ବିଜେଡି ବିଧାୟକ ପାର୍ଥୀ ବିକ୍ରମ ପଣ୍ଡାଙ୍କ ପ୍ରଚାର ଗାଡିକୁ ଆକ୍ରମଣ କରିଛନ୍ତି। ବିଭୂତିଙ୍କ ବାଇକ ରାଲିରେ ଆସିଥିବା ବିଜେପି ସମର୍ଥକମାନେ ପ୍ରଚାର ଗାଡିକୁ ଆକ୍ରମଣ କରିବା ସହ ଡ୍ରାଇଭରଙ୍କୁ ଧମକ ଦେଇଛନ୍ତି। ସେହିପରି ଚିକିଟି ନିର୍ବାଚନ ମଣ୍ଡଳୀରେ ପଦଗିରି ଗ୍ରାମରେ ବିଜେପି ସମର୍ଥକମାନେ ସୂର୍ଯ୍ୟନାରାୟଣ ପାଢ଼ୀଙ୍କ ଘର ଏବଂ ଦୋକାନ ଉପରେ ଆକ୍ରମଣ ଯୋଗୁଁ ୨ଜଣ ବିଜେଡି ସମର୍ଥକ ଗୁରୁତର ଆହତ ହୋଇଛନ୍ତି। ସେହିପରି ନୟାଗଡ଼ ବ୍ଲକ ବଉଳୀ ଗ୍ରାମରେ ୪ବିଜେଡି ସମର୍ଥକମାନଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଛୁରାମାଡ ଯୋଗୁଁ ପୃଥ୍ୱୀରାଜ ଦଳବେହେରା ଏବେ ଜୀବନମରଣ ପରିସ୍ଥିତି ସହ ସଙ୍ଘର୍ଷ କରୁଛନ୍ତି।

ଏଭଳି ଘଟଣା ଗୁଡ଼ିକ ଅତ୍ୟନ୍ତ ଚିନ୍ତାଜନକ। ଯାହା ରାଜ୍ୟରେ ଚାଲିଥିବା ନିର୍ବାଚନ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏଣୁ ନିର୍ବାଚନ ପ୍ରକ୍ରିୟା ସହ ଜଡିତ ସମସ୍ତ ବ୍ୟକ୍ତି ବିଶେଷଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ବିଜେଡି ଦାବି କରିଛି। ସେହିପରି ପରବର୍ତ୍ତି ହିଂସା ରୋକିବାକୁ ନିର୍ବାଚନ କମିଶନ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଭୋଟରଙ୍କ ଗଣତାନ୍ତ୍ରୀକ ଅଧିକାରକୁ ସୁରକ୍ଷୀକ କରିବାକୁ ପ୍ରତିନିଧି ମଣ୍ଡଳୀ ମୁଖ୍ୟ ନିର୍ବାଚନ କମିଶନଙ୍କୁ ପତ୍ରମାଧ୍ୟମରେ ଅଭିଯୋଗ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ମଧୂସ୍ମିତା ନାୟକ, ଇପସିତା ସାହୁ ଓ ପ୍ରିୟବ୍ରତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେପିକୁ ଜୋରରେ ଲାଗିଛି ମାଗଣା ବିଜୁଳି କରେଣ୍ଟ: ବିଜେଡି

**ଭୁବନେଶ୍ୱର, ୧୫।୫(ସମିସ):** ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପରେ ଓଡ଼ିଶା ବିଜେପିକୁ ଶକ୍ତ ଝଟକା ଲାଗିଛି। ପ୍ରଥମ ପର୍ଯ୍ୟାୟରେ ସେମାନେ ଶୋଚନୀୟ ପରାଜୟକୁ ସାମ୍ନା କରୁଛନ୍ତି, ଆଉ ବିଜେଡି ୯୦% ଆସନରେ ବାଜିମାତ୍ କରିବାକୁ ଯାଉଛି।

- ନିଜ ଦଳ ସରକାର ବିରୋଧରେ ତଦନ୍ତ ଦାବି କଲେଣି ବିଜେପି ନେତା
- ଅନ୍ୟ ରାଜ୍ୟକୁ ବିଜୁଳି ଯୋଗାଣ, ପରିମାଣ ଓ ଦର ସ୍ଥିର କରେ କେନ୍ଦ୍ର
- ଓଡ଼ିଶାର ବିଜୁଳି ଦର ଅନ୍ୟ ବହୁ ରାଜ୍ୟ ତୁଳନାରେ ଅପେକ୍ଷାକୃତ ଶସ୍ତା

ଏହା ସେମାନଙ୍କ ମନୋବଳକୁ ଭାଙ୍ଗି ଦେଇଛି। ଯେଉଁଥିପାଇଁ ସେମାନେ ଅଭ୍ୟାସଗତ ଭାବେ ମିଛ କହିବା ଆରମ୍ଭ କରିଛନ୍ତି ବୋଲି କହିଛନ୍ତି ବିଜେଡି ନେତା ଭୃଗୁ ବକ୍ସିପାତ୍ର।

ବୁଧବାର ଶ୍ରୀ ବକ୍ସିପାତ୍ର ଗଣମାଧ୍ୟମକୁ କହିଛନ୍ତି ଯେ ମାଗଣା ବିଜୁଳି ସଂକ୍ରାନ୍ତରେ ବିଜେଡି ନିର୍ବାଚନୀ ଇସ୍ତାହାରରେ ସ୍ପଷ୍ଟ ଭାବେ କୁହାଯାଇଛି, ୯୦% ଓଡ଼ିଶାବାସୀ ଏହି ମାଗଣା ବିଜୁଳି ପାଇବେ। ସାଢେ ୪ କୋଟି ଓଡ଼ିଶାବାସୀ ଜାଣିଛନ୍ତି, ନବୀନ ବାବୁଙ୍କ ଗ୍ୟାରେଣ୍ଟି ଅର୍ଥାତ୍ କାର୍ଯ୍ୟରେ ପରିଣତ ହେବାର ଗ୍ୟାରେଣ୍ଟି। ଏହା ଶତ ପ୍ରତିଶତ ପାଳନ ହେବ। ନବୀନଙ୍କ ଏହି ବିଜୁଳି ଗ୍ୟାରେଣ୍ଟିର କରେଣ୍ଟ ଖୁବ୍ ଜୋରରେ ବିଜେପିକୁ ଲାଗିଛି। ସେମାନେ ବିଚଳିତ ହୋଇ ମନଇଚ୍ଛା କଥା କହିବା ଆରମ୍ଭ




କରିଛନ୍ତି। ଏପରିକି ବାଚାଳ ହୋଇ କେନ୍ଦ୍ରରେ ନିଜ ଦଳର ସରକାରଙ୍କୁ ବି ଅଡୁଆ ପରିସ୍ଥିତିରେ ପକାଇ ଦେଇଛନ୍ତି ଓ ବିଜୁଳି ଯୋଗାଣ ସଂକ୍ରାନ୍ତରେ ବିଜେପିର ମିଛ ଧରାପଡ଼ିଛି ଶ୍ରୀ ବକ୍ସିପାତ୍ର କହିଛନ୍ତି।

ସେ କହିଛନ୍ତି ଯେ ବିଜୁଳି ଉତ୍ପାଦନ ପରେ କେଉଁ ରାଜ୍ୟକୁ କେତେ ବିଜୁଳି ଯୋଗାଣ କରାଯିବ ଏବଂ କେତେ ଦରରେ ଯୋଗାଣ ହେବ ତାହା କେନ୍ଦ୍ର ସରକାର ନିର୍ଦ୍ଧାରଣ କରିଥାଆନ୍ତି। ଅନ୍ୟ ରାଜ୍ୟକୁ ବିଜୁଳି ଯୋଗାଇବାକୁ ଚାପ ସବୁବେଳେ କେନ୍ଦ୍ର ସରକାର ପକାଇଥାନ୍ତି। ବିଜେପି ଶାସିତ ବିହାର, ଉତ୍ତରପ୍ରଦେଶ ତୁଳନାରେ ଓଡ଼ିଶାର ବିଜୁଳି ଦର ବହୁତ ଶସ୍ତା। ଏସବୁ ରାଜ୍ୟରେ ଓଡ଼ିଶା ତୁଳନାରେ ବିଜୁଳି ଦର ଦୁଇଗୁଣା ଅଧିକ। ରାଜସ୍ଥାନରେ ବିଜୁଳି ଦର ଓଡ଼ିଶା ତୁଳନାରେ ୭୫ ପ୍ରତିଶତ ଅଧିକ ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି।

ମାତ୍ର ରାଜ୍ୟ ବିଜେପିର ପୂର୍ବତନ ସଭାପତି ସମୀର ମହାନ୍ତି ବିଜୁଳି ସଂକ୍ରାନ୍ତରେ ଟିପ୍ପଣୀ ଦେଇ ନିଜେ ଦଳକୁ ଅଡୁଆରେ ପକାଇ ଦେଇଛନ୍ତି। କେନ୍ଦ୍ର ସରକାର ହଜାର ହଜାର କୋଟି ଟଙ୍କାର ଦୁର୍ନୀତି କରୁଛନ୍ତି ବୋଲି ସମୀର ସମ୍ଭବତଃ କହିବାକୁ ଚାହୁଁଛନ୍ତି। ଚଳିତ ନିର୍ବାଚନରେ ସମୀର ମହାନ୍ତିଙ୍କୁ ଟିକେଟ ମିଳିଲା ନାହିଁ, ଏଥିପାଇଁ ସେ ରାଗରେ ଥିଲେ। ଏବେ ସୁଯୋଗ ପାଇ ନିଜ ଦଳର ସରକାର ବିରୋଧରେ ତଦନ୍ତ କରିବାକୁ ସେ ଦାବି କରୁଛନ୍ତି ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି। ତଦନ୍ତ ହେଲେ ସବୁ ସତ ପଦାକୁ ଆସିବ। ମାଗଣା ବିଜୁଳି ପ୍ରତିଶ୍ରୁତି କରେଣ୍ଟ ବିଜେପି ଓ ଏହାର ନେତାମାନଙ୍କୁ ଏମିତି ବାଚାଳ କରିଛି ଯେ ସେମାନେ ନିଜ ସରକାର ବିରୋଧରେ ତଦନ୍ତ ଦାବି କରିବା ଆରମ୍ଭ କଲେଣି ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି।

● କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଓଡ଼ିଶାରେ ପ୍ରଚାର

# ସୋରଡାରେ ଦଳୀୟ ସମାବେଶ, କଟକରେ ରୋଡ୍ ଶୋ'

**ଭୁବନେଶ୍ୱର, ୧୫।୫(ସମିସ):** ଦିନିକିଆ ଓଡ଼ିଶା ଗସ୍ତରେ ଆସି ଗଞ୍ଜାମ ସୋରଡ଼ାରେ ନିର୍ବାଚନୀ ପ୍ରଚାର ସହ ସନ୍ଧ୍ୟାରେ କଟକରେ ରୋଡ୍ ଶୋ' କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା। ଉଭୟ ସ୍ଥାନରେ ସେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ୍ ମାଗିବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ସଫଳତା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଛନ୍ତି।



ସୋରଡ଼ାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ଶ୍ରୀ ଶାହା କଂଗ୍ରେସ ସରକାରକୁ ଟାର୍ଗେଟ କରିଛନ୍ତି। କଂଗ୍ରେସର ସରକାର ଥିଲା ବେଳେ ପ୍ରତିଦିନ ବୋମା ବିସ୍ଫୋରଣ ହେଉଥିଲା। ପାକିସ୍ତାନରୁ ଆସି ବୋମା ବିସ୍ଫୋରଣ କରି ଚାଲି ଯାଉଥିଲେ। ମୋଦୀ ସରକାର ଆସିବା ପରେ ପୁଲୱାମା ଏବଂ ଉରିରେ ବିସ୍ଫୋରଣ ହୋଇଥିଲା। ହେଲେ ମୋଦିଜୀ ସର୍ଜିକାଲ ଏୟାର ଷ୍ଟ୍ରାଇକ୍ କରି ପାକିସ୍ତାନରେ ପଶି ଆତଙ୍କବାଦୀଙ୍କୁ ନିପାତ କରିଥିଲେ। ଓଡ଼ିଶା ନକ୍ସଲବାଦରେ ପୀଡ଼ିତ ଥିଲା। ମୋଦୀ ସରକାରଙ୍କ ୧୦ ବର୍ଷରେ ଓଡ଼ିଶା ସମେତ ଝାଡ଼ଖଣ୍ଡ, ବିହାର, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରେ ଚାଲିଥିବା ନକ୍ସଲବାଦ ଖତମ୍ ହୋଇଛି ବୋଲି ଶାହ କହିଛନ୍ତି।

ସେହିପରି କେନ୍ଦ୍ର ସରକାରଙ୍କ ସଫଳତା ସମ୍ପର୍କରେ ମତ ରଖି ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୨ କୋଟି ଗରିବଙ୍କ ଘରକୁ ଶୌଚାଳୟ ଦେଇଛନ୍ତି। ମାଆ ଓ ଭଉଣୀଙ୍କୁ ସମ୍ମାନ ଦେବାର କାମ କରିଛନ୍ତି। ୪ କୋଟି ଗରିବଙ୍କୁ ଘର ଦେଇଛନ୍ତି। ୧୦ କୋଟି ଗରିବଙ୍କୁ ଉଜ୍ଜ୍ୱଳା ଗ୍ୟାସ ଦେଇଛନ୍ତି। ୧୪କୋଟି ଗରିବଙ୍କ ଘରକୁ ପାଇପ୍ ପାଣି ଯୋଗାଇଛନ୍ତି। ଅପରପକ୍ଷେ ରାଜ୍ୟରେ ବିଜେପି କ୍ଷମତାକୁ ଆସିଲେ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ କରିବ ବୋଲି ଶାହା ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ସନ୍ଧ୍ୟାରେ ଗୃହମନ୍ତ୍ରୀ କଟକରେ ଦଳୀୟ ପ୍ରାର୍ଥୀଙ୍କୁ ଧରି ରୋଡ୍ ଶୋ' କରିଥିଲେ। ରୋଡ୍ ଶୋ' ବକ୍ସିବଜାରରୁ ଆରମ୍ଭ ହୋଇ ତିନିକୋଣିଆ ବଗିଚା, ଚୌଧୁରୀ ବଜାର, ଗୌରୀଶଙ୍କର ପାର୍କ ଦେଇ ନୟାସଡ଼କରେ ଶେଷ ହୋଇଥିଲା। ଏହି ରୋଡ୍ ଶୋ'ରେ କଟକ ଲୋକସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ, ବାରବାଟୀ-କଟକ ବିଧାୟକ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ହଜାର ହଜାର ବିଜେପି କର୍ମକର୍ତ୍ତା ଓ ସାଧାରଣ ଜନତା ସାମିଲ୍ ହୋଇଥିଲେ।

# ୧୦ କୁଇଣ୍ଟାଲ ୭୫ କେଜି ଗଞ୍ଜେଇ ଜବତ

**ବୌଦ୍ଧ, ୧୫।୫(ସମିସ):** ବୌଦ୍ଧ ଥାନା ଆମ୍ବଝରୀ ପଞ୍ଚାୟତର ଆଙ୍କୁନ୍ ଗ୍ରାମ ନିକଟରେ ବୌଦ୍ଧ ଅବକାରୀ ମୋବାଇଲ ସ୍କ୍ୱାଡ୍ ଚଢଉ କରି ୫ କ୍ୱିଣ୍ଟାଲ ୬୦ କେଜି ଗଞ୍ଜେଇ ଜବତ କରଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡିଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ମୋବାଇଲ ସ୍କ୍ୱାଡ୍ ଇନ୍ସପେକ୍ଟର ପ୍ରମୋଦ କୁମାର ବାଣୁଆଙ୍କ ନେତୃତ୍ୱରେ ଆଙ୍କୁନ ନିକଟରେ ଚଢାଉ କରାଯାଇଥିଲା। ସେଠକରେ ଚାଲାଣ ପାଇଁ ଗଚ୍ଛିତ ରଖା ଯାଇଥିବା ୫ କୁଇଣ୍ଟାଲ ୬୦ କେଜି ଗଞ୍ଜେଇ ଓ ନିକଟରେ ଥିବା ଏକ ବାଇକ୍ ଜବତ କରାଯାଇଛି। ଜବତ ଗଞ୍ଜେଇ ଓ ବାଇକ୍‌କୁ ବୌଦ୍ଧର ବିଭାଗୀୟ ଗୋଦାମରେ ରଖା ଯାଇଛି। ସେହିପରି ବୌଦ୍ଧ ଥାନା ଅଧୀନ ସାନ ବବଡ଼ା ଗ୍ରାମରୁ ୫ କୁଇଣ୍ଟାଲ ୧୫ କେଜି ଗଞ୍ଜେଇ ଜବତ ହୋଇଛି। ଉଭୟ ଚଢ଼ଉରେ ମୋଟ ୧୦ କୁଇଣ୍ଟାଲ ୭୫ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଚଢଉରେ ସବ୍ ଇନ୍ସପେକ୍ଟର ସତ୍ୟନାରାୟଣ ପ୍ରଧାନ, ଏଏସଆଇ ପ୍ରିୟଜନ କନ୍ହର, ଅସୀତ ପ୍ରଧାନ, ରେଣୁପ୍ରିୟା ଭୋଇ, କନଷ୍ଟେବଳ ସତ୍ୟ ନନ୍ଦନ ମୁଖୀ ଓ କର୍ମଚାରୀ ସାମିଲ ଥିଲେ।



## ମାଟି ବୋଝେଇ ଗାଡ଼ି ଜବତ, ଜଣେ ଗିରଫ

ସୋର, ୧୫।୫(ସମିସ): ଆଜି ସୋର ପୁଲିସ୍ ତରଫରୁ ଚଢ଼ଉ କରାଯାଇ ଗୋଟିଏ ପାହାଡ଼ମାଟି ବୋଝେଇ ଡମ୍ଫରକୁ ଜବତ କରାଯିବା ସହିତ ଜଣକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଡମ୍ଫରଟି ବାଗୁଡ଼ି ଖାଦାନରୁ ପାହାଡ଼ମାଟି ବୋଝେଇ କରି ଭଦ୍ରକ ଅଭିମୁଖେ ଯାଇଥିବା ବେଳେ ସୋର ପୁଲିସ୍ ଏହାକୁ ଅଟକ ରଖି ଯାଞ୍ଚ କରିବା ପରେ ବେଆଇନ ଚାଲାଣ ହେଉଥିବା ଜାଣି ପାରି ଏହାକୁ ଜବତ କରିବା ସହିତ ଏହାର ଡ୍ରାଇଭର ଏସ୍. କେ ଜାହିରଉଦ୍ଦିନ୍‌କୁ ଗିରଫ କରାଯାଇ ଆଜି କୋର୍ଟ ଚାଲାଣ କରିଛି।

## ସୋର ବିଧାନସଭା ଆସନରେ ୮ ପ୍ରାର୍ଥୀ

ସୋର, ୧୫।୫(ସମିସ): ସୋର ୪୧ ନମ୍ବର ସଂରକ୍ଷିତ ବିଧାନସଭା ଆସନପାଇଁ ନାମାଙ୍କନ ପତ୍ର ଦାଖଲ କରିଥିବା ପ୍ରାର୍ଥୀମାନଙ୍କ ମଧ୍ୟରୁ ୮ ଜଣଙ୍କର ପ୍ରାର୍ଥୀପତ୍ର କାଏମ୍ ରହିଛି। ବିଜେଡି ପ୍ରାର୍ଥୀ ମାଧବ ଧଡ଼ା, କଂଗ୍ରେସରୁ ସୁବ୍ରତ ଧଡ଼ା, ବିଜେପିରୁ ପର୍ଶୁରାମ ଧଡ଼ା, ବିଏସ୍‌ପିରୁ ଜିତେନ୍ଦ୍ର ସେଠୀଙ୍କର ପ୍ରାର୍ଥୀପତ୍ର କାଏମ୍ ହୋଇଥିବା ବେଳେ ସ୍ୱାଧୀନ ଭାବେ ରାକେଶ ମଲ୍ଲିକ, ଅକ୍ଷୟ କୁମାର ଜେନା, ଶିବାନୀ ଶଙ୍କର ରାୟ, କାଶୀନାଥ ଦାସଙ୍କର ନାମାଙ୍କନପତ୍ର କାଏମ୍ ହୋଇଥିବା କୁହାଯାଇଛି। ଆସନ୍ତା ୧୭ ତାରିଖ ପ୍ରତ୍ୟାହାର ପରେ କେତେଜଣ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହେବେ ତାହା ସ୍ପଷ୍ଟ ହୋଇଯିବ। ଏମାନଙ୍କ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାବେ ରାକେଶ ମଲ୍ଲିକ ବିଜେପି ଦଳ ପାଇଁ ବିପଦର କାରଣ ପାଲଟିଛନ୍ତି। ଆଜି ସାମାଜିକ ଗଣମାଧ୍ୟମରେ ରାକେଶଙ୍କର ବାର୍ତ୍ତା ତାଙ୍କର ସମର୍ଥକମାନଙ୍କୁ ପ୍ରଭାବିତ କରିଥିବା ଅନୁମାନ କରାଯାଉଛି।

# କୁକୁଡ଼ା ଚାଷୀଙ୍କ କୋଟିଏ ଟଙ୍କା ହଡ଼ପ ଅଭିଯୋଗ



**● ତଦନ୍ତ ଆରମ୍ଭ କଲେ ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ**

ଖଇରା, ୧୫।୫ (ସମିସ):

ବାଲେଶ୍ୱର ଜିଲ୍ଲା ଖଇରା ପ୍ରାଣୀ ଚିକିତ୍ସାଳୟ ଅନ୍ତର୍ଗତ ହରିପୁର ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ରର କାର୍ଯ୍ୟରତ ପ୍ରାଣୀଧନ ନୀରିକ୍ଷକ କମଳକାନ୍ତ ମଲ୍ଲିକ ଜଣେ ଚାଷୀଙ୍କୁ ଆୟୁଧ କରି କୁକୁଡ଼ା ଚାଷ ପାଇଁ ଆସିଥିବା ସବସିଡ୍ ଅର୍ଥ ହଡପ କରିଥିବା ନେଇ ପରମାନନ୍ଦ ଦାସ ନାମକ ଚାଷୀ ରାଜ୍ୟ ପ୍ରାଣୀ ସମ୍ପଦ ବିଭାଗ ନିର୍ଦ୍ଦେଶକ ଓ ଜିଲ୍ଲା ମୁଖ୍ୟ ପ୍ରାଣିଚିକିତ୍ସାଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଶିବ ପ୍ରସାଦ ଦାସଙ୍କ ନେତୃତ୍ୱରେ ଏକ ଟିମ ବୁଧବାର ଖଇରା ରେ ପହଞ୍ଚି ଉକ୍ତ ଅଭିଯୋଗର ତଦନ୍ତ କରିଛନ୍ତି। ପ୍ରଥମେ ଏହି ଟିମ ହରିପୁର ଗସ୍ତକରି କୁକୁଡା ଫାର୍ମ ପରିଦର୍ଶନ କରିବା ସହ ଖଇରା ପ୍ରାଣୀ ଚିକିତ୍ସାଳୟକୁ ଆସି କାଗଜପତ୍ର ଯାଞ୍ଚ କରିଥିଲେ। ପ୍ରଥମେ ଉକ୍ତ ଚାଷୀଙ୍କ ଦ୍ୱାରା ସୂଚନା ଅଧିକାର ଆଇନ ବଳରେ ଅର୍ଥ ହଡପ କରାଯାଇଥିବା ଆଭାସ ମିଳିବା ପରେ ତଦନ୍ତପାଇଁ ଲିଖିତ ଭାବେ ଅଭିଯୋଗ କରିଥିଲେ। ଜଣେ ଚାଷୀଙ୍କୁ ୨ଟି ଯୋଜନାରେ ସମାନ ଘର(ଫାର୍ମ ପାଇଁ ଉଦ୍ଦିଷ୍ଟ) ପାଇଁ ପ୍ରଥମେ ୨୦୧୭ରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୪ଲକ୍ଷ ୮୦ହଜାର ଓ ଏବେ ୨୦୨୪ ମସିହାରେ ଡବ୍ଲ୍ୟୁଏସଏଚଜି ଯୋଜନାରେ ୨ଲକ୍ଷ ୮୮ହଜାର ଟଙ୍କା ହଡପ କରାଯାଇଥିବା ଜଣାପଡ଼ିଥିଲା। ଏଥିପାଇଁ ପ୍ରଥମ ଘରକୁ ଦ୍ୱିତୀୟ ଥର ଚୁନ ଲଗାଯାଇ ନୂଆଘର ବୋଲି ଦର୍ଶାଇ ଠକ୍‌କତା କରାଯାଇଥିବା ଜଣାପଡ଼ିଥିଲା। ଏଥିପାଇଁ ଏକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ମଧ୍ୟ ବଳି ପକାଯାଇ ତାଙ୍କ ନାମରେ ଅର୍ଥ ଉଠାଯାଇ ଗୋଷ୍ଠୀରେ ସଦସ୍ୟ ନଥିବା ଉକ୍ତ ଚାଷୀଙ୍କୁ ଏହି ଅର୍ଥ ପ୍ରଦାନ କରାଯାଇଛି। ସମସ୍ତ ଜାଲିଆତି ଜଣେ ପ୍ରାଣୀଧନ ନୀରିକ୍ଷକଙ୍କ ଦ୍ୱାରା ସମ୍ପାଦିତ କରାଯାଇଥିବା ଉକ୍ତ ଚାଷୀ ଜଣକ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଖଇରା ବ୍ଲକରେ ଏହିଭଳି ଭାବେ ୧୫ରୁ ଉର୍ଦ୍ଧ୍ୱ କୁକୁଡା ଓ ଛେଳି ଚାଷୀଙ୍କ ପାଇଁ ଆସିଥିବା କୋଟିଏ ଉର୍ଦ୍ଧ୍ୱ ଟଙ୍କା ହଡପ ହୋଇଥିବା ଅଭିଯୋଗ ହୋଇଛି। ଜିଲା ଉପଖଣ୍ଡ ପ୍ରାଣିଚିକିତ୍ସାଧିକାରୀ ସୁଖେନ୍ଦୁ ରାୟ, ନୀଳଗିରି ଏସଡିଭିଓ ଜଗଦିଶ ଚାନ୍ଦ ପ୍ରମୁଖ ଏହି ତଦନ୍ତ ଟିମରେ ସାମିଲ ଥିଲେ। ଏ ସମ୍ପର୍କରେ ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ପଚାରିବାରେ ତଦନ୍ତ ଶେଷ ପରେ ନିଯୁକ୍ତକାରୀ ଅଧିକାରୀଙ୍କୁ ଏହି ରିପୋର୍ଟ ପ୍ରଦାନ କରାଯିବ ବୋଲି କହିଛନ୍ତି। ଅପରପକ୍ଷେ ପ୍ରାଣୀଧନ ନୀରିକ୍ଷକ ଶ୍ରୀ ମଲ୍ଲିକ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି।

# ଭୋଗରାଇରେ ପୁଲିସ ଓ ବିଏସ୍‌ଏଫ୍ ଯବାନଙ୍କ ଫ୍ଲାଗ୍‌ମାର୍ଚ୍ଚ



ଭୋଗରାଇ, ୧୫।୫ (ସମିସ) : ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଭୋଗରାଇ ଥାନା ଅନ୍ତର୍ଗତ ତଥା ଭୋଗରାଇ ବ୍ଲକର କେନ୍ଦ୍ରସ୍ଥଳ ଥାନାଛକ ଅଞ୍ଚଳରେ ଭୋଗରାଇ ଥାନା ପୁଲିସ ଓ ବିଏସଏଫ ଯବାନଙ୍କ ପକ୍ଷରୁ ବୁଧବାର ଅପରାହ୍ନରେ ଏକ ବିଶାଳ ପୁଲିସ ଫ୍ଲାଗ୍‌ମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା, କୌଣସି ଅପ୍ରୀତିକର ପରିସ୍ଥିତିରୁ ଦୂରେଇ ରହିବା, ବେଆଇନ ନିଶା ବ୍ୟବସାୟ ଉପରେ ଅଙ୍କୁଶ ଲଗାଇବା, ଉତ୍ତେଜନା ସୃଷ୍ଟି ହେଲା ଭଳି କୌଣସି କାର୍ଯ୍ୟ ନକରିବା ଆଦିକୁ ନେଇ ଜନ ସାଧାରଣଙ୍କୁ ସଚେତନ କରିବା ଏବଂ ନିର୍ବାଚନକୁ ସମ୍ପୂର୍ଣ୍ଣ ଭୟଶୂନ୍ୟ, ସ୍ୱଚ୍ଛ ଓ ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ ପୁଲିସ ଏହି ଫ୍ଲାଗ ମାର୍ଚ୍ଚ କରିଛି। ବାଲେଶ୍ୱର ଏସପି ସାଗରିକା ନାଥଙ୍କ ନିର୍ଦ୍ଦେଶରେ ଏବଂ ଜଳେଶ୍ୱର ଏସଡିପିଓ ଦିଲ୍ଲୀପ କୁମାର ସାହୁ ଓ ଭୋଗରାଇ ଥାନା ଆଇଆଇସି ସୁଦୀପ୍ତ କୁମାର ସାହୁଙ୍କ ମିଳିତ ନେତୃତ୍ୱରେ ଭୋଗରାଇ ଥାନା ପୁଲିସ, ଚନ୍ଦନେଶ୍ୱର ଫାଣ୍ଡି ପୁଲିସ, ଲକ୍ଷ୍ମୀପାଟଣା ଫାଣ୍ଡି ପୁଲିସ, ତାଳସାରି ମେରାଇନ ଥାନା ପୁଲିସ ଏବଂ ଦୁଇ ପ୍ଲାଟୁନ ବିଏସଏଫ ଯବାନ ଏହି ଫ୍ଲାଗ ମାର୍ଚ୍ଚରେ ଅଂଶଗ୍ରହଣ କରିଥିଲେ। ଏହି ଫ୍ଲାଗ ମାର୍ଚ୍ଚ ଭୋଗରାଇ ଥାନା ପରିସରରୁ ବାହାରି ଭୋଗରାଇ ବ୍ଲକ କାର୍ଯ୍ୟାଳୟ, ଥାନାଛକ, ଦେହୁର୍ଦ୍ଦା ଛକ, ବାଟଗ୍ରାମ ପରିକ୍ରମା କରି ଥାନାରେ ପହଞ୍ଚିଥିଲା। ଭୋଗରାଇ ଥାନା ଏସଆଇ ଅର୍ପିତା ପ୍ରିୟଦର୍ଶିନୀ ଦାସ, ଏଏସଆଇ ଗତିକୃଷ୍ଣ ଜେନା, ଏଏସଆଇ ହୃଷିକେଶ ବିଶ୍ୱାଳ, ଏଏସଆଇ ପ୍ରିୟଦର୍ଶିନୀ ଖଟୁଆ, ଲକ୍ଷ୍ମୀପାଟଣା ପୁଲିସ ଫାଣ୍ଡି ଅଧିକାରୀ ଏସଆଇ ଅଶୋକ କୁମାର ଦାସ, ଚନ୍ଦନେଶ୍ୱର ପୁଲିସ ଫାଣ୍ଡି ଅଧିକାରୀ ଏସଆଇ ବନବିହାରୀ ଶତପଥୀ, ତାଳସାରି ମେରାଇନ ଥାନା ଆଇଆଇସି ଚମ୍ପାବତୀ ସୋରେନ, ହାବିଲଦାର ନଳିନୀ ପଣ୍ଡା ପ୍ରମୁଖଙ୍କ ସମେତ ସମସ୍ତ କନେଷ୍ଟବଳ, ହୋମଗାର୍ଡ ଓ ୨ ପ୍ଲାଟୁନ ବିଏସଏଫ ଯବାନ ଏହି ଫ୍ଲାଗମାର୍ଚ୍ଚରେ ଅଂଶଗ୍ରହଣ କରିଥିଲେ।

## ଉତ୍ତରେଶ୍ୱର ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲର ଶତ ପ୍ରତିଶତ ଫଳାଫଳ

ସୋର, ୧୫।୫(ସମିସ): ସୋର ଉତ୍ତରେଶ୍ୱର ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲର ପ୍ରକାଶିତ ସିବିଏସ୍‌ଇ ଦଶମଶ୍ରେଣୀ ପରୀକ୍ଷା ଫଳାଫଳରେ ଛାତ୍ରଛାତ୍ରୀ ଶତପ୍ରତିଶତ କୃତିତ୍ୱ ହାସଲ କରିଛନ୍ତି। ଏହି ସ୍କୁଲରେ ଚଳିତ ବର୍ଷ ୧୦୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୫ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଅନ୍ୟ ୯ ଜଣ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ୪ ଜଣ ଛାତ୍ରଛାତ୍ରୀ ଶତକଡ଼ା ୯୦ରୁ ଅଧିକ ନମ୍ବର ରଖିଥିବା ବେଳେ ରୁଦ୍ରମାଧବ ଗିରି ୯୬.୨ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ପ୍ରଥମସ୍ଥାନ ଅଧିକାର କରିଛନ୍ତି। ସେହିପରି ଶୁଭସ୍ମିତା ଭୁଟିଆ(୯୨ଧ), ସଗୁପ୍ତା ଖାନ୍(୯୧.୬ଧ) ଏବଂ ଶୁଭସ୍ମିତା ପାତ୍ର(୯୦ଧ) ନମ୍ବର ରଖି ବିଦ୍ୟାଳୟକୁ ଗୌରାବାନ୍ୱିତ କରିଥିବାରୁ ସମସ୍ତ ଛାତ୍ରୀମାନଙ୍କୁ ବିଦ୍ୟାଳୟର ଚେୟାରମ୍ୟାନ୍ ଇଂ. ବନମାଳୀ ଦାସ ଅଭିନନ୍ଦନ ଜଣାଇବା ସହିତ ଉତ୍ତରୋତ୍ତର କାମନା କରିଥିବା ବେଳେ ନିର୍ଦ୍ଦେଶକ ଅଶୋକ କୁମାର ମହାନ୍ତି ଏହି କୃତିତ୍ୱ ପାଇଁ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷିକାମାନଙ୍କୁ ସାଧୁବାଦ ଜଣାଇଛନ୍ତି।

## କୁମ୍ଭାରୀ ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ



ବାଲିଆପାଳ, ୧୫।୫(ସମିସ): ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ବାଲିଆପାଳ ବ୍ଲକ କୁମ୍ଭାରୀ ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ପୂର୍ବତନ ସମିତି ସଦସ୍ୟ ପ୍ରଭାକର ଜେନାଙ୍କ ବାସଭବନରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ବରିଷ୍ଠ ନେତା ଭଗୀରଥ ଗିରି ସଭାପତିତ୍ୱ କରିଥିଲେ। କର୍ମୀ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ବାଲେଶ୍ୱରର ପୂର୍ବତନ ସାଂସଦ ତଥା ବିଜେଡିର ଷ୍ଟାର ପ୍ରଚାରକ ଇଂ ରବୀନ୍ଦ୍ର କୁମାର ଜେନା ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିବା ସହ ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନାଙ୍କୁ ଏବଂ ସାଂସଦ ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ଶଙ୍ଖ ଚିହ୍ନରେ ମୋହର ମାରି ବିପୁଳ ସଂଖ୍ୟାରେ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ। ଏହି କର୍ମୀ ସମ୍ମିଳନୀରେ ଶ୍ରୀରାମପୁର ସରପଞ୍ଚ ଦେବ କୁମାର ଦେ, ଜୋନ୍ ପର୍ଯ୍ୟବେକ୍ଷକ ଯଯାତି ଦାସ, ପୂର୍ବତନ ସମିତି ସଦସ୍ୟ ଝାଡେଶ୍ୱର ବେହେରା, ବରିଷ୍ଠ ନେତା ଲକ୍ଷ୍ମୀଧର ସେଠୀ, ପ୍ରଫୁଲ୍ଲ ପାତ୍ର, ଆଡଭୋକେଟ୍ ମାନସ ମହାପାତ୍ର, କ୍ରୀଷ୍ଣା ଦାସ, ଛାତ୍ରନେତା ଚନ୍ଦନ ଜେନା, ସନ୍ତୋଷ ଦାସ ପ୍ରମୁଖ ବହୁ ନେତୃବୃନ୍ଦ ଏବଂ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ଖଇରା ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ




ଖଇରା, ୧୫।୫ (ସମିସ): ବାଲେଶ୍ୱର ଜିଲା ଖଇରା ପଞ୍ଚାୟତ ସମ୍ମୁଖ ପଡ଼ିଆରେ ବୁଧବାର ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ମାନବ ସମ୍ବଳ ସଂସ୍କୃତି ବିକାଶ ବିଭାଗ ସମ୍ପାଦକ ଶଶିକୁମାର ସାହୁ ଯୋଗ ଦେଇ ନବୀନ ସରକାରଙ୍କ ନିର୍ମଳ ଓ ସ୍ୱଚ୍ଛ ଶାସନ ତଥା ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କ ପାଇଁ ଯୋଜନା ପ୍ରଣୟନ କରି ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଭାବେ ଦେଶରେ ୧ନମ୍ବର ସ୍ଥାନ ଅଧିକାର କରିଛନ୍ତି। ଏଣୁ ଭୋଟର ମାନେ ଷଷ୍ଠଥର ପାଇଁ ତାଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ସହ ସିମୁଳିଆର ବିଜେଡି ପ୍ରାର୍ଥିନୀ ସୁବାସିନୀ ସାହୁ ଓ ଭଦ୍ରକର ଏମପି ପ୍ରାର୍ଥିନୀ ମଞ୍ଜୁଲତା ମଣ୍ଡଳଙ୍କୁ ଭୋଟର ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଜୟୀ କରାଇବେ ବୋଲି କହିଥିଲେ।। ଉକ୍ତ କର୍ମୀ ସମ୍ମିଳନୀରେ ବ୍ଲକ ବିଜେଡି ସଭାପତି ବ୍ରଜକିଶୋର ମହାନ୍ତି, ଖଇରା ସରପଞ୍ଚ ମାଳତୀ ସେଠୀ, ସମିତିସଭ୍ୟା ନର୍ମଦା ଦେଓ, ବ୍ଲକ ଉପାଧକ୍ଷା ଗଜେନ୍ଦ୍ର ପ୍ରସାଦ ପରିଡ଼ା, ସାରକୋଣା ସରପଞ୍ଚ ସୁଶାନ୍ତ କୁମାର ନାୟକ, ଅନ୍ତର୍ଯ୍ୟାମୀ ପାତ୍ର, ଯୁବନେତା ରାକେଶ ଗଦାଧର ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଅସୁରକ୍ଷିତ ହଳଦୀପଦା ବାଇପାସ୍, ସନ୍ଧ୍ୟାରେ ଅସାମାଜିକଙ୍କ ଆଡ୍ଡା

ବାଲେଶ୍ୱର, ୧୫।୫(ସମିସ):

ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ଅନ୍ୟ ଏକ ପ୍ରମୁଖ ସ୍ଥାନ ହେଉଛି ହଳଦୀପଦା। ଏହି ସ୍ଥାନ ସଦର ନିର୍ବାଚନମଣ୍ଡଳୀର ଗୁରୁତ୍ୱ ବହନ କରୁଥିବା ବେଳେ ରାଜ୍ୟ ସରକାର ଏହି ସ୍ଥାନରୁ ବାଲିଆପାଳ ପର୍ଯ୍ୟନ୍ତ ଷ୍ଟେଟ ହାଇୱେ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରିଛନ୍ତି। ଏବେ ଏହି ହଳଦୀପଦା ବାଇପାସ୍ ରାସ୍ତା ଅସୁରକ୍ଷିତ ହୋଇପଡ଼ିଛି। ଏଠାରେ ସନ୍ଧ୍ୟାରେ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟୁଥିବା ବେଳେ ସେହି ସ୍ଥାନ ଦେଇ ବିଭିନ୍ନ ସ୍ଥାନକୁ ଯିବା ପାଇଁ ଲୋକେ ଡରୁଛନ୍ତି। ଏପରିକି ଏହି ବାଇପାସ ଉପରେ ପାଖାପାଖି ୨୦ଟି ପଞ୍ଚାୟତର ଲୋକେ ନିର୍ଭର କରୁଥିବା ବେଳେ ଦୈନିକ ହଜାର ହଜାର ଲୋକେ ଯିବା ଆସିବା କରୁଥିବା ବେଳେ ଯାତ୍ରୀବାହୀ ବସ ଗୁଡିକ ମଧ୍ୟ ଯିବା ଆସିବା କରୁଛି। ଏପରିକି ରାତିରେ ସେଠାରେ ଲାଇଟ ନଥିବା ବେଳେ ଉକ୍ତ ରାସ୍ତାଟି ଅନ୍ଧାର ହୋଇପଡୁଛି। କିଛି ଦିନ ପୂର୍ବରୁ ସେଠାରୁ ମୃତ ଦେହ ଉଦ୍ଧାର ହୋଇଥିଲା। ଏଣୁ ଦୀର୍ଘ ଦିନ ଧରି ବ୍ୟାସକବି ସାଂସ୍କୃତିକ ସଙ୍ଗଠନ ସମେତ ହଳଦୀପଦା ବାସୀ ଏଠାରେ ଥିବା ଅସୁବିଧାକୁ ଦୂର କରିବା ପାଇଁ ଦାବି କରି ଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ।

ସୂଚନା ଅନୁସାରେ, ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ତଥା ସଦର ବ୍ଲକ ଅଧିନରେ ରହିଛି ଏହି ହଳଦୀପଦା। ଆଉ ଏଠାରେ ରହିଛି ହଳଦୀପଦା ବାଇପାସ। ଏହି ବାଇପାସ ଉପରେ ଦୈନିକ ହଜାର ହଜାର ଲୋକେ ଯିବା ଆସିବା ପାଇଁ ନିର୍ଭର କରୁଥିବା ବେଳେ ଦୈନିକ ଶହ ଶହ ଗାଡି ମୋଟର ମଧ୍ୟ ଯିବା ଆସିବା କରୁଛି। ଏପରିକି ବାଲେଶ୍ୱରରୁ ବାଲିଆପାଳ, ଜଳେଶ୍ୱର, ବସ୍ତା, ଚନ୍ଦନେଶ୍ୱର ପର୍ଯ୍ୟନ୍ତ ଯାତ୍ରାବାହୀ ବସ ଗୁଡିକ ଯାତାୟାତ କରନ୍ତି। ପୂର୍ବରୁ ଏହି ବସ ଗୁଡିକ ହଳଦୀପଦା ବଜାର ମଧ୍ୟ ଦେଇ ଯାତାୟାତ କରୁଥିବା ବେଳେ ଜାତୀୟ ରାଜପଥ ୬୦ସମ୍ପ୍ରସାରଣ ହେବା ପରେ ବସ ଗୁଡିକ ରାଜପଥ ଦେଇ ଯିବା ଆସିବା କରୁଛନ୍ତି। ଫଳରେ ସେଠାରେ ଏକ ବାଇପାସ ନିର୍ମାଣ କରାଗଲା। ଏହି ବାଇପାସ ରାସ୍ତାରୁ ଲୋକେ ମୁହାଣ ସମେତ ବାଲିଆପାଳ, ଲଙ୍ଗଳେଶ୍ୱର, ବସ୍ତା, ଜଳେଶ୍ୱର, ଚନ୍ଦନେଶ୍ୱର ଆଦି ଯିବା ଆସିବା କରନ୍ତି। ଅନ୍ୟପଟେ ଏହି ବାଇପାସ ଉପରେ ପାଖାପାଖି ୨୦ଟି ପଞ୍ଚାୟତର ଲୋକମଧ୍ୟ ନିୟମିତ ଭାବେ ନିର୍ଭର କରିଥାଆନ୍ତି। ହେଲେ ଏହି ବାଇପାସ ରାସ୍ତାଟି ଏବେ ଅସୁରକ୍ଷିତ ହୋଇପଡ଼ିଛି। ଯାତ୍ରାବାହୀ ବସ ଗୁଡିକ କେତେବେଳେ ରାଜପଥ ଉପରେ ପ୍ୟାସେଞ୍ଜର ଓହ୍ଲାଉଥିବା



ବେଳେ କେତେବେଳେ ବାଇପାସ ପୋଲ ତଳେ ଯାତ୍ରୀମାନଙ୍କୁ ଓହ୍ଲାଉଛନ୍ତି। ଫଳରେ ସେଠାରେ ଯାତ୍ରୀମାନଙ୍କ ବସିବା ପାଇଁ ଗୋଟିଏ ଯାତ୍ରୀ ବିଶ୍ରାମାଗାର ନ ଥିବା ବେଳେ ପିଇବା ପାଇଁ ମଧ୍ୟ ପାଣିର ବ୍ୟବସ୍ଥା ନାହିଁ। ସବୁଠାରୁ ଗୁରତ୍ୱପୂର୍ଣ୍ଣ କଥା ହେଉଛି ଏଠାରେ ଗୋଟିଏ ଲାଇଟ ବ୍ୟବସ୍ଥା ନଥିବାରୁ ରାତିରେ ଲୋକମାନେ ବହୁ ଅସୁବିଧାରେ ସମ୍ମୁଖୀନ ହୁଅନ୍ତି। ଏପରିକି ଏହି ବାଇପାସ ରାସ୍ତାରୁ ମୁହାଣ ଆଡକୁ ଯିବା ପାଇଁ ରାସ୍ତା ରହିଛି। ହେଲେ ସେଠାରେ ଏକ ଲାଇଟ ବ୍ୟବସ୍ଥା ନଥିବା କାରଣରୁ ଅସାମାଜିକ ବ୍ୟକ୍ତିମାନଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏପରିକି କିଛି ଦିନ ପୂର୍ବରୁ ସେଠାରେ ଏକ ମୃତଦେହ ଉଦ୍ଧାର ହୋଇଥିଲା। ହେଲେ ରାତିରେ ଏହି ବାଇପାସ ଠାରେ ପାଟ୍ରୋଲିଂ କରାଯାଉନଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଛି। ଅନ୍ୟପଟେ ବସ୍ତା ପୁଲିସ ହେଉ କିମ୍ବା ହାଇୱେ ପାଟ୍ରୋଲିଂ ପୁଲିସ ହେଉ କେହି ଏଠାରେ ପାଟ୍ରୋଲିଂ କରୁନଥିବା ଦେଖିବାକୁ ମିଳିଛି। ଫଳରେ ଅସାମାଜିକ ବ୍ୟକ୍ତିଙ୍କ ପାଇଁ ଏହା ଏକ ନିର୍ଭୟର ସ୍ଥାନ ପାଲଟିଛି। ଏ ନେଇ ବ୍ୟସକବି ସାଂସ୍କୃତିକ ସଙ୍ଗଠନର ସଭାପତି ମହେନ୍ଦ୍ର ସାହୁଙ୍କ ସମେତ ଗ୍ରାମବାସୀ ଅନୀଲ କୁମାର ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ହଳଦୀପଦା ବାଇପାସ ଏବେ ସବୁ ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଛି। ଏହି ବାଇପାସ ଉପରେ ହଳଦୀପଦା, କୁରାଡ଼ିଆ, ଦୁବୁଲାଗଡ଼ି, ଛାନୁଆ, ସାର୍ଥା, କୁଣ୍ଡଳୀ ଆଦି ପଚାଂୟତ ସମେତ ପାଖାପାଖି ୨୦ଟି ପଞ୍ଚାୟତ ଯାତାୟାତ ପାଇଁ ନିର୍ଭର କରନ୍ତି। ଏପରିକି ଏଠାରେ ଯାତ୍ରୀବାହି ବସ ରହିଲେ ଯାତ୍ରୀମାନଙ୍କ ପାଇଁ ଯାତ୍ରୀ ବିଶ୍ରାମଗାର ନଥିବାରୁ ଲୋକେ ଖରା, ବର୍ଷାରେ ବାଧ ହୋଇ ରାସ୍ତା ଉପରେ ଠିଆ ହେଉଛନ୍ତି। ଅନ୍ୟପଟେ ଏଠାରେ ଯାତ୍ରୀଙ୍କ ପାଇଁ ପିଇବା ପାଣିର ସୁବିଧା ନଥିବା ବେଳେ ବିଦ୍ୟୁତ ବ୍ୟବସ୍ଥା ନାହିଁ। ଏପରିକି ସନ୍ଧ୍ୟା ପରେ ଏଠାରେ ଆସାମାଜିକ ଲୋକମାନଙ୍କ ଆଡ୍ଡାସ୍ଥଳି ପାଲଟୁଥିବାରୁ ବିଭିନ୍ନ ଛିନ୍ତାଇ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଫଳରେ ରାତିରେ ଲୋକେ ଏଠାରେ ଯିବା ଆସିବା ପାଇଁ ମଧ୍ୟ ଡରୁଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉ।

## ଲକ୍ଷ୍ୟ କମ୍ପିଟେଟିଭ୍ ପକ୍ଷରୁ ରକ୍ତଦାନ ଶିବିର




**● ୨୩୦ ୟୁନିଟ୍ ରକ୍ତ ସଂଗୃହୀତ**

ସୋର, ୧୫।୫(ସମିସ): ରକ୍ତ ଅଭାବକୁ ଦୂର କରିବାକୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ରକ୍ତଦାତାମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଛନ୍ତି। ସୋର ମାଟିଆପଲା ଛକସ୍ଥିତ ଅଗ୍ରୀଣ ଶିକ୍ଷାନୁଷ୍ଠାନ ଲକ୍ଷ୍ୟ କମ୍ପିଟେଟିଭ ଅନୁଷ୍ଠାନ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଏଚଡିଏଫ୍ସି ବ୍ୟାଙ୍କର ସର୍କଲ ମୁଖ୍ୟ ଦୀପକ କୁମାର ପଟ୍ଟନାୟକ ଶିବିରକୁ ଉଦଘାଟନ କରିଥିବା ବେଳେ ଲକ୍ଷ୍ୟ କମ୍ପିଟେଟିଭର ପ୍ରତିଷ୍ଠାତା କବିନ୍ଦ୍ର ପଣ୍ଡା, ପରିଚାଳନା ମୁଖ୍ୟ ଅଭିରାମ ପଣ୍ଡା ଶିବିରକୁ ପରିଚାଳନା କରିଥିଲେ। କେନ୍ଦ୍ରୀୟ ରକ୍ତ ଭଣ୍ଡାର କଟକର ଡାକ୍ତର ସତ୍ୟସ୍ୱରୂପ ରାୟ ରକ୍ତଦାତାଙ୍କର ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିଥିବା ବେଳେ ଏଲ୍‌ଟି ରଞ୍ଜିତ କୁମାର ସାହୁ, କୋଡିନେଟର ଅବିନାଶ ଦାସ, ପ୍ରସନ୍ନ କୁମାର ସ୍ୱାଇଁ, ମୃତ୍ୟୁଞ୍ଜୟ ବେଜ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଭିଟାଲିଟ ହେଲଥ କେୟାରର କର୍ମଚାରୀମାନେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର କରିଥିବା ବେଳେ ହୃଷୀକେଶ ମିଶ୍ର, ନିରଞ୍ଜନ ତ୍ରିପାଠୀ ବରିଷ୍ଠ ସାମ୍ବାଦିକ ଗୌରୀଶଙ୍କର ଘଡାଇ, ସୋର ଶ୍ରୀରାମ ସେନାର ସମ୍ପାଦକ ମନୀଷ ଗୁପ୍ତା, ଆଦର୍ଶ ଯୁବ ପରିଷଦର ସଭାପତି ପୃଥିବୀ ବେହେରା, ସଞ୍ଜୟ ଦାସ, ପୂଜ୍ୟପୂଜା ସଂସଦର ସଭାପତି ଅଜୟ କୁମାର ଦାସ, ସୁକାନ୍ତି ସାହୁ, ଶ୍ରୀକାନ୍ତ ଧଳ, ଚନ୍ଦନେଶ୍ୱର ସ୍ୱଚ୍ଛାସେବୀ ସଂଗଠନର ମୁଖ୍ୟ ନରେନ୍ଦ୍ର ସାମଲ, ମହେନ୍ଦ୍ର ସାହୁ ଓ ସାମ୍ବାଦିକ ଅଭୟ ପତ୍ରୀ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

ବାଲେଶ୍ୱର ଲୋକସଭାରେ ୨୦ ଓ ୮ ବିଧାନସଭାରେ ୬୯ ପ୍ରାର୍ଥୀଙ୍କ ନାମାଙ୍କନ

# ୭ ବିଧାୟକ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ନାକଚ





**ବାଲେଶ୍ୱର, ୧୫।୫(ସମିସ):**

ସାଧାରଣ ନିର୍ବାଚନର ସପ୍ତମ ପର୍ଯ୍ୟାୟରେ ବାଲେଶ୍ୱର ଜିଲ୍ଲାରେ ହେବାକୁ ଥିବା ମତଦାନ ପାଇଁ ଗତ ୭ ତାରିଖଠାରୁ ନାମାଙ୍କନ ଦାଖଲ ଆରମ୍ଭ ୧୪ ତାରିଖରେ ସରିଛି। ଏଥିରେ ଜିଲ୍ଲାର ଲୋକସଭା ଆସନ(୬) ଓ ଜଳେଶ୍ୱର(୩୫), ଭୋଗରାଇ(୩୬), ବସ୍ତା(୩୭), ବାଲେଶ୍ୱର(୩୮), ରେମୁଣା(୩୯), ନୀଳଗିରି(୪୦), ସୋର(୪୧) ଏବଂ ସିମୁଳିଆ(୪୨) ଆଦି ୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନାମାଙ୍କନ ପତ୍ର ଦାଖଲ ହୋଇଥିଲା। ଏଥିରେ ମୋଟ ୨୦ଜଣ ପ୍ରାର୍ଥୀ ଲୋକସଭା ଆସନ ପାଇଁ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ୬୯ଜଣ ବିଧାୟକ ପ୍ରାର୍ଥୀ ନିଜର ନାମାଙ୍କନ ପତ୍ର ଦାଖଲ କରିଥିଲେ। ତେବେ ଲୋକସଭା ପାଇଁ ୨୦ଜଣ ପ୍ରାର୍ଥୀ ମୋଟ ୩୯ଟି ସେଟ ଦାଖଲ କରିଥିବା ବେଳେ ୬୯ଜଣ ବିଧାୟକ ପ୍ରାର୍ଥୀ ମୋଟ୧୩୩ଟି ସେଟ ଦାଖଲ କରିଛନ୍ତି। ବୁଧବାର ନାମାଙ୍କନ ପତ୍ର ଗୁଡିକ ଯାଞ୍ଚ କରାଯାଇଥିବା ବେଳେ ଆସନ୍ତା ୧୭ତାରିଖ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ସମୟ ରହିଛି। ଏହାପରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ସେହି ଅନୁସାରେ ଆଜି ନାମାଙ୍କନ ହୋଇଥିବା ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ଯାଞ୍ଚ ଚାଲିଛି। ଜିଲ୍ଲାପାଳ ସମସ୍ତ ଲୋକସଭା ପ୍ରାର୍ଥିଙ୍କ ନାମାଙ୍କନ ପତ୍ର ଯାଞ୍ଚ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କ ଠାରେ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ପାଇଁ ହୋଇଥିବା ପ୍ରାର୍ଥିପତ୍ର ଯାଞ୍ଚ କରିଛନ୍ତି। ସେହିପରି ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ ଠାରେ ହୋଇଥିବା ସୋର ଏବଂ ସିମୁଳିଆ ନିର୍ବାଚନ ମଣ୍ଡଳୀ ପାଇଁ ନାମାଙ୍କନ ପତ୍ର ଯାଞ୍ଚ ଚାଲିଛି। ଅନ୍ୟପଟେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଠାରେ ହୋଇଥିବା ରେମୁଣା ଏବଂ ବସ୍ତା ନିର୍ବାଚନ ମଣ୍ଡଳୀ ପାଇଁ ନାମାଙ୍କନ ପତ୍ର ଯାଞ୍ଚ ଚାଲିଥିବା ବେଳେ ଅତିରିକ୍ତ ଉପଜିଲ୍ଲାପାଳ ଶୁଭଶ୍ରୀ ରଥଙ୍କ ଠାରେ ଜଳେଶ୍ୱର ଏବଂ ଭୋଗରାଇ ନିର୍ବାଚନ ମଣ୍ଡଳୀ ପାଇଁ ହୋଇଥିବା ନାମାଙ୍କନ ପତ୍ର ଦାଖଲ ଯାଞ୍ଚ ଚାଲିଛି। ସେହିଭଳି ନୀଳଗିରି ସବଡିଭିଜନରେ ନୀଳଗିରି ଉପଜିଲ୍ଲାପାଳ ମନ୍ଦାରଧର ମହାଲିକଙ୍କ ଠାରେ ହୋଇଥିବା ନୀଳଗିରି ନିର୍ବାଚନ ମଣ୍ଡଳୀ ପାଇଁ ନାମାଙ୍କନ ପତ୍ର ଯାଞ୍ଚ ଚାଲିଛି। ତେବେ ରିପୋର୍ଟ ଲେଖାହେଲା ବେଳକୁ ୭ ବିଧାୟକ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ନାକଚ ହୋଇଛି। ସଦର ନିର୍ବାଚନ ମଣ୍ଡଳୀ (୩୮) ରୁ ୪ଜଣ, ସୋର (୪୧) ରୁ ଜଣେ ଏବଂ ସିମୁଳିଆ (୪୨) ରୁ ୨ଜଣଙ୍କ ପ୍ରାର୍ଥିପତ୍ର ନାକଚ ହୋଇଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ସପ୍ତମ ପର୍ଯ୍ୟାୟରେ ବାଲେଶ୍ୱରରେ ମତଦାନ ଅନୁଷ୍ଠିତ ହେବ। ଏଥିପାଇଁ ଏବେ ସବୁଆଡେ ନିର୍ବାଚନ ମାହୋଲ ଆରମ୍ଭ ହୋଇଥିବା ବେଳେ ବିଭିନ୍ନ ରାଜନୈତିକ ଦଳ ସେମାନଙ୍କର ପ୍ରଚାର କାର୍ଯ୍ୟକ୍ରମ କରୁଛନ୍ତି। ଏ ନେଇ ଗତ ୭ ତାରିଖରେ ଗେଜେଟ ନୋଟିଫିକେସନ ହେବା ପରେ ନାମାଙ୍କନ ଦାଖଲ ଆରମ୍ଭ ହୋଇଥିଲା। ଦୁଇ ଦିନ ଖୁବ କମ ପ୍ରାର୍ଥିମାନେ ସେମାନଙ୍କର ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ଗତ ୧୦ତାରିଖ ଶୁକ୍ରବାରରେ ଅଧିକ ସଂଖ୍ୟକ ପ୍ରାର୍ଥିମାନେ ସେମାନଙ୍କର ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ୧୩ତାରିଖ ସୋମବାର ଏବଂ ୧୪ତାରିଖ ମଙ୍ଗଳବାର ଅଧିକ ପ୍ରାର୍ଥିମାନେ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଥିଲେ। ତେବେ ଏହି ଛଅ ଦିନରେ ଜିଲ୍ଲାର ୮ଟି ନିର୍ବାଚନ ମଣ୍ଡଳୀ ପାଇଁ ମୋଟ ୬୯ଜଣ ବିଧାୟକ ପ୍ରାର୍ଥୀ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଲୋକସଭା ପାଇଁ ଏହି ଦିନରେ ମୋଟ ୨୦ଜଣ ପ୍ରାର୍ଥୀ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ତେବେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ପାଇଁ ମୋଟ ୮ଜଣ ପ୍ରାର୍ଥି ୧୪ଟି ସେଟ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଭୋଗରାଇ ନିର୍ବାଚନ ମଣ୍ଡଳୀ ପାଇଁ ମୋଟ ୫ଜଣ ପ୍ରାର୍ଥି୧୨ଟି ସେଟ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ବସ୍ତା ନିର୍ବାଚନ ମଣ୍ଡଳୀ ପାଇଁ ମୋଟ୧୧ଜଣ ପ୍ରାର୍ଥି ୨୨ଟି ସେଟ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ପାଇଁ ମୋଟ ୧୧ଜଣ ପ୍ରାର୍ଥୀ ୨୩ଟି ସେଟ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ରେମୁଣା ନିର୍ବାଚନ ମଣ୍ଡଳୀ ପାଇଁ ମୋଟ ୯ଜଣ ପ୍ରାର୍ଥି ୧୪ଟି ନାମାଙ୍କନ ସେଟ ଦାଖଲ କରିଥିବା ବେଳେ ନୀଳଗିରି ନିର୍ବାଚନ ମଣ୍ଡଳୀ ପାଇଁ ମୋଟ ୭ଜଣ ପ୍ରାର୍ଥୀ ୧୬ଟି ନାମାଙ୍କନ ସେଟ ଦାଖଲ କରିଛନ୍ତି। ସୋର ନିର୍ବାଚନ ମଣ୍ଡଳୀ ପାଇଁ ମୋଟ ୯ଜଣ ପ୍ରାର୍ଥି ୧୭ଟି ନାମାଙ୍କନ ସେଟ ଦାଖଲ କରିଥିବା ବେଳେ ସିମୁଳିଆ ନିର୍ବାଚନ ମଣ୍ଡଳୀ ପାଇଁ ମୋଟ ୯ଜଣ ପ୍ରାର୍ଥି ୧୫ଟି ନାମାଙ୍କନ ସେଟ ଦାଖଲ କରିଛନ୍ତି।

## ବିଜେଡିର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



**ବାଲେଶ୍ୱର, ୧୫।୫(ସମିସ):** ରେମୁଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତୁଣ୍ଡରା ପଞ୍ଚାୟତର ବିଭିନ୍ନ ୱାର୍ଡରେ ଅନୁଷ୍ଠିତ ହୋଇଯାଇଛି ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ। ଏହି ଅବସରରେ ରେମୁଣା ବିଜେଡି ବିଧାୟକ ପ୍ରାର୍ଥୀ ବିଦ୍ୟାସ୍ମିତା ମହାଳିକ ଘରକୁ ଘର ବୁଲି ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ଏବଂ ନିକଟରେ ବିଜୁ ଜନତା ଦଳ ପକ୍ଷରୁ ଘୋଷଣା ହୋଇଥିବା ନିର୍ବାଚନୀ ଘୋଷଣାପତ୍ର ବିଷୟରେ ଅବଗତ କରାଇ ସଚେତନତା କରାଇବା ସହ ଆସନ୍ତା ଜୁନ ୧ ତାରିଖରେ ଉଭୟ ସାଂସଦ ଏବଂ ବିଧାୟକ ପାର୍ଥିଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଆଶିର୍ବାଦ ଭିକ୍ଷା କରିବା ପୂର୍ବକ ନିବେଦନ କରିଥିଲେ। ଏହି ଅବସରରେ ପ୍ରାର୍ଥୀ ଶ୍ରୀମତୀ ମହାଳିକଙ୍କ ଦ୍ୱାରା ତୁଣ୍ଡରା ବିଜେଡି ନିର୍ବାଚନୀ କାର୍ଯ୍ୟାଳୟ ଉଦଘାଟନ କରାଯାଇଛି। ୩୮ ନମ୍ବର ଜୁନର ଜିଲ୍ଲା ପରିଷଦ ସଭ୍ୟା ବନ୍ଦିତା ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରାରେ ଏହି ପଞ୍ଚାୟତର ୯, ୧୦ ଓ ୧୨ ନମ୍ବର ୱାର୍ଡର ଗୋପାଳ ସାହି, ବିଶ୍ୱାଳ ସାହି, ଗୋଳାପୋଖରୀ, କନକ ସାହି ପ୍ରଭୃତି ଅଞ୍ଚଳରେ ବିଧାୟକ ପ୍ରାର୍ଥୀ ପ୍ରଚାର କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ତୁଣ୍ଡରା ବିଜେଡି ସଭାପତି ସତ୍ୟ ନାରାୟଣ ଶତପଥୀ, ବଡ଼ପାଳ ସରପଞ୍ଚ ଇଂ. କମଳଲୋଚନ ପଣ୍ଡା, ଗଜେନ୍ଦ୍ର ମହାଳିକ, ବିରେନ୍ଦ୍ର ରାଉତ, କୁଳିଗାଁ ନାଏବ ସରପଞ୍ଚ ପୀତବାସ ମହାରଣା, ଉଦୟ ନାରାୟଣ ପଲେଇ, ଜ୍ଞାନରଞ୍ଜନ ନାୟକ, କପିଳ ବିଶ୍ୱାଳ, ସନ୍ଧ୍ୟାରାଣୀ ପଣ୍ଡା, କମଳାକାନ୍ତ ପଣ୍ଡା ପ୍ରମୁଖ ସାମିଲ ହୋଇ ବିଜୁ ଜନତା ଦଳ ପାଇଁ ପ୍ରଚାର କରିଥିଲେ।

## ବିଜେଡିରେ ଯୋଗଦେଲେ ବିଜେପି ଯୁବ ସଂଗଠକ



**ବାଲେଶ୍ୱର, ୧୫।୫(ସମିସ):** ଚଳିତ ନିର୍ବାଚନର ମତଦାନ ଦିବସ ପାଖେଇ ଆସୁଥିବା ବେଳେ ବିଭିନ୍ନ ବିପକ୍ଷ ଦଳର କର୍ମୀ ଓ ସଙ୍ଗଠକମାନେ ବିଜେଡିରେ ମିଶୁଛନ୍ତି। ଏହି ପରିପ୍ରେକ୍ଷୀରେ ପୌରାଞ୍ଚଳ ଅନ୍ତର୍ଗତ ସଦର ବିଜୁ ଜନତା ଦଳ କାର୍ଯ୍ୟାଳୟରେ ବୁଧବାର ସନ୍ଧ୍ୟାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ସ୍ୱରୂପ କୁମାର ଦାସ ଯୋଗ ଦେଇ ଆରଏସଏସ ତଥା ବଜରଙ୍ଗ ଦଳର ସଦସ୍ୟ ତଥା ବିଜେପି ଯୁବ ନେତା ପ୍ରଦୀପ କୁମାର ମହାପାତ୍ର ଏବଂ ତାଙ୍କ ସମର୍ଥକ ଅଜିତ ସିଂ, ଦେବାଶିଷ ବାରିକଙ୍କୁ ଫୁଲତୋଡ଼ା ଓ ଶଙ୍ଖ ଚିହ୍ନ ଥିବା ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ବିଧାୟକ ଦାସ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କଲ୍ୟାଣମୂଳକ ଯୋଜନାଗୁଡ଼ିକୁ ସହରାଞ୍ଚଳରେ କାର୍ଯ୍ୟକାରୀ କରିବା ଦିଗରେ ନୂତନ କର୍ମୀମାନେ ସହଯୋଗ କରିବା ଆବଶ୍ୟକ। ଆଗାମୀ ଦିନରେ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ବିଜେଡିର ସଦର ନିର୍ବାଚନମଣ୍ଡଳୀ ପ୍ରାର୍ଥୀଙ୍କୁ ଜିତାଇବା ଲାଗି ସେ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୌରପାଳିକା ଉପାଧ୍ୟକ୍ଷ କୈଳାଶ ଚନ୍ଦ୍ର ସେଠୀ, ପୂର୍ବତନ ନଗରପାଳ ମନୋଜ ରାଉତ, ଟାଉନ ସଭାପତି ସନତ ଦାସ, ବିଜେଡିର ରାଜ୍ୟ ଯୁଗ୍ମ ସମ୍ପାଦକ ସତ୍ୟରଞ୍ଜନ ଦାସ, ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଧୀରେନ କୁମାର ନାୟକ, କାଉନସିଲର କାର୍ତ୍ତିକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିକଶିତ ଭାରତ କାର୍ଯ୍ୟକ୍ରମରେ ବାଚସ୍ପତି ଓମ୍ ବିର୍ଲା




**ବାଲେଶ୍ୱର, ୧୫।୫(ସମିସ):** ସ୍ଥାନୀୟ ନୋସି ସମ୍ମିଳନୀ କକ୍ଷରେ 'ବିକଶିତ ଭାରତ ବିକଶିତ ଓଡ଼ିଶା' ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୋକସଭାର୧୭ତମ ବାଚସ୍ପତି ଓମ ବିର୍ଲା ଯୋଗ ଦେଇଥିଲେ। ଆଜି ପୂର୍ବାହ୍ନ ୧୦ଟା୫୦ରେ ନୋସି ଠାରେ ହେଲିକପ୍ଟର ଯୋଗେ ପହଁଚି ଥିଲେ। ଏହି ସମୟରେ ଓମ ବିର୍ଲାଙ୍କୁ ବାଲେଶ୍ୱର ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ, ରେମୁଣା ବିଧାୟକ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସ ଓ ସଦର ବିଧାୟକ ପ୍ରାର୍ଥୀ ମାନସ କୁମାର ଦତ୍ତ ସ୍ୱାଗତ କରିଥିଲେ। ସ୍ୱାଧୀନତାର ୭୫ବର୍ଷ ପରେ ପ୍ରଥମ ଥର ପାଇଁ ଜଣେ ଲୋକସଭାର ବାଚସ୍ପତି ବାଲେଶ୍ୱର ମାଟିରେ ପାଦ ଦେଇଥିବାରୁ ସଂସଦୀୟ କ୍ଷେତ୍ର ସମେତ ସମଗ୍ର ଜିଲ୍ଲା ନିଜକୁ ଗୌରବାନିତ୍ୱ ମନେ କରୁଛି ବୋଲି ସାଂସଦ ଶ୍ରୀ ଷଡ଼ଙ୍ଗୀ କହିଛନ୍ତି। ମମତା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଜୟ ଅଗ୍ରୱାଲ, ରେମୁଣା ବିଧାୟକ ପ୍ରାର୍ଥୀ ଶ୍ରୀ ଦାସ ଓ ସଦର ବିଧାୟକ ପ୍ରାର୍ଥୀ ଶ୍ରୀ ଦତ୍ତ ନିଜର ମତ ରଖିଥିଲେ। ଶେଷରେ ମୁଖ୍ୟଅତିଥି ଶ୍ରୀ ବିର୍ଲା ବିଗତ ଦଶ ବର୍ଷରେ ଭାରତର ବିକାଶର ଗାଥା ବଖାଣିଥିଲେ। ଗୋଟିଏ ସମୟ ଥିଲା ଭାରତ ସାମରିକ କ୍ଷେତ୍ରରେ ଆମେରିକା, ରୁଷ, ଇଂଲଣ୍ଡ, ୟୁରୋପ, ଫ୍ରାନ୍ସ, ଜାପାନ, ଜର୍ମାନୀ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଥିଲା। ମୋଦିଙ୍କ ସଂକଳ୍ପ ଯୋଗୁ ସାମରିକ କ୍ଷେତ୍ରରେ ଆମେ ୮୦ପ୍ରତିଶତ ଆତ୍ମନିର୍ଭରଶୀଳ ହୋଇପରିବା ସହ ରପ୍ତାନି କରୁଛୁ। ୨୦୧୪ପୂର୍ବରୁ ଦେଶରେ ଆତଙ୍କବାଦୀ ଘଟଣା ପ୍ରତିନିୟତ ଘଟୁଥିବା ବେଳେ ଏବେ ଆତଙ୍କବାଦୀ, ମାଓବାଦୀଙ୍କ କାର୍ଯ୍ୟକଳାପକୁ ସଙ୍କୁଚିତ କରାଯାଇଛି। ବିକଶିତ ଭାରତ ବିକଶିତ ଓଡ଼ିଶା ସଭାକାର୍ଯ୍ୟକୁ ସଂଯୋଜକ ମୋହିତ ପୋଦାର ଓ ମମତା ମହାପାତ୍ର ପରିଚାଳନା କରିଥିଲେ।

## ବଜ୍ରପାତ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ



**ବାଲେଶ୍ୱର, ୧୫।୫(ସମିସ):** ବାଲେଶ୍ୱର ଜିଲ୍ଲା ଓ ଏହାର ଆଖପାଖ ଅଞ୍ଚଳବାସୀ ଅନେକ ସମୟରେ ବଜ୍ରପାତ ଜନିତ ମୃତ୍ୟୁ ଓ ଧନଜୀବନ କ୍ଷତି ଘଟୁଛି। ଏହା ଏକ ଚିନ୍ତାର ପ୍ରସଙ୍ଗ ଭାବେ ବିବେଚନା କରି ଫକୀରମୋହନ ବିଶ୍ୱବିଦ୍ୟାଳୟର ଭୂଗୋଳ ବିଭାଗ ଦ୍ୱାରା ଗବେଷଣା ହୋଇଆସୁଛି। ଏଥିସହିତ ଆସନ୍ନ ବର୍ଷାଋତୁରେ ଓ ପ୍ରାକ ମୌସୁମୀରେ ଘଟିବାକୁ ଥିବା ବଜ୍ରପାତ ଜନିତ ଦୁର୍ଘଟଣା ଠାରୁ ଜୀବନ ରକ୍ଷାକୁ ପ୍ରାଧାନ୍ୟ ଦେଇ ବିଶ୍ୱବିଦ୍ୟାଳୟର ସମାଜ ସେବା ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ରଶ୍ମିରେଖା ରାଉତ ଓ ବିଭାଗର ଛାତ୍ରଛାତ୍ରୀ ଗ୍ରାମାଞ୍ଚଳରେ ଲୋକମାନଙ୍କୁ ସଚେତନତା ନିମନ୍ତେ ଅଭିଯାନ ଆରମ୍ଭ କରିଛନ୍ତି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ ଓ ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ମନୋରଞ୍ଜନ ମିଶ୍ରଙ୍କ ପ୍ରେରଣା ଗ୍ରହଣ କରି ଏହି ସଚେତନତା ଅଭିଯାନ ସଫଳ ଭାବେ ଗତ ଏକ ସପ୍ତାହରୁ ଅଧିକ ସମୟ ବ୍ୟାପି କାର୍ଯ୍ୟକ୍ରମ ହୋଇଆସୁଛି। ବଜ୍ରପାତ ଠାରୁ ସତର୍କ ରହିବାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରଣାଳୀ ଛାତ୍ରଛାତ୍ରୀ ପଥପ୍ରାନ୍ତ ନାଟକ ପରିବେଷଣ ମାଧ୍ୟମରେ ବୁଝାଉଛନ୍ତି। ଏଥିସହ ମୋବାଇଲ ଫୋନରେ 'ଦାମିନୀ' ଆପ ଡାଉନଲୋଡ କରି ଏହାର ବ୍ୟବହାର ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଉଛନ୍ତି। ଲୋକମାନଙ୍କ ପାଖରେ ସମସ୍ତ ସତର୍କ ସୂଚନା ପହଞ୍ଚାଇବାର ପ୍ରୟାସରେ ମୁଦ୍ରିତ ଲିଫଲେଟ ମଧ୍ୟ ପ୍ରଦାନ କରାଯାଉଛି। ବର୍ତ୍ତମାନ ସୁଦ୍ଧା ଛାତ୍ରଛାତ୍ରୀମାନେ ନୀଳଗିରି, ମିତ୍ରପୁର, ରସାଲପୁର, ନଖରା, ଜଳେଶ୍ୱର, ନାମ୍ପୋ, ବାଲିଆପାଳ, ପଶ୍ଚିମବାଡ, କ୍ଷୀରଚୋରା ଗୋପୀନାଥ ମନ୍ଦିର ଅଞ୍ଚଳ, ଡଗରା ବେଳାଭୂମି ପାଖ ଜନବସତି ଆଦି ଅନେକ ଗାଁ ଗୁଡିକୁ ଯାଇ ସେଠାର ଲୋକଙ୍କୁ ଏକତ୍ରିତ କରିବା ଏହି ସଚେତନତାର ବାର୍ତ୍ତା ପ୍ରଚାର କରୁଛନ୍ତି। ଏଥିସହିତ ଲୋକମାନଙ୍କ ଠାରୁ ମତାମତ ସଂଗ୍ରହ କରି ଏହି ସଚେତନଶୀଳ କାର୍ଯ୍ୟକ୍ରମକୁ ଆହୁରି ଅଧିକ ପ୍ରଭାବଯୁକ୍ତ କରିବାକୁ ଚେଷ୍ଟା କରୁଛନ୍ତି। ଏହି ଅଭିନବ ଅଭିଯାନରେ ବିଭାଗର ଛାତ୍ରଛାତ୍ରୀ ସନ୍ତୋଷ, ନବୀନ, ଅଲିଭା, ଶ୍ରଦ୍ଧା, ବର୍ଷା, ଜୟା, ସୁନିତା ଓ ଅନ୍ୟମାନେ ଅତି ସୁନ୍ଦର ଭାବେ ନାଟକ ପରିବେଷଣ କରି ବଜ୍ରପାତ ସମୟରେ କିଭଳି ସତର୍କତା ଅବଲମ୍ବନ କଲେ ସୁରକ୍ଷିତ ରହିବ ତାହା ବୁଝାଉଛନ୍ତି। ଏହି ନାଟକକୁ ଆସିଷ୍ଟାଣ୍ଟ ପ୍ରଫେସର ରଶ୍ମିରେଖା ରାଉତ ରଚନା ଓ ନିର୍ଦ୍ଦେଶନା ଦେଇ ପ୍ରତିଟି ଜୀବନ ଅମୂଲ୍ୟ ଓ ସଚେତନଶୀଳ ହୋଇ ବଜ୍ରପାତ ଠାରୁ ସୁରକ୍ଷିତ ରହିବାର ବାର୍ତ୍ତା ପ୍ରସାରର ଦାୟିତ୍ୱ ନିର୍ବାହ କରୁଛନ୍ତି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି ଅଭିଯାନର ସଫଳକାମ କରି ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇ ଉତ୍ସାହିତ କରିଛନ୍ତି।

ବାଲେଶ୍ୱର ପୌରପାଳିକା

## ବେନିୟମ ଭାବେ ପୋତା ଚାଲିଛି ଜଳାଶୟ



**ବାଲେଶ୍ୱର, ୧୫।୫(ସମିସ):**

ଭୂତଳ ଜଳ ସଂରକ୍ଷଣ କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାନୁସାରେ ଜଳାଶୟ ଗୁଡିକୁ ନ ପୋତିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କଡାକଡ଼ି କଟକଣା କରାଯାଇଛି। ମାତ୍ର ସରକାରଙ୍କ ନିୟମ ଓ କଟକଣା ଜାରି ରହିଥିଲେ ବି ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ଭିନ୍ନଭିନ୍ନ ସ୍ଥାନରେ ଥିବା ଜଳାଶୟ ଗୁଡିକୁ ମାଟି ପକାଇ ବେଆଇନ ଭାବେ ପୋତାଯାଉ ଥିବାର ଦେଖିବାକୁ ମିଳୁଛି। ଏହିଭଳି ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ଶୋଭାରାମପୁର ମୌଜାର ଜଗନ୍ନାଥ କଲ୍ୟାଣ ମଣ୍ଡପ ପଛପଟେ ଥିବା ଏକ ଘରୋଇ ଜଳାଶୟକୁ ମାଟି ପକାଇ ପୋତି ଦିଆଯାଉଛି। ଏହି ଜଳାଶୟକୁ ବେଆଇନ ଭାବେ ପୋତି ଦିଆଯିବା ପୂର୍ବରୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣକରି ଜଳାଶୟକୁ ଉଦ୍ଧାର କରିବା ପାଇଁ ସମ୍ପୃକ୍ତ ଅଞ୍ଚଳର ସଚେତନ ନାଗରିକ ମହଲରୁ ଦାବି ହେଉଛି।

ପାରିବେଶିକ ଭାରସାମ୍ୟ ରକ୍ଷା କରିବା ଏବଂ ଭୂତଳ ଜଳ ସଂରକ୍ଷଣ କରିବା ପାଇଁ କୌଣସି ପରିସ୍ଥିତିରେ ଜଳାଶୟ ଗୁଡିକୁ ପୋତିବାକୁ ଦିଆଯିବ ନାହିଁ। ଏପରିକି ଅବ୍ୟବହୃତ ଜଳାଶୟ ଗୁଡିକ କ୍ଷେତ୍ରରେ ମଧ୍ୟ ଏହି କଟକଣା ଲାଗୁ କରାଯିବ ବୋଲି ମାନ୍ୟବର ସୁପ୍ରିମ କୋର୍ଟ ଗତ ୨୦୦୧ ଅଗଷ୍ଟ ମାସରେ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ଆମ ପୋଖରୀ ଯୋଜନାରେ ଜିଲ୍ଲାର ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ନୂତନ ପୋଖରୀ ଖୋଳା ଯିବା ସହିତ ପୁରାତନ ପରିତ୍ୟକ୍ତ ପୋଖରୀ ଗୁଡିକୁ ନବୀକରଣ କରାଯାଉଛି। ହେଲେ ବାଲେଶ୍ୱର ପୌରପାଳିକାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ଶୋଭାରାମପୁର ମୌଜାର ଜଗନ୍ନାଥ କଲ୍ୟାଣ ମଣ୍ଡପ ପଛପଟେ ଖାତା ନଂ ୮୫ ଓ ପ୍ଲଟ ନଂ ୪୬୩ ମୂଳେ ଏକ ୭୪ଡ଼ିସିମିଲ ର ଜଳାଶୟ ରହିଛି। ଏହି ଜଳାଶୟକୁ ପୋତିବା ପାଇଁ ବର୍ତ୍ତମାନ ଟ୍ରକଟ୍ରକ ମାଟି ପକାଯାଇ ଏହି ଜଳାଶୟକୁ ପୋତା ଯାଉଛି। ସାମ୍ପ୍ରତିକ ନିର୍ବାଚନ ପରିସ୍ଥିତିରେ ପ୍ରଶାସନ ବ୍ୟସ୍ତତା ଥିବା ନେଇ ଏହିଭଳି ବେଆଇନ କାର୍ଯ୍ୟ କରାଯାଉଛି। ଏହି ଜଳାଶୟକୁ ପୋତିଦେବା ଲାଗି ରାଜସ୍ୱ ବିଭାଗ ପକ୍ଷରୁ କୌଣସି ଅନୁମତି ଦିଆଯାଇ ନାହିଁ। ଜଳାଶୟର ମାଲିକ ମନଇଛା ଏଭଳି ବେଆଇନ କାର୍ଯ୍ୟ କରୁଛନ୍ତି। ଦୈନନ୍ଦିନ ଟ୍ରକଟ୍ରକ ମାଟି ପକାଇ ଜଳାଶୟର ପ୍ରାୟ ଅର୍ଦ୍ଧାଧିକ ଅଂଶ ପୋତି ଦେଇ ସାରିଲେଣି। ଏହି ଜଳାଶୟକୁ ପୋତି ଦିଆଯାଉ ଥିବା ବାବଦରେ ବାଲେଶ୍ୱର ସଦର ତହସିଲଦାର ଅଶ୍ୱିନି କୁମାର ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଶୋଭାରାମପୁର ମୌଜାରେ ସମ୍ପୃକ୍ତ ଜଳାଶୟକୁ ପୋତି ଦିଆଯିବା ପାଇଁ କୌଣସି ସରକାରୀ ଅନୁମତି ଦିଆଯାଇ ନାହିଁ। କେହି ଯଦି ମନଇଛା ଜଳାଶୟକୁ ପୋତି ଦେଉଥିବେ, ତାହେଲେ ତୁରନ୍ତ ସେହି ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅପରପକ୍ଷରେ ରେକର୍ଡ ଅନୁସାରେ ପାଞ୍ଚ ଦଶନ୍ଧି ତଳେ ବାଲେଶ୍ୱର ପୌରପାଳିକାରେ ୧୧୪୫ଟି ଜଳାଶୟ ଥିଲା। ବର୍ତ୍ତମାନ ଆଉ ମାତ୍ର ହାତ ଗଣତି ୫୫ଟି ଜଳାଶୟ ରହିଥିବା ଜଣାଯାଇଛି। ପୂର୍ବରୁ ପୌରପାଳିକାରେ ଥିବା ଜଳାଶୟ ଗୁଡିକୁ ରାଜସ୍ୱ ବିଭାଗ ପକ୍ଷରୁ ଗୋପନରେ ବେଆଇନ ଭାବେ କିସମ ପରିବର୍ତ୍ତନ କରାଯାଇ ପୋତିବା ପାଇଁ ଲୋକ ମାନଙ୍କୁ ଦିଆଯାଇ ଥିଲା। ବର୍ତ୍ତମାନ କେତେକ ବ୍ୟକ୍ତି ଚତୁରତାର ସହିତ ପ୍ରଥମେ ଗୋପନରେ ଜଳାଶୟକୁ ପୋତି ଦେଉଛନ୍ତି। ପରେ ପୋତି ଦିଆଯାଇଥିବା ଜଳାଶୟକୁ ରାଜସ୍ୱ ବିଭାଗର ଦ୍ୱାରା କିସମ ପରିବର୍ତ୍ତନ କରିନେବାରେ ସଫଳ ହେଉଛନ୍ତି। ଫଳରେ ବାଲେଶ୍ୱର ପୌରପାଳିକା ଜଳାଶୟ ଶୂନ୍ୟ ହେବ ବୋଲି ସଚେତନ ନାଗରିକ ମାନେ କହିଛନ୍ତି। ଏ ବାବଦରେ ପରିବେଶବିତ୍ ଅଶୋକ କୁମାର ଦାସ କହିଛନ୍ତି, କେନ୍ଦ୍ର ସରକାର ଅମୃତ ସରୋବର ଯୋଜନା ଏବଂ ରାଜ୍ୟ ସରକାରଙ୍କ ଆମ ପୋଖରୀ ଯୋଜନାରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ନୂତନ ପୋଖରୀ ଖୋଳା ଯିବା ସହିତ ପୁରାତନ ପରିତ୍ୟକ୍ତ ପୋଖରୀର ପୁନଃରୁଦ୍ଧାର ପୂର୍ବକ ନବୀକରଣ କରାଯାଉଛି। ହେଲେ ସ୍ଥାନୀୟ ରାଜସ୍ୱ ବିଭାଗର ଅଣଦେଖା ଓ ଅପାରଗତା ପାଇଁ ବାଲେଶ୍ୱର ପୌରପାଳିକାରେ ଜଳାଶୟ ଗୁଡିକୁ ପୋତି ଦିଆଯାଉଛି ବୋଲି କହି ଉଦ୍‌ବେଗ ପ୍ରକାଶ କରିଛନ୍ତି।



ସକାଳ THE SAKALA

## କାଶ୍ମୀରରେ ଗଣତନ୍ତ୍ରର ସ୍ପଷ୍ଟତର ସ୍ୱର

ସମଗ୍ର ଦେଶରେ ଲୋକସଭା ନିର୍ବାଚନ ପର୍ଯ୍ୟାୟକ୍ରମେ ଚାଲିଛି। ଓଡ଼ିଶା ସମେତ କେତେକ ରାଜ୍ୟରେ ଏଥର ମଧ୍ୟ ବିଧାନସଭା ନିର୍ବାଚନ କରାଯାଉଛି। ଇତି ମଧ୍ୟରେ ସାତ ପର୍ଯ୍ୟାୟ ମଧ୍ୟରୁ ଚାରି ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ଏହା ସହିତ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ମତଦାନରେ ଚାରିଟି ଲୋକସଭା ଓ ତତ୍‌ସଂଲଗ୍ନ ୨୮ ବିଧାନସଭା ଆସନରେ ଭୋଟଦାନ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ଏ ପର୍ଯ୍ୟନ୍ତ ସମସ୍ତ ପର୍ଯ୍ୟାୟ ମତଦାନର ହାର ପ୍ରାୟ ୬୪ ଶତାଂଶ ରେକର୍ଡ କରାଯାଇଛି। ଗତ ଲୋକସଭା ନିର୍ବାଚନ ତୁଳନାରେ ଏଥର ମତଦାନ ହାର ସମଗ୍ର ଦେଶରେ ପ୍ରାୟ ନିରୁତ୍ସାହଜନକ ରହିବା ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ପାଇଁ ଭଲ ଖବର ନୁହେଁ। ତେଣୁ ପରବର୍ତ୍ତୀ ପର୍ଯ୍ୟାୟରେ ଅଧିକରୁ ଅଧିକ ଭୋଟର ଗଣତନ୍ତ୍ରର ଏହି ମହାପର୍ବରେ ଅଧିକରୁ ଅଧିକ ସଂଖ୍ୟାରେ ଅଂଶଗ୍ରହଣ କରିବା ଆବଶ୍ୟକ।

ସମଗ୍ର ଦେଶରେ ଏ ପର୍ଯ୍ୟନ୍ତ କମ୍ ମତଦାନ ହାର ସତ୍ତ୍ୱେ ଜାମ୍ମୁ-କାଶ୍ମୀରର ପ୍ରଥମ ପର୍ଯ୍ୟାୟ ମତଦାନରେ ଅପେକ୍ଷାକୃତ ଅଧିକ ମତଦାତାଙ୍କ ଭୋଟଦାନ ନିଶ୍ଚୟ ଉତ୍ସାହଜନକ ତଥା ଉଲ୍ଲେଖନୀୟ ଘଟଣା। ଭାରତରେ ଗଣତନ୍ତ୍ରର ଦୃଢ଼ ଭବିଷ୍ୟତ ପାଇଁ ଏହା ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତାବହନ କରେ। ୧୯୮୯ରୁ କାଶ୍ମୀରରେ ସଘନ ଆତଙ୍କବାଦ ଆରମ୍ଭ ହେବା ଓ ଏହାର ୩୦ ବର୍ଷ ପରେ ୨୦୧୯ରେ ସମ୍ବିଧାନର ୩୭୦ ଧାରାର ଉଚ୍ଛେଦ ହେବା ପରେ ଏଥର ପ୍ରଥମ କରି ଶ୍ରୀନଗର ଲୋକସଭା ଆସନରେ ସୋମବାର ବହୁ ସଂଖ୍ୟାରେ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି। ୨୦୧୯ରେ ଏହି ଆସନରେ ମାତ୍ର ୧୪ ଶତାଂଶ ଭୋଟ୍ ପଡ଼ିଥିବାବେଳେ ଏଥର ୩୮ ଶତାଂଶରୁ ଅଧିକ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବା ନିଶ୍ଚୟ ଏକ ବଡ଼ ସଫଳତା। ଏଥିରୁ ପ୍ରମାଣିତ ହେଉଛି ଯେ ଏହି କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟରଙ୍କ ସଚେତନତା, ଆତ୍ମବିଶ୍ୱାସ ଓ ଭାରତୀୟ ଗଣତନ୍ତ୍ର ପ୍ରତି ଆସ୍ଥା ବଢ଼ିଛି। ଆତଙ୍କବାଦର ପ୍ରଭାବ ଯଥେଷ୍ଟ କମିଛି। ସବୁଠୁ ବଡ଼ କଥା ହେଲା ଶ୍ରୀନଗର ପୁରୁଣା ସହର ଅଞ୍ଚଳରେ ଗତଥର ଠାରୁ ଅଧିକ ଲୋକ ଭୋଟ ଦେଇଛନ୍ତି। ଏହି ଅଞ୍ଚଳ ପୂର୍ବରୁ ବିଚ୍ଛିନ୍ନତାବାଦୀ ଓ ଆତଙ୍କବାଦୀଙ୍କ ଅନ୍ତୁଡ଼ିଶାଳା ଭାବେ କୁଖ୍ୟାତି ଲାଭ କରିଥିଲା। ଆଗରୁ ଲୋକେ କାଶ୍ମୀରରେ ଭୋଟ୍ ବର୍ଜନ କରୁଥିଲେ ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ପ୍ରତ୍ୟାଖ୍ୟାନ କରି ଏକ ଅସୁସ୍ଥ ପରମ୍ପରା ସୃଷ୍ଟି କରୁଥିଲେ। ଶ୍ରୀନଗର ସଂସଦୀୟ କ୍ଷେତ୍ରର ଆଠଟି ବିଧାନସଭା କ୍ଷେତ୍ରରେ ଏଥର ୧.୭୭ ଲକ୍ଷ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବା ଘଟଣା କହୁଛି ସେଠାରେ ଲୋକଙ୍କ ମନୋଭାବରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିଛି ଓ ସେମାନେ ଗଣତନ୍ତ୍ରର ମହାପର୍ବରେ ସାମିଲ ହୋଇ ନିଜର ନିଜର ସାଂବିଧାନିକ ଅଧିକାର ସାବ୍ୟସ୍ତ କରିବାକୁ ଉଚିତ ମଣିଛନ୍ତି।

ଗଣତନ୍ତ୍ରର ମୌଳିକ ଚେତନା ହେଲା ଜନ ବିଶ୍ୱାସ। ନିର୍ବାଚନରେ କିଏ ଜିତିଲା, କିଏ ହାରିଲା ବଡ଼ କଥା ନୁହେଁ, ଗୁରୁତ୍ୱପୂର୍ଣ୍ଣ ହେଲା ଜନପ୍ରତିନିଧି ବାଛିବା ପ୍ରକ୍ରିୟାରେ ଅଧିକରୁ ଅଧିକ ଲୋକେ ସାମିଲ ହେବା। ଶ୍ରୀନଗର ଆସନରେ ମତଦାନ ହାର ବୃଦ୍ଧି, ପରବର୍ତ୍ତୀ ପର୍ଯ୍ୟାୟରେ ବାରାମୁଲ୍ଲା ଓ ଅନନ୍ତନାଗ ସଂସଦୀୟ ଆସନ ନିର୍ବାଚନ ଉପରେ ନିଶ୍ଚୟ ପଡ଼ିବ ଓ ସେଠାରେ ମଧ୍ୟ ଭୋଟହାର ବଢ଼ିପାରେ। ୨୦୧୯ରୁ କାଶ୍ମୀର ଜନତା ମତଦାନରୁ ବଞ୍ଚିତଥିଲେ। ନିର୍ବାଚନ କମିଶନ ସେଠାରେ ନିର୍ବାଚନ କରାଇ ସେଠାକାର ଲୋକଙ୍କୁ ଦେଶର ଗଣତାନ୍ତ୍ରିକ ମହାପର୍ବରେ ସାମିଲ କରାଇବାର ସୁଯୋଗ ଦେବା ଫଳରେ ଦେଶର ଗଣତନ୍ତ୍ର ପ୍ରତି କାଶ୍ମୀରବାସୀଙ୍କର ବିଶ୍ୱାସ ବଢ଼ିଛି। ଏହା ନିଶ୍ଚୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

କାଶ୍ମୀର ୨୦୧୯ରେ ରାଜ୍ୟ ପାହ୍ୟା ଏବଂ ୩୭୦ ଧାରାର ସ୍ୱାତନ୍ତ୍ର୍ୟ ହରାଇବା ପରେ ସେଠାରେ ଚାଲିଥିବା ଆତଙ୍କବାଦ ଯଥେଷ୍ଟ କମିଛି ଏବଂ ଲୋକଙ୍କ ମନୋଭାବରେ ଏକ ବଡ଼ ପରିବର୍ତ୍ତନ ଘଟିଛି। ବିଚ୍ଛିନ୍ନତାବାଦୀ ସ୍ୱର ଆଉ ବିଶେଷ ଶୁଭୁନାହିଁ। ଏବେ ସେମାନେ ୩୭୦ ଧାରାକୁ ଆଉ ଗୁରୁତ୍ୱ ନ ଦେଇ ପୂର୍ଣ୍ଣ ରାଜ୍ୟ ପାହ୍ୟା ଫେରିପାଇବାକୁ ବିଭିନ୍ନ ମହଲରେ ସ୍ୱର ଉଠାଉଛନ୍ତି।

ଧାରା ୩୭୦ ଉଚ୍ଛେଦ ଓ ରାଜ୍ୟ ପାହ୍ୟା ପ୍ରତ୍ୟାହାର ସମୟରେ ପ୍ରଧାନମନ୍ତ୍ରୀ କାଶ୍ମୀରବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ସେଠାରେ ପରିସ୍ଥିତି ସ୍ୱାଭାବିକ ହେଲେ ଜାମ୍ମୁ-କାଶ୍ମୀରକୁ ପୁନର୍ବାର ରାଜ୍ୟ ପାହ୍ୟା ମିଳିବ। ଏହାଛଡ଼ା ଗତ ଡିସେମ୍ବର ମାସରେ ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ ଜାମ୍ମୁ-କାଶ୍ମୀରରେ ୨୦୨୪ ସେପ୍ଟେମ୍ବର ୩୦ ସୁଦ୍ଧା ବିଧାନସଭା ନିର୍ବାଚନ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସର୍ବୋଚ୍ଚ ଅଦାଲତ ମଧ୍ୟ କାଶ୍ମୀରକୁ ରାଜ୍ୟ ପାହ୍ୟା ପୁନର୍ବାର ପ୍ରଦାନ କରିବା କଥା ବିଚାର କରିବାକୁ କେନ୍ଦ୍ର ସରକାରଙ୍କୁ କହିଥିଲେ।

ସେଠାରେ ଏବେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଶେଷ ହୋଇଛି। ଲୋକସଭା ନିର୍ବାଚନରେ ଅଧିକ ସଂଖ୍ୟାରେ ଭୋଟରଙ୍କ ଅଂଶଗ୍ରହଣ ଏବଂ ଦୁଇ ପ୍ରମୁଖ ରାଜନୀତିକ ଦଳ ନ୍ୟାସନାଲ କନ୍‌ଫରେନ୍ସ ଓ ପିଡିପି ନିର୍ବାଚନରେ ଭାଗ ନେବା ବିଶେଷ ମହତ୍ୱ ରଖେ। ଅଲତାଫ ବୁଖାରିଙ୍କ ଅପନି ପାର୍ଟି ଓ ସଜ୍ଜାଦ ଲୋନ୍‌ଙ୍କ ପିପୁଲ୍‌ସ କନ୍‌ଫରେନ୍ସକୁ ବିଜେପି ଭିତିରିଆ ସମର୍ଥନ କରିବା ପରେ ଫାରୁକ୍ ଅବଦୁଲ୍ଲା ଓ ମେହବୁବା ମୁଫ୍‌ତି ଭୋଟ୍ ବର୍ଜନ ରାଜନୀତିକୁ ବଦଳାଇ କାଶ୍ମୀରରେ ନିଜର ରାଜନୀତିକ ସ୍ଥାନ ଓ ପ୍ରଭାବ ଅତୁଟ ରଖିବାକୁ ଏକ ପ୍ରକାର ବାଧ୍ୟ ହୋଇଛନ୍ତି।

ତେବେ ସେ ଯା'ହେଉ ଏହା ଏକ ଶୁଭ ସଂକେତ। ସେଠାରେ ଶୀଘ୍ର ବିଧାନସଭା ନିର୍ବାଚନ କରି ଗଣତାନ୍ତ୍ରିକ ସରକାର ପ୍ରତିଷ୍ଠା ସହ ରାଜ୍ୟ ପାହ୍ୟା କାଶ୍ମୀରକୁ ପ୍ରଦାନ କରାଯିବା ଉଚିତ ମନେ ହୁଏ। ଏଥର ଲୋକସଭା ନିର୍ବାଚନରେ ଅଧିକ ମତଦାନ ହାର କାଶ୍ମୀର ଉପତ୍ୟକାରେ ଗଣତନ୍ତ୍ର ପ୍ରତି ଆସ୍ଥା ବୃଦ୍ଧିର ଚିତ୍ରକୁ ସ୍ପଷ୍ଟ ଦର୍ଶାଉଛି। ଜାମ୍ମୁ-କାଶ୍ମୀରରେ ଗଣତନ୍ତ୍ରର ସ୍ୱର ଯେତିକି ଦୃଢ଼ ଓ ସ୍ପଷ୍ଟ ହେବ, ତାହା ଭାରତୀୟ ଗଣତନ୍ତ୍ର ପାଇଁ ଶୁଭଙ୍କର ହେବ। ●

# ବୌଦ୍ଧଜଗତକୁ ଓଡ଼ିଶାର ଅବଦାନ



ପ୍ରବୀର ପଟ୍ଟନାୟକ
ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ବାସ୍ତବରେ ବୌଦ୍ଧଧର୍ମ ଗୋଟିଏ ନୁହେଁ- ତିନିଗୋଟି ଧର୍ମର ସମାହାର। ପ୍ରତ୍ୟେକଟି ଅନ୍ୟଠାରୁ ଧାର୍ମିକ ବିଶ୍ୱାସ, ଆଚାରବିଚାର, ଧର୍ମଶାସ୍ତ୍ର ,ନୀତିଶାସ୍ତ୍ର ଓ ଦର୍ଶନ- ସବୁଥିରେ ଭିନ୍ନ। ଏହାର ପ୍ରାରମ୍ଭିକ ପର୍ଯ୍ୟାୟ ହେଉଛି ହୀନଯାନ- ଏହା ଅଧିକ ନୈତିକ ତଥା ଆଚାରପୂର୍ଣ୍ଣ ତଥା ବୁଦ୍ଧଙ୍କ ମୂଳ ବାଣୀ ଏବଂ ମୂଳ ଧାର୍ମିକ ଆଚାରବିଚାରକୁ ଅନ୍ତର୍ଭୁକ୍ତ କରିଥାଏ। ଦ୍ୱିତୀୟ ତଥା ବହୁଳ ଭାବେ ପ୍ରଚାରିତ ଶାଖାଟି ହେଲା ମହାଯାନ- ଏହା ଅଧିକ ପରାର୍ଥପରତା ତଥା ବିଶ୍ୱପ୍ରେମ ସମ୍ବଳିତ ଏବଂ ବହୁଳ ଭାବେ ଦାର୍ଶନିକ ବିଚାର ସମ୍ପନ୍ନ। ତୃତୀୟଟି ହେଉଛି ତନ୍ତ୍ରଯାନ- ଯାହା ବଜ୍ରଯାନ, ସହଜଯାନ ତଥା କାଳଚକ୍ରଯାନ ରୂପେ ପରିଚିତ। ତନ୍ତ୍ରଯାନ ଏକ ଗୁପ୍ତ ତଥା ରହସ୍ୟମୟ ସାଧନା ପ୍ରକ୍ରିୟାକୁ ବିକଶିତ କରିବା ସହ ମହାଯାନର ସୂକ୍ଷ୍ମ ଦାର୍ଶନିକ ବିଚାରଧାରାକୁ ମଧ୍ୟ ସମଭାବେ ଆପଣାଇଥିଲା। ବୌଦ୍ଧଧର୍ମର ଏହି ସମସ୍ତ ତିନିଗୋଟି ପର୍ଯ୍ୟାୟକୁ ଓଡ଼ିଶାର ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି।

ବୁଦ୍ଧ ତାଙ୍କ ଜୀବନକାଳ ମଧ୍ୟରେ ପ୍ରାଚୀନ ଓଡ଼ିଶା- କଳିଙ୍ଗ ବା ଉତ୍କଳ ରାଜ୍ୟ ମଧ୍ୟକୁ ଆସିଛନ୍ତି କି ନାହିଁ ତାହା ନିର୍ଦ୍ଦିଷ୍ଟ ହୋଇ ନଥିଲେ ମଧ୍ୟ ତାଙ୍କର ବାଣୀ ଓ ବିଚାର ଓଡ଼ିଶାରେ ତାଙ୍କ ସମୟରେ ହିଁ ପ୍ରସାର ଲାଭ କରିଥିଲା। ଉତ୍କଳର ବଣିକ ଦୁଇଭାଇ ତପସ୍ସୁ ଓ ଭଲ୍ଲିକ ପାଞ୍ଚଶହ ଶଗଡ଼ଗାଡ଼ିରେ ତାଙ୍କର ପଣ୍ୟଦ୍ରବ୍ୟ ନେଇ ମଧ୍ୟଦେଶ ଆଡ଼କୁ ଯାଉଥିବାବେଳେ ଗୟା ନିକଟସ୍ଥ ଉରୁବେଲାଠାରେ ବୁଦ୍ଧତ୍ୱ ପ୍ରାପ୍ତି ହେବାର ଠିକ୍ ପରେପରେ ଗୌତମବୁଦ୍ଧଙ୍କ ଦର୍ଶନଲାଭ କରିଥିଲେ ଓ ଏମାନଙ୍କ ନିକଟରେ ଥିବା ପିଠା (ଆରିସା) ଓ ମହୁ ଖାଇବା ନିମନ୍ତେ ଗୌତମଙ୍କୁ ଦେଇଥିଲେ। ବୁଦ୍ଧ ଏମାନଙ୍କୁ ଆଶୀର୍ବାଦ ପ୍ରଦାନ ପୂର୍ବକ ସ୍ମାରକ ଭାବେ ତାଙ୍କର ପବିତ୍ରକେଶ ଓ ନଖରୁ କିଛି ଦେଇଥିଲେ। ଏହି ଦୁଇଭାଇ ବୁଦ୍ଧଙ୍କର ପ୍ରଥମ ଶିଷ୍ୟଭାବେ ଗୃହୀତ ହୋଇଛନ୍ତି ଏବଂ ପୃଥିବୀର ପ୍ରଥମ ବୌଦ୍ଧ ଭାବେ ମଧ୍ୟ ପରିଗଣିତ। ଏହି କେଶ ଓ ନଖକୁ ଦୁଇଭାଇ ନିଜ ଗ୍ରାମକୁ ଧରି ଫେରିବା ପରେ ଦୁଇଟି ସ୍ତୁପ ନିର୍ମାଣ କରି ଏହି ସ୍ମାରକକୁ ସେଠାରେ ସ୍ଥାପନ କରିଥିଲେ। ଯାଜପୁର ଜିଲ୍ଲାର ଧର୍ମଶାଳା ନିକଟରେ ଏହି ଦୁଇ ସ୍ତୁପକୁ ଚିହ୍ନଟ କରାଯାଇଛି।

ବୌଦ୍ଧ ଜାତକରେ ବର୍ଣ୍ଣନା ମୁତାବକ ଦନ୍ତପୁରର କଳିଙ୍ଗ ରାଜା ସାତଦିନ ଓ ସାତରାତି ଧରି ପବିତ୍ର ବୋଧିବୃକ୍ଷକୁ ସମ୍ମାନ ଜଣାଇଥିଲେ। ବୌଦ୍ଧ ଶାସ୍ତ୍ର ଦାଠାବଂଶ ଓ ବୁଦ୍ଧବଂଶ ମୁତାବକ ବୁଦ୍ଧଙ୍କ ମହାପରିନିର୍ବାଣ ପରେ ତାଙ୍କର ଦେହାବଶେଷ ମଧ୍ୟରୁ ଗୋଟିଏ ଦାନ୍ତ କଳିଙ୍ଗକୁ ଅଣାଯାଇ ଦନ୍ତପୁରଠାରେ ଅଧିଷ୍ଠିତ କରାଯାଇଥିଲା।

ବୁଦ୍ଧଙ୍କ ମହାପରିନିର୍ବାଣ ପରେ ପ୍ରଥମ ଓ ଦ୍ୱିତୀୟ ବୌଦ୍ଧ ମହାସମ୍ମିଳନୀ ଅନୁଷ୍ଠିତ ହୋଇ ସମଷ୍ଟିକରଣ ଓ ଏକତ୍ରୀକରଣ କରାଯାଇଥିଲେ ମଧ୍ୟ ବୌଦ୍ଧଧର୍ମ ଅଶୋକଙ୍କ କାଳ (ଖ୍ରୀ.ପୂ. ୩ୟ ଶତାବ୍ଦୀ)ରେ ଆନୁଷ୍ଠାନିକ ଧର୍ମ ଭାବରେ ପରିଣତ ହୋଇପାରିଥିଲା। ଅଶୋକଙ୍କ ଶାସନକାଳର ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ସାମରିକ ବିଜୟ ଦିଗରେ ଅଧିକ ଧ୍ୟାନ ଦେଉଥିଲେ। କିନ୍ତୁ ତାଙ୍କର କଳିଙ୍ଗ ଯୁଦ୍ଧ ହିଁ ତାଙ୍କୁ ଜଣେ ଆଗ୍ରହୀ ବୌଦ୍ଧ ଉପାସକଭାବେ ପ୍ରତିଷ୍ଠିତ କରିପାରିଥିଲା। କଳିଙ୍ଗ ଯୁଦ୍ଧର ଭୟାବହ ଲୋମହର୍ଷଣକାରୀ ତଥା ବହୁଳଭାବେ ନରସଂହାର ଓ ରକ୍ତପାତ ଏବଂ ଧ୍ୱଂସର ଦୃଶ୍ୟସବୁ ତାଙ୍କର ହୃଦୟ ପରିବର୍ତ୍ତନ କରିପାରିଥିଲା। ଏହା ପରଠାରୁ ଅଶୋକ ଧର୍ମବିଜୟକୁ ବ୍ରତ ଭାବେ ଗ୍ରହଣ କରିଥିଲେ। ପରବର୍ତ୍ତୀ କାଳରେ କଳିଙ୍ଗ ମୌର୍ଯ୍ୟ ସାମ୍ରାଜ୍ୟର ପଞ୍ଚମ ପ୍ରଦେଶଭାବେ ପରିଗଣିତ ହେଲା ଓ ତୋଷାଳୀ ଏହାର ରାଜଧାନୀ ହେଲା। କଳିଙ୍ଗ ଯୁଦ୍ଧର ଭୟାବହତାର କେନ୍ଦ୍ର ତୋଷାଳୀ ନଗର କ୍ରମେ ବୌଦ୍ଧଧର୍ମର ଏକ ପ୍ରଧାନ କେନ୍ଦ୍ର ଭାବରେ ଗଢ଼ି ଉଠିଲା। ଧଉଳି ପାହାଡ଼, ଯେଉଁଠି ଅଶୋକ ସ୍ୱତନ୍ତ୍ର ଶିଳାଲେଖ ସ୍ଥାପନ କରିଥିଲେ, ସେଠାରେ ଓ ତାହାର ନିକଟବର୍ତ୍ତୀ ଅଞ୍ଚଳର ପାହାଡ଼ମାନଙ୍କରେ ଅନେକ ଗୁମ୍ଫା ବୌଦ୍ଧ ସନ୍ନ୍ୟାସୀମାନଙ୍କର ଆଶ୍ରୟସ୍ଥଳୀ ପାଲଟିଥିଲା। ତୋଷାଳୀ ଥିଲା ଅଶୋକଙ୍କ ଶାସନକେନ୍ଦ୍ର ତଥା ଓଡ଼ିଶାର ପ୍ରଥମ ପ୍ରସିଦ୍ଧ ବୌଦ୍ଧକେନ୍ଦ୍ର। ଏପରିକି ତୋଷାଳି ମଧ୍ୟ ସମଗ୍ର ଭାରତର ସେ ସମୟର ପ୍ରତିଷ୍ଠିତ ବୌଦ୍ଧକେନ୍ଦ୍ରମାନଙ୍କ ମଧ୍ୟରେ ଅନ୍ୟତମ ପ୍ରଧାନ କେନ୍ଦ୍ର ହୋଇପାରିଥିଲା।

ଧଉଳିକୁ ବୌଦ୍ଧ ସଂସ୍କୃତିର କେନ୍ଦ୍ରଭାବେ ଗଢ଼ି ତୋଳିବା ନିମନ୍ତେ ଏଠାରେ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବୌଦ୍ଧ ସନ୍ନ୍ୟାସୀମାନଙ୍କର ବିଶ୍ରାମସ୍ଥଳ ତଥା ଧର୍ମକେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ସ୍ତୁପ, ଚୈତ୍ୟ, ସ୍ତମ୍ଭ ଓ ଗୁମ୍ଫାମାନ ନିର୍ମିତ ହୋଇଥିଲା। ଅଶୋକ ଏହି ଭଳି ବ୍ୟବସ୍ଥା ନାଗାର୍ଜୁନକୋଣ୍ଡା, ଗୋରଥଗିରି ଭଳି ଅନ୍ୟ ବୌଦ୍ଧ କେନ୍ଦ୍ରସ୍ଥଳମାନଙ୍କରେ ମଧ୍ୟ ଗ୍ରହଣ କରିଥିଲେ।

ବିଭିନ୍ନ ବୌଦ୍ଧଗ୍ରନ୍ଥ ଓ ଐତିହାସିକ ତଥ୍ୟ ମୁତାବକ ଅଶୋକଙ୍କ ପୂର୍ବରୁ ବୌଦ୍ଧସନ୍ନ୍ୟାସୀ ମହାଦେବ କଳିଙ୍ଗରେ ବୌଦ୍ଧଧର୍ମର ପ୍ରଚାର କରିଥିଲେ। ଅଶୋକଙ୍କ ସମୟରେ ମଧ୍ୟ ହୀନଯାନ ଶାଖା ହିଁ କଳିଙ୍ଗରେ ପ୍ରତିଷ୍ଠା ଲାଭ କରିଥିଲା। ଅଶୋକଙ୍କ ସମୟକୁ ବୌଦ୍ଧଧର୍ମ ବହୁ ଭାଗରେ ବିଭାଜିତ ହୋଇସାରିଥିଲା ଓ ସେ ମଧ୍ୟରେ ତିନୋଟି ମୁଖ୍ୟ ଶାଖା ଥିଲା- ଥେରାବାଦ, ସର୍ବାସ୍ତିବାଦ ଓ ମହାସଂଘିକ। ଅଶୋକ ଥେରାବାଦୀମାନଙ୍କୁ ବିଶେଷଭାବେ ସମର୍ଥନ କରୁଥିଲେ।

ଓଡ଼ିଶାରେ ଅଶୋକଙ୍କ ପୂର୍ବରୁ ବୌଦ୍ଧଧର୍ମ ପ୍ରବେଶ କରିସାରିଥିଲା। କିନ୍ତୁ ଅଶୋକଙ୍କ ଶାସନକାଳରେ ବ୍ୟବସ୍ଥିତଭାବେ ପ୍ରଚାର ପ୍ରସାର ଯୋଗୁଁ ଏହା ବିଶେଷ ପ୍ରଗତିଲାଭ କରିବା ସହ ପ୍ରତିଷ୍ଠିତ ଧର୍ମ ହୋଇପାରିଥିଲା। ଅଶୋକଙ୍କ ଭାଇ ତିସ୍ସ କଳିଙ୍ଗରେ ଭୋଜକଗିରି ବୌଦ୍ଧବିହାର ପ୍ରତିଷ୍ଠା ପୂର୍ବକ ତାଙ୍କର ଶେଷ ଜୀବନ ଏଠାରେ ଅତିବାହିତ କରିଥିଲେ। ବୌଦ୍ଧସନ୍ନ୍ୟାସୀ ଧୃତକ କଳିଙ୍ଗରେ ସର୍ବାସ୍ତିବାଦ (ହୀନଯାନ) ଶାଖାର ପ୍ରଚାର ପ୍ରସାର କରାଇଥିଲେ। ଅଶୋକଙ୍କ କାଳରେ ବୌଦ୍ଧଧର୍ମ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠା ଲାଭ କରିବା ସହ ଏକ ସମ୍ମାନସ୍ପଦ ଧର୍ମ ଭାବେ ପରିଚିତ ହୋଇପାରିଥିଲା।

ପ୍ରାଚୀନ କଳିଙ୍ଗ ସମେତ ପୂର୍ବ ଭାରତର ବିସ୍ତୃତ ଅଞ୍ଚଳର ଭାଷା ଥିଲା ପାଲି। ସେତେବେଳେ କଳିଙ୍ଗ ହିଁ ପୂର୍ବ ଉପକୂଳର ଅଧିକାଂଶ ଅଞ୍ଚଳରେ ବିସ୍ତାରିତ ହୋଇରହିଥିଲା। ବୌଦ୍ଧଧର୍ମର ପ୍ରାରମ୍ଭିକ କାଳରେ ହିଁ ଏହା ବର୍ମା, ସିଂହଳ ଓ ଶ୍ୟାମ (ଥାଇଲାଣ୍ଡ) ଆଦି ଦେଶଗୁଡ଼ିକୁ ପାଲିଭାଷା ମାଧ୍ୟମରେ ବ୍ୟାପି ଯାଇଥିଲା। କଳିଙ୍ଗର ତାମ୍ରଲିପ୍ତ, ପାଲୁର, ଦନ୍ତପୁର ଆଦି ବନ୍ଦରଗୁଡ଼ିକ ବୌଦ୍ଧଧର୍ମର ପ୍ରସାରରେ ସହାୟକ ହୋଇପାରିଥିଲେ ଓ ସେଗୁଡ଼ିକ ମଧ୍ୟ ପ୍ରସିଦ୍ଧ ବୌଦ୍ଧକେନ୍ଦ୍ରଭାବେ ଗଢ଼ି ଉଠିଥିଲେ। କେବଳ ବାହାର ଦେଶ ନୁହେଁ ଭାରତର ଦାକ୍ଷିଣାତ୍ୟରେ ମଧ୍ୟ କଳିଙ୍ଗରୁ ବୌଦ୍ଧଧର୍ମ ଯାଇ ପ୍ରସାର ଲାଭ କରିଥିଲା। ନାଗାର୍ଜୁନକୋଣ୍ଡା ଶିଳାଲେଖ ଅନୁଯାୟୀ ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀ ପୂର୍ବରୁ ବର୍ମାରେ ବୌଦ୍ଧଧର୍ମର ପ୍ରଚଳନ ହୋଇଥିଲା।

କଳିଙ୍ଗ ଓ ସିଂହଳ ମଧ୍ୟରେ ପ୍ରାରମ୍ଭିକ କାଳରେ ହିଁ ନିବିଡ଼ ସମ୍ପର୍କ ପ୍ରତିଷ୍ଠିତ ହୋଇପାରିଥିଲା। କଳିଙ୍ଗରୁ ଆଠଗୋଟି ପରିବାର ସହ ଅଶୋକ ବୋଧିବୃକ୍ଷର ଚାରା ସିଂହଳ ପଠାଇଥିଲେ। ଏହି ଆଠଗୋଟି ପରିବାର ହିଁ ସିଂହଳରେ ହୀନଯାନ ଶାଖାର ପ୍ରଚାର ପ୍ରସାର କରାଇଥିଲେ। ବୌଦ୍ଧଗ୍ରନ୍ଥ ଦାଠାବଂଶ ମୁତାବକ କଳିଙ୍ଗରାଜା ଗୁହଶିବଙ୍କ ସହ ସିଂହଳରାଜା ମହାଦିସେନଙ୍କ (ଖ୍ରୀଷ୍ଟାବ୍ଦ ୨୭୭-୩୦୪) ଅତି ଉତ୍ତମ ସମ୍ପର୍କ ସ୍ଥାପନ ହୋଇଥିଲା। ଏହି ଗ୍ରନ୍ଥ ମୁତାବକ କଳିଙ୍ଗର ଦନ୍ତପୁରରୁ ବୁଦ୍ଧଙ୍କ ଦନ୍ତଧାତୁ ସିଂହଳରାଜା ଗିରିମେଘବନ୍ନଙ୍କ ସମୟରେ (ଖ୍ରୀଷ୍ଟାବ୍ଦ ୩୦୪-୩୫୨) ଦନ୍ତକୁମାର ଓ କଳିଙ୍ଗ ରାଜକୁମାରୀ ହେମମାଳାଙ୍କ ଦ୍ୱାରା ସେଠାକୁ ନିଆଯାଇଥିଲା। ସିଂହଳରେ ବୌଦ୍ଧଧର୍ମ ବ୍ୟାପକଭାବେ ପ୍ରସାରିତ ହେବା ସହ ଏହାର ଅନେକ ଉନ୍ନତିସାଧନ ହୋଇଥିଲା ଓ ଏହାର ସୁପ୍ରଭାବ କଳିଙ୍ଗ ଉପରେ ମଧ୍ୟ ପଡ଼ିଥିଲା। ଦନ୍ତପୁର କଳିଙ୍ଗର ଅତ୍ୟନ୍ତ ଗୌରବଶାଳୀ ରାଜଧାନୀନଗରୀ ଥିବା ବିଷୟ ଉଭୟ ପାଲି ବୌଦ୍ଧପିଟକ ଗ୍ରନ୍ଥ ସହ ସିଂହଳର ଇତିହାସରୁ ଜଣାଯାଏ।

ଅଶୋକଙ୍କ ପରବର୍ତ୍ତୀ କାଳରେ ଓଡ଼ିଶାରେ ବୌଦ୍ଧକଳା ଓ ସ୍ଥାପତ୍ୟର ବିକାଶ ଘଟିବାକୁ ଲାଗିଲା ଓ ଚାରିଆଡ଼େ ବହୁ ସଂଖ୍ୟାରେ ସ୍ତୁପ, ବିହାର, ଚୈତ୍ୟ ଓ ଗୁମ୍ଫାମାନ ନିର୍ମିତ ହୋଇ ବୌଦ୍ଧଧର୍ମର କ୍ରମବିକଶିତ ରୂପ ଦେଖାଗଲା। କଳିଙ୍ଗର ଦନ୍ତପୁର, ତୋଷାଳୀ, ହିରୁମ୍ବ ଓ ପୁଷ୍ପଗିରି ଆଦି ଅତ୍ୟନ୍ତ ଲୋକପ୍ରିୟ ବୌଦ୍ଧସ୍ଥଳୀ ଥିଲା। ଦନ୍ତପୁରଠାରେ ବୁଦ୍ଧଦନ୍ତ ସ୍ଥାନିତ ହୋଇଥିଲା ଓ ଏହି ପବିତ୍ର ଅବଶେଷକୁ ବୌଦ୍ଧସନ୍ନ୍ୟାସୀ କ୍ଷେମ ଆଣି କଳିଙ୍ଗରାଜା ବ୍ରହ୍ମଦତ୍ତଙ୍କୁ ଅର୍ପଣ କରିଥିଲେ, ଯାହାକି ଦନ୍ତପୁରଠାରେ ଏକ ବିଶାଳ ତଥା ଆଡ଼ମ୍ବରପୂର୍ଣ୍ଣ ସ୍ତୁପରେ ସ୍ଥାନିତ ହୋଇଥିଲା। ଏହାକୁ ପରବର୍ତ୍ତୀ ସମୟରେ ସିଂହଳ ପଠାଇ ଦିଆଗଲା। ଦନ୍ତପୁରର ଅବନତି ପରେ ପୁଷ୍ପଗିରି ଏକ ପ୍ରତିଷ୍ଠିତ ବୌଦ୍ଧକେନ୍ଦ୍ର ହୋଇଥିଲା। ସପ୍ତମ ଶତାବ୍ଦୀରେ ହୁଏନସାଂ ଓଡ଼ିଶା ଆସିଥିବାବେଳେ ଏହି ପ୍ରସିଦ୍ଧ ବୌଦ୍ଧବିହାରର ଚମତ୍କାରିତା ବିଷୟ ତାଙ୍କ ବିବରଣୀରେ ଉଲ୍ଲେଖ କରିଛନ୍ତି।

ପ୍ରାଚୀନ ଓଡ଼ିଶାରେ ତାମ୍ରଲିପ୍ତ ଏକ ପ୍ରସିଦ୍ଧ ବନ୍ଦର ଥିଲା। ମଗଧ ଓ ମଧ୍ୟଦେଶ ଅଞ୍ଚଳରୁ ବାହାରେ ଦେଶକୁ ଗମନାଗମନ ପାଇଁ ତାମ୍ରଲିପ୍ତ ବନ୍ଦର ହିଁ ମୁଖ୍ୟ ଥିଲା। ଏଣୁ ସମଗ୍ର ଦକ୍ଷିଣପୂର୍ବ ଏସିଆ ଓ ଚୀନ୍, ଜାପାନ ଆଦି ଯେଉଁଆଡ଼େ ବୌଦ୍ଧଧର୍ମ ବ୍ୟାପିଛି, ସେ ସବୁ ଏହି ତାମ୍ରଲିପ୍ତ ଦେଇ ହିଁ ବ୍ୟାପିଛି। ତିବ୍ବତୀୟ ବୌଦ୍ଧ ସନ୍ନ୍ୟାସୀ ଲାମା ତାରାନାଥଙ୍କ ବର୍ଣ୍ଣନା ଅନୁଯାୟୀ ପ୍ରାଚୀନ ଓଡ଼ିଶା ଥିଲା ମହାଯାନ ଶାଖାର ଆଦ୍ୟ କେନ୍ଦ୍ର। ମହାଯାନର ପ୍ରମୁଖ ମୂଳଗ୍ରନ୍ଥ ଅଷ୍ଟସହସ୍ରିକା ପ୍ରଜ୍ଞାପାରମିତାରେ ଉଲ୍ଲେଖ ରହିଛି ଯେ ମହାଯାନ ଦକ୍ଷିଣରେ ସୃଷ୍ଟି ହେବ, ସେଠାରୁ ବର୍ତ୍ତନୀ ବା ପୂର୍ବଦେଶକୁ ଯାଇ ସମୃଦ୍ଧି ଲାଭ କରିବ ଓ ପରେ ଉତ୍ତର ଆଡ଼କୁ ଯିବ। ପ୍ରାଚୀନ ଓଡ଼ିଶା ବା କଳିଙ୍ଗ ମଧ୍ୟ ଦକ୍ଷିଣ ବା ଦକ୍ଷିଣାପଥରେ ଅବସ୍ଥିତ। ମହାଯାନଗ୍ରନ୍ଥ ଦଶସହସ୍ରିକା ପ୍ରଜ୍ଞାପାରମିତା ଖ୍ରୀଷ୍ଟାବ୍ଦ ୧୭୯ ପୂର୍ବରୁ ଚୀନ୍ ଭାଷାରେ ଅନୁଦିତ ହୋଇଥିଲା। ଏଣୁ ଅଷ୍ଟସହସ୍ରିକା ଗ୍ରନ୍ଥ, ଏହାର ବହୁ ପୂର୍ବରୁ ନିଶ୍ଚିତଭାବେ ରଚନା କରାଯାଇଥିବ। ଏହିଭଳି ଭାବେ ବିଭିନ୍ନ ଗ୍ରନ୍ଥ ଓ ଶାସ୍ତ୍ରରୁ ସ୍ପଷ୍ଟରୂପେ ଜଣାଯାଏ ଯେ ମହାଯାନ ଦକ୍ଷିଣାପଥର କଳିଙ୍ଗ ଦେଶରେ ଓ ଏହାର ରାଜଧାନୀ ତୋଷାଳୀରେ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀ ବେଳକୁ ପ୍ରଚାରିତ ହୋଇଯାଇଥିଲା। ମହାସଂଘିକ ଗୋଷ୍ଠୀ ମହାଯାନ ଶାଖାର ଅଗ୍ରଣୀ ଭୂମିକା ତୁଲାଇଥିଲେ। ମହାଯାନୀମାନେ ବୁଦ୍ଧଙ୍କୁ ଲୋକୋତ୍ତର ତଥା ଜଣେ ଅତିମାନବ ଭାବରେ ଉପସ୍ଥାପନ କରାଇଥିଲେ।

ଅଶୋକଙ୍କ ପରବର୍ତ୍ତୀ କାଳରେ ଓଡ଼ିଶାରେ ଉଭୟ ହୀନଯାନ ଶାଖାର ସର୍ବାସ୍ତିବାଦୀ ଗୋଷ୍ଠୀ ଓ ମହାସଂଘିମାନେ ବିକାଶ ଲାଭ କରିଥିଲେ। ମହାଯାନ ନିଶ୍ଚିତଭାବେ ପ୍ରାରମ୍ଭିକ କାଳର ବୌଦ୍ଧଧର୍ମଠାରୁ ଉଭୟ ଧର୍ମଗ୍ରନ୍ଥ ଓ ଦାର୍ଶନିକ ବିଚାରରେ ଅଧିକ ବିକଶିତ ଥିଲା। ଓଡ଼ିଶା ହିଁ ମହାଯାନର ଆଦିକେନ୍ଦ୍ର ତଥା ନାଭିକେନ୍ଦ୍ର ଥିଲା।

ମହାଯାନ ଓଡ଼ିଶାରେ ଅଷ୍ଟମ ଶତାବ୍ଦୀ ପର୍ଯ୍ୟନ୍ତ ବିନା କୌଣସି ରାଜକୀୟ ସହାୟତାରେ ସର୍ବସାଧାରଣଙ୍କ ସହଯୋଗ ଓ ସମର୍ଥନରେ ହିଁ ଏକ ସମୃଦ୍ଧଶାଳୀ ଲୋକଧର୍ମଭାବେ ବିକାଶଲାଭ କରିଥିଲା। ବିଶାଳ ଓ ଆଡ଼ମ୍ବରପୂର୍ଣ୍ଣ ବୌଦ୍ଧବିହାର, ସ୍ତୁପ ଆଦି ସହ ବୁଦ୍ଧ ଓ ବୋଧିସତ୍ତ୍ୱଙ୍କ ମୂର୍ତ୍ତି ଏବଂ ବିଭିନ୍ନ ବୌଦ୍ଧ ସ୍ଥାପତ୍ୟ ସମଗ୍ର ଓଡ଼ିଶାରେ ଗଢ଼ି ଉଠିଥିଲା। ଏହି ବିହାରଗୁଡ଼ିକ ଦେଶର ଶିକ୍ଷା ଓ ସାଂସ୍କୃତିକ କେନ୍ଦ୍ର ଭାବେ ସୁନାମ ଅର୍ଜନ କରିବା ସହ ବିଦ୍ୱାନ ଶିକ୍ଷକ ଓ ଦେଶ ବିଦେଶରୁ ଛାତ୍ରମାନେ ଏସବୁକୁ ଛୁଟି ଆସୁଥିଲେ। ଏଠାରେ ଉଭୟ ଧାର୍ମିକ ଓ ସାଧାରଣ ଭାରତୀୟ ବିଦ୍ୟା ସବୁର ଶିକ୍ଷା ଦିଆଯାଉଥିଲା। ସମୟକ୍ରମେ ଏଗୁଡ଼ିକ ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇ ଦେଶ ବିଦେଶରୁ ଶିକ୍ଷାର୍ଥୀମାନଙ୍କୁ ଆକର୍ଷିତ କରିପାରିଥିଲା। ଏଗୁଡ଼ିକ ମଧ୍ୟରୁ କେତେକ ସ୍ୱତନ୍ତ୍ର ଶିକ୍ଷା ପାଇଁ ପ୍ରସିଦ୍ଧିଲାଭ କରିଥିଲେ- ଯେପରିକି ଭୋରାଶୈଳ ବୌଦ୍ଧନ୍ୟାୟ, ପ୍ରଥମେ ତୋଷାଳୀ ଓ ପରେ ରତ୍ନଗିରି ବୌଦ୍ଧ ଯୋଗ ନିମନ୍ତେ ବିଖ୍ୟାତ ଥିବାବେଳେ ପ୍ରଥମେ ଦନ୍ତପୁର ଓ ପରେ ପୁଷ୍ପଗିରି ସାମଗ୍ରିକ ଭାବେ ବୌଦ୍ଧ ସଂସ୍କୃତି କ୍ଷେତ୍ରରେ ପ୍ରତିଷ୍ଠିତ କେନ୍ଦ୍ର ହୋଇ ପାରିଥିଲେ। ● (କ୍ରମଶଃ)

# ବହି ସନ୍ଧାନେ



ଡ ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ
ବ୍ୟାସନଗର, ମୋ: ୯୪୩୮୦୬୪୪୬୫

ଆମେମାନେ ଏବେ ଏମିତି ଏକ ସମୟ ଖଣ୍ଡ ରେ ଗତି କରୁଥାଇଁ, ଯେବେ ସୁସ୍ଥ ମନୋରଞ୍ଜନର ସଜ୍ଞା ବଦଳି ଗଲାଣି। ଆମ ସାନବେଳେ ପାଠ ଓ ଖେଳ ବ୍ୟତିରେକେ ଗପ ବହି ପଢ଼ା ମନୋରଞ୍ଜନର ବଡ ମାଧ୍ୟମ ଥିଲା। ପ୍ରାରମ୍ଭରୁ ବହି ପଢ଼ା ବ୍ୟକ୍ତିର ଏକ ସଉକ ହିଁ ଥାଏ। କିଏ କେତେ ପ୍ରକାର ବହି ପଢିବାକୁ ଭଲ ପାଏ। ସାହିତ୍ୟ ବହି ସେଥିରୁ ଗୋଟିଏ ପ୍ରକାର। ମୁଁ ଚିହ୍ନା ପରିଚିତଙ୍କ ଘରକୁ ଗଲେ ତାଙ୍କ ବହି ଆଲମିରା ଦେଖି ଆନନ୍ଦିତ ହୁଏ। କିନ୍ତୁ ସେଥିରେ ସାହିତ୍ୟ ବହି ନଦେଖିଲେ ନିରାଶ ହୁଏ। ଓକିଲଙ୍କ ଘରେ ଆଇନ୍ ବହି, ଡାକ୍ତରଙ୍କ ଘରେ ଡାକ୍ତରୀ ବହି, ଇତିହାସକାରଙ୍କ ଘରେ ଇତିହାସ ବହି ତ ରହିବା ସ୍ୱଭାବିକ। ଜଣେ ଅନୁଜକୁ ଥରେ ପଚାରିଲି, 'ହବି କ'ଣ ତୁମର?' ସେ କହିଲା, 'ବହି ପଢ଼ିବା।' 'କି ପ୍ରକାର ବହି' ବୋଲି ମୁଁ ଉତ୍ସାହିତ ହୋଇ ପଚାରିବାରୁ ଉତ୍ତର ଆସିଲା, 'ମ୍ୟାନେଜ୍ମେଣ୍ଟ ବହି।' ମୁଁ ପଚାରିଲି, 'ଗପ, ଉପନ୍ୟାସ, ଓଡ଼ିଆ ବହି?' ସେ ହସି କହିଲା, 'ସେଥିରୁ କ'ଣ ମିଳିବ?'

କିଛି ବ୍ୟକ୍ତି ଓଡ଼ିଆ ସାହିତ୍ୟ ବହିଗୁଡ଼ିକୁ ବେକାର ବୋଲି କାହିଁକି ଭାବନ୍ତି କେଜାଣି। ଗବେଷକମାନେ ମଧ୍ୟ ଅନେକ ବହି କିଣନ୍ତି ବିଭିନ୍ନ ବିଷୟରେ। ସେମାନେ ଇଂରାଜୀ ଲେଖକଙ୍କ ବହି ପଢ଼ିବାକୁ ଅଧିକ ପସନ୍ଦ କରନ୍ତି ଓ ପିଲାଙ୍କୁ ମଧ୍ୟ କୁହନ୍ତି ଓଡ଼ିଆ ଲେଖକଙ୍କ ବହି ନ ପଢ଼ିବାକୁ। ଓଡ଼ିଆ ସାହିତ୍ୟରେ ଗବେଷଣା କରୁଥିବା ଛାତ୍ର ମଧ୍ୟ ପାଠ୍ୟକ୍ରମ ବହିର୍ଭୂତ ପୁସ୍ତକ ପଢ଼ନ୍ତି ନାହିଁ। ଆଜିକାଲି କ'ଣ ନୂଆ ବହି ଆସୁଚି ସେକଥା ଧ୍ୟାନ ଦିଅନ୍ତି ନାହିଁ। ମୁଁ ଆଶ୍ଚର୍ଯ୍ୟ ହୁଏ ଯେ କେତେକ ସାହିତ୍ୟ ଅଧ୍ୟାପକମାନେ ମଧ୍ୟ କେବଳ କ୍ଲାସରେ ପଢ଼ା ଯାଇଥିବା ଲେଖକଙ୍କୁ ହିଁ ଜାଣନ୍ତି। ଅନ୍ୟ ବିଭାଗ କଥା ନ କହିବା ଭଲ। ଅନେକ ସମୟରେ କଲେଜ୍ କମନ୍ ରୁମ୍‌ରେ ମୁଁ ଓଡ଼ିଆ ବହି ଲୁଚେଇ ପଢ଼େ। ନ ହେଲେ କଟାକ୍ଷ ଶୁଣିବାକୁ ପଡ଼େ ଯେ 'ଭଲ ବହି ପଢ଼, ବେଷ୍ଟ ସେଲର ପଢ଼। ଏଇ ଶସ୍ତା ବହି ପଢ଼ି ଲାଭ କ'ଣ?' ଗୋଟେ ଗୋଟେ ଇଂରାଜୀ ଗବେଷଣା ପୁସ୍ତକର ଦାମ୍‌ରେ ଦଶପନ୍ଦର ଖଣ୍ଡ ଓଡ଼ିଆ ଗପ, କବିତା, ଉପନ୍ୟାସ ବହି କିଣାଯାଇପାରନ୍ତା।

ମୋର ପ୍ରଥମ ଉପନ୍ୟାସ ପ୍ରକାଶିତ ହେଲା ୨୦୦୪ ରେ। ୨୦୧୨ ଯାଏଁ ମୁଁ କଟକର ଏକ ଅଗ୍ରଣୀ ପ୍ରକାଶନ ସଂସ୍ଥାରେ ମୋର ବହି ପ୍ରକାଶିତ କରୁଥିଲି। ଅନେକଙ୍କଠାରୁ ପୋଷ୍ଟକାର୍ଡରେ ଶୁଭେଚ୍ଛା ଓ ଆଶୀର୍ବାଦ ମଧ୍ୟ ପାଇଛି। ମୋଟାମୋଟି ଗୋଟେ ପରିଚୟ ପାଇ ସାରିଥିଲି। ମୋ ବହି ପ୍ରାପ୍ତିର ଠିକଣା ଥିଲା ସେଇ ବହି ଦୋକାନ ଓ ପୁସ୍ତକ ମେଳା। କେହି ବହି ଖଣ୍ଡେ ମାଗୁଥିଲେ ତା'କୁ ବହି ଦୋକାନକୁ ପଠେଇ ହଉଥିଲା। କିନ୍ତୁ ଫେସ୍‌ବୁକ୍ ପ୍ରଚଳନ ପରେ ସବୁ ବଦଳିଗଲା। ପ୍ରଚାରସର୍ବସ୍ୱ ଯୁଗରେ ଲେଖକମାନେ ବିଜ୍ଞାପନମୁଖୀ ହେଲେ ଓ ବିଭିନ୍ନ ପ୍ରକାଶନ ସଂସ୍ଥାରେ ପୁଞ୍ଜି ବିନିଯୋଗ ମଧ୍ୟ କଲେ। ପୁସ୍ତକ ପ୍ରକାଶନ ଏକ ଲାଭକାରୀ ବେପାର ପାଲଟି ଗଲା। ଲେଖକର ଝାଳ ବୁହା (ଆମେ ବିଦେଶୀ ଲେଖକଙ୍କ ପରି ଧନୀ ନୁହଁ) ଧନରେ ସାହିତ୍ୟ ଉତ୍ସବ, ଉନ୍ମୋଚନ, ସାହିତ୍ୟ ସଭା କରାଗଲା। ସେଥିରେ ନିମନ୍ତ୍ରଣ ନ' ପାଇବା ଭୟରେ ଲେଖକ ଚୁପ୍ ରହିଲେ। ଏଥିରେ ଲାଭ କ'ଣ ହେଲା? ୧. ଫେସବୁକ୍‌ରେ ବଡ଼ ସାହିତ୍ୟିକର ଟ୍ୟାଗ ମିଳିଲା, ୨. ଆମ ବହି ଆମାଜନ, ଫ୍ଲିପ୍‌କାର୍ଟରେ ମିଳୁଚି ବୋଲି ନିଜକୁ ଗ୍ଲୋବାଲ ଲେଖକ ଭାବିବାର ଭ୍ରମ ସୃଷ୍ଟି ହେଲା, ୩. ଅନ୍ୟମାନଙ୍କ ଈର୍ଷା ମିଳିଲା, ୪. ସୁଦୃଶ୍ୟ ସଭାମଞ୍ଚରେ ବହି ଉନ୍ମୋଚନର ସୁଯୋଗ ମିଳିଲା, ୫. ସମସ୍ତଙ୍କ ନଜରରେ ଆସିବାରୁ ବେଳେ ବେଳେ ଅତିଥି ହେବାକୁ ଡାକରା ମିଳିଲା, ୬. ମାନପତ୍ର, ଗାମୁଛା, ଶାଲ ମିଳିଲା, ୭. ମିଛ ପ୍ରଶଂସାରେ ପ୍ରଲୁବ୍ଧ ହୋଇ ଖୁସି ରହିବାରୁ ହୀନମନ୍ୟତାରୁ ମୁକ୍ତି ଓ ଆୟୁଷ ବୃଦ୍ଧି ହେଲା। ଏଥିରେ କ୍ଷତି ହେଉଛି - ୧. ଅର୍ଥ (ମାଗଣାରେ ବହି ଛପା ହେବା ଏକ ସୁଖଦ ଭ୍ରମ), ୨. ମନସ୍ତାପ, ୩. କାଳେ କିଏ ଆମଠାରୁ ଆଗେଇ ଯିବ ଭାବି ତରତର ହୋଇ ଗୁଡ଼ାଏ ଆଲୁସାରୁ ଗାରେଇ ଛାପି ପକେଇବା, ୪. ପ୍ରକୃତ ପାଠକ ନପାଇବା, ୫. ପାଠକ ଖୋଜିଲା ବେଳେ ତାଙ୍କୁ ବହି ଖଣ୍ଡିଏ ଦେଇ ନ ପାରିବା, ୬. ନିଜ ପାଖରେ ମଧ୍ୟ ବହି ନ ଥିବାରୁ ମନକଷ୍ଟ ହେବା।

ଆମେ ଯେବେ ଫେସ୍‌ବୁକ୍‌ରେ ନିଜ ବହି ରିଲିଜ୍ ହେବା କଥା ଲେଖୁ ତାହା ନିଜ ଖୁସି ପାଇଁ, ଆତ୍ମପ୍ରଶଂସା ପାଇଁ ! ନହେଲେ ଆଜିକାଲିର ସାହିତ୍ୟ ବହି ଯେ ଦୁଷ୍ପ୍ରାପ୍ୟ ଶ୍ରେଣୀର ଜିନିଷ, ଏହା ସମସ୍ତଙ୍କୁ ଜ୍ଞାତ। ଆପଣ ଅନୁଭବ କରିଥିବେ, ଯଦି କୌଣସି ଏକ ପ୍ରକାଶନ ସଂସ୍ଥାରେ ଆପଣଙ୍କ ପ୍ରଥମ ବହି ଅଧିକ ବିକ୍ରି ହବ, ଆପଣ ଖୁସିରେ ଦ୍ୱିତୀୟଟି ଲେଖିବେ। ସେ ବହି ଉନ୍ମୋଚନ ବେଳେ ଆପଣଙ୍କୁ ମିଳିବ ଦୁଇ ଖଣ୍ଡ (ନିଜ ଖର୍ଚ୍ଚରେ ଛାପି ନଥିଲେ)। ନିଜ ପଇସା ଲଗେଇ ଥିଲେ ପରେ ଆଉ କିଛି ଖଣ୍ଡ ପାଇ ପାରନ୍ତି(ବାଧ୍ୟ ନୁହେଁ)। ଯଦି ଅନ୍‌ଲାଇନ ବିକ୍ରିକୁ ଗଲା, କିଛିଦିନ ପରେ 'ଅନ୍ ଆଭେଲେବଲ'(ଉପଲବ୍ଧ ନୁହେଁ) ବାର୍ତ୍ତା ଦେଖିବାକୁ ମିଳିବ। ପ୍ରକାଶକ କହିବେ, 'କେହି କିଣିଲେ ନାହିଁ, ତେଣୁ ଅନ୍‌ଲାଇନ୍‌ରେ ଉପଲବ୍ଧ ହେଉନାହିଁ। ଲେଖକ ଖୁସିରେ ଭାବିବେ, 'ବହି ସବୁତ ବିକ୍ରି ହୋଇଗଲା, ଦ୍ୱିତୀୟ ସଂସ୍କରଣ ଆସିବ।' ତେବେ ପ୍ରଥମ ସଂସ୍କରଣର ପାଠକ କ'ଣ ମତାମତ ଦେଲେ ସେକଥା କେହି କହି ପାରିବେନି। ଯୋଉ ଦି ତିନିଟି ମତାମତ ମିଳିଥିବ, ସେଇତକ ଜାଣ ଲେଖକ ଜୀବନର ପୁଞ୍ଜି!

ସାମାଜିକ ଗଣମାଧ୍ୟମରେ ତୁମେ ଯଦି କାହା ଲେଖାକୁ ପଢ଼ି ଭଲ ବୋଲି ଦି ପଦ ଲେଖି ଦେଇଛ, ଆଉ ନିସ୍ତାର ନାହିଁ। ବାର୍ତ୍ତା ମାଡ଼ି ଆସିବ, 'ଅମୁକର ବହି କ'ଣ ଏତେ ଭଲ ହେଇଚି?' 'ସେଥିରେ ସେମିତି କିଛି ଖାସ୍ ତ ନାଇଁ' ଇତ୍ୟାଦି। ଏଡ଼େ ଈର୍ଷା, ଅସହିଷ୍ଣୁତା କ'ଣ ପାଇଁ କେଜାଣି ? ଏଥିରେ କିଏ କାହିଁକି କିଣିବ ନା ପଢ଼ିବ?

ଆଜିର ଯୁବପିଢ଼ି ଫେସ୍‌ବୁକ୍‌କୁ ସାହିତ୍ୟର ପରୀକ୍ଷାଗାର ବୋଲି ଭାବନ୍ତି। ସେ ବି ଭଲ! ପ୍ରକାଶନ ଝାମେଲାରୁ ମୁକ୍ତ। ଯାହା କିଛି ପରିଚୟ ମିଳିଲା ଯଥେଷ୍ଟ। ଅନ୍ତତଃ, ଯେତେଦିନ ଯାଏଁ ଭାରତରେ ଫେସ୍‌ବୁକ୍ ଚାଲିଚି, ସେତେଯାଏଁ ଫେସବୁକୀୟ ସମର୍ଥନ ତ ଜାରି ରହିବ। କିନ୍ତୁ ଏଠି ଧୂଆମୂଳା ଅଧୂଆମୂଳା ସମାନ। ଫେସବୁକ୍ ସାହିତ୍ୟ ବିଶେଷ ଭାବରେ କବିତାମୟ। ଓଡ଼ିଆରେ ଦୀର୍ଘ କଥାବସ୍ତୁ ଟାଇପ ନ କରି ପାରିବା ସାହିତ୍ୟିକ ଏଥିରେ ବହୁଳ। ସେ ଯାହହେଉ ନା କାହିଁକି, ଆମ ପରି ପାଠକ, ଯିଏ ବହି ଖଣ୍ଡିଏ ଧରି ଚା' କପ୍‌ର ମଜା ନିଅନ୍ତି କିମ୍ବା ଉପନ୍ୟାସର ସୁଅରେ ଭସାଇ ଦିଅନ୍ତି ନିଜର ଅଳସ ଅପରାହ୍ନ, ତାଙ୍କ ପାଇଁ ଫେସ୍‌ବୁକ୍ ଏକ ଆଶ୍ୱାସନା ନୁହେଁ। ଖାଲି ଅଧାଖଣ୍ଡିଆ ଗପ, ଫାଳେ କବିତା, ବୋଝେ ଫଟୋ, ଅନାବନା ରିଲ୍‌ସ୍‌ରେ ଭର୍ତ୍ତି ଫେସ୍‌ବୁକ୍। ସାହିତ୍ୟ ଚର୍ଚ୍ଚା ନାଁରେ ଗୋଡ଼ ଟଣାଟଣି। ଭାରି ଦୁଃଖର ଅଧ୍ୟାୟ ଏଇଟା ଓଡ଼ିଆ ସାହିତ୍ୟର।

ଆଜିର ଅର୍ଦ୍ଧ ନୂଆପିଢ଼ି ଇନ୍‌ଷ୍ଟାଗ୍ରାମର ପ୍ରବଳ ମୋହରେ। ମୋ ପୁଅ କିଛିଦିନ ତଳେ ଜଣେ ତରୁଣୀଙ୍କ କବିତା ଆବୃତ୍ତି ଶୁଣାଇଲା। ସ୍ୱରଟି ମିଠା କିନ୍ତୁ ଅକାରଣ ହସର ଫୁଆରା ମଝିରେ ମାତ୍ର କବିତା କେଇଧାଡ଼ି। ପଛରେ ସୁମଧୁର ବଂଶୀସ୍ୱନ। ମୁଁ କହିଲି, 'ଏହା କେଉଁ ପ୍ରକାର କବିତା ପଢ଼ା? ଏ ଝିଅ କିଏ ମୁଁ ତ ଚିହ୍ନିନି।' ପୁଅ କହିଲା, 'ସେ ବି ତୁମକୁ ଚିହ୍ନିନି।' ହେଲା, ହିସାବ ବରାବର! ଆମେ ଟ୍ରେଣ୍ଡରେ ନାହୁଁ। ଟ୍ରେଣ୍ଡ ଦିନକୁ ଦିନ ବଦଳୁଛି। ଆଜି ଯାହା ଅଛି, କାଲିକୁ ଅତୀତ। ବୋଧହୁଏ କାଳଜୟୀ ସାହିତ୍ୟ ସୃଷ୍ଟି ଆଉ ସମ୍ଭବପର ନୁହେଁ ! ●

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com



# ଆକାଶମାର୍ଗରୁ ହସ୍ପିଟାଲ ଖସାଇଲା ବାୟୁସେନା

## ଏକାସଙ୍ଗେ ଚିକିତ୍ସିତ ହେବେ ୨୦୦ ଲୋକ





ଭାରତୀୟ ବାୟୁସେନା (ଆଇଏଏଫ) ଇତିହାସ ସୃଷ୍ଟି କରିଛି। ଆଇଏଏଫ୍ ମଙ୍ଗଳବାର ପ୍ରଥମ ଥର ପାଇଁ ଆଗ୍ରାରେ ଆକାଶ ମାର୍ଗରୁ ହସ୍ପିଟାଲ ଖସାଇଛି। ୧୫୦୦ ଫୁଟ ଉପରୁ ପକାଇ ଏହାକୁ ସଫଳତାର ସହ ଭୂପୃଷ୍ଠରେ ଅବତରଣ କରାଇଛି। ଏହା ମାତ୍ର ୮ ମିନିଟ ଭିତରେ ଚିକିତ୍ସା କରିବାକୁ ପ୍ରସ୍ତୁତ ହାଇ ଯାଇଥିଲା। ସୂଚନା ଅନୁଯାୟୀ ଏହି ପୋର୍ଟାବୁଲ ହସ୍ପିଟାଲର ନାମ ବ୍ୟାଟେଲଫିଲ୍ଡ ହେଲ୍‌ଥ ଇନଫରମେସନ ସିଷ୍ଟମ ଫର ମେଡିକାଲ ସର୍ଭିସେସ (ଭୀଷ୍ମ) ରହିଛି। ଯୁଦ୍ଧ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଭଳି ଜରୁରୀକାଳୀନ ପରିସ୍ଥିତିରେ ଏହା କାମରେ ଆସିବ। ଏହାକୁ ଏୟାରଡ୍ରପ କରି ତୁରନ୍ତ ଚିକିତ୍ସା ପ୍ରଦାନ କରାଯାଇପାରିବ। ଏହି ହସ୍ପିଟାଲରେ ଏକାସଙ୍ଗେ ୨୦୦ ଲୋକ ଚିକିତ୍ସିତ ହୋଇପାରିବେ। ଏହି ହସ୍ପିଟାଲରେ ଅନେକ ଆଧୁନିକ ସୁବିଧା ରହିଛି। ଅନେକ ଆଧୁନିକ ଉପକରଣ ଲାଗିଛି। ରିୟଲ ଟାଇମ ମନିଟରିଂ ସହିତ ଏଆଇ ଜ୍ଞାନକୌଶଳ ବ୍ୟବହାର କରାଯାଇଛି। ଜରୁରୀକାଳୀନ ସ୍ଥିତିରେ ଏହା ସ୍ଥିତି ଆକଳନ କରି ରୋଗୀଙ୍କୁ ତୁରନ୍ତ ଆଶ୍ୱସ୍ତି ପ୍ରଦାନ କରିବ। ଏହାକୁ ସହଜରେ ନେଇ ହେବ। ଆଇଏଏଫ, ଭାରତୀୟ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ ଏବଂ ଡିଫେନ୍ସ ଟେକ୍ନୋଲୋଜି ଏକ୍ସପର୍ଟ୍ସ ଏହି ପୋର୍ଟାବୁଲ ହସ୍ପିଟାଲ କ୍ୟୁବ୍ସର ବିକାଶ ଏବଂ ପରୀକ୍ଷଣ କରିଛନ୍ତି।

ଏହି ହସ୍ପିଟାଲକୁ ମାତ୍ର ୧୨ ମିନିଟରେ ପ୍ରସ୍ତୁତ କରାଯାଇପାରିବ। ଏହାର ଓଜନ ୭୨୦ କେଜି ରହିଛି। ଏହା ସୌରଶକ୍ତି ଏବଂ ବ୍ୟାଟେରୀ ଦ୍ୱାରା ମଧ୍ୟ ଚାଲିପାରିବ। ଏଥିରେ ଅପରେସନ ଥିଏଟର, ଜରୁରୀକାଳୀନ ୱାର୍ଡ ସହିତ ସବୁ ଜରୁରୀ ସୁବିଧା ଅଛି। ଏହାକୁ ଏଡିଆରଡିଆଇ ଆଗ୍ରା ଦ୍ୱାରା ଡିଜାଇନ କରାଯାଇଛି। ଏଥିରେ ମାଷ୍ଟର କ୍ୟୁବ୍ କେଜ୍‌ର ୨ଟି ସେଟ୍ ରହିଛି। ପ୍ରତ୍ୟେକରେ ୩୬ଟି ମିନି କ୍ୟୁବ ଥାଏ। ଏହା ବହୁତ ମଜବୁତ ହେବା ସହିତ ଜଳ ପ୍ରତିରୋଧୀ ମଧ୍ୟ। ମାଷ୍ଟର କେଜ୍ ଭିତରେ ଥିବା ପ୍ରତ୍ୟେକ ମିନି କ୍ୟୁବକୁ ସାବଧାନତାର ସହ ପ୍ୟାକ କରାଯାଇଥାଏ। ଏହାକୁ ଦ୍ୱିତୀୟ ଥର ମଧ୍ୟ ବ୍ୟବହାର କରାଯାଇପାରିବ। ଜି-୨୦ ଶିଖର ସମ୍ମିଳନୀ ସମୟରେ ବିଭିନ୍ନ ଦେଶରୁ ଆସିଥିବା ଅତିଥିଙ୍କୁ ଏହି ପ୍ରକଳ୍ପ ଦେଖା ଯାଇଥିଲା। ସମସ୍ତେ ଏହାକୁ ଖୁବ୍ ପ୍ରଶଂସା କରିଥିଲେ। ସେହିପରି ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ସମାରୋହରେ ଭୀଷ୍ମ ପ୍ରକଳ୍ପର ଏକ ୟୁନିଟ ମୁତୟନ କରାଯାଇଥିଲା। ଡାକ୍ତରୀ ଦଳ ମଧ୍ୟ ମୁତୟନ କରାଯାଇଥିଲା। ଏହି ହସ୍ପିଟାଲ ଜଣେ ବ୍ୟକ୍ତିଙ୍କ ଜୀବନ ମଧ୍ୟ ବଞ୍ଚାଇ ଥିଲା। ସୂଚନା ଅନୁଯାୟୀ ପ୍ରାଣ ପ୍ରତିଷ୍ଠା ସମାରୋହରେ ଅଚାନକ ଜଣେ ବୃଦ୍ଧଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଥିଲା। ସେ ହଠାତ୍ ପଡ଼ି ଯାଇ ଚେତା ହରାଇ ଥିଲେ। ପରେ ବାୟୁସେନା ଯବାନ ତାଙ୍କୁ ତୁରନ୍ତ ପରିସରରୁ ବାହାରକୁ ନେଇ ଭୀଷ୍ମ କ୍ୟୁବ୍ ହସ୍ପିଟାଲରେ ପରୀକ୍ଷା କରାଇ ଥିଲେ। ଫଳରେ ବୃଦ୍ଧଙ୍କ ଜୀବନ ବଞ୍ଚି ଯାଇଥିଲା। ସୂଚନାଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭୀଷ୍ମ ପ୍ରକଳ୍ପ ଆରମ୍ଭ କରାଯାଇଥିଲା।

# ବିଶ୍ୱର ଦୀର୍ଘତମ ସିଧାସଳଖ ରାଜପଥ

ସାଉଦୀ ଆରବର ୧୦ ନମ୍ବର ରାଜପଥ ହେଉଛି ବିଶ୍ୱର ଦୀର୍ଘତମ ଆଦୌ ବକ୍ରତା ନଥାଇ ସିଧାସଳଖ ରାଜପଥ। ଶୂନ୍ୟାଞ୍ଚଳ ବା ଏମ୍ପଟି କ୍ୱାର୍ଟର କୁହାଯାଉଥିବା ବିଶ୍ୱର ବୃହତ୍ତମ ବାଲୁକା ମରୁଭୂମି ରବ୍ ଆଲ-ଖଲି ମରୁଭୂମିରେ ତୈଳ ଓ ଗ୍ୟାସ ସମୃଦ୍ଧ ହରାଡ ସିଟିରୁ ସଂଯୁକ୍ତ ଆରବ ଅମୀରେଟ୍ ସୀମାବର୍ତ୍ତୀ ଅଲ-ବାଥା ସହର ଯାଏ ନିର୍ମିତ ଏହି ରାଜପଥର ଲମ୍ବ ହେଲା ୧୫୯ ମାଇଲ ବା ୨୫୬ କିଲୋମିଟର। ପୂର୍ବେ ଏହି ରାଜପଥ କିଙ୍ଗ୍ ଫାଦ୍‌ଙ୍କ ଘରୋଇ ସଡ଼କ ଥିଲା। କୌଣସି ମୋଡ଼ ବା ଉଠାଣି ଗଡ଼ାଣି ନଥିବା ଏହି ସଳଖ ରାଜପଥରେ ଗାଡ଼ି ଚଳାଇବା ଏକ ନିଆରା ଅନୁଭୁତି ଦେଇଥାଏ। ଏହି ରାଜପଥର ଆରମ୍ଭରୁ ଶେଷ ଯାଏଁ ଯିବାକୁ ହେଲେ ପ୍ରାୟ ୨ ଘଣ୍ଟା ଗାଡ଼ି ଚଳାଇବାକୁ ପଡ଼ିଥାଏ। କୌଣସି ମୋଡ଼ ବା ଉଠାଣି ଗଡ଼ାଣି ନଥିବା ଏହି ସଳଖ ରାଜପଥରେ ଗାଡ଼ି ଚଳାଇବା ବେଳେ ଚାଳକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଥାଏ। ଏହି ରାଜପଥରେ ଚାଳକଙ୍କ ଅସାବଧାନତା କାରଣରୁ ଅନେକ ଦୁର୍ଘଟଣା ଘଟୁଥିବା ଦୃଷ୍ଟାନ୍ତ ରହିଛି। ଏହି ରାଜପଥ ନିର୍ମାଣ ହେବା ପୂର୍ବରୁ ପଶ୍ଚିମ ଅଷ୍ଟ୍ରେଲିଆକୁ ଦକ୍ଷିଣ ଅଷ୍ଟ୍ରେଲିଆ ସହ ଯୋଡୁଥିବା ୧୪୬ କିଲୋମିଟର ଦୀର୍ଘ ଇୟାରେ ରାଜପଥ ଥିଲା ବିଶ୍ୱର ଦୀର୍ଘତମ ଆଦୌ ବକ୍ରତା ନଥାଇ ସିଧାସଳଖ ରାଜପଥ।





# ମୃତ୍ୟୁକୁ ମାତ୍ ଦେଉଥିବା ଗ୍ରହର ସନ୍ଧାନ

## ଧୂଆଁ ହୋଇ ଉଡ଼ି ଯାଉଛି 'ହଲ୍ଲା'

ମହାକାଶରୁ ଏକ ଅଦ୍ଭୂତ ଗ୍ରହର ସନ୍ଧାନ ମିଳିଛି। ଏହି ଗ୍ରହ ମୃତ୍ୟୁକୁ ବି ମାତ୍ ଦେଉଛି। ଏହା ଧୂଆଁ ହୋଇ ଉଡ଼ି ଯାଉଛି। ନିଜ ଆକାରକୁ ମଧ୍ୟ ବୃଦ୍ଧି କରିଦେଉଛି। ଏହି ଗ୍ରହର ସନ୍ଧାନ ପାଇ ବୈଜ୍ଞାନିକ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। 'ଦ ଆଷ୍ଟ୍ରୋଫିଜିକାଲ ଜର୍ଣ୍ଣାଲ ଲେଟର୍ସ' ପକ୍ଷରୁ ଏହି ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ ଏହି ଗ୍ରହ ଭସ୍ମ ହୋଇଯିବ ବୋଲି ଆଶା କରାଯାଇଥିଲା। ମାତ୍ର ଏପରି କିଛି ହୋଇ ନ ଥିଲା। ଏହି ଗ୍ରହ ମରିବା ବଦଳରେ ନିଜ ଆକାରକୁ ୧୫୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିଦେଇଥିଲା। ଏହି ଗ୍ରହ ନାମ '୮ ଉର୍ସେ ମାଇନୋସିର ବି' ତଥା ହଲ୍ଲା ରହିଛି। ଏହା ସମୟ ସହିତ ଧୂଆଁ ପାଲଟି ଯାଉଛି। ଏହା ୮ ୟୁଏମଆଇ ପର୍ଯ୍ୟନ୍ତ ବଢ଼ି ଏକ ବିଶାଳକାୟ ଲାଲ ଗ୍ରହରେ ପରିବର୍ତ୍ତିତ ହୋଇ ଯାଇଥିଲା। ୨୦୧୫ରେ ଏହି ଗ୍ରହର ସନ୍ଧାନ ମିଳିଥିଲା। ଏବେ ବୈଜ୍ଞାନିକମାନେ ଏହାର ଅସ୍ତିତ୍ୱ ବୁଝିବାକୁ ପ୍ରୟାସ କରୁଛନ୍ତି। ଏହା ଦେଖିବାକୁ ବୃହସ୍ପତି ଗ୍ରହ ଭଳି। ନିଜ କକ୍ଷରେ ଘୂରିବାକୁ ଏହାକୁ ୯୩ ଦିନ ଲାଗୁଛି। ଗବେଷଣା ଅନୁଯାୟୀ ଏହି ଗ୍ରହରେ ହିଲିୟମ ଜଳୁଛି। କାରଣ ଏଥିରେ ଥିବା ହାଇଡ୍ରୋଜେନ ଶେଷ ହୋଇଯାଇଛି। ୟୁନିଭର୍ସିଟି ଅଫ ହୱାଇ ଇନଷ୍ଟିଚ୍ୟୁଟ ଅଫ ଆଷ୍ଟ୍ରୋନମିରେ ନାସାର ହବଲ ଫେଲୋ ମାର୍କ ହୋନ କହିଛନ୍ତି ଯେ ହଲ୍ଲା ସଂସ୍ପର୍ଶରେ ଆସିଲେ ଅନ୍ୟ ଗ୍ରହ ଗୁଡିକ ଧ୍ୱଂସ ହୋଇଯିବେ। ଏହା ଏକ ଅସାଧାରଣ ଜୀବିତ ଗ୍ରହ।

# ମୋଷ୍ଟ ୱାଣ୍ଟେଡ ଅପରାଧୀଙ୍କ ସ୍ୱର୍ଗ ପାଲଟିଛି ଦୁବାଇ

## ଦୁବାଇ ରିୟଲ ଇଷ୍ଟେଟରେ କଳାଧନ କାରବାର ବଢ଼ିଚାଲିଛି

## ନ୍ୟୁୟର୍କ, ଲଣ୍ଡନଠୁ ଅଧିକ ପସନ୍ଦଯୋଗ୍ୟ ସ୍ଥାନ ପାଲଟିଛି

ଦୁବାଇ ନାମ ଶୁଣିବା ମାତ୍ରେ ବିଳାସପୂର୍ଣ୍ଣ ଜୀବନଯାପନର ଏକ ଛବି ମନମଧ୍ୟକୁ ଆସି ଯାଇଥାଏ। ତେବେ ଏହି ଚାକଚକ୍ୟ ଭରା ସହର କଳା ଧନ୍ଦାର ରାଜଧାନୀ ପାଲଟି ଯାଇଛି। ଏହା ଡ୍ରଗ୍ସ ଚୋରାଚାଲାଣକାରୀ ଏବଂ ଅପରାଧୀଙ୍କ ସ୍ୱର୍ଗ ପାଲଟି ଯାଇଛି। ଦୁବାଇ ଏହି ଅପରାଧୀମାନଙ୍କ ସୁରକ୍ଷିତ ଗଡ଼ ହୋଇଯାଇଛି। ଏଠାକାର ରିୟଲ ଇଷ୍ଟେଟ କାରବାରରେ କଳା ଧନ କାରବାର ବଢ଼ିବାରେ ଲାଗିଛି। ଏକ ନୂଆ ରିପୋର୍ଟରେ ଏହି ଖୁଲାସା କରାଯାଇଛି। ଦୁବାଇର ରିୟଲ ଇଷ୍ଟେଟ ମାଲିକଙ୍କ ସମ୍ବନ୍ଧିତ ଏକ ଅନ୍ତର୍ଜାତୀୟ ଯାଞ୍ଚ 'ଦୁବାଇ ଅନ୍‌ଲକ୍‌ଡ'ର ରିପୋର୍ଟରୁ ଏହା ଜଣାପଡ଼ିଛି। ରିପୋର୍ଟରେ କୁହାଯାଇଛି ଯେ ସାରା ବିଶ୍ୱରୁ ଆସୁଥିବା କଳା ଧନ ଦୁବାଇ ରିୟଲ ଇଷ୍ଟେଟରେ ନିବେଶ କରାଯାଉଛି। ମାତ୍ର ଦୁବାଇରେ ସମ୍ପତ୍ତି କିଣୁଥିବା ପ୍ରତ୍ୟେକ ବ୍ୟକ୍ତି କଳାଧନ ବ୍ୟବହାର କରୁଛନ୍ତି ବୋଲି କୁହାଯାଇ ନାହିଁ। କିନ୍ତୁ ଏହା କଳାଧନର ପସନ୍ଦଯୋଗ୍ୟ ସ୍ଥାନ ପାଲଟି ଯାଇଛି। କଳାଧନକୁ ଠିକଣାରେ ଲଗାଇବାର ଏହା ପ୍ରକୃଷ୍ଟ ମାଧ୍ୟମ ହୋଇଛି।

୪୦ ବର୍ଷ ତଳେ ଦୁବାଇ ଏକ ସାଧାରଣ ସ୍ଥାନ ଥିଲା। ଏହା ମଧ୍ୟପୂର୍ବର ମୁହାଣରେ ଥିଲା। ଅରବର ମରୁଭୂମି ବିନା କୌଣସି ସମସ୍ୟାରେ ପର୍ସିଆ ଉପକୂଳରେ ପହଞ୍ଚି ଯାଉଥିଲା। ମାତ୍ର ଏବେ ସ୍ଥିତି ବଦଳି ଯାଇଛି। ଏବେ ଏହା ବିଶ୍ୱର ଏକ ପ୍ରମୁଖ ବ୍ୟାବସାୟିକ କେନ୍ଦ୍ର ପାଲଟି ଯାଇଛି। ଉଚ୍ଚ ଉଚ୍ଚ କୋଠା ଏହା ପ୍ରସିଦ୍ଧି ଅର୍ଜନ କରିଛି। ସାରା ବିଶ୍ୱର ଧନୀ ଏଠାକୁ ଛୁଟି ମନାଇବାକୁ ଯାଉଛନ୍ତି। ଏହା କେବଳ ଧନୀଙ୍କ ପାଇଁ ନୁହେଁ, ବରଂ ପଳାତକ, ଅପରାଧୀଙ୍କ ଆଶ୍ରୟସ୍ଥଳ ପାଲଟି ଯାଇଛି। କାରଣ ଏଠାରୁ ଅପରାଧୀଙ୍କ ପ୍ରତ୍ୟର୍ପଣ କରିବା ବହୁତ କଠିନ ହୋଇଥାଏ। ଦକ୍ଷିଣ ଆଫ୍ରିକାର ଗୁପ୍ତା ଭାଇ ଏହାର ପ୍ରକୃଷ୍ଟ ଉଦାହରଣ। ଉଭୟଙ୍କ ବିରୋଧରେ ଦକ୍ଷିଣ ଆଫ୍ରିକାର ସାର୍ବଜନୀନ ସମ୍ପତ୍ତି ଲୁଟିଥିବା ଅଭିଯୋଗ ଲାଗିଛି। ଉଭୟ ଦେଶ ମଧ୍ୟରେ ଥିବା ପ୍ରତ୍ୟର୍ପଣ ସନ୍ଧି ପରିବର୍ତ୍ତେ ଗତ ବର୍ଷ ୟୁଏଇ ଦୁଇ ଭାଇଙ୍କ ପ୍ରତ୍ୟର୍ପଣ ଅନୁରୋଧକୁ ଖାରଜ କରିଦେଇଥିଲା। ଏହା ଦକ୍ଷିଣ ଆଫ୍ରିକା ପାଇଁ ବଡ଼ ଝଟ୍‌କା ଥିଲା। ନ୍ୟୁୟର୍କ ଏବଂ ଲଣ୍ଡନ ରିୟଲ ଇଷ୍ଟେଟ କାରବାରରେ ମଧ୍ୟ କଳା ଧନ ଲାଗୁଛି। ମାତ୍ର ପଶ୍ଚିମ ଦେଶର କଟକଣାକୁ ଡରୁଥିବା ଲୋକଙ୍କ ପାଇଁ ଦୁବାଇ ଉତ୍ତମ ବିକଳ୍ପ ଭାବେ ଉଭା ହୋଇଛି।

ରିପୋର୍ଟରେ କୁହାଯାଇଛି ଯେ ସହରରେ କଡ଼ା ସୁରକ୍ଷା ବ୍ୟବସ୍ଥା ରହିଛି। ଏହା ସତ୍ତ୍ୱେ ଦଶ ବର୍ଷ ହେଲା ଡ୍ରଗ୍ସ ବ୍ୟବସାୟୀ ଏବଂ ଅନ୍ୟ ଅପରାଧୀ ଶରଣ ନେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଇସାବେଲ ଡସ୍ ସେଣ୍ଟୋସ ସାମିଲ ଅଛନ୍ତି। ସେ ଅଙ୍ଗୋଲା ଏକଛତ୍ରଶାସକଙ୍କ ଝିଅ ଥିଲେ। ମନି ଲଣ୍ଡରିଂ ଅଭିଯୋଗ କାରଣରୁ ଅନେକ ଦେଶ ତାଙ୍କ ସମ୍ପତ୍ତି ଜବତ କରିଛନ୍ତି। ଆମେରିକା ତାଙ୍କ ଉପରେ ପ୍ରବେଶ କଟକଣା ଲଗାଇଛି। ଦୁବାଇରେ କେବଳ ତାଙ୍କର ସମ୍ପତ୍ତି ନାହିଁ, ବରଂ ସେ ଖୁଲମଖୁଲା ଭାବେ ସମସ୍ତ ସୁବିଧା ପାଇପାରୁଛନ୍ତି।



## ଦୁବାଇରେ ଭାରତୀୟଙ୍କ ପାଖରେ ୧.୫ ଲକ୍ଷ କୋଟିର ସମ୍ପତ୍ତି

ଦୁବାଇରେ ସମ୍ପତ୍ତି କ୍ରୟ କରିବା ପାଇଁ ସାରା ବିଶ୍ୱର ଧନୀ ବ୍ୟକ୍ତିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଛି। ଭାରତର ୨୯, ୭୦୦ ଲୋକଙ୍କ ପାଖରେ ଦୁବାଇରେ ୩୫ ହଜାର ସମ୍ପତ୍ତି ରହିଛି। ଏହାର ମୂଲ୍ୟ ପ୍ରାୟ ୧.୪୨ ଲକ୍ଷ କୋଟି ଟଙ୍କା ହେବ। ସେଣ୍ଟର ଫର ଆଡଭାନ୍ସ ଡିଫେନ୍ସ ଷ୍ଟଡିଜକୁ ମିଳିଥିବା ତଥ୍ୟ ଆଧାରରେ ୫୮ ଦେଶର ୭୪ ମିଡିଆ ହାଉସ ଏହି ରିପୋର୍ଟ ପ୍ରସ୍ତୁତ କରିଛି। ଏହାର ନାମ 'ଦୁବାଇ ଅନଲକ୍ଡ' ଦିଆଯାଇଛି। ରିପୋର୍ଟ ଅନୁଯାୟୀ ଏହି ତାଲିକାର ସବୁଠାରୁ ଉପରେ ଭାରତୀୟଙ୍କ ନାମ ରହିଛି। ସମ୍ପତ୍ତି ମାମଲାରେ ପାକିସ୍ତାନ ଦ୍ୱିତୀୟ ସ୍ଥାନରେ ରହିଛି। ଏଠାକାର ୧୭ ହଜାର ଲୋକଙ୍କ ପାଖରେ ଦୁବାଇରେ ୨୩ ହଜାର ସମ୍ପତ୍ତି ରହିଛି। ଏହାର ମୋଟ ମୂଲ୍ୟ ପ୍ରାୟ ୯୧.୮ କୋଟି ଟଙ୍କା। ଏହା ତାଲିକାର ତୃତୀୟରେ ବ୍ରିଟେନ ଏବଂ ଚତୁର୍ଥ ସ୍ଥାନରେ ସାଉଦି ଆରବ ନାଗରିକ ଅଛନ୍ତି। ରିପୋର୍ଟ ଅନୁଯାୟୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ମାଲିକ ମୁକେଶ ଅମ୍ବାନୀଙ୍କ ପାଖରେ ଦୁବାଇରେ ୨ ହଜାର କୋଟିର ସମ୍ପତ୍ତି ରହିଛି। ସେହିପରି ଲୁଲୁ ଗ୍ରୁପର ଅଧ୍ୟକ୍ଷ ଏମଏମ ୟୁସୁଫ ଅଲି ଏବଂ ତାଙ୍କ ପରିବାର ନିକଟରେ ୫୮୫ କୋଟିର ସମ୍ପତ୍ତି ରହିଛି। ଏହି ତାଲିକାରେ ଶିଳ୍ପପତି ଗୌତମ ଆଦାନୀଙ୍କ ଭାଇଙ୍କ ନାମ ମଧ୍ୟ ରହିଛି। ଏହା ବ୍ୟତୀତ ଶାହାରୁଖ ଖାନ, ଅନିଲ କପୁର ଏବଂ ଶିଳ୍ପା ସେଟ୍ଟୀଙ୍କ ପରି ବଲିଉଡ କଳାକାର ମଧ୍ୟ କୋଟି କୋଟି ଟଙ୍କାର ସମ୍ପତ୍ତି କିଣିଛନ୍ତି। ୨୦୨୨ ତଥ୍ୟ ତୁଳନାରେ ଦୁବାଇରେ ବିଦେଶୀଙ୍କ ପାଖରେ ମୋଟ ୧୬୦ ଅରବ ଡଲାରର ସମ୍ପତ୍ତି ରହିଛି।

ଦୁବାଇରେ ସମ୍ପତ୍ତି କିଣିଥିବା ଲୋକଙ୍କ ମଧ୍ୟରେ ଦୁର୍ନୀତି ଅଭିଯୁକ୍ତ ରାଜନେତା, ସେଲିବ୍ରିଟି, ବ୍ୟବସାୟୀଙ୍କ ବ୍ୟତୀତ ଆପରାଧିକ ମାମଲା ନ ଥିବା ଲୋକ ମଧ୍ୟ ସାମିଲ ଅଛନ୍ତି। ଗୁରୁତର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନ ରାଷ୍ଟ୍ରପତି ଆସିଫ ଅଲି ଜରଦାରୀଙ୍କଠାରୁ ନେଇ ପୂର୍ବତନ ସେନାମୁଖ୍ୟ ଜେନେରାଲ ପରଭେଜ ମୁଶାରଫଙ୍କ ନାମ ମଧ୍ୟ ଏହି ତାଲିକାରେ ସାମିଲ ରହିଛି। ୨୦୧୪ ମାର୍ଚ୍ଚରେ ଅବଦୁଲ ଗନି ମାଜିଦ ନାମକ ବ୍ୟକ୍ତି ଦୁବାଇର ଏକ ପେଣ୍ଟହାଉସ ଜରଦାରୀଙ୍କୁ ଉପହାର ଦେଇଥିଲା। ଏହାର ମୂଲ୍ୟ ପ୍ରାୟ ୨.୭୪ କୋଟି ଟଙ୍କା। ପରେ ରାଷ୍ଟ୍ରପତି ଏହି ସମ୍ପତ୍ତିକୁ ନିଜ ଝିଅକୁ ଦେଇ ଦେଇଥିଲେ। ଜରଦାରୀଙ୍କ ପୁଅ ତଥା ପାକିସ୍ତାନର ପୂର୍ବତନ ବିଦେଶ ମନ୍ତ୍ରୀ ବିଲାୱଲ ଭୁଟ୍ଟୋଙ୍କର ମଧ୍ୟ ଦୁବାଇରେ ସମ୍ପତ୍ତି ରହିଛି। ଏହା ବ୍ୟତୀତ ନୱାଜ ସରିଫଙ୍କ ଝିଅ ହୁସେନ ନୱାଜ ସରିଫ, ଗୃହମନ୍ତ୍ରୀ ମୋହସିନ ନକଭି, ଅନେକ ସାଂସଦ ଏବଂ ବିଧାୟକ ଦୁବାଇରେ କୋଟି କୋଟି ଟଙ୍କାର ସମ୍ପତ୍ତିର ମାଲିକ।

ରିପୋର୍ଟ ଅନୁଯାୟୀ ଅନେକ ଆତଙ୍କବାଦୀ ସଂଗଠନର ସଦସ୍ୟ ମଧ୍ୟ ଦୁବାଇରେ କୋଟି କୋଟି ଟଙ୍କାର ସମ୍ପତ୍ତି କିଣିଛନ୍ତି। ଏମାନଙ୍କ ମଧ୍ୟରେ ହୁତି ବିଦ୍ରୋହୀ, ଲେବନାନର ହିଜବୁଲ୍ଲାହ ସାମିଲ ରହିଛି। ଏହି ଆତଙ୍କବାଦୀ ସଂଗଠନର ମନି ଲଣ୍ଡରିଂ ଅଭିଯୁକ୍ତ ଅଲି ଓସିରାନ ପାଖରେ ବୁର୍ଜ ଖଲିଫାରେ ଏକ ସମ୍ପତ୍ତି ରହିଛି। ସେହିପରି ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ ମଧ୍ୟ ଦୁବାଇରେ ସମ୍ପତ୍ତି କିଣିଛି। ଏହି ତାଲିକାରେ ଜାପାନର ହଜାର ଲୋକ ମଧ୍ୟ ସାମିଲ ଅଛନ୍ତି। ଏମାନଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପରେ ସାମିଲ ଅଭିଯୋଗ ରହିଛି। ସୂଚନା ଅନୁଯାୟୀ ବୁର୍ଜ ଖଲିଫାରେ ଗୋଟିଏ ସମ୍ପତ୍ତିର ମୂଲ୍ୟ ୩ ବର୍ଷରେ ୫୫ ପ୍ରତିଶତ ବୃଦ୍ଧି ପାଇଛି। ଦୁବାଇରେ ୨୦୨୩ରେ ୧୦ ମିଲିୟନ ଡଲାର (ପ୍ରାୟ ୮୩.୪୯ କୋଟି ଟଙ୍କା)ରେ ୪୩୧ ଘର ବିକ୍ରି ହୋଇଥିଲା। ଏହା ବିଶ୍ୱର ଅନ୍ୟ ସହର ତୁଳନାରେ ସର୍ବାଧିକ। ଦୁବାଇରେ ସମ୍ପତ୍ତି କିଣିବା ମଧ୍ୟ ସହଜ। କାରଣ ଏଠାରେ ୪.୫ କୋଟି ଟଙ୍କାର ସମ୍ପତ୍ତି କିଣିଲେ ସହଜରେ ଦୀର୍ଘ ଦିନ ପାଇଁ ଭିସା ମିଳିଯାଉଛି।

ଆତଙ୍କବାଦୀ ମଧ୍ୟ କିଣିଛନ୍ତି କୋଟି କୋଟି ଟଙ୍କାର ସମ୍ପତ୍ତି
ବିଦେଶୀଙ୍କ ପାଖରେ ଦୁବାଇରେ ୧୬୦ ଅରବ ଡଲାରର ସମ୍ପତ୍ତି
୧୨ ହଜାର କୋଟିର ମାଲିକ ପାକିସ୍ତାନ ନାଗରିକ



ଛାୟାଗୀତି

# ସୁଆରି ଡାକ: ହାକୁମ୍ ଧାବଲ୍



ସୂର୍ଯ୍ୟ ଦେଓ

ଏଥର ସିନେ ଲୋକଗୀତର ଅନ୍ୟ ଏକ ଧାରା ଉପରେ ଆଲୋଚନା କରିବା । ଓଡ଼ିଆ ଲୋକଗୀତି ପରମ୍ପରାର ଏକ ଧାରା 'ସୁଆରି ଡାକ' । ଏହି ଗୀତର ଭାଷା ସାଙ୍କେତିକ । ପାଲିଙ୍କି ଧରିଛନ୍ତି ସୁଆରି । 'ହୁଁ ହୁଁ' ହୋଇ ଗୀତ ଆରମ୍ଭ କରୁଛନ୍ତି । ବାହକଙ୍କ ଗତିର ବେଗ ବଢ଼ିଲେ ଗୀତର ବେଗ ମଧ୍ୟ ସେହି ଅନୁସାରେ ବଢ଼ିଯାଉଛି । ପଥର କ୍ଳାନ୍ତି ଓ କାନ୍ଧର ବେଦନା ଲଘୁ କରିବାକୁ ସେମାନେ ଗୀତ ବୋଲୁଛନ୍ତି । ଜୀବନାନୁଭବ ଓ ସୌନ୍ଦର୍ଯ୍ୟ ଚେତନା ସେଥିରେ ଅଛି । ଏହି ପରମ୍ପରା ଓଡ଼ିଆ ସିନେଗୀତକୁ କେମିତି ଆସିଛି ଦେଖନ୍ତୁ : 'ହାକୁମ୍ ଧାବଲ୍...ହୋ ହୋଇୟା... ରଜର ସଜ ବାଜ ଲୋ/ ଅଭଡ଼ା ମିତ ବଉଳ/ ଭାଲୁକୁଣୀ ଫୁଲ ତୋଳା ରାତିଲୋ/ କୁଆଁର ପୁନେଇ ପୁଚିଖେଳ/ ମା' ବାପର ଗେଲବସର ଝିଅଲୋ/ ସାଇପଡ଼ିଶା ସାଙ୍ଗ ସାଥୀ ମେଳ/ କହିବ କେ ମିତଣୀ, ତୁଲୋ ବଡ଼ ସିଆଣୀ'- ୧୯୬୩ ମସିହାର 'ମାଣିକଯୋଡ଼ି' ସିନେମାର ଏହା ହେଉଛି ଗୀତ । ନାରାୟଣ ପ୍ରସାଦ ସିଂହଙ୍କର ରଚନା, ବାଳକୃଷ୍ଣ ଦାଶଙ୍କର ସଂଗୀତ ଓ ଅକ୍ଷୟ ମହାନ୍ତିଙ୍କର ଗାୟନ । ଶବ୍ଦ ଓ ସୁର ଛନ୍ଦରେ ସେହି ପରମ୍ପରା ଓ ଦ୍ରୁତଗତି ଏଠି ମଧ୍ୟ ଅଛି । ଯାହା ଥିଲା ଶୁଦ୍ଧ ସୁଆରି ଗୀତରେ, ଏହି ଗୀତରେ ମଧ୍ୟ ତାହା ଅଛି ।

ପୁଣି ଗାଁ ଗହଳିର ଝିଅବୋହୂ ମନଖୁସିରେ ବା ମେଳା ମହୋତ୍ସବରେ ଯେଉଁସବୁ ଗୀତ ବୋଲନ୍ତି, ତାହା ମଧ୍ୟ ଓଡ଼ିଆ ଲୋକଗୀତର ପରିଧି ଭିତରେ ଆସେ । ମନୋରଞ୍ଜନ ଏସବୁର ଅନ୍ୟତମ ଉଦ୍ଦେଶ୍ୟ । କିଛି ଗୀତ ବୋଲା ହେବା ପାଇଁ ଧରାବନ୍ଧା ନିୟମ ନାହିଁ କି ଅବସର ନିର୍ଦ୍ଦିଷ୍ଟ ହୋଇନାହିଁ । କାରୁଣ୍ୟ, ପ୍ରେମ ଓ ସାମାଜିକ ନିପୀଡ଼ନ ଅଛି ଏ ସବୁ ଗୀତରେ ଆଉ ସେସବୁ ଓଡ଼ିଆ ସିନେ ଧାରାକୁ କେମିତି ଆସିଛି, ଦେଖନ୍ତୁ : 'ପୀରତି ପୀରତି ମନ କିବା ଛପି ରହେ' ବା 'ତୋ ଖୋଜିଲା ଆଖି' - ଏହି ଦୁଇଟି ଗୀତ 'ନବଜନ୍ମ'ରୁ (୧୯୬୫) ଆସିଛି । ଗୀତିକାର ହେଉଛନ୍ତି ଯଥାକ୍ରମେ ନାରାୟଣ ପ୍ରସାଦ ସିଂହ ଓ ଜିତେନ୍ଦ୍ର ପଟ୍ଟନାୟକ । ନିର୍ମଳା ମିଶ୍ର ଓ ସିପ୍ରା ଘୋଷଙ୍କ କଣ୍ଠ ଏବଂ ବାଳକୃଷ୍ଣ ଦାଶଙ୍କ ସଂଗୀତ । ଲୋକଗୀତର ସ୍ୱାଭାବିକ ସୌନ୍ଦର୍ଯ୍ୟ ଏହି ଗୀତ ଦୁଇଟିରେ ଅଛି । ଉଦାହରଣ ନିଅନ୍ତୁ : ଦେ ତୁ ଭିଜାଇ, ତା ମନ ମଜାଇ / ସେ ଶୋଷ ଯିବ ମରି / ଏଇ ନୀର ଚାଖି (ନବଜନ୍ମର ଗୀତ) । 'ନବଜନ୍ମ'ରେ ନାରାୟଣ ପ୍ରସାଦ ସିଂହଙ୍କ ରଚନାର ଉଦାହରଣ ନିଅନ୍ତୁ : ମଲି ଢପ ଲୋ, ମାଲୋ ମଲି, ଅଫୁଲି ଫୁଲି, ତାଳ ଗଛେ ମୂଳେ ପାରିଲି ଚୁଲି/ ଏଇ କଥାକୁ, ନାଆ ପେଲିଦେଲି କଲିକତାକୁ ।' ଆମେ ଯେଉଁ ଏକ ପଦ ବିଶିଷ୍ଟ ପଦର ଚର୍ଚ୍ଚା କରୁଥିଲୁ ତାହା ଏହି ତିନିଟି ଗୀତରେ କେମିତି ପ୍ରୟୋଗ ହୋଇଛି ଦେଖନ୍ତୁ । ଢଗ ଭାବରେ ପରିଚିତ ଛନ୍ଦବଦ୍ଧ ରଚନା ଆସିଛି ଗୀତରେ । ଏହା ଲୋକଗୀତର ଶୁଦ୍ଧ ଶୈଳୀ ଅନ୍ତର୍ଗତ ରସକୁ ଆପଣ ଉପଭୋଗ କରିପାରିବେ । ଗୀତର ସାରଲ୍ୟ ଓ ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ପାରିବେ । ଗୀତ ସୁରରେ ମଧ୍ୟ ଅଛି ସେହି ଛନ୍ଦପତନର ଶୈଳୀ । ■



'ମାଣିକଯୋଡ଼ି'ର ଗୀତି ଦୃଶ୍ୟ

# ସୈଫ୍‌ଙ୍କ ହାତରୁ ଲିଭିଲା କରିନାଙ୍କ ଟାଟୁ!



ବଲିଉଡ୍‌ର ଲୋକପ୍ରିୟ ତାରକା ଦମ୍ପତି ଭାବେ ପରିଚିତ ଅଭିନେତା ସୈଫ୍ ଅଲୀ ଖାନ୍ ଏବଂ ଅଭିନେତ୍ରୀ କରିନା କପୁର । ଦୁହିଁଙ୍କ ବିବାହକୁ ଏଇ ଅକ୍ଟୋବରରେ ୧୨ ବର୍ଷ ପୂରିବ । ତେବେ ବିବାହ ପୂର୍ବରୁ ଯେତେବେଳେ ଏ ଦୁଇଜଣ ପରସ୍ପରକୁ ଡେଟ୍ କରୁଥିଲେ, ସେତେବେଳେ ସୈଫ୍ ନିଜ ହାତରେ କରିନାଙ୍କ ନାଁରେ ଟାଟୁ କରିଥିଲେ । ଏବେ କିନ୍ତୁ ତାଙ୍କ ହାତରେ ତାହା ଆଉ ଦୃଶ୍ୟମାନ ହେଉ ନାହିଁ । ସେଥିପାଇଁ ଦୁହିଁଙ୍କ ସମ୍ପର୍କକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ନିକଟରେ ସୈଫ୍ ମୁମ୍ବାଇ ବିମାନ ବନ୍ଦରରେ ନଜର ଆସିଥିଲେ । ଏହି ସମୟରେ ସେ ତାଙ୍କ ବାମ ହାତରେ କରିଥିବା ନୂଆ ଟାଟୁ ଉପରେ ଲୋକଙ୍କ ନଜର ପଡ଼ିଥିଲା । କାରଣ ଏହି ହାତରେ ହିଁ ସେ କରିନାଙ୍କ ନାଁରେ ଟାଟୁ କରିଥିଲେ, ଯାହା ଏବେ ଅଦୃଶ୍ୟ । ଏବେ ଏହି ସ୍ଥାନରେ ସେ ଏକ ତ୍ରିଶୂଳର ଟାଟୁ ଆଙ୍କିଛନ୍ତି । ଯାହାର ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି । ତେବେ ସୈଫ୍‌ଙ୍କ ଟାଟୁ ବଦଳାଇବା ପଛର କାରଣ କ'ଣ ହୋଇପାରେ, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କୁହାଯାଉଛି ସୈଫ୍ ହୁଏତ କୌଣସି ନୂଆ ଫିଲ୍ମ ପାଇଁ ଟାଟୁକୁ ପରିବର୍ତ୍ତନ କରିଥାଇପାରନ୍ତି । ପୁଣି କୁହାଯାଉଛି, କରିନାଙ୍କ ଟାଟୁ ନାଁ ଉପରେ ସେ କୁଆଡ଼େ ଏହି ନୂଆ ଟାଟୁକୁ ଆଙ୍କିଛନ୍ତି । ତେବେ ଫିଲ୍ମ ରିଲିଜ୍ ହେବା ପରେ ଏକଥା ସ୍ପଷ୍ଟ ହେବ ଯେ, ସୈଫ୍ ଏଭଳି ସତରେ କରିଛନ୍ତି କି ନାହିଁ । ଅନ୍ୟପକ୍ଷରେ ନୂଆ ଟାଟୁକୁ ନେଇ ସୈଫ୍ କିଛି ପ୍ରତିକ୍ରିୟା ରଖି ନାହାନ୍ତି । ■

ପରଦା ପଛର କାହାଣୀ

# ଅଧାରୁ ଛାଡ଼ିଥିଲେ ସୁଟିଂ



ତିନି ଦଶକ ଯାଏଁ ରାଜକୁମାର ଓ ଦିଲୀପଙ୍କ ଅପଡ଼

ଅଶି ନବେ ଦଶକରେ ପରଦାରେ ମୁକ୍ତିଲାଭ କରିଥିଲା ବଲିଉଡ୍ ବ୍ଲକ୍ ବ୍ଲଷ୍ଟର ସିନେମା 'ସୌଦାଗର' । ଯାହା ଦର୍ଶକୀୟ ଆଦୃତି ଲାଭ କରିଥିଲା । ଦିଲୀପ୍ କୁମାର ଓ ରାଜ୍‌କୁମାରଙ୍କ ଦ୍ୱାରା ଅଭିନୀତ ଏହି ସିନେମାର କାହାଣୀ ବନ୍ଧୁତ୍ୱ ଉପରେ ଆଧାରିତ ଥିଲା । 'ସୌଦାଗର' ସିନେମା ଯେମିତି ଚର୍ଚ୍ଚିତ ଥିଲା, ଠିକ୍ ସେମିତି ଏଥିରେ ଅଭିନୟ କରିଥିବା ଦୁଇ ଜଣ ବରିଷ୍ଠ ଅଭିନେତାଙ୍କୁ ନେଇ ମଧ୍ୟ ସେ ସମୟରେ ଚର୍ଚ୍ଚା ଲାଗି ରହିଥିଲା । କହିବାକୁ ଗଲେ, ଏହି ଫିଲ୍ମରେ ଅଭିନୟ କରିଥିବା ସୁପରଷ୍ଟାର ରାଜ୍ କୁମାର ଓ ଦିଲୀପ୍ କୁମାର ରିଅଲ୍ ଲାଇଫ୍‌ରେ ଦୁହେଁ ଦୁହିଁଙ୍କର ପ୍ରତିଦ୍ୱନ୍ଦ୍ୱୀ ଥିଲେ । ଏହି ଚଳଚ୍ଚିତ୍ରରେ ଏକାଠି ଅଭିନୟ କରିବା ପୂର୍ବରୁ ଉଭୟ ଅଭିନେତା ପାଖାପାଖି ୩ ଦଶନ୍ଧି ଧରି ପରସ୍ପର ସହ କଥାବାର୍ତ୍ତା କରୁ ନ ଥିଲେ । ସୁଭାଷ ଘାଇଙ୍କ ଫିଲ୍ମ 'ସୌଦାଗର'ରେ ହିଁ ଉଭୟଙ୍କୁ ଏକାଠି କରି ପାରିଥିଲା । ମାତ୍ର ସିନେମାର ସୁଟିଂ ସେଟ୍‌ରେ କିଛି ଏପରି ହୋଇଥିଲା, ଯେଉଁଥିପାଇଁ ଦିଲୀପ କୁମାର ସୁଟିଂ ସେଟ୍ ଛାଡ଼ି ଚାଲି ଯାଇଥିଲେ । ଏହି ଫିଲ୍ମର କଳା ନିର୍ଦ୍ଦେଶକ ପ୍ରଶାନ୍ତ ନାରାୟଣ ଏକଦା ଏକ ସାକ୍ଷାତକାରରେ ଏ ବିଷୟରେ କହିଥିଲେ ଯେ, 'ଇମ୍‌ଲି କା ବୁଟା...' ଗୀତରେ ଦିଲୀପ୍ କୁମାର ଓ ରାଜ୍ କୁମାର ପରସ୍ପର ମୁହଁରେ ରଙ୍ଗ ଲଗାଇବାର ଏକ ସିନ୍ ରହିଥିଲା । ଏହି ସିନ୍ ବାବଦରେ ଦୁଇଜଣଙ୍କୁ ବୁଝା ଯାଇଥିଲା । ସମସ୍ତ ପ୍ରସ୍ତୁତ ମଧ୍ୟ ସରିଥିଲା। କିନ୍ତୁ ଦିଲୀପ୍ କୁମାର ସେଟ୍‌କୁ ଆସି ତାଙ୍କ ଆଖିରେ ଲେନ୍ସ ଲାଗିଥିବା କହି ମୁହଁରେ ରଙ୍ଗ ଲଗାଇବାକୁ ମନା କରିଥିଲେ । ତେଣୁ ଏ ପ୍ରସଙ୍ଗରେ ରାଜ୍‌କୁମାରଙ୍କୁ ମଧ୍ୟ ବୁଝା ଯାଇଥିଲା । ଏଥି ସହିତ ରଙ୍ଗ କିପରି ଲଗେଇବେ ସେ ବିଷୟରେ କୁହାଯାଇଥିଲା । ଏ ରଙ୍ଗ ଲଗାଇବା କଥା ଶୁଣିବାପରେ ରାଜ୍‌କୁମାର ସେଟ୍ ବାହାରକୁ ଚାଲି ଯାଇଥିଲେ, ଅବଶ୍ୟ କିଛି ସମୟ ପରେ ଆସିଥିଲେ । ପରେ ଦୁହିଁଙ୍କୁ ନେଇ ସୁଟିଂ ଆରମ୍ଭ ହୋଇଥିଲା । ଗୀତ ସିନ୍ ଅନୁଯାୟୀ ରାଜ୍ କୁମାରଙ୍କୁ ଅଳ୍ପ ରଙ୍ଗ ନେଇ ଦିଲୀପଙ୍କୁ ଲଗାଇବାର ଥିଲା, କିନ୍ତୁ ସେ ମୁଠାଏ ରଙ୍ଗ ନେଇ ଦିଲୀପ୍‌ଙ୍କ ମୁହଁରେ ଲଗାଇ ଦେଇଥିଲେ । ଫଳରେ ଦିଲୀପ୍ ଆଖି ମଳିବାକୁ ଲାଗିଥିଲେ । କିନ୍ତୁ ରାଜ୍‌କୁମାର ସେମିତି ଛିଡ଼ା ହୋଇ ରହିଥିଲେ । ରାଜ୍‌କୁମାରଙ୍କ ଏଭଳି ବ୍ୟବହାରରେ ଖପ୍ପା ହୋଇ ଦିଲୀପ୍ କୁମାର ସୁଟିଂ ସେଟ୍ ଛାଡି ପଳାଇଥିଲେ । ■

# କାନ୍ସରେ କିଆରାଙ୍କ ଡେବ୍ୟୁ



ଚଳିତ ମେ ୧୪ରୁ ଫ୍ରାନ୍ସରେ ଆରମ୍ଭ ହୋଇଛି କାନ୍ସ ଫିଲ୍ମ ଫେଷ୍ଟିଭାଲ୍- ୨୦୨୪ । ଏହା ମେ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରତିବର୍ଷ ଭଳି ଏଥର ବି ଭାରତୀୟ ଅଭିନେତ୍ରୀଙ୍କ ଜଲ୍‌ୱା ରେଡ୍ କାର୍ପେଟ୍‌ରେ ଦେଖିବାକୁ ମିଳିବ । ଏଥର ଏହି ବଡ଼ ସିନେମା ଉତ୍ସବରେ ସାମିଲ ହୋଇ କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌କୁ ଡେବ୍ୟୁ କରିଛନ୍ତି ଭାରତୀୟ ଅଭିନେତ୍ରୀ କିୟାରା ଆଡଭାନି । କାନ୍ସର ୭୭ତମ ସଂସ୍କରଣରେ ସେ ଭାରତକୁ ପ୍ରତିନିଧିତ୍ୱ କରିଛନ୍ତି । ଉତ୍ସବର ରେଡ୍ ସି ଫିଲ୍ମ ଫାଉଣ୍ଡେସନ୍ ଦ୍ୱାରା ଆୟୋଜିତ ୱିମେନ୍ ଇନ୍ ସିନେମା ଗାଲା' ଡିନରରେ ସେ ଭାରତକୁ ପ୍ରତିନିଧିତ୍ୱ କରିବେ । ବିଶେଷ କଥା ହେଉଛି, ଏହି କାର୍ଯ୍ୟକ୍ରମ ପାଇଁ ବିଶ୍ୱରୁ କେବଳ ୬ ଜଣ ମହିଳାଙ୍କୁ ସେମାନଙ୍କ ଉପଲବ୍ଧି ପାଇଁ ସମ୍ମାନିତ କରାଯିବ । କିୟାରାଙ୍କ ସମେତ ଅଦିତି ରାଓ ହାଇଦରିଙ୍କଠୁ ଆରମ୍ଭ କରି ଐଶ୍ୱର୍ଯ୍ୟା ରାୟ ବଚ୍ଚନ ବି ଏଥର କାନ୍ସରେ ସାମିଲ ଅଛନ୍ତି । ■

# 'ପଞ୍ଚାୟତ' ଖୋଜୁଛି ନୂଆ ସଚିବ




ଆମାଜନ ପ୍ରାଇମ୍ ଭିଡିଓର ଲୋକପ୍ରିୟ ୱେବ୍ ସିରିଜ୍ ମଧ୍ୟରୁ ଅନ୍ୟତମ 'ପଞ୍ଚାୟତ' । ମେ ୨୮ ତାରିଖରୁ ଆସିବାକୁ ଯାଉଛି 'ପଞ୍ଚାୟତ ସିଜନ୍-୩ ।' ଏହା ପୂର୍ବରୁ 'ପଞ୍ଚାୟତ'ର ଫୁଲେରା ଗାଁରେ ପଞ୍ଚାୟତ ପାଇଁ ନୂଆ ସଚିବ ଖୋଜାପଡ଼ିଛି । ଏଥିରେ ଅଭିନୟ କରିଥିବା ଅଭିନେତ୍ରୀ ନୀନା ଗୁପ୍ତା ଏହାର ପୋଷ୍ଟର ସେୟାର୍ କରିଛନ୍ତି । ତାଙ୍କର ଏହି ପୋଷ୍ଟରଟି ଖୁବ୍ ମଜାଦାର କହିଲେ ଚଳେ । ଏହି ୱେବ୍ ସିରିଜ୍‌ରେ ସଚିବଙ୍କ ଚରିତ୍ରରେ ନଜର ଆସିବେ ଜିତେନ୍ଦ୍ର କୁମାର । ସେୟାର୍ ହୋଇଥିବା ପୋଷ୍ଟର୍‌ରେ ଉଲ୍ଲେଖ ଅଛି, "ନୂଆ ସଚିବଜୀଙ୍କୁ ଖୋଜା ଯାଉଛି । ନିଜର ବାୟୋଡାଟା ଫୁଲେରା ସଚିବଙ୍କ ପାଇଁ ପଠାନ୍ତୁ । ପଦବି ଖାଲି ପଡ଼ିଛି । କ'ଣ ଆପଣ ଫୁଲେରାର ନୂଆ ସଚିବ ହେବେ?" କେବଳ ସେତିକି ନୁହେଁ, ଏହି ପୋଷ୍ଟରରେ ସଚିବଙ୍କ ଚୌକି ଖାଲି ପଡ଼ିଥିବା ଦେଖିବାକୁ ମିଳିଛି । ■

ସାକ୍ଷାତକାର



କଣ୍ଠଶିଳ୍ପୀଟିଏ ହେବାକୁ ସେ ପ୍ରସ୍ତୁତ ହେଉଥିଲେ। ହେଲେ ତାଙ୍କୁ ସେମିତି ସୁଯୋଗ ମିଳିନଥିଲା। ଏକଦା ଅନ୍ନପୂର୍ଣ୍ଣ ଥିଏଟରରେ ଏକ ନାଟକ ଦେଖିଲା ପରେ ଅଭିନେତା ହେବାକୁ ଆଗ୍ରହ ପ୍ରକାଶ କଲେ ଯାଜପୁର, ବରପଦାର ନିଲ୍ ପଣ୍ଡା। ତିନିଟି ଅଡିସନ୍ ଦେବା ପରେ ଦୁର୍ଗାରେ 'ଦୁର୍ଯ୍ୟୋ' ଚରିତ୍ରରେ ତାଙ୍କୁ କାମ ମିଳିଲା। ଫାର୍ମାସି ପଢ଼ା ସାରି ସେ ଅଭିନୟକୁ ପେସା ଭାବେ ଗ୍ରହଣ କରିଛନ୍ତି। ଏହାପରେ ସେ 'ସୁଭଦ୍ରା', 'ତୋ ପାଇଁ ମୁଁ ମୋ ପାଇଁ ତୁ', 'ଭାଗ୍ୟ ହାତେ ଡୋରି' 'ଶକ୍ତି' ଆଦି ଧାରାବାହିକରେ ଅଭିନୟ କରିଛନ୍ତି। ଏବେ 'ମଧୁର ସଂସାର'ରେ ସେ ମାନସ ଚରିତ୍ରରେ ଘରେ ଘରେ ପରିଚିତ। ମ୍ୟୁଜିକ୍ ଭିଡିଓ 'ହାପି ୱାଲା ରଜ' 'ତୁ ମୋ ଲଭ୍ ଷ୍ଟୋରୀ' ଆଦିରେ ସେ କାମ କରିଛନ୍ତି। ତେବେ ଅଭିନୟକୁ ଦୁନିଆ ଭାବି ନେଇଥିବା ନିଲ୍ କେତେ ସଂଘର୍ଷ ପରେ ସଫଳତା ପାଇଛନ୍ତି, ଜାଣିବା ତାଙ୍କ ମୁହଁରୁ...।

# "ଚରିତ୍ର ପାଇଁ ଶୃଙ୍ଖଳିତ ରହିବା ଜରୁରି"



**ନିଲ୍ ପଣ୍ଡା, ଅଭିନେତା**

### ଅଭିନୟ ପ୍ରତି କିଭଳି ଆଗ୍ରହ ପ୍ରକାଶ କଲେ ?

● ଏକ ମଧ୍ୟବିତ୍ତ ପରିବାରରେ ମୋର ଜନ୍ମ। ଗୀତ ଗାଇବାକୁ ବହୁତ ଇଚ୍ଛା ଥିଲା, କିନ୍ତୁ ସୁଯୋଗ ମିଳିନଥିଲା। ଥରେ ଅନ୍ନପୂର୍ଣ୍ଣା ଥିଏଟରରେ ଡ୍ରାମା ଦେଖୁଥିଲି। ସେଠାରେ ଜୀବନ୍ତ ଅଭିନୟ ଦେଖି ମୋତେ ବି ଅଭିନୟ କରିବାକୁ ଇଚ୍ଛା ହେଲା। ମୋତେ ମଞ୍ଚରେ ପ୍ରଥମକରି ବାଘନାଚ କରିବାକୁ ସୁଯୋଗ ମିଳିଲା। ପ୍ରାୟ ଦୁଇରୁ ତିନି ଥର ଅଡିସନ୍ ଦେବା ପରେ 'ଦୁର୍ଗା'ରେ 'ଦୁର୍ଯ୍ୟୋ' ଚରିତ୍ରରେ କାମ ପାଇଁ ଚୟନ ହୋଇଥିଲି। ତେବେ ଆଜିଯାଏଁ ଯେତେ ବି ଚରିତ୍ର କରିଛି, ଏହି ଚରିତ୍ରଟି ମୋତେ ସ୍ୱତନ୍ତ୍ର ପରିଚୟ ମିଳିଥିଲା।

### 'ଦୁର୍ଗା' ପରେ ଅନେକଦିନ ଯାଏ ଆପଣଙ୍କୁ ଦେଖିବାକୁ ମିଳିନଥିଲା, କାରଣ କ'ଣ ?

● ଲୋକପ୍ରିୟ ଧାରାବାହିକ 'ଦୁର୍ଗା' ସରିବା ପରେ ମହାମାରୀ ଆସିଗଲା। ଯେଉଁ ହିସାବରେ ମୁଁ କାମ ଚାହୁଁଥିଲି, ମୋତେ ସେମିତି କାମ ମିଳିନଥିଲା। ଏହି ସମୟ ମୋ ପାଇଁ ବହୁତ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା, ମୋ ଭିତରେ ଆତ୍ମବିଶ୍ୱାସ ଦୁର୍ବଳ ହୋଇଯାଇଥିଲା। କିନ୍ତୁ ନିର୍ଦ୍ଦେଶକ ମହେଶ ମାଜରାଙ୍କଠାରୁ ପ୍ରୋତ୍ସାହନ ପାଇ ମୁଁ 'ସୁଭଦ୍ରା' ଅଡିସନ୍ ଦେବାକୁ ଯାଇଥିଲି। ସେ ମୋ ଜୀବନର ପ୍ରଥମ ନିର୍ଦ୍ଦେଶକ, ମେଣ୍ଟର, ଗୁରୁ ପଥପ୍ରଦର୍ଶକ ଥିଲେ। ତେଣୁ ତାଙ୍କ କଥା ମାନିବାରୁ ସେଥିରେ ମୋନେ ଶ୍ରୀକୃଷ୍ଣ ଚରିତ୍ରରେ କାମ ମିଳିଥିଲା। ଏହା ପରେ ମୁଁ କେବେ ପଛକୁ ଫେରି ଚାହିଁନି।

### 'ମଧୁ'ରେ ମାନସ ଚରିତ୍ରରେ ଖାପଖୁଆଇବାକୁ ସମୟ ଲାଗିଥିଲା କି ?

● ମାନସ ଚରିତ୍ର ମିଳିବା ପରେ ଏହାର ନିର୍ମାତା ମୋତେ କ୍ୟାମେରା ସାମ୍ନାରେ କିପରି ଜଣେ ନିଜକୁ ପ୍ରମାଣିତ କରିପାରିବ, ତାହା ଶିଖାଇଥିଲେ। ତଥାପି ମୋର କଥା କହିବା ଶୈଳୀ ଓ ପୂର୍ବରୁ କାମ କରିଥିବା ଅଭିନେତାଙ୍କ ପର୍ସନାଲିଟି ହିସାବରେ ମାନସ ଚରିତ୍ରକୁ ଖାପଖୁଆଇବାକୁ ସମୟ ଲାଗିଥିଲା। ନିଜର ଆତ୍ମବିଶ୍ୱାସ ଓ ସମସ୍ତଙ୍କ ସହଯୋଗରେ ମୁଁ ଏବେ ମାନସ ଚରିତ୍ରକୁ ନିଖୁଣ ଭାବେ ତୁଲାଇବାକୁ ଚେଷ୍ଟା ଜାରିଅଛି।

### ସମସ୍ୟାକୁ କିପରି ସାମନା କରନ୍ତି ?

● ଜୀବନରେ ଯାହା ବି ସମସ୍ୟା ଆସେ ତାକୁ ନିଜ ବୁଦ୍ଧି ଓ ଧୈର୍ଯ୍ୟ ବଳରେ ମୁକାବିଲା କରେ। ଏଥିପାଇଁ ଅଧିକ ସମୟ ହଇରାଣ ହେବାକୁ ପଡ଼ିନି।

### ସୁଟିଂ ସେଟ୍‌ରେ ସମସ୍ତଙ୍କ ସହ ସମ୍ପର୍କ କେମିତି ?

● ଯେହେତୁ ଧାରାବାହିକରେ ଗୋଟେ ପରିବାରର କଥା ଦେଖାଯାଏ, ସେଥିପାଇଁ ସେଟ୍‌ରେ ବି ପରିବାର ଭଳି ଚଳିବାକୁ ହୁଏ। ସମସ୍ତେ କ'ଣ ଚାହୁଁଛନ୍ତି, ସେମାନଙ୍କ ଇଚ୍ଛାକୁ ସମ୍ମାନ ଦେବା ସହ ବରିଷ୍ଠ କଳାକାରଙ୍କ କଥାକୁ କେମିତି ଗୁରୁତ୍ୱ ଦେଇହେବ ତାକୁ ଧ୍ୟାନ ଦେଇଥାଏ। ପରିବାର ପରି ଏଠାରେ ଭଲ ବୁଝାମଣା ରଖିବାକୁ ହୁଏ। ସୁଟିଂ ନଥିଲେ ମଜାମସ୍ତି ବି ଚାଲିଥାଏ।

### ଚରିତ୍ର ଭିତରେ ହଜିବାକୁ କ'ଣ କରିବା ଦରକାର ?

● ତିନିଟି କଥାକୁ ଗୁରୁତ୍ୱ ଦେବାକୁ ହୋଇଥାଏ। ଚରିତ୍ରଟି କ'ଣ, କୋଉଠୁ ଆସିଛି, କ'ଣ କରୁଛି ଧ୍ୟାନ ଦେଲେ ଅଭିନୟ ଭଲ ହେବ। ତେବେ ଧାରାବାହିକ ନିର୍ମାତାଙ୍କ ନେତୃତ୍ୱରେ କାମ ଭଲ ହୋଇଥାଏ। କେଉଁ ଚରିତ୍ରକୁ କ'ଣ ଦରକାର, କ'ଣ ନୂଆ ଦେଖାଇ ହେବ, ସେ ସବୁ କଥାକୁ ଗୁରୁତ୍ୱ ଦେବାକୁ ହୁଏ।

### କ୍ୟାମେରା ସାମ୍ନାରେ କେବେ ସଂଳାପ ଭୁଲିନାହାନ୍ତି ?

● ଗୋଟେ କଳାକାର ଜୀବନରେ ଏ ସବୁ ସାଧାରଣ କ'ଥା। ଜୀବନରେ ଯେମିତି ଝୁଣ୍ଟିକି ଚାଲିବା ଭଲ, ସେମିତି ଅଭିନୟରେ ମଧ ସଂଳାପ ଭୁଲିବା ଆଉ ଭୁଲିକି ପୁଣି ମନେ ପକାଇ କହିବା ବି ଆବଶ୍ୟକ। ଏହା ଜଣେ ବ୍ୟକ୍ତିକୁ ମଜଭୁତ୍ କରିଥାଏ।

### ଚକୋଲେଟ୍ ବୟ ନିଲ୍ କେମିତିଆ ଜୀବନସାଥୀ ଚାହାଁନ୍ତି, କେବେ ପ୍ରସ୍ତାବ ମିଳିଛି କି?

● ଅତି ସାଧାରଣ ପରିବାରରୁ ଆସିଥିବାରୁ ମୁଁ ସାଧାରଣ ଝିଅଟିଏ ଚାହୁଁଛି। ସେ ମୋ ପରିବାରକୁ ବୁଝୁଥିବେ, ଆଉ ପରିବାର ବିଷୟରେ ଚିନ୍ତା କରୁଥିବେ। ସାମାଜିକ ଗଣମାଧ୍ୟମ (ଇନ୍‌ଷ୍ଟାଗ୍ରାମ୍) ଓ ଫୋନ୍ ଜରିଆରେ ଅନେକ ପ୍ରେମ ପ୍ରସ୍ତାବ ଆସେ। ମୁଁ ଜାଣିଛି, ଫ୍ୟାନ୍ ମୋ ପାଇଁ ସବୁକିଛି, ତେଣୁ ଏସବୁକୁ ମୁଁ ସକାରାତ୍ମକ ଭାବେ ଗ୍ରହଣ କରି ସେମାନଙ୍କ କଥାକୁ ସମ୍ମାନ ଦିଏ। ଏଯାଏଁ ମୋ ଜୀବନରେ କେହି ଆସିନାହାଁନ୍ତି।

### ସୁଟିଂ ସେଟ୍‌ର କିଛି ସ୍ମରଣୀୟ ମୁହୂର୍ତ୍ତ ?

● ଅଡିସନ୍ ଦେଇ ଚୟନ ହେବା ପରେ ମୁଁ ଜାଣିନଥିଲି ଶ୍ରୀକୃଷ୍ଣ ଚରିତ୍ରରେ ମୋତେ ଅଭିନୟ କରିବାକୁ ଅଛି। ଯେତେବେଳେ ଶ୍ରୀକୃଷ୍ଣଙ୍କ ବେଶ ପାଇଁ ମୋ କେଶରେ ମୟୂର ଚୂଳ, ଚିତା ଚୈତନ୍ୟ ଲଗାଯାଇଥିଲା, ସେତେବେଳେ ଦେହ ଶିହରୀ ଉଠିଥିଲା, ଭିନ୍ନ ଅନୁଭବ ହୋଇଥିଲା।

### ଆଧ୍ୟାତ୍ମିକ ଧାରାବାହିକ ପାଇଁ କେମିତି ପ୍ରସ୍ତୁତ କରନ୍ତି ?

● ଆଧ୍ୟାତ୍ମିକ ଚରିତ୍ର ଓ ସାମାଜିକ ଚରିତ୍ରରେ କାମ କରିବା ଶୈଳୀ ଭିନ୍ନ ଭିନ୍ନ। ଆଧ୍ୟାତ୍ମିକ ଧାରାବାହିକ ପାଇଁ ଭକ୍ତିଭାବ ଜରୁରି। ଭକ୍ତି ଓ ଶୃଙ୍ଖଳା ସହିତ ଏହି ଚରିତ୍ରଟି ଆଗକୁ ବଢ଼ିଥାଏ। ହେଲେ ପାରିବାରିକ କାହାଣୀରେ ଚରିତ୍ର ପାଇଁ ଶୃଙ୍ଖଳିତ ରହିବା ସମୟ ସହିତ ନିଜକୁ ପରିବର୍ତ୍ତନ ହେବାକୁ ପଡ଼େ।

### ଅଭିନୟ ପ୍ରତି ରୁଚି ରଖୁଥିବା ପିଲାଙ୍କୁ କ'ଣ କହିବେ ?

● ପୂର୍ବାପେକ୍ଷା ଏବେ ଅଭିନେତା/ଅଭିନେତ୍ରୀ ହେବାକୁ ଅନେକ ପ୍ଲାଟ୍‌ଫର୍ମରେ ସୁଯୋଗ ରହିଛି। ମୁଁ ଚାହେଁ, ମୋ ପର ପିଢ଼ି ମୋଠାରୁ ଭଲ ଅଭିନୟ କରନ୍ତୁ। ■



## 'ବିହା ଲଗନ୍'ରେ ରାକେଶ

ଆସୁଛି ପିପା ଫିଲ୍ମସ୍ ନିବେଦିତ ନୂଆ ଓଡ଼ିଆ ସିନେମା 'ବିହା ଲଗନ'। ନବୀନ କେ. ଅଗ୍ରୱାଲଙ୍କ ଏହି ସିନେମାରେ ମୁଖ୍ୟ ଚରିତ୍ରରେ ନଜର ଆସିବେ ଓଲିଉଡ୍‌ର ଲୋକପ୍ରିୟ କୋରିଓଗ୍ରାଫର୍ ତଥା ଅଭିନେତା ରାକେଶ। ଏଥିରେ ତାଙ୍କ ବିପକ୍ଷରେ ନାୟିକା ଭାବେ ନଜର ଆସିବେ ତୃପ୍ତି। ସମ୍ବଲପୁରୀ ଏବଂ ଓଡ଼ିଆ ଭାଷାରେ ନିର୍ମିତ ଏହି ସିନେମାକୁ ନେଇ ରାକେଶ ବେଶ୍ ଉତ୍ସାହିତ ଅଛନ୍ତି। ସିନେମାଟି ଏକ ସୁନ୍ଦର ପାରିବାରିକ କାହାଣୀ ଉପରେ ଆଧାରିତ। ମୁଖ୍ୟତଃ ଦୁଇଟି ପରିବାରକୁ ନେଇ ଏହାର କାହାଣୀ ଗତିଶୀଳ ହୋଇଛି। ଇମୋସନ୍, ଆକ୍ସନ, ରୋମାନ୍ସ ସବୁ କିଛି ସିନେମାରେ ଦର୍ଶକେ ଦେଖିବାକୁ ପାଇବେ। କେବଳ ସେତିକି ନୁହେଁ, ଉଭୟ ସମ୍ବଲପୁରୀ ଏବଂ ଓଡ଼ିଆ ଭାଷାର ମିଶ୍ରଣ ରହିଥିବାରୁ ସବୁ ଅଞ୍ଚଳର ଲୋକ ସିନେମାଟିକୁ ପସନ୍ଦ କରିବେ ବୋଲି ଆଶା କରାଯାଉଛି। ଏହାର ସଙ୍ଗୀତରେ ଅଭିଜିତ୍ ମଜୁମଦାର ଅଛନ୍ତି। ରାକେଶ ଓ ଶ୍ରୀତମଙ୍କ ବ୍ୟତୀତ ବିଭିନ୍ନ ଚରିତ୍ରରେ ପ୍ରଦ୍ୟୁମ୍ନ ଲେଙ୍କା, ରତନ ମେହେର, ପୃଥ୍ୱୀରାଜ, ସ୍ମିତା ମହାନ୍ତି ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ତେବେ ସିନେମାଟି କେବେ ପ୍ରେକ୍ଷାଳୟକୁ ଆସିବ, ସେକଥା ଜଣାପଡ଼ି ନାହିଁ। ■






## ରବିବାର 'କଳିଙ୍ଗ କନ୍ୟା'ର ଗ୍ରାଣ୍ଡ ଓପନିଂ

ତରଙ୍ଗ ରଜକୁ ନେଇ ନୂଆ ରିଆଲିଟି ଶୋ' 'କଳିଙ୍ଗ କନ୍ୟା'କୁ ପରିଚିତ କରାଇଛି। ମେଗା ଅଡିସନ୍‌ରୁ ଶୋ' ଆରମ୍ଭ ହୋଇଥିବା ବେଳେ ଏଇ ରବିବାର ଏହାର ଗ୍ରାଣ୍ଡ ଓପନିଂ ହେବ। ଏହି ଅବସରରେ ଟେଲି କଳାକାରଙ୍କ ଦମ୍‌ଦାର୍ ଡ୍ୟାନ୍ସ ଦେଖିବାକୁ ମିଳିବ। ଶୋ'ରେ ବିଚାରକ ଭାବେ ଅନୁ ଚୌଧୁରୀ ଏବଂ ଉଷସୀ ମିଶ୍ର ଅଛନ୍ତି। ଅନ୍ୟପକ୍ଷରେ ଏହି ଶୋ' ପ୍ରତିଯୋଗୀଙ୍କ ସୁନ୍ଦରତା ନୁହେଁ, ଆତ୍ମବିଶ୍ୱାସକୁ ଗୁରୁତ୍ୱ ଦେବ। ସେହି ଆଧାରରେ 'କଳିଙ୍ଗ କନ୍ୟା'ଙ୍କୁ ମନୋନୀତ କରାଯିବ। ଏହା ପ୍ରତ୍ୟେକ ଶନିବାର ଓ ରବିବାର ରାତି ୯ଟା ୩୦ରେ ପ୍ରସାରିତ ହେବ। ■



## 'ରଜ କୁଇନ୍'ରେ ଲିପି

ମେ' ୪ ତାରିଖରୁ ଜି-ସାର୍ଥକରେ ରାତି ୯ଟା ୩୦ରୁ ଆରମ୍ଭ ହୋଇଛି ଲୋକପ୍ରିୟ ରିଆଲିଟି ଶୋ' 'ରଜ କୁଇନ୍ ୨୦୨୪।' ଏଥର ବିଚାରପତି ଆସନରେ ନଜର ଆସିଛନ୍ତି ଅଭିନେତ୍ରୀ ଲିପି ଏବଂ ଅଭିନେତା ଶ୍ରୀତମ ଦାସ। ଏ ଦୁହିଁଙ୍କ ସହ ବିଚାରପତି ଆସନ ଅଳଙ୍କୃତ କରିଛନ୍ତି, ଟେଲି ଅଭିନେତା ରଞ୍ଜନ ପଣ୍ଡା। ଯଦିଓ ଶ୍ରୀତମ ରଜ କୁଇନ୍ ଶୋ' ସହିତ ପୂର୍ବରୁ ପରିଚିତ ଅଛନ୍ତି, ତଥାପି ଲିପି ପ୍ରଥମଥର ପାଇଁ ଏହି ଶୋ'ରେ ସାମିଲ ହୋଇ ପ୍ରତିଯୋଗୀଙ୍କୁ ପରଖୁଛନ୍ତି। ରଜ କୁଇନ୍ ମଞ୍ଚ ବିଭିନ୍ନ ସ୍ଥାନର ପ୍ରତିଯୋଗୀମାନଙ୍କୁ ସେମାନଙ୍କ ପ୍ରତିଭାକୁ ସାମ୍ନାକୁ ଆଣିବାକୁ ସୁଯୋଗ ପ୍ରଦାନ କରେ। ଅନ୍ୟପଟେ ଏହି ଶୋ'ର କେତେକ ବିଜୟିନୀ ଆଜି ଅଭିନୟ ଦୁନିଆରେ ଲୋକଙ୍କ ହୃଦୟ ଜିଣିବାରେ ସଫଳ ହୋଇଛନ୍ତି। ■



## 'ପାବାର'ରେ କ୍ରିଷ୍ଣା

ଏଥର ରଜ ଅବସରରେ ମୁକ୍ତିଲାଭ କରିବ ପାରିବାରିକ କାହାଣୀ ଉପରେ ଆଧାରିତ ବହୁ ପ୍ରତୀକ୍ଷିତ ସିନେମା 'ପାବାର'। ଅଶୋକ ପତିଙ୍କ ନିର୍ଦ୍ଦେଶିତ ଏବଂ ତୃପ୍ତି ଶତପଥୀଙ୍କ ପ୍ରଯୋଜିତ ଉକ୍ତ ସିନେମାର ମୁଖ୍ୟ ଭୂମିକାରେ ଓଲିଉଡ୍‌ର ସୁପରଷ୍ଟାର୍ ବାବୁଶାନ ମହାନ୍ତିଙ୍କୁ ଦେଖିବାକୁ ମିଳିବ। ଏହାରି ଭିତରେ ଅନ୍ୟ କେଉଁ କଳାକାର ଏଥିରେ କେଉଁ ଚରିତ୍ରରେ ନଜର ଆସିବେ, ସେକଥା ଧୀରେ ଧୀରେ ସାମ୍ନାକୁ ଆସୁଥିବା ବେଳେ ଏଥିରେ ନଜର ଆସିବେ ଅନ୍ୟତମ ଲୋକପ୍ରିୟ ଅଭିନେତା କ୍ରିଷ୍ଣା କର ଓରଫ୍ କର। ଦର୍ଶକେ ତାଙ୍କର ଖଳ ଚରିତ୍ର ସହ ପରିଚିତ ଥିବା ବେଳେ ଏଥିରେ ସମ୍ପୂର୍ଣ୍ଣ ଭିନ୍ନ ଏକ ଲୁକ୍‌ରେ ତାଙ୍କୁ ଦେଖିବାକୁ ପାଇବେ। ଏଥିରେ ସେ ସୁରେଶ ପଣ୍ଡା ଚରିତ୍ରରେ ଅଭିନୟ କରିଛନ୍ତି। ସିନେମାରେ ନିଜର ଏକ ଫଟୋକୁ ସେ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି। ଯାହାକୁ ଲୋକେ ଖୁବ୍ ପସନ୍ଦ କରିଛନ୍ତି। ଫଟୋରେ ସେ ଛିଟ ସାର୍ଟ ପିନ୍ଧିଛନ୍ତି। ତା'ସହ ଚଷମା ଲଗାଇଛନ୍ତି। ଅବଶ୍ୟ ତାଙ୍କ ଷ୍ଟାଇଲ୍ କହୁଛି, ସେ ଲୋକଙ୍କୁ ନିଜ ଚରିତ୍ର ମାଧ୍ୟମରେ ଖୁବ୍ ମନୋରଞ୍ଜନ କରିବେ। ସିନେମାର ସଙ୍ଗୀତ ନିର୍ଦ୍ଦେଶନାରେ ଅଛନ୍ତି ଗୌରବ ଆନନ୍ଦ। କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପରେ ଅଛନ୍ତି ଅମିତ କୁମାର ଦାସ ଏବଂ ପ୍ରଣବ ପ୍ରସନ୍ନ ରଥ। ■

# ସବୁ ସାରିଦେଲା ବାଟହୁଡ଼ା ତାରୁଣ୍ୟ

ତାରୁଣ୍ୟର ଖସଡ଼ା ବୟସରେ ପିଲାମାନେ କୁସଙ୍ଗରେ ପଡ଼ି ଭୁଲ୍ କରିବା ସ୍ୱାଭାବିକ । ଆଉ ଯଦି ସେଇ ବୟସରେ ପରିବାରଠାରୁ ପିଲା ଅଲଗା ହୁଏ ତେବେ ଭୁଲ୍ ହେବାର ଆଶଙ୍କା ଦ୍ୱିଗୁଣିତ ହୋଇଯାଏ । ଯାହା ସେମାନଙ୍କ ଭବିଷ୍ୟତକୁ ସବୁଦିନ ବିପଥଗାମୀ କରାଯାଇଦିଏ । ୱାନ୍-ୱେ ଟ୍ରାଫିକ୍ ଭଳି ଅଧାବାଟରୁ ଫେରି ଆସିବା ମଧ୍ୟ ସେମାନଙ୍କ ପାଇଁ କାଠିକର ପାଠ ହୋଇପଡ଼େ । ଏପରିସ୍ଥଳେ ନିଜପିଲାଙ୍କୁ ନେଇ ସ୍ୱପ୍ନ ଦେଖୁଥିବା ବାପା, ମାଆ ତଥା ପରିବାର ଲୋକଙ୍କ ମନର ଆକାଶରେ କଳାବାଦଲ ଢାଙ୍କି ଆସେ । ବ୍ରହ୍ମପୁର ସହରରେ ରହୁଥିବା ଏଭଳି କିଛି ଟିନ୍ଏଜ୍‌ର ଯୁବକମାନେ ନିଜର ଭୁଲ୍‌କାମ ପାଇଁ ଏବେ ଜେଲ୍‌ର ଚାରିକାନ୍ଥରେ ଆବଦ୍ଧ ହୋଇଛନ୍ତି ତାକୁ ନେଇ ଏଥର ସ୍ୱତନ୍ତ୍ର ଉପସ୍ଥାପନା ।

**ବ୍ରହ୍ମପୁରରୁ ଶକ୍ତିଧର ରାଜଗୁରୁଙ୍କ ରିପୋର୍ଟ**



ଏଇ ମେ' ୩ ତାରିଖ ରାତିର ଘଟଣା । ଜଣେ ନାବାଳିକା ଛାତ୍ରୀଙ୍କୁ ୫ରୁ୬ଜଣ ଛାତ୍ର ଗଣଦୁଷ୍କର୍ମ କରିବା ସହ ଘଟଣା ପ୍ରଘଟ କଲେ ଜୀବନରେ ମାରିଦେବାକୁ ଧମକ ଦେଇଥିବା ନେଇ ଅଭିଯୋଗ ହୋଇଥିଲା । ଘଟଣାର ଦିନକ ପରେ ଅର୍ଥାତ୍ ୫ତାରିଖ ଦିନ ନିଜେ ପୀଡ଼ିତା ନାବାଳିକା ଛାତ୍ରୀ ସ୍ଥାନୀୟ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଅନୁଯାୟୀ, ପୀଡ଼ିତା ମୋନିକା (ଛଦ୍ମନାମ) ୩ତାରିଖ ଅପରାହ୍ଣରେ ନିଜର ଜଣେ ସହପାଠୀ ବାନ୍ଧବୀଙ୍କ ହିଲପାଟଣାସ୍ଥିତ ଘରକୁ ଯାଇଥିଲେ । ସେଠାରେ କଥାବାର୍ତ୍ତା ହୋଇ ବାହାରକୁ ଆସି ଘରକୁ ଯିବା ପାଇଁ ବାପାଙ୍କୁ ଅପେକ୍ଷା କରିଥିଲେ । ଇତିମଧ୍ୟରେ ମୋନିକାଙ୍କ ପୁରୁଷ ବନ୍ଧୁ କୁହାଯାଉଥିବା ରୁତୁନ ଦାଶ ମୋନିକାଙ୍କ ନିକଟରେ ପହଞ୍ଚି ତାଙ୍କ ଘରକୁ ଡାକିଥିଲେ । ମୋନିକା ସହମତି ପ୍ରକାଶ କରିବା ପରେ ଉଭୟେ ମଟର ସାଇକଲରେ ବ୍ରହ୍ମପୁର ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ରୁତୁନଙ୍କ ଘରକୁ ଯାଇଥିଲେ । ଘରକୁ ଯାଇ ଦେଖିବା ବେଳେ ସେଠାରେ ଆଉ କେହି ସଦସ୍ୟ ନ ଥିଲେ । ଏନେଇ ମୋନିକା ରୁତୁନଙ୍କୁ ପଚାରିବାରେ ରୁତୁନ ତାଙ୍କୁ ଏକ ମୃଦୁ ପାନୀୟ ଦେଇ ଅପେକ୍ଷା କରିବାକୁ କହିଥିଲେ ଏବଂ ସେ ତାଙ୍କ ମାଆଙ୍କୁ ଡାକି ଆଣୁଛନ୍ତି କହିଥିଲେ । ରୁତୁନଙ୍କ କଥାରେ ବିଶ୍ୱାସ କରି ମୋନିକା ଉକ୍ତ ମୃଦୁ ପାନୀୟ ପିଇ ସେଠାରେ ରୁତୁନ ଓ ତାଙ୍କ ମାଆଙ୍କୁ ଅପେକ୍ଷା କରିଥିଲେ । କିଛି ସମୟ ପରେ ରୁତୁନ ନିଜ ମାଆଙ୍କୁ ସାଙ୍ଗରେ ଆଣିବା ପରିବର୍ତ୍ତେ ଅନ୍ୟ କିଛି ପୁରୁଷ ସାଙ୍ଗଙ୍କୁ ଘରକୁ ଡାକି ଆଣିଥିଲେ । ସେତେବେଳକୁ ମୃଦୁ ପାନୀୟ ପିଇ ଅଚେତ ହୋଇ ପଡ଼ିଥିଲେ ମୋନିକା । ଏହାର ସୁଯୋଗ ନେଇ ରୁତୁନ ଓ ତାଙ୍କର ଅନ୍ୟ ପୁରୁଷବନ୍ଧୁମାନେ ଅଚେତ ମୋନିକାଙ୍କୁ ଜଣଙ୍କ ପରେ ଜଣେ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଏହି ସମୟ ମଧ୍ୟରେ ଅଚେତ ହୋଇପଡ଼ିଥିବା ମୋନିକାଙ୍କର ଚେତା ଫେରିଆସିଥିଲା । ଏବଂ ମୋନିକା ନିଜ ପ୍ରତି ହେଉଥିବା ଦୁଷ୍କର୍ମ ଘଟଣା ଜାଣିପାରିଥିଲେ । ସେ ନିଜ ବାପାଙ୍କୁ ଫୋନ କରିବାକୁ ଚେଷ୍ଟା କରୁଥିବା ବେଳେ ଘଟଣା ସମ୍ପର୍କରେ ପ୍ରଘଟ କଲେ ଜୀବନରେ ମାରିଦେବାକୁ ରୁତୁନ ଧମକ ଦେଇଥିବା ନେଇ ମୋନିକା ଦେଇଥିବା ଲିଖିତ ଏତଲାରେ ଉଲ୍ଲେଖ କରିଛନ୍ତି । ପରେ ରୁତୁନ ଓ ତାଙ୍କର ଅନ୍ୟ ଜଣେ ବନ୍ଧୁ ମୋନିକାଙ୍କୁ ପୁଣି ମଟର ସାଇକଲରେ ନେଇ ବିଜିପୁରସ୍ଥିତ ସନ୍ତୋଷୀ ମା' ମନ୍ଦିର ନିକଟରେ ଛାଡ଼ି ଦେଇଥିଲେ ।

ଘରକୁ ଫେରି ଘଟଣା ସମ୍ପର୍କରେ ମୋନିକା ନିଜ ପରିବାର ବର୍ଗଙ୍କୁ ଜଣାଇଥିଲେ । ତେବେ ରୁତୁନ ଦେଇଥିବା ଧମକପୂର୍ଣ୍ଣ କଥାକୁ ନଜରରେ ରଖି ଦ୍ୱନ୍ଦ୍ୱରେ ପଡ଼ିଯାଇଥିଲେ ମୋନିକା ଓ ତାଙ୍କ ପରିବାର ବର୍ଗ । ତେବେ ଶେଷରେ ସାହସ ବାନ୍ଧି ଦିନକ ପରେ ଅର୍ଥାତ୍ ୫ତାରିଖରେ ଖୋଦ ମୋନିକା ବୈଦ୍ୟନାଥପୁର ଥାନାକୁ ଯାଇ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ ତଥା ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ । ମୋନିକାଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ପୁଲିସ । ଅଭିଯୁକ୍ତଙ୍କ ବିରୁଦ୍ଧରେ ଭାରତୀୟ ପିଙ୍ଗଳ କୋଡ୍‌ର ୩୭୨(ଡି), ୩୨୮, ୧୨୦(ବି), ୫୦୬ ଧାରା ଓ ପକ୍‌ସୋ ଆକ୍ଟରେ ମାମଲା ରୁଜୁ କରିଛି । ପୀଡ଼ିତାଙ୍କର ଡାକ୍ତରୀ ମାଇନା ସହ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ବୟାନ ରେକର୍ଡ କରାଯାଇଥିଲା । ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ତଦନ୍ତ କରି ପୁଲିସ ମୋନିକାଙ୍କ ପୁରୁଷ ବନ୍ଧୁ ତଥା ମୁଖ୍ୟ ଅଭିଯୁକ୍ତ ରୁତୁନ ଦାଶ ସମେତ ଅନ୍ୟ ୪ଜଣ ଅଭିଯୁକ୍ତ ରୁଦ୍ର ଜେନା, ଅଭିଳାଷ ପଲାଇ, ଆକାଶ ନାୟକ ଓ ଜୁମନ ଗୌଡ଼ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଘଟଣାରେ ଅନ୍ୟ କାହାର ସମ୍ପୃକ୍ତି ଅଛି କି ନାହିଁ ସେନେଇ ତଦନ୍ତ ଜାରି ରଖିଥିଲା ପୁଲିସ । ପରେ ଘଟଣାରେ ସମ୍ପୃକ୍ତ ରହି ଫେରାର ଥିବା ଅନ୍ୟତମ ଅଭିଯୁକ୍ତ ଓଁକାର ଜେନାଙ୍କୁ ପୁଲିସ ବରଗଡ଼ରୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଫଳରେ ଏହି ଚାଞ୍ଚଲ୍ୟକର ନାବାଳିକା ଗଣଦୁଷ୍କର୍ମ ଘଟଣାରେ ଗିରଫଙ୍କ ସଂଖ୍ୟା ୬କୁ ବୃଦ୍ଧି ପାଇଥିଲା । ଗିରଫ ସମସ୍ତଙ୍କ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ ପୂର୍ବରୁ ସେମାନଙ୍କର ଡାକ୍ତରୀ ମାଇନା କରାଯାଇଥିଲା । ତଥାପି ଘଟଣାରେ ଆଉ କାହାରି ସମ୍ପୃକ୍ତି ରହିଛି କି ନାହିଁ ସେନେଇ ତଦନ୍ତ ଜାରି ରହିଥିବା ସୂଚନା ଦେଇଛନ୍ତି ବ୍ରହ୍ମପୁର ଏସ୍‌ପି ଦାୟିତ୍ୱରେ ଥିବା ଡିଆଇଜି ଡାକ୍ତର ସାର୍ଥକ ଷଡ଼ଙ୍ଗୀ ।

ଗଣଦୁଷ୍କର୍ମ ମାମଲାରେ ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତଙ୍କ ମଧ୍ୟରୁ କିଏ ଡି ଫାର୍ମା, କିଏ ଇଞ୍ଜିନିୟରିଂ ତ ଆଉ କିଏ ବିସିଏ ଛାତ୍ର ଥିବା ଜଣାପଡ଼ିଛି । ବିଶ୍ୱାସରେ ବିଷ ଦେଇ ନିଜ ବାନ୍ଧବୀଙ୍କୁ ରୁତୁନ ଧୋକା ଦେଇଥିବା ବେଳେ କୁସଙ୍ଗରେ ପଡ଼ି ନିଶାସେବନ କରି ଜଣେ ନିରୀହ ନାବାଳିକା ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଭଳି ଅପରାଧ ଅଭିଯୋଗରେ ୬ଜଣ ଛାତ୍ରଙ୍କ ଜୀବନ ବରବାଦ ହେବା ସହ ପୁଅଙ୍କ ଭବିଷ୍ୟତକୁ ନେଇ ଦେଖିଥିବା ସେମାନଙ୍କ ବାପା ଓ ମାଆଙ୍କ ସ୍ୱପ୍ନ ଚୂରମାର ହୋଇଯାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି ।

## ସପ୍ତାହର ୭ ଅପରାଧ

**■ ରେଳ ଧାରଣାରୁ ଏବିଡିଓଙ୍କ ମୃତଦେହ ଉଦ୍ଧାର**

କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଉନ୍ନୟନ ଅଧିକାରୀ ବିଧୁଭୂଷଣ ଜେନାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ସୋମବାର ରେଳଲାଇନରୁ ଉଦ୍ଧାର କରାଯାଇଛି । କୌଣସି କାମରେ ସେ ବିଶାଖାପାଟଣା-ଟାଟା ଟ୍ରେନ୍‌ରେ ରାତିରେ ଆସୁଥିଲେ । ରେଳ ଷ୍ଟେସନରୁ ୧ କିଲୋମିଟର ଦୂର ରେଳୱେ ଓଭର ବ୍ରିଜ୍ ନିକଟକୁ କିଭଳି ଆସିଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

**■ ପୁତ୍ରହନ୍ତା ବାପକୁ ଆଜୀବନ ଜେଲ୍**

ତିନିବର୍ଷ ତଳେ ସୁନ୍ଦରଗଡ଼ ବଡ଼ଗାଁ ଥାନା ରୁନୁଗାଁ ବଡ଼ପଡ଼ାରେ ପୁତ୍ରହନ୍ତା କର୍ମୁ ମିରି(୬୦)ଙ୍କୁ ଆଜୀବନ କାରାଦଣ୍ଡ ଏବଂ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି ସୁନ୍ଦରଗଡ଼ ଅତିରିକ୍ତ ଦୌରଜଜ୍ ରାଜେଶ ଦାସ । ପ୍ରକାଶଥାଉ କି ୨୦୨୧ ଜାନୁଆରୀ ୧ ତାରିଖରେ ପୁଅ ଶ୍ୟାମସୁନ୍ଦର ଶୋଇଥିବା ବେଳେ କର୍ମୁ ଏକ ଟାଙ୍ଗିଆରେ ହାଣି ତାଙ୍କୁ ହତ୍ୟା କରିଥିଲା ।

**■ ଲେଡି ଡ୍ୟାନ୍ସରଙ୍କ ମୃତ୍ୟୁ ମାମଲା: ପୁରୁଷ ବନ୍ଧୁଙ୍କ ନାମରେ ହତ୍ୟା ଅଭିଯୋଗ**

ଭୁବନେଶ୍ୱର ବଡ଼ଗଡ଼ ଥାନା ପଡ଼ାସାହିରେ ଭଡ଼ାରେ ରହୁଥିବା ଲେଡୀ ଡ୍ୟାନ୍ସର ମୋନାଲିସା ଦାସଙ୍କ ମୃତ୍ୟୁ ମାମଲାରେ ଶୁକ୍ରବାର ପୁରୁଷ ବନ୍ଧୁ ନିହାରଙ୍କ ନାମରେ ହତ୍ୟା ଅଭିଯୋଗ ରୁଜୁ ହୋଇଛି । ଏହି ମାମଲା ଏବେ ଆତ୍ମହତ୍ୟାରୁ ହତ୍ୟାର ମୋଡ଼ ନେଇଛି ।

**■ ନାବାଳିକା ଦୁଷ୍କର୍ମକାରୀକୁ ୧୦ ବର୍ଷ ଜେଲ୍**

ନାବାଳିକା ଦୁଷ୍କର୍ମ ମାମଲାର ଶୁଣାଣି କରି ଶନିବାର ଭୁବନେଶ୍ୱର ଆଡହକ ଆଡିସନାଲ ସେସନ୍ ଜଜ୍, ଫାଷ୍ଟ ଟ୍ରାକ ସ୍ପେଶାଲ୍ କୋର୍ଟ ହତ୍ୟାକାରୀ ହେମନ୍ତ ବେହେରାକୁ ୧୦ ବର୍ଷ ଜେଲ୍‌ଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା ଆଦେଶ ଶୁଣାଇଛନ୍ତି । ୨୦୧୫ ରେ ଏହି ମାମଲା ରୁଜୁ ହୋଇଥିଲା ।

**■ ମହୁଲବଣି ହତ୍ୟା ମାମଲାରେ ୩ ଜଣଙ୍କୁ ଆଜୀବନ ଜେଲ୍**

୨୦୨୧ରେ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ସଂଘଟିତ ରଘୁନାଥ ମହାନ୍ତ ହତ୍ୟା ମାମଲାର ଶୁଣାଣିକରି ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ସତ୍ୟନାରାୟଣ ପାତ୍ର ମଙ୍ଗଳବାର ୩ ଜଣ ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ହତ୍ୟାକାରୀମାନେ ହେଲେ ମୋରୋଡ଼ା ଥାନା ଅନ୍ତର୍ଗତ ଶୋଭାକର ମହନ୍ତ, ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର ଯତୀନ୍ଦ୍ର ମହନ୍ତ ଓ କମଳଲୋଚନ ମହନ୍ତ ।

**■ ସନ୍ଦେହ କରିବାରୁ ଛୁରି ଭୁସି ହତ୍ୟା**

ଚୋର ବୋଲି ସନ୍ଦେହ କରିବାରୁ ସମ୍ବଲପୁର ଜିଲ୍ଲା ବୁର୍ଲା ସହରର ବିଷ୍ଣୁ ମନ୍ଦିର ପଡ଼ାର ବିଜୟ ଜାଲଙ୍କୁ ୫ ଜଣ ହତ୍ୟା କରିଛନ୍ତି । ଏହି ଘଟଣାରେ ପୁଲିସ ୨ ଜଣଙ୍କୁ ଗିରଫ କରି ଥିବାବେଳେ ୩ ଜଣ ଫେରାର ହୋଇଯାଇଛନ୍ତି । ଏକ ଚୋରି ଘଟଣାରେ ବିଜୟ ଲାଲ୍ ୩ ଜଣଙ୍କୁ ଚୋର ବୋଲି ସନ୍ଦେହ କରିଥିଲେ ।

**■ ଗଞ୍ଜି-ଚଡ଼ି ଗ୍ୟାଙ୍ଗର ୧୧ ଜଣଙ୍କୁ ୯ ମାସ ଜେଲ୍**

୨୦୧୩ ମସିହାରେ ତମାଣ୍ଡୋ ଥାନା ଅଞ୍ଚଳରେ ଲୁଟପାଟ୍ ଘଟଣାରେ ମଙ୍ଗଳବାର ଗିରଫ ଗଞ୍ଜି-ଚଡ଼ି ଗ୍ୟାଙ୍ଗର ୧୧ ଜଣଙ୍କୁ ୯ ମାସ ଜେଲ ଦଣ୍ଡାଦେଶ କରିଛନ୍ତି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ- ୧ ବିଚାରପତି ପାୟଲ ଗୁପ୍ତା । ଦଣ୍ଡାଦେଶ ପାଇଥିବା ୧୧ ଜଣ ହେଲେ ଗରିବ ଗିରି, ଦଉଲତ ଗିରି, ରାଜୁ ବାଗରୀ, ସାନୁ ବାଗରୀ, ସନ୍ତୋଷ ଦାସ, ରାମ ମଲାକର, ସଙ୍ଗିଲ ମଲାକର, କୁନାଲ ମଲାକର, ଶଙ୍କର ସିଘସ୍ତ, ସୁନୀଲ ମୋଗିଆ ଓ ରାମସିଂ ଚୌହାନ । ଅଭିଯୁକ୍ତମାନେ ସହରରେ ଘରଡାଡ଼ି ରାହାଜାନି ରହୁଥିଲେ । ଦେହରେ ଚଡ଼ି-ଗଞ୍ଜି ଓ ମୁହଁରେ ମାସ୍କ ପିନ୍ଧି ଲୁଟପାଟ୍ କରିବା ପରେ ଅନ୍ୟ ଜିଲ୍ଲାକୁ ଚମ୍ପଟ ମାରୁଥିଲେ ।

# ଅନ୍ଧବିଶ୍ୱାସରେ ଅପରାଧୀ

ଅନ୍ଧବିଶ୍ୱାସ କାହାକୁ ଛାଡ଼ିନି । ଏମିତି କି ଅପରାଧୀମାନେ ପାରମ୍ପରିକ ଭାବେ ଅନ୍ଧବିଶ୍ୱାସରେ ବଶବର୍ତ୍ତୀ ହୋଇ ବିଭିନ୍ନ ସମୟରେ ଚୋରି, ଡକାୟତି କରୁଥିବାର ବହୁ ନଜିର୍ ରହିଛି । ଓଡ଼ିଶାରେ ଏରାଗୋଲାଠାରୁ ବାୱରିଆ ଏବଂ ଇରାନୀ ଭଳି ବହୁ ଲୁଟେରା ଗ୍ୟାଙ୍ଗ୍ ରହିଛନ୍ତି ଯେଉଁମାନେ ପାରମ୍ପରିକ ଭାବେ ଅନ୍ଧବିଶ୍ୱାସରେ ବଶବର୍ତ୍ତୀ ହୋଇ ବିଭିନ୍ନ ପ୍ରକାର ପୂଜାପାଠ କରି ଲୁଟ୍ ପାଇଁ ବାହାରିଥାନ୍ତି । ଏମିତି କି ଲୁଟ୍ କିମ୍ବା ଡକାୟତି କରିବା ପାଇଁ ଦିନବାର ଦେଖି ଯାଇଥାଆନ୍ତି । ଯଦି ସଫଳ ହେଲେ ସେମାନଙ୍କ ଇଷ୍ଟଦେବତାଙ୍କ ନିକଟରେ ପୂଜାପାଠ କରନ୍ତି । ଆଉ ଯଦି ବିଫଳ ହେଲେ କିମ୍ବା ପୁଲିସ ହାତରେ ଧରାପଡ଼ିଗଲେ ତେବେ ପୂଜାରେ କିଛି ବିଘ୍ନ ରହିଛି ବୋଲି ସେମାନଙ୍କ ବିଶ୍ୱାସ ରହିଛି । ଓଡ଼ିଶାରେ ସାମ୍ରାଜ୍ୟ ବିସ୍ତାର କରିଥିବା ରାଜ୍ୟ ବାହାରର କିଛି ପାରମ୍ପରିକ ଅପରାଧ ଗ୍ୟାଙ୍ଗ୍ ସମ୍ପର୍କରେ ସ୍ୱତନ୍ତ୍ର ଉପସ୍ଥାପନା ।

**ରିପୋର୍ଟ: 'ସକାଳ' ବ୍ୟୁରୋ**







ରାଜଧାନୀକୁ ଆସୁଥିବା ରାଜ୍ୟ ବାହାରର ଅପରାଧୀ ହୁଅନ୍ତୁ ଅବା ସହରର ଲୁଟେରା, ସେମାନଙ୍କ ମଧ୍ୟରୁ ଅଧିକାଂଶ ଠାକୁରଙ୍କ ପ୍ରେମ ବନ୍ଧା ପଡ଼ିଛନ୍ତି । ମା'ଙ୍କ ଫଟୋକୁ ପୂଜା କରିବା ସହ ହାତରେ କଳାସୂତା ବାନ୍ଧି ଲୁଟ୍ କରିବାକୁ ଯାଉଛନ୍ତି । ଏଥିସହ ବିଭିନ୍ନ ସମ୍ପ୍ରଦାୟର ଲୋକେ ହେଉଥିବାରୁ ସେମାନଙ୍କ ଇଷ୍ଟ ଦେବଦେବୀଙ୍କୁ ପୂଜା କରୁଛନ୍ତି । ସେ ବାୱରିଆ ଗ୍ୟାଙ୍ଗ୍ ହୁଅନ୍ତୁ କିମ୍ବା ଏରାଗୋଲା ଓ ଅନ୍ୟାନ୍ୟ ଲୁଟେରା ଗ୍ୟାଙ୍ଗ୍ । ଧରାପଡ଼ିଲେ ଠାକୁରଙ୍କ ଫଟୋ ସହ ରତ୍ନପଥର ଏବଂ ଅନ୍ୟାନ୍ୟ ଧର୍ମ ସମ୍ବନ୍ଧୀୟ ସାମଗ୍ରୀ ଜବତ କରାଯାଉଛି । ଧରାପଡୁଥିବା ଗ୍ୟାଙ୍ଗ୍‌ର ସଦସ୍ୟଙ୍କ ମଧ୍ୟରେ ରକ୍ତସମ୍ପର୍କ ରହିଛି ।

ଏଭଳି ବର୍ଷକ ଭିତରେ ପ୍ରାୟ ୧୦ ଗ୍ୟାଙ୍ଗ୍‌ର ୫୦ରୁ ଅଧିକ ଲୁଟେରାଙ୍କୁ ଗିରଫ କରାଯାଇଛି । ଗିରଫ ହେବା ପରେ ସେମାନଙ୍କ ଅପରାଧର ପୃଷ୍ଠଭୂମି ଖୋଳତାଡ଼ କରିବା ପରେ ଆସୁଛି ନୂଆ ତଥ୍ୟ । ଏମାନେ ବୃତ୍ତିଧାରୀ ଅପରାଧୀ ହୋଇଥିବା ବେଳେ ଭାଗବାନ ଉପରେ ବେଶ୍ ବିଶ୍ୱାସ ରଖୁଛନ୍ତି । ସେହିପରି ଅପରାଧ କରି ରୋଜଗାର କରୁଥିବା ଟଙ୍କାରେ ମନ୍ଦିର ସହ ଦାନଧର୍ମ କରିଥାନ୍ତି । ନିଜ ସମ୍ପ୍ରଦାୟର ପୂଜା କରୁଥିବା ମା'ଙ୍କ ମନ୍ଦିର କରିବା ସହ ଗାଁରେ ଭୋଜିଭାତର ଆୟୋଜନ କରିଥାନ୍ତି । ଏହାଦ୍ୱାରା ଭଗବାନଙ୍କ କୋପ କମିବା ସହ ପୁଲିସ ହାତରେ ଧରାପଡ଼ିବେନି ବୋଲି ସେମାନଙ୍କର ବିଶ୍ୱାସ ରହିଛି ।



### ଘୋଡ଼ା ବେପାରୀରୁ ଲୁଟେରା

ଘୋଡ଼ା ବେପାର କରିବା ପାଇଁ ଆଜକୁ ପ୍ରାୟ ୩୦୦ବର୍ଷ ତଳେ ଇରାନରୁ ଏକ ସମ୍ପ୍ରଦାୟ ଓଡ଼ିଶାକୁ ଆସିଥିଲେ । ପରବର୍ତ୍ତୀ ସମୟରେ ଏଭଳି ସମ୍ପ୍ରଦାୟର ଲୋକେ ବଂଶାନୁକ୍ରମିକ ଭାବେ ନୂଆପଡ଼ାରେ ସ୍ଥାୟୀ ବାସିନ୍ଦା ଭାବେ ରହି ଅପରାଧ ଘଟାଉଥିଲେ । ଅପରାଧ ଲାଗି ବାହାରକୁ ବାହାରିଲେ ସାଙ୍ଗରେ ରୁଦ୍ରାକ୍ଷ, ମାଳି ଓ ଠାକୁରଙ୍କ ଫଟୋ ନେଉଛନ୍ତି । ଧରାପଡ଼ିଲେ ବିକ୍ରି ଆଳରେ ଖସିଯାଉଛନ୍ତି । ପଣା ସଂକ୍ରାନ୍ତି ସମୟରେ ଏମାନେ ନିଜ ସମ୍ପ୍ରଦାୟ ପୂଜା କରୁଥିବା ବାବାଙ୍କୁ ଶରଣ ପଶନ୍ତି । ପରେ ଆଶିଷ ନେଇ ଅପରାଧ ଲାଗି ବାହାରି ଯାଆନ୍ତି । ଓଡ଼ିଶା ସମେତ ସାରା ଦେଶରେ ଅପରାଧ ଘଟାଇ ଇରାନି ମୁସ୍‌ଲିମ୍ ଗ୍ୟାଙ୍ଗ୍ ନାମରେ ବେଶ୍ ପରିଚିତ । ଯେଉଁ ଗ୍ୟାଙ୍ଗ ଭୁବନେଶ୍ୱର ସମେତ ସାରା ରାଜ୍ୟରେ ହଇଚଇ ସୃଷ୍ଟି କରି ଆସୁଛନ୍ତି । ବିଗତ ଦିନରେ ଭୁବନେଶ୍ୱରର କମିସନରେଟ୍ ପୁଲିସ ହାତରେ ଏଭଳି ଗ୍ୟାଙ୍ଗର ସଦସ୍ୟ ଗିରଫ ହେବାର ନଜିର ମଧ୍ୟ ରହିଛି ।

### ଲୁଟ୍ ପୂର୍ବରୁ ବଳିପୂଜା

ଏବେ ସମଗ୍ର ଦେଶରେ ବଳିପ୍ରଥାକୁ ନିଷିଦ୍ଧ କରାଯାଇଥିବା ବେଳେ ମହାରାଷ୍ଟ୍ରର ମରାଠୀ ଗ୍ୟାଙ୍ଗ୍ ନାମରେ ବେଶ୍ ପରିଚିତ ଅନ୍ୟ ଏକ ପାରମ୍ପରିକ ଲୁଟେରା ଗ୍ୟାଙ୍ଗ କିନ୍ତୁ କାର୍ଯ୍ୟ ସିଦ୍ଧି ପାଇଁ ଏଭଳି ପୂଜା କରି ଆସୁଛନ୍ତି । ସେମାନେ ଲୁଟ୍ ଲାଗି ବାହାରିବା ପୂର୍ବରୁ ମା'ଙ୍କ ଆଗରେ ବଳି ପକାଇଥାନ୍ତି । ମା' ନିକଟରେ ରକ୍ତର ବଳି ଦେବା ସହ ଦୁଇ ଦିନିଆ ବ୍ରତ ରଖନ୍ତି । ବ୍ରତ ବା ଓଷା ସରିବା ପରେ ଲୁଟ୍ ଲାଗି ବାହାରିପଡ଼ନ୍ତି । ଶ୍ରାବଣ ମାସରେ ଇଷ୍ଟଦେବୀଙ୍କ ନିକଟରେ ଚଣ୍ଡୀପାଠ ହେବାକୁ ଥିବାରୁ ଯୁଆଡ଼େ ଥିଲେ ବି ଘରକୁ ପଳାଇ ଆସନ୍ତି । ମାସେ ପୂଜା ପାଠ କରିବା ପରେ ପୁନଶ୍ଚ ଅପରାଧର ଯୋଜନା ପ୍ରସ୍ତୁତ କରିଥାନ୍ତି ।

### ଲୁଟେରାଙ୍କ କାଳୀ ସାଧନା

ଦକ୍ଷିଣ ଦିଲ୍ଲୀର ଏକ ଗ୍ୟାଙ୍ଗ୍ ସାପୁଆ କେଳା ବେଶରେ ଅପରାଧ ଲାଗି ଆସିଥାନ୍ତି । ଭିକ୍ଷାବୃତ୍ତି ଆଳରେ ଗଳିଗଳି ବୁଲି ପ୍ରଥମେ ରେକି କରିଥାନ୍ତି । ଟାର୍ଗେଟ୍‌ରେ ଥିବା ଘରଗୁଡ଼ିକ ଭିତରେ ସାପ ପକାଇ ଭୟଭୀତ କରି ଲୁଟ୍ କରିଥାନ୍ତି । ଏହି ସମ୍ପ୍ରଦାୟ ମା' କାଳୀଙ୍କ ସାଧନା କରିଥାନ୍ତି । ଅପରାଧ ଘଟାଇବା ପୂର୍ବଦିନ ମା'ଙ୍କ ନିକଟରେ ଶରଣ ପଶୁଛନ୍ତି । ପୁରୁଷ ଓ ମହିଳାମାନେ ମିଶି ଅପରାଧ ଲାଗି ବାହାରକୁ ଯାଆନ୍ତି । ଲୁଟ୍ ଟଙ୍କାରେ ନିଜ ସମ୍ପ୍ରଦାୟର ଗରିବ ପିଲାଙ୍କୁ ଖାଇବାକୁ ଦେଇଥାନ୍ତି । ଏହି ଗ୍ୟାଙ୍ଗର କିଛି ସଦସ୍ୟ ଏବେ ଘରୁ ସୁନା ଦୁଇଗୁଣ କରିଦେବାର ଆଳ ଦେଖାଇ ଲୁଟ୍‌ପାଟ୍ କରିବାର ନଜିର୍ ମଧ୍ୟ ରହିଛି ।



### ଦୀପାବଳିରୁ ଇଷ୍ଟପୂଜା

ଉତ୍ତରପ୍ରଦେଶର ବାୱରିଆ ଗ୍ୟାଙ୍ଗ୍ ଉତ୍ତର ଭାରତରେ ବିସ୍ତୃତ ଏକ ନାମମାତ୍ର ଜନଜାତି । ଦୀପାବଳିରେ ଗ୍ୟାଙ୍ଗ୍‌ର ସଦସ୍ୟମାନେ ଇଷ୍ଟଦେବୀଙ୍କ ସାମ୍ନାରେ ପ୍ରାର୍ଥନା କରନ୍ତି । ପରେ ଲୁଟ୍ ଓ ଡକାୟତି କରିବା ଲାଗି ନିଜ ଜନ୍ମସ୍ଥାନ ଛାଡ଼ିଥାନ୍ତି । ସାରା ଦେଶରେ ଲୁଟ୍ ଲାଗି ହତ୍ୟା କରୁଥିଲେ ବାୱରିଆ ଗ୍ୟାଙ୍ଗ୍ । ରାଜଧାନୀରୁ ଗ୍ୟାଙ୍ଗ୍‌ର ୪ସଦସ୍ୟ ପ୍ରଦୀପ କୁମାର, ବିକାଶ, ରବି କୁମାର ଓ ବାବୁରାମକୁ କାବୁ କରାଯାଇଥିଲା ।

### କଳାଫିତାରେ କଳାକାରନାମା

ଦକ୍ଷିଣାଞ୍ଚଳର ଆନ୍ଧ୍ରପ୍ରଦେଶ ଓ ଗଞ୍ଜାମର ଏକ ସମ୍ପ୍ରଦାୟର ବ୍ୟକ୍ତି ରାଜଧାନୀରେ ଲୁଟ୍‌ପାଟ୍ କରୁଛନ୍ତି । ସେମାନେ ଏରାଗୋଲା ଗ୍ୟାଙ୍ଗ୍ ନାମରେ ବେଶ୍ ପରିଚିତ । ଲୁଟ୍ କରିବା ଲାଗି ଆସିବା ପୂର୍ବରୁ ନିଜ ସମ୍ପ୍ରଦାୟ ବିଶ୍ୱାସ କରି ପୂଜା କରୁଥିବା ମା'ଙ୍କ ନିକଟରେ ଶରଣ ପଶୁଛନ୍ତି । ଏଭଳି ଲୁଟେରା ଗ୍ୟାଙ୍ଗ ଆଉ ହାତ ଓ ବେକରେ କଳାଫିତା ବାନ୍ଧିଥାନ୍ତି । ଏମିତି ଲୁଟ୍‌ପାଟ୍ କରିବାକୁ ଦିନବାର ଦେଖି ବାହାରିଥାନ୍ତି । ଗୁରୁବାର ଲୁଟ୍ କଲେ ମା'ଙ୍କ କୋପ ପଡ଼ିବ ବିଶ୍ୱାସ ରଖି ସେଇ ଦିନଟିକୁ ବିଶ୍ରାମ ନେଉଥିଲେ । ଅନେକ ସମୟରେ ଗୁରୁବାର ଲୁଟ୍ କରିବାକୁ ଆସି ସେମାନେ ଧରାପଡ଼ିଥିବାର ନଜିର ରହିଛି ବୋଲି ଗିରଫ ଲୁଟେରାମାନେ ପୁଲିସ ନିକଟରେ ପ୍ରକାଶ କରିଛନ୍ତି ।

■ ପିଣ୍ଟୁ ଦାଶଙ୍କ ଗିରଫ ପ୍ରତିବାଦରେ ଥାନା ଘେରାଓ ଘଟଣା

# ପିଣ୍ଟୁଙ୍କ ୨୦୦ଜଣ ସମର୍ଥକଙ୍କ ବିରୋଧରେ ମାମଲା ରୁଜୁ

**ବ୍ରହ୍ମପୁର, ୧୫।୫(ସମିସ):** ବିଜେପିର ବ୍ରହ୍ମପୁର ଲୋକସଭା ସାଂସଦ ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀଙ୍କୁ ଆକ୍ରମଣ ଘଟଣାରେ ବିଜେପି ବିଦ୍ରୋହୀ ତଥା ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଶିବଶଙ୍କର ଦାଶ (ପିଣ୍ଟୁ)ଙ୍କୁ ଗୋଷାଣିନୂଆଗାଁ ଥାନା ପୁଲିସ ଅଟକ ରଖିବା ଖବର ପାଇ ପିଣ୍ଟୁଙ୍କ ଶହଶହ ସମର୍ଥକ ଥାନା ଘେରାଉ କରିଥିଲେ। ଥାନା ସମ୍ମୁଖରେ ରାସ୍ତା ଅବରୋଧ କରିବା ସହ ପିଣ୍ଟୁଙ୍କୁ ତୁରନ୍ତ ଛାଡ଼ିବାକୁ ଦାବି କରିଥିଲେ। ସମର୍ଥକଙ୍କ ଏଭଳି ବେଆଇନ କାର୍ଯ୍ୟକଳାପ ଯୋଗୁଁ ଥାନାକୁ ଆସୁଥିବା ଜନସାଧାରଣ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେମାପେ ପୁଲିସ କର୍ମଚାରୀଙ୍କ କାର୍ଯ୍ୟରେ ବାଧା ଉପୁଜାଇବା ଓ ଗାଳିଗୁଲଜ ମଧ କରିଥିଲେ। ପିଣ୍ଟୁ ଦାଶଙ୍କୁ ନ ଛାଡ଼ିଲେ ବୋମାମାଡ଼ କରି ଥାନା ଓ ପୁଲିସ ଗାଡ଼ିକୁ ପୋଡିଦେବାକୁ ଧମକ ଦେଇଥିଲେ। ଏହି ଘଟଣାରେ ପିଣ୍ଟୁଙ୍କ ସମର୍ଥକ ତଥା ଆନ୍ଦୋଳନକାରୀଙ୍କ ମଧ୍ୟରୁ ମୋଟ ୨୦୦ ଜଣଙ୍କ ନାଁରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଥାନା ସମ୍ମୁଖରେ ଦଙ୍ଗା ସୃଷ୍ଟି କରିବା, ପୁଲିସ ଅଧିକାରୀଙ୍କ କାର୍ଯ୍ୟରେ ବାଧାଦେବା, ଢ଼େଲାମାଡ କରିବା ଆଦି ଅଭିଯୋଗରେ ସମସ୍ତଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଗତ ୧୩ ତାରିଖରେ ବ୍ରହ୍ମପୁରରେ ମତଦାନ ଶେଷ ହେବା ପରେ ରାତି ସାଢେ ୯ଟା ବେଳେ ଗୋଷାଣିନୂଆଗାଁ ଥାନା ନିକଟରେ ପ୍ରଦୀପ ପାଣିଗ୍ରାହୀଙ୍କୁ ପିଣ୍ଟୁ ଦାଶ ଆକ୍ରମଣ କରିଥିଲେ। ଏହାପରେ ସେଠାରେ ଉପସ୍ଥିତ ଥିବା ଥାନା ଅଧିକାରୀ ତୁରନ୍ତ ପିଣ୍ଟୁଙ୍କୁ କାବୁ କରି ଥାନାକୁ ନେଇଯାଇଥିଲେ। ପିଣ୍ଟୁ ଥାନାରେ ଅଟକ ଥିବା ଖବରପାଇ ତାଙ୍କର ୩୦୦ରୁ ଅଧିକ ସମର୍ଥକ ରାତି ସାଢେ ୧୦ଟା ବେଳେ ଗୋସାଣିନୂଆଗାଁ ଥାନା ସମ୍ମୁଖରେ ପହଞ୍ଚିଥିଲେ। ସମର୍ଥମାନେ ଥାନା ସମ୍ମୁଖରେ ହୋହାଲ୍ଲା କରିବା ସହ ସେଠାରେ ପଥରୋଧ କରିଥିଲେ। ଯାହାଦ୍ୱାରା ଥାନା କର୍ମଚାରୀ ଓ ସାଧାରଣ ଲୋକମାନେ

■ ଆନ୍ଦୋଳନକାରୀଙ୍କ ଆକ୍ରମଣରେ ୪ପୁଲିସ କର୍ମଚାରୀ ଆହତ
■ ପ୍ରଦୀପ ଓ ତାଙ୍କ ୭ ସହଯୋଗୀଙ୍କ ନାମରେ ସଙ୍ଗୀନ ମାମଲା

ଥାନାକୁ ଯିବାରେ ସମସ୍ୟା ହୋଇଥିଲା। ପୁଲିସ ବାରମ୍ବାର ବୁଝାଇବା ସତ୍ତ୍ୱେ ବିକ୍ଷୋଭକାରୀମାନେ ଅବୁଝା ହୋଇଥିଲେ। ଏହାପରେ ଆନ୍ଦୋଳନକାରୀ ଏକତ୍ରିତ ହୋଇ ଦଙ୍ଗା ସୃଷ୍ଟି କରି ପୁଲିସ ଉପରକୁ ଟେକାପଥର ମାଡ଼ କରିଥିଲେ। ଘଟଣାରେ ଗିରି ଗୋବର୍ଦ୍ଧନ ଜେନା ନାମକ ଜଣେ ଏଏସଆଇଙ୍କ ସମେତ କନ୍‌ଷ୍ଟେବଲ ରାଜେନ୍ଦ୍ର ପ୍ରସାଦ ବେହେରା, କେ. ରମେୟା ପାତ୍ର ଓ କେ.ପି. ସାମନ୍ତ ଆହତ ହୋଇଥିଲେ ବୋଲି ଥାନାର ଏସ୍‌ଆଇ କୃତିବାସ ନାୟକ ଅଭିଯୋଗ କରିଛନ୍ତି। ଏସ୍‌ଆଇଙ୍କ ଅଭିଯୋଗ ପ୍ରକାରେ ଏହି ମାମଲା ରୁଜୁ ହୋଇଛି। ଏହି ମାମଲାରେ ପିଣ୍ଟୁ ଦାଶଙ୍କ ସମର୍ଥକ ଯଥା ଶାସ୍ତ୍ରୀନଗରର ଅନୀଲ ନାୟକ, ନେହେରୁନଗରର ପ୍ରମିଳା ତ୍ରିପାଠୀ, ଚାରିଡିବା ସାହିର ନିଖିଳେଶ ପାତ୍ର, ବ୍ରଜରାଜନଗରର ସାଇ ପାଣିଗ୍ରାହୀ, ଲିଙ୍ଗରାଜନଗରର ସଚିନ ଚୌଧୁରୀ, ବିଜିପୁର ରଥସାହିର ଉମେଶ ରଥ, ଗୋଷାଣିନୂଆଗାଁର ଲେମ୍ବୁ, ଗୁଣ୍ଡିଚାମନ୍ଦିର ସାହିର ସ୍ମୃତି ପଣ୍ଡା, ଚଣ୍ଡିମନ୍ଦିର ସାହିର ସନ୍ତୋଷ ସାହୁ, ଆସିକାରୋଡର ବ୍ରହ୍ମାନନ୍ଦ ସାହୁ, ହାଉସିଂବୋର୍ଡ କଲୋନୀର ବୁଦ୍ଧୁ ମହାନ୍ତି, ମୁନା ଚୌଧୁରୀ, ବ୍ରହ୍ମାନଗର ଦ୍ୱିତୀୟ ଲାଇନର ଜଗତନନ୍ଦ ଦାସ, ଗଜପତିନଗରର ରାଜଲକ୍ଷ୍ମୀ ସାହୁ, କେନାଲ ସାହିର ମାମି ସାହୁ, ତୋଟାସାହିର ପିଲୁ ପାଣିଗ୍ରାହୀ ଏବଂ ଅନ୍ୟାନ୍ୟ ବ୍ୟକ୍ତିଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ଏଥିରେ କିଛି ଜେଲ୍ ଫେରନ୍ତାଙ୍କ ନାମ ସାମିଲ ଥିବା ଜଣାପଡ଼ିଛି। ସେହିଭଳି ଗତ ୧୪ ତାରିଖରେ ଘଟଣାକ୍ରମକୁ ନେଇ ପିଣ୍ଟୁ ଦାଶଙ୍କ ପତ୍ନୀ ଆଶା କୁମାର ଦାଶ ଗୋଷାଣିନୂଆଗାଁ ଥାନାରେ ଏକ ପାଲଟା ଏତଲା ଦେଇଥିଲେ। ଉକ୍ତ ଏତଲାକୁ ମଧ ପୁଲିସ ଗ୍ରହଣ କରି ମାମଲା ରୁଜୁ କରିଛି। ଆଶା କୁମାରୀ ଦାଶଙ୍କ ଅଭିଯୋଗ ପ୍ରକାରେ ପ୍ରଦୀପ ପାଣିଗ୍ରହୀ ଓ ତାଙ୍କର ଅନ୍ୟ ୭ରୁ୮ ଜଣ ସହଯୋଗୀ ବନ୍ଧୁକ ମୁନରେ ପିଣ୍ଟୁ ଦାଶଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ ଏବଂ ପିଣ୍ଟୁଙ୍କ ସମର୍ଥକଙ୍କ ଜାତିକୁ ନେଇ ଗାଳିଗୁଲଜ କରିଥିବା ନେଇ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ପୁଲିସ ପ୍ରଦୀପ ପାଣିଗ୍ରହୀ ଓ ତାଙ୍କର ୭ରୁ୮ ଜଣ ସହଯୋଗୀଙ୍କ ବିରୁଦ୍ଧରେ ସଙ୍ଗୀନ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

# ଜଗନ୍ନାଥପୁରରେ ବାଘ ଆତଙ୍କ; ଭୟଭୀତ ଗ୍ରାମବାସୀ

**ବାରିପଦା, ୧୫।୫(ସମିସ):** ଶିମିଳିପାଳ ଅଭୟାରଣ୍ୟର ପାଦଦେଶ ଗାଁରେ ବାଘ ଆତଙ୍କ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମରେ ଏକ ବାଘ ପଶି ଆସିଥିବା ନେଇ ଖବର ପ୍ରଚାରିତ ହେବା ପରେ ଆତଙ୍କ ଖେଳିଯାଇଛି। ବାଘକୁ କାବୁ କରିବା ପାଇଁ ବନ ବିଭାଗ ପକ୍ଷରୁ ଜାଲ ବିଛାଯାଇଛି। ଉକ୍ତ ଗ୍ରାମ ନିକଟରେ ଏକ ବାଘ କିଛି ଦିନ ହେବ ଚଳପ୍ରଚଳ କରୁଥିବା ସ୍ଥାନୀୟ ଲୋକେ ଦେଖିଥିବା କହିଛନ୍ତି। ସ୍ଥାନୀୟ ଗ୍ରାମବାସୀ ଚଳପ୍ରଚଳ ସମୟରେ ବାଘର ରଡି ଶୁଣି ଭୟଭୀତ ହୋଇ ଜୀବନ ବିକଳରେ ଛାନିଆ ହୋଇ ଦୌଡ଼ିଥିଲେ। ପରେ ଏ ନେଇ ଗାଁ ଲୋକେ ବନବିଭାଗକୁ ଖବର ଦେଇଥିଲେ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପନିର୍ଦ୍ଦେଶକ (ଦକ୍ଷିଣ) ସମ୍ରାଟ ଗୌଡାଙ୍କ ସମେତ ବନ ବିଭାଗ ଟିମ ଘଟଣାସ୍ଥଳରେ ପହଞ୍ଚି

**କାବୁ କରିବା ପାଇଁ ବନବିଭାଗର ତତ୍ପରତା**

ବାଘର ଗତିବିଧିକୁ ନଜର ରଖିଛନ୍ତି। ବର୍ତ୍ତମାନ ସମୟରେ ଜଙ୍ଗଲରେ ନିଆଁ ଲାଗି ଯାଉଥିବାରୁ ଖାଦ୍ୟ ଅନ୍ୱେଷଣରେ ବାଘଟି ଜନବସତିମୁହାଁ କିମ୍ବା ଶିମିଳିପାଳରୁ ବାଘଟି ବାଟବଣା ହୋଇ ଗାଁରେ ପଶିଯାଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ତେବେ ଏହା କଲରାପତରିଆ ବାଘ ହୋଇଥାଏପାରେ ବୋଲି ସନ୍ଦେହ କରାଯାଉଛି। ବନ ବିଭାଗ ଟିମ ଜଗନ୍ନାଥପୁର ଅଞ୍ଚଳରେ ବାଘକୁ ଟ୍ରାଙ୍କୁଲାଇଜ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଏଥି ସହିତ ବାଘକୁ ଧରିବା ପାଇଁ ବିଭାଗ ପକ୍ଷରୁ ଜାଲ ବିଛାଯାଇଛି। ଜନବସତି ଅଞ୍ଚଳରୁ ବାଘକୁ ଆଜି ଉଦ୍ଧାର କରି ଶିମିଳିପାଳ ଅଭୟାରଣ୍ୟରେ ଛାଡିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ବନ ବିଭାଗ ଅଧିକାରୀ କହିଛନ୍ତି।

# ହାତୀ ଆକ୍ରମଣରେ ଜଣେ ମୃତ

**ଭଞ୍ଜନଗର, ୧୫।୫(ସମିସ):** ଗଞ୍ଜାମ ଜିଲ୍ଲା ଉତ୍ତର ଘୁମୁସର ବନଖଣ୍ଡ ଅଧୀନ ମୁଜାଗଡ଼ ବନାଞ୍ଚଳର ମହାଗୁଡା ଗାଁ ନିକଟରେ ମଙ୍ଗଳବାର ରାତିରେ ହାତୀ ଆକ୍ରମଣରେ ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ସାମାନ୍ୟ ଆହତ ହୋଇଛନ୍ତି। ମୃତକ ହେଲେ ମହାଗୁଡା ଗ୍ରାମର ବିଦ୍ୟାଧର ଗୌଡ ଓ ଆହତ ଜଣଙ୍କ ହେଲେ ଚିତ୍ରସେନ ସେଠୀ। ମଙ୍ଗଳବାର ସଂଧ୍ୟାରେ ବିଦ୍ୟାଧର ଗାଁର ଅନ୍ୟ ଲୋକଙ୍କ ସହ ନିକଟସ୍ଥ ନଦୀକୁ ଶୌଚ ହେବା ପାଇଁ ଯାଇଥିବାବେଳେ ହାତୀ ଆକ୍ରମଣ କରିଥିଲା। ସ୍ଥାନୀୟ ବାସିନ୍ଦା ତାଙ୍କୁ ଉଦ୍ଧାର କରି ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ବିଦ୍ୟାଧରଙ୍କ ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ରହିଥିବାରୁ ଡାକ୍ତର ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବୁଧବାର ଡିଏଫଓ ହିମାଂଶୁ ଶେଖର ମହାନ୍ତି ପରିବାର ଲୋକଙ୍କୁ ଭେଟି ବିଭାଗ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ପ୍ରତିଶୃତି ଦେଇଥିଲେ। ସ୍ଥାନୀୟ ସରପଞ୍ଚ ଲକ୍ଷ୍ମଣ ନାୟକ, ସୁବାସ ପ୍ରଧାନ, ବସନ୍ତ ପ୍ରଧାନ, ରତ୍ନେଶ୍ୱର ସେଠୀ ପ୍ରମୁଖ ପରିବାର ବର୍ଗକୁ ଭେଟି ଆଶ୍ୱାସନା ଦେବା ସହ ବନ ବିଭାଗ ତୁରନ୍ତ କ୍ଷତିପୂରଣ ପ୍ରଦାନ କାରିବାକୁ ଦାବି କରିଛନ୍ତି।

■ ଉପଭୋକ୍ତା ବିବାଦ ସମାଧାନ ଆୟୋଗଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ବନ୍ତ ଅତିରିକ୍ତ ତହସିଲଦାର ଓ ଛୟାଲସିଂ ଆରଆଇ ଦଣ୍ଡିତ

**ଭଦ୍ରକ,୧୫।୫(ସମିସ):** ଭଦ୍ରକ ଉପଭୋକ୍ତା ବିବାଦ ସମାଧାନ ଆୟୋଗ ଏକ ମାମଲାର ବିଚାର କରି ଭଦ୍ରକ ଜିଲ୍ଲା ବନ୍ତ ତହସିଲର ଅତିରିକ୍ତ ତହସିଲଦାର ଓ ଛୟାଲସିଂ ରାଜସ୍ୱ ନୀରିକ୍ଷକଙ୍କୁ ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଛନ୍ତି। ବିବରଣୀରୁ ପ୍ରକାଶ ଯେ, ବନ୍ତ ତହସିଲ ଅଧୀନ ବେଗନା ଗାଁର ଚିନ୍ତାମଣି ସାହୁଙ୍କ ପୁଅ ଆଇନଜୀବୀ ବିଶ୍ୱନାଥ ସାହୁ ପିତାମାତାଙ୍କ ଏକମାତ୍ର ପୁତ୍ର ଥାଇ ସେମାନଙ୍କ ମୃତ୍ୟୁ ପରେ ଖାତା ନମ୍ବର-୫୬, ମୌଜା-ବେଗନା ତାଙ୍କ ୱାରସ ସଂଶୋଧନ ପାଇଁ ଏକ ନାମଜାରୀ ମାମଲା (ନଂ-୫୦୮/୨୦୨୩) ଆଗତ କରିଥିଲେ। ବନ୍ତ ତହସିଲର ଅତିରିକ୍ତ ତହସିଲଦାର ଉକ୍ତ ମାମଲାକୁ ତଦନ୍ତ ଲାଗି ଛୟାଲସିଂ ରାଜସ୍ୱ ନୀରିକ୍ଷକଙ୍କୁ ପଠାଇଥିଲେ। ମାତ୍ର ରାଜସ୍ୱ ନୀରିକ୍ଷକ ଆବେଦନକାରୀ ବିଶ୍ୱନାଥ ସାହୁ ଧରଣୀଧର ଖଣ୍ଡେଇଙ୍କ ଜନ୍ମିତ ପୁତ୍ର ଏବଂ ଚିନ୍ତାମଣି ଓ ଅମ୍ବିକାଙ୍କ ପୋଷ୍ୟପୁତ୍ର ତଥା ପୋଷ୍ୟପୁତ୍ର ଗ୍ରହଣ ସମ୍ବନ୍ଧୀୟ କୌଣସି ଦଲିଲ ନ ଥିବା ଦର୍ଶାଇ ବନ୍ତ ଅତିରିକ୍ତ ତହସିଲଦାରଙ୍କୁ ରିପୋର୍ଟ ଦେଇଥିଲେ। ଅତିରିକ୍ତ ତହସିଲଦାର ରେକର୍ଡକୁ ଠିକଭାବେ ଯାଞ୍ଚ ନ କରି ଆବେଦନକୁ ଆଗ୍ରହ୍ୟ କରିଦେଇଥିଲେ। ଏଣୁ ବିଶ୍ୱନାଥ ସାହୁ ୧୭.୫.୨୦୨୩ରେ ଭଦ୍ରକ ଉପଭୋକ୍ତା ବିବାଦ ସମାଧାନ ଆୟୋଗରେ କଞ୍ଜୁମର କମ୍ପଲେଣ୍ଟ ନମ୍ବର-୮୦/୨୦୨୩ଆଗତ କରିଥିଲ।ଆବେଦନକାରୀଆବଶ୍ୟକୀୟ ଫିସ ଜମା କରି ଦରଖାସ୍ତ କରିଛନ୍ତି ଓ ସେବା ପ୍ରଦାନକାରୀ ସରକାରୀ ଅଧିକାରୀମାନେ ମଧ ଉପଭୋକ୍ତା ବିବାଦ ସମାଧାନ ଆୟୋଗ ପରିସରଭୁକ୍ତ ବୋଲି ବିବେଚନା କରି ମାମଲାକୁ ଉପଭୋକ୍ତା ଆୟୋଗ ବିଚାରକୁ ନେଇଥିଲେ। ଆବେଦନକାରୀଙ୍କ ସମସ୍ତ କାଗଜାତ ଯଥା- ସ୍ଥାବର ସମ୍ପତ୍ତି, ପାଠପଢ଼ା, ଆଧାର କାର୍ଡ, ଜମିପାସ୍ ବୁକ୍ ଏବଂ ସେହି ତହସିଲ ପକ୍ଷରୁ ଗତ ୧୪.୩.୧୮ ତାରିଖରେ ପ୍ରଦାନ କରାଯାଇଥିବା କୃଷିନାମା ଆଦି ସମସ୍ତରେ ବିଶ୍ୱନାଥ ସାହୁ, ସ୍ୱର୍ଗତ ଚିନ୍ତାମଣି ଓ ଅମ୍ବିକାଙ୍କ ପୁତ୍ର ବୋଲି ଉଲ୍ଲେଖ ଥିବା ବେଳେ ତାଙ୍କ ଦରଖାସ୍ତକୁ ଆଗ୍ରହ୍ୟ କରିବାକୁ ସେବା ପ୍ରଦାନରେ ତ୍ରୁଟି ବୋଲି ଆୟୋଗ ଦର୍ଶାଇଥିଲେ। ଏହି ମାମଲାର ଶୁଣାଣି କରି ଭଦ୍ରକ ଉପଭୋକ୍ତା ବିବାଦ ସମାଧାନ ଆୟୋଗ ସଭାପତି ଶିବପ୍ରସାଦ ମହାନ୍ତି ଓ ସଭ୍ୟା ମଧୁସ୍ମିତା ପାଇଁ ତାଙ୍କ ରାୟରେ କ୍ଷତିପୂରଣ ବାବଦକୁ ୨୦ ହଜାର ଟଙ୍କା ଓ ମକଦ୍ଦମା ଖର୍ଚ୍ଚ ବାବଦକୁ ୨ହ ଜାର ଟଙ୍କା ଆବେଦନକାରୀ ବିଶ୍ୱନାଥ ସାହୁଙ୍କୁ ରାୟ ପ୍ରକାଶର ୩୦ଦିନ ମଧ୍ୟରେ ପ୍ରଦାନ କରିବାକୁ ଆଦେଶ କରିଛନ୍ତି।

## ବ୍ୟାନର ମାରିବାକୁ ନେଇ ଗୋଷ୍ଠୀ ସଂଘର୍ଷ : ୬ ଗୁରୁତର

**ବ୍ରହ୍ମପୁର, ୧୫।୫(ସମିସ):** ବ୍ୟାନର ମାରିବାକୁ ନେଇ ଖଲ୍ଲିକୋଟରେ ରାଜେନୈତିକ ହିଂସା ସୃଷ୍ଟି ହୋଇଛି। ଦୁଇ ଗୋଷ୍ଠୀ ମୁହାଁମୁହିଁ ଓ ପରେ ଗୋଷ୍ଠୀ ସଂଘର୍ଷ ଘଟି ୬ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣ ଗୁରୁତରଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ଶ୍ରୀକୃଷ୍ଣଶରଣପୁରରେ ଏହି ସଂଘର୍ଷ ଘଟିଥିବା ଜଣାପଡ଼ିଛି। ଉତ୍ତେଜନା ଲାଗି ରହିଥିବାରୁ ସେଠାରେ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି।

# ବିଜେପିରୁ ଇସ୍ତଫା ଦେଇ ବିଜେଡିରେ ମିଶିଲେ ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା

**ଝାରସୁଗୁଡ଼ା, ୧୫।୫(ସମିସ):** ବିଜେପିର ପୂର୍ବତନ ଝାରସୁଗୁଡ଼ା ଜିଲ୍ଲା ସଭାପତି ତଥା ବ୍ରଜରାଜନଗରର ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା ବୁଧବାର ବିଜେପିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଏନେଇ ସେ ବିଜେପିର ଜିଲ୍ଲା ସଭାପତି ସୁନୀଲ ପଣ୍ଡାଙ୍କୁ ଇସ୍ତଫା ପତ୍ର ପ୍ରେରଣ କରିଛନ୍ତି। ନିର୍ବାଚନକୁ ହାତଗଣତି କେଇଦିନ ରହିଥିବାବେଳେ ରାଧାରାଣୀଙ୍କ ଭଳି ଜଣେ ବରିଷ୍ଠ ନେତ୍ରୀ ବିଜେପି ଛାଡ଼ିବା ଦଳକୁ ଶକ୍ତ ଆଘାତ ଲାଗିଛି। ଶ୍ରୀମତୀ ପଣ୍ଡା ବିଜେଡ଼ି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନିକଟରେ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ଗତ ଉପ ନିର୍ବାଚନରେ ବିଜେପିରୁ ରାଧାରାଣୀ ପଣ୍ଡା ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଚଳିତ ସାଧାରଣ ନିର୍ବାଚନରେ ବିଜେପି ତାଙ୍କ ବଦଳରେ ପୂର୍ବତନ ସାଂସଦ ସୁରେଶ ପୂଜାରୀଙ୍କୁ ଟିକଟ ଦେଇଥିଲା। ରାଧାରାଣୀ ପଣ୍ଡା ବିଗତ ୩୫ ବର୍ଷ ଧରି ବ୍ରଜରାଜନଗର ନିର୍ବାଚନମଣ୍ଡଳୀରୁ ରାଜନୀତି କରଆସୁଥିବା ବେଳେ ଆଜି ଭାରତୀୟ ଜନତା



ପାର୍ଟି ତାଙ୍କୁ ଅଣଦେଖା କରିଥିବା ଅଭିଯୋଗ କରିଛନ୍ତି। ସେ ସବୁବେଳେ କହିଆସୁଛନ୍ତି ଯେ ୨୦୧୯ ମସିହାରେ କୁଚକ୍ରାନ୍ତ କରି ହରେଇ ଦିଆଯାଇଥିଲା। ଏହି ଚକ୍ରାନ୍ତ ସୁରେଶ ପୂଜାରୀ କରିଥିଲେ ବୋଲି ସବୁବେଳେ ରାଧାରାଣୀ ଅଭିଯୋଗ କରି ଆସୁଛନ୍ତି। ବିଜେପି ଛାଡ଼ିବା ନେଇ ରାଧାରାଣୀ ପୂର୍ବରୁ ମଧ ସଙ୍କେତ ଦେଇ ଆସିଥିଲେ। ସୁରେଶ ପୂଜାରୀ ସାଂସଦ ହେବାପରେ ମୋର କାର୍ଯ୍ୟକର୍ତ୍ତାମାନଙ୍କୁ ଅବହେଳା କଲେ, ଗାଳି ଦେଇଥିବାରୁ ସେମାନେ ଅପମାନିତ ହେଲେ। ସେମାନେ ଏହି ସୁଯୋଗକୁ ଅପେକ୍ଷା କରିଥିଲେ ଆଉ ସେମାନେ ମଧ ନିଷ୍ପତି ନେଇ ସାରିଛନ୍ତି ବୋଲି ରାଧାରାଣୀ କହିଛନ୍ତି। ବିଜେପିରୁ ଇସ୍ତଫା ଦେବା ପରେ ବିଜୁ ଜନତା ଦଳର ସାଂଗଠନକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନିକଟରେ ରାଧାରାଣୀ ପଣ୍ଡା ବିଜେଡ଼ିର ଯୋଗ ଦେଇଛନ୍ତି।

## ଅବଶିଷ୍ଟାଂଶ...

### ମାଗଣା ବିଜୁଳି...

ସେ କହିଛନ୍ତି ଯେ ଆପଣମାନଙ୍କ ସହ ମୁଁ ସବୁବେଳେ ଠିଆ ହୋଇଛି, ଆପଣଙ୍କ ସୁଖଦୁଃଖରେ ଭାଗିଦାର ହୋଇଛି। ଆପଣମାନଙ୍କ ପାଇଁ ମାଗଣା ବିଜୁଳିର ପ୍ରତିଶ୍ରୁତି ଦେଉଛି। ଓଡ଼ିଶାର ୯୦% ଜନସାଧାରଣଙ୍କ ବିଜୁଳି ବିଲ୍ ଜୁଲାଇ ମାସରୁ ଶୂନ୍ୟ ହୋଇଯିବ। ଆପଣମାନଙ୍କୁ ମାଗଣା ବିଜୁଳି ମିଳିବ। ଏଥିରେ ଆପଣମାନେ ଖୁସି ତ ବୋଲି ପ୍ରଶ୍ନରେ ସାଧାରଣ ଲୋକଙ୍କ ଉତ୍ସାହସୂଚକ 'ହଁ' ଧ୍ୱନୀ ସ୍ଥାନୀୟ ଅଞ୍ଚଳକୁ ପ୍ରକମ୍ପିତ କରି ଦେଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ସମ୍ପର୍କରେ ଲୋକଙ୍କ ନିକଟରୁ ପଚାରି ବୁଝିଛନ୍ତି। ବିଏସ୍‌କେୱାଇ, ମିଶନ ଶକ୍ତି, ମମତା, କାଳିଆ, ଲକ୍ଷ୍ମୀ ବସ୍, ୫-ଟି ସ୍କୁଲ ରୂପାନ୍ତରଣ, ପିଲାଙ୍କ ସ୍କଲାରସିପ୍, ଚାଉଳ କାର୍ଡ ଭଳି ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ପଚାରିଥିବା ବେଳେ ଜନତା ନିଜର ବିପୁଳ ସମ୍ମତି ଦେଇଛନ୍ତି। ଆଜି ଦେବଗଡ଼, ଛେଣ୍ଡିପଦା ଓ ଆଠମଲ୍ଲିକରେ ଆୟୋଜିତ ନିର୍ବାଚନୀ ସଭାରେ ବିପୁଳ ଜନସମାଗମ ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀଙ୍କୁ ଦେଖି ଉପସ୍ଥିତ ଭାବବିହ୍ୱଳ ସାଧାରଣ ଲୋକ ଉଚ୍ଛ୍ୱସିତ ଭାବରେ ଜିନ୍ଦାବାଦ ଧ୍ୱନୀ ଦେଇ ଗଗନପବନ ପ୍ରକମ୍ପିତ କରିଛନ୍ତି । ସେହିପରି ମୁଖ୍ୟମନ୍ତ୍ରୀ ମା ସମଲେଇ ଏବଂ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିଷୟରେ ମଧ ସାଧାରଣ ଲୋକଙ୍କ ମତାମତ ନେଇଛନ୍ତି। ଲୋକମାନେ କରତାଳି ଦେଇ ନିଜର ଖୁସି ବ୍ୟକ୍ତ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କୁ ଶଙ୍ଖ ଚିହ୍ନରେ ଆଶୀର୍ବାଦ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି । ଉଭୟ ଲୋକସଭା ଓ ବିଧାନସଭା ଆସନରେ ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ବ୍ୟବଧାନରେ ବିଜୟୀ କରିବାକୁ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ '୫-ଟି' ଅଧକ୍ଷ ତଥା ବିଜେଡିର ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନଙ୍କ ସହ ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ, ଦେବଗଡ଼ ବିଧାୟକ ପ୍ରାର୍ଥୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଛେଣ୍ଡିପଦା ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ବେହେରା ଏବଂ ଆଠମଲ୍ଲିକ ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ଅନୁରୋଧ କରିଛନ୍ତି ।

ଅନୁରୂପ ଭାବରେ ରାଉରକେଲାରେ ଅନୁଷ୍ଠିତ ସମାବେଶରେ ସାଂସଦ ପ୍ରାର୍ଥୀ ଦିଲ୍ଲୀପ ତିର୍କୀ, ବିଧାୟକ ପ୍ରାର୍ଥୀ ସାରଦା ନାୟକ, ଅର୍ଚ୍ଚନାରେଖା ବେହେରାଙ୍କ ସହ ଜିଲ୍ଲାର ସମସ୍ତ ବିଧାୟକ ପ୍ରାର୍ଥୀମାନେ ଉପସ୍ଥିତ ଥିଲେ।

### ନେଲା ବେଳେ...

ବିଜେପି କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛି; ୨୦୧୪ ଏବଂ ୨୦୧୯ ନିର୍ବାଚନରେ ବିଜେପି କହିଥିଲା ଧାନର ସର୍ବନିମ୍ନ ସହାୟକ ମୂଲ୍ୟକୁ ଦୁଇ ଗୁଣ କରିବେ, ତେଲ ଦର କମାଇବେ। ଏଲ୍‌ପିଜି ଦର, ପେଟ୍ରୋଲ, ଡିଜେଲ ଦର କମାଇବେ। ୧୦ ବର୍ଷ ମଧ୍ୟରେ ସେମାନେ ଦର କମାଇଲେ କି ? ସେମାନେ କେବଳ ମିଛ କହିବା ଛଡ଼ା କିଛି ଜାଣି ନାହାନ୍ତି । ଏବେ ନିର୍ବାଚନ ଆସିଲା ମା'ମାନଙ୍କୁ, ଚାଷୀମାନଙ୍କୁ ମନେ ପକାଉଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ତୀବ୍ର ସମାଲୋଚନା କରି ସେ କହିଛନ୍ତି ଯେ, କେନ୍ଦ୍ରରେ ତୈଳମନ୍ତ୍ରୀ ଥିବାବେଳେ ତାଙ୍କ ଦସ୍ତଖତରେ ପ୍ରତି ୩ ମାସକୁ ଥରେ ତେଲ ଓ ୨ ମାସରେ ଥରେ ଏଲ୍.ପି.ଜି. ଦର ବୃଦ୍ଧି ହୋଇଛି। ତାଙ୍କର ଦସ୍ତଖତ ମା'ମାନଙ୍କ ଆଖିରେ ଲୁହ ଦେଇଛି, କଷ୍ଟ ଦେଇଛି । ମା'ମାନେ ତାଙ୍କୁ କ୍ଷମା କରିବେ କି ? ଏପରି ଲୋକମାନଙ୍କୁ ଚିହ୍ନି ରଖନ୍ତୁ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବେ ସେ ଚାହିଁଥିଲେ ଛେଣ୍ଡିପଦା ଓ ଦେବଗଡ଼ରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲି ପାରିଥାନ୍ତେ । ଖୋଲିଲେ କି? କେନ୍ଦ୍ରମନ୍ତ୍ରୀ ଆପଣଙ୍କ ସ୍ୱାର୍ଥରକ୍ଷା ପାଇଁ କେବେ ବି ଲଢ଼ିନାହାନ୍ତି, କି ଲଢ଼ିପାରିବେ ନାହିଁ । ଏ ମାଟିର ସ୍ୱରକୁ କେବେ ବି କେନ୍ଦ୍ର ସରକାରଙ୍କ ପାଖରେ ପହଞ୍ଚାଇ ନାହାନ୍ତି । ସେ ଆପଣଙ୍କ ପାଇଁ ତାଙ୍କ ବସ୍‌ଙ୍କ ପାଖରେ କେବେ ମୁହଁ ଖୋଲି ପାରିବେ ନାହିଁ । କ୍ଷମତା ପାଇଲେ ମିଶନ ଶକ୍ତି ବନ୍ଦ କରିଦେବେ, ଏଲ୍‌ପିଜି ଦର ପୁଣି ବୃଦ୍ଧି କରିବେ। ଶିକ୍ଷାମନ୍ତ୍ରୀ ଭାବେ କାହାକୁ ସ୍କଲାରସିପ୍ ଦେଇଛନ୍ତି କି ? ଲୋକଙ୍କ ପାଇଁ କିଛି କରିଛନ୍ତି କି ? ଏହା ହେଉଛି ଲୋକବିରୋଧୀ ଶାସନର ପରିଚୟ ।

ଶ୍ରୀ ପାଣ୍ଡିଆନ୍ ଆହୁରି କହିଛନ୍ତି ଯେ ଜୁନ ୯ ତାରିଖରେ ୧୧.୩୦ରୁ ଗୋଟାଏ ମଧ୍ୟରେ ନବୀନ ପଟ୍ଟନାୟକ ପୁନର୍ବାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ । ମୁଖ୍ୟମନ୍ତ୍ରୀ ହେବା ପରେ ତାଙ୍କର ପ୍ରଥମ ତିନୋଟି ଦସ୍ତଖତ ହେବ ଯଥା ଓଡ଼ିଶାର ୯୦ ପ୍ରତିଶତ ପରିବାର ପାଇଁ ବିଜୁଳି ବିଲ ଛାଡ଼, ବିଏସ୍‌କେୱାଇରେ ସରକାରୀ କର୍ମଚାରୀଙ୍କଠାରୁ ଆରମ୍ଭ କରି ମିଶନ ଶକ୍ତି ଓ ଆଶାକର୍ମୀ ପର୍ଯ୍ୟନ୍ତ ସମସ୍ତେ ସାମିଲ ହେବେ । ମିଶନ ଶକ୍ତି ମା ଓ କର୍ମଚାରୀମାନଙ୍କ ପାଇଁ ୬୦ ବର୍ଷ ପରେ ପେନସନ୍ ପାଇବେ। ଏବେ ମୁଖ୍ୟମନ୍ତ୍ରୀ ମାଗଣା ବିଜୁଳି ଦେବେ ବୋଲି ଘୋଷଣଣ ପରେ ବିଜେପିକୁ ନିଦ ହେଉନାହିଁ। ସେମାନେ ସୋଲାର ପ୍ୟାନେଲ ମାଧ୍ୟମରେ ମାଗଣା ବିଜୁଳି ଦେବେ ବୋଲି କହୁଛନ୍ତି; ଯେଉଁଥିପାଇଁ ଆପଣମାନଙ୍କୁ ଆଗୁଆ ୪୦ରୁ ୫୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ । ସେମାନେ ଦିନରେ ଲଣ୍ଡନ ଦେଖାଉଛନ୍ତି। ତେଣୁ ସେମାନଙ୍କ ପ୍ରତି ସତର୍କ ରହନ୍ତୁ ଓ ଆପଣଙ୍କ ନିକଟରେ ସବୁବେଳେ ଠିଆ ହୋଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶଙ୍ଖ ଚିହ୍ନରେ ଆଶୀର୍ବାଦ କରନ୍ତୁ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି ।

### ଓଡ଼ିଶାରେ କେବଳ...

ରାଜ୍ୟରେ ଶେଷ ହୋଇଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ବିଜେଡି ୪ ଟି ଲୋକସଭା ଆସନ ସହ ୨୮ ବିଧାନସଭା ଆସନରୁ ୨୪ ଆସନରେ ବିଜୟଲାଭ କରିବ। ସେହିପରି ଆସୁଥିବା ଅନ୍ୟ ତିନିଟି ପର୍ଯ୍ୟାୟ ନିର୍ବାଚନରେ ମଧ ବିଜେଡି ବାଜିମାତ୍ କରିବ। ରାଜ୍ୟବାସୀଙ୍କ ଆର୍ଶୀବାଦରୁ ନବୀନ ପଟ୍ଟନାୟକ ପୁଣିଥରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ରାଜ୍ୟରେ ତିନି ଚତୁର୍ଥାଂଶ ବିଧାନସଭା ଆସନ ସହ ବିଜେଡି ସରକାର ଗଢ଼ିବ ଓ ଲୋକସଭାରେ ପୂର୍ବଠାରୁ ବିଜେଡିକୁ ଅଧିକ ଆସନ ମିଳିବ। ଓଡ଼ିଶାରେ କେବଳ ନବୀନ ବାବୁଙ୍କ ହାୱା ଚାଲେ ଏବଂ ଚାଲିବ ବୋଲି ପାଣ୍ଡିଆନ କହିଛନ୍ତି।

ଓଡ଼ିଶାରେ ନିର୍ବାନଚ ପ୍ରଚାର ପାଇଁ ଆସୁଥିବା ବିଜେପି ନେତା ସମ୍ପର୍କରେ ଶ୍ରୀ ପାଣ୍ଡିଆନ କହିଛନ୍ତି କେନ୍ଦ୍ରମନ୍ତ୍ରୀ ହୁଅନ୍ତୁ କି ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ହୁଅନ୍ତ; ସେମାନେ ୫-୧୦ ବର୍ଷରେ ଥରେ ଟୁରିଷ୍ଟ ପରି ଆସି ରାଜ୍ୟ ବିଜେପିକୁ ବୁଷ୍ଟର ଡୋଜ୍ ଦେବାକୁ ଚେଷ୍ଟା କରୁଛନ୍ତି। ପ୍ରଥମ ଡୋଜ୍, ଦ୍ୱିତୀୟ ଡୋଜ୍ ଏବଂ ତୃତୀୟ ଡୋଜ୍ ଦେବାକୁ ଜୋରଦାର ପ୍ରୟାସ କରୁଛନ୍ତି। ସେମାନଙ୍କ ଡୋଜ୍ କିଛି କାମ କରିବନାହିଁ ଓ ନବୀନ ବାବୁ ବିପୁଳ ବହୁମତରେ ଜିତୁଛନ୍ତି ଏବଂ ଜୁନ୍ ୯ ରେ ଶପଥ ନେଉଛନ୍ତି । ବିଜେଡି ପକ୍ଷରୁ ପ୍ରକାଶ ପାଇଥିବା ନିର୍ବାଚନୀ ଇସ୍ତାହାରରେ ରାଜ୍ୟରେ ୯୦ ପ୍ରତିଶତ ପରିବାରକୁ ମାଗଣା ବିଜୁଳି ପ୍ରଦାନ କରାଯିବ। ଏହାସହିତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସରକାରୀ ଚାକିରିଆଙ୍କ ସମେତ ପ୍ରାୟ ଶତ ପ୍ରତିଶତ ଲୋକ ମାଗଣା ସ୍ୱାସ୍ଥ୍ୟ ସେବା ପାଇବେ। ମୁଖ୍ୟମନ୍ତ୍ରୀ ଏହି ଗ୍ୟାରେଣ୍ଟି ଦେଇଛନ୍ତି ବୋଲି ସେ କହିଛନ୍ତି।

### ମୋଦୀ ସରକାର...

ଚିନ୍ତାଜନକ ବୋଲି ସେ କହିଥିଲେ। କଂଗ୍ରେସ ଦେଇଥିବା ପ୍ରତିଶ୍ରୁତି ଅନୁସାରେ କଂଗ୍ରେସ ସଂଖ୍ୟା ଗରିଷ୍ଠତା ହାସଲ କଲେ ଜୁଲାଇ ୪ ତାରିଖ ପରେ ସମସ୍ତ ଚାଷୀଙ୍କ ଋଣ ଛାଡ ହେବ ବୋଲି ରାହୁଲ କହିଥିଲେ। ସେହିପରି ଦେଶର ଗରିବ ମହିଳାଙ୍କୁ ମାସିକ ୮୫୦୦ ଟଙ୍କା ଦିଆଯିବ। ଗରିବଙ୍କୁ ବର୍ଷକ ଭିତରେ ଲକ୍ଷପତି କରାଯିବ। ଚାଷୀଙ୍କ ବୀମା ପଇସା ୩୦ ଦିନ ଭିତରେ ତାଙ୍କ ବ୍ୟାଙ୍କ ଜମାଖାତାରେ ଜମା ହେବ। ଯୁବକଙ୍କୁ ନିଯୁକ୍ତି ଗ୍ୟାରେଣ୍ଟି, ବେରୋଜଗାରୀଙ୍କୁ ମାସିକ ୮୫୦୦ ଟଙ୍କା ଭତ୍ତା ପ୍ରଦାନ ବ୍ୟବସ୍ଥା କରାଯିବ ବୋଲି ରାହୁଲ କହିଥିଲେ। ଏହା ସହିତ କଂଗ୍ରେସ ଆସିଲେ ତାର ପ୍ରଥମ କାମ ଜାତିଭିତ୍ତିକ ଜନଗଣନା ଆରମ୍ଭ କରିବ ବୋଲି ଆଜିର କାର୍ଯ୍ୟକ୍ରମରେ ରାହୁଲ୍ ଗାନ୍ଧୀ କହିଥିଲେ। ଏହା ସହ ଦେଶରେ ଚାଲିଥିବା ଅନେକ ସମସ୍ୟା ପ୍ରସଙ୍ଗରେ ଉଠାଇ ପରୋକ୍ଷରେ ଦେଶରେ ହିଟଲରୀ ଶାସନ ଚାଲିଥିବା କହିଥିଲେ। ଯାହାକି ଆଗାମୀ ଭବିଷ୍ୟତ ପାଇଁ ବିପଦ ବୋଲି ସେ କହିବା ସହ ଦେଶକୁ ଏହି ବିପଦରେ ମୁକୁଳାଇବା ପାଇଁ କଂଗ୍ରେସକୁ ବହୁ ସଂଖ୍ୟାରେ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଭାରୀ ଡଃ. ଅଜୟ କୁମାର, ପୂର୍ବତନ ସାଂସଦ ମିନାକ୍ଷୀ ନଟରାଜନ, କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା, ପିସିସି ସଭାପତି ଶରତ ପଟ୍ଟନାୟକ, ରାଜ୍ୟ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରାର୍ଥୀ ଭକ୍ତ ଦାସ, ଜୟପୁର ବିଧାୟକ ତାରାପ୍ରସାଦ ବାହିନିପତି, ବଲାଙ୍ଗିର ଲୋକସଭା ପ୍ରାର୍ଥୀ ଓ ସମସ୍ତ ବିଧାନସଭା ପ୍ରାର୍ଥୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା କଂଗ୍ରେସ ସଭାପତି ଅଶୋକ ନନ୍ଦ ପରିଚାଳନା କରିଥିବା ବେଳେ ବଲାଙ୍ଗିର, ସୋନପୁର ଓ ଆଖ ପାଖ ଜିଲ୍ଲା କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

### ୧୮ରୁ ବିଭିନ୍ନ...

ବ୍ୟବସ୍ଥା ନ ଥିବା ସେଠାରେ ଲୋକଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହେବ। ଭୋଟ୍‌ଦାନ ପାଇଁ ଲାଇନ୍‌ରେ ଠିଆ ହେବା ସହ ପ୍ରାୟ ୨୦-୩୦ ମିନିଟ୍ ସମୟ ଲାଗିଥାଏ। ହେଲେ ଖରାଯୋଗୁଁ ଲୋକେ ଏତେ ସମୟରେ ଲାଇନ ଲଗାଇ ଠିଆ ହୋଇ ଭୋଟ୍ ଦେବେ କି ନାହିଁ ତାହା ଉପରେ ମଧ ସନ୍ଦେହ ସୃଷ୍ଟି ହୋଇଛି। ଯଦିଓ ନିର୍ବାଚନ ବେଳେ ଅଂଶୁଘାତ ଜନିତ ଘଟଣାକୁ ଏଡ଼ାଇବା ବୁଥ୍‌ଗୁଡ଼ିକରେ ପାନୀୟ ଜଳ ବ୍ୟବସ୍ଥା ପାଇଁ ଗୁରୁତ୍ୱ ଦେଇଛନ୍ତି। ହେଲେ ଏହା ସତ୍ତ୍ୱେ ଭୋଟ୍‌ରଙ୍କ ଉପରେ ଖରା କୁପ୍ରଭାବ ପକାଇବା ନେଇ ଆଶଙ୍କା ସୃଷ୍ଟି କରିଛି।

### ୟୁଜିସି-ନେଟ୍ ଆବେଦନ...

ଆବେଦନକାରୀଙ୍କ ଅନୁରୋଧ ପରେ ଆବେଦନ ଅବଧି ବୃଦ୍ଧି କରାଯାଇଥିବା ପରୀକ୍ଷା ସଞ୍ଚାଳନ କରୁଥିବା ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ପକ୍ଷରୁ ସୂଚନା ଦିଆଯାଇଛି। ଜୁନ୍ ୧୮ ତାରିଖରେ ପରୀକ୍ଷା ଅନୁଷ୍ଠିତ ହେବ। ନେଟ୍‌ରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନେ ଜୁନିଅର ରିସର୍ଚ୍ଚ ଫେଲୋସିପ୍(ଜେଆର୍‌ଏଫ୍) ପାଇବାକୁ ଯୋଗ୍ୟ ବିବେଚିତ ହେବେ। ଏହାସହ ପ୍ରଥମଥର ପାଇଁ ପିଏଚ୍‌ଡି ପଢ଼ିବାକୁ ମଧ ସୁଯୋଗ ପାଇବେ। ପୂର୍ବରୁ ନେଟ୍ ପରୀକ୍ଷା ଅନ୍‌ଲାଇନ୍‌ରେ କରାଯାଉଥିବାବେଳେ ଚଳିତ ଥର ଏହା ଅଫ୍‌ଲାଇନ୍‌ରେ ହେବ ବୋଲି ଏନ୍‌ଟିଏ ପକ୍ଷରୁ କୁହାଯାଇଛି।

### ସିୟୁଇଟି-ୟୁଜି...

ଅଫ୍‌ଲାଇନ୍ ପରୀକ୍ଷା ଚାଲିବ। ସେହିପରି ୨୧ତାରିଖରୁ ୨୪ ତାରିଖ ଯାଏଁ ଅନ୍‌ଲାଇନ୍ ପରୀକ୍ଷା ହେବ। ଚଳିତ ବର୍ଷ ସିୟୁଇଟି-ୟୁଜି ପରୀକ୍ଷା ଦେଇ ୨୬୧ଟି ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ସ୍ନାତକରେ ନାମ ଲେଖାଇପାରିବେ। ସମସ୍ତ ୪୪ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସମେତ ରାଜ୍ୟ ବିଶ୍ୱବିଦ୍ୟାଳୟ ଓ ଶହେରୁ ଅଧିକ ଘରୋଇ ବିଶ୍ୱବିଦ୍ୟାଳୟ ନାମଲେଖା ପ୍ରକ୍ରିୟାରେ ଅଂଶଗ୍ରହଣ କରିଛନ୍ତି। ଜୁନ୍ ୩୦ ତାରିଖରେ ପରୀକ୍ଷା ଫଳ ପ୍ରକାଶ କରିବା ପାଇଁ ୟୁଜିସି ଲକ୍ଷ୍ୟ ରଖିଛି।

### ପରଲୋକରେ ପୂର୍ବତନ...

ସହର ଉନ୍ନତୀକରଣ ଏବଂ ଜଙ୍ଗଲ ଓ ପରିବେଶ ବିଭାଗର ମନ୍ତ୍ରୀ ହୋଇଥିଲେ। ତାଙ୍କ ରାଜନୈତିକ ଜୀବନ କଂଗ୍ରେସ ଦଳରୁ ଆରମ୍ଭ କରିଥିବାବେଳେ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ କଂଗ୍ରେସ ଦଳରେ ହିଁ ରହିଥିଲେ। ଶେଷଥର ପାଇଁ ୨୦୦୯ରେ କଂଗ୍ରେସ ଦଳୀୟ ଟିକଟରେ ବିଷମ କଟକ ବିଧାନସଭା ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ସେ ମନ୍ତ୍ରୀ ସ୍ୱର୍ଗତ ରାମଚନ୍ଦ୍ର ଉଲ୍ଲାକାଙ୍କ ଭାଇ ଏବଂ ସାଂସଦ ସପ୍ତଗିରି ଉଲ୍ଲାକାଙ୍କ ଦାଦା ଅଟନ୍ତି। ଡମ୍ବୁରୁଧର ଉଲ୍ଲାକାଙ୍କ ଦେହାନ୍ତ ଖବର ପାଇବା ପରେ ଆଦିବାସୀ କଲ୍ୟାଣ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଭୁବନେଶ୍ୱର ସ୍ଥିତ ଘରୋଇ ହସ୍ପିଟାଲରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେଇଥିଲେ। ଡମ୍ବୁରୁଧରଙ୍କ ବିୟୋଗରେ ସାଂସଦ ସପ୍ତଗିରି ଉଲ୍ଲାକା, ବିଜେଡି ରାଜ୍ୟ ଉପସଭାପତି ଏନ୍.ଭାସ୍କର ରାଓ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ସୁଧୀର କୁମାର ଦାଶ, ଦୁର୍ଗା ପ୍ରସାଦ ପଣ୍ଡା, ସୁନିଲ କୁମାର ପଣ୍ଡା, ପୂର୍ବତନ ମନ୍ତ୍ରୀ ଲାଲବିହାରି ହିମିରିକା, ଆପଲସ୍ୱାମୀ କାଡ୍ରାକା, ଅନସୂୟା ମାଝୀ, ନୀଳମାଧବ ହିକକା, ଶଙ୍କର୍ଶଣ ମଙ୍ଗରାଜ, ଅଜିତ ଦାଶ, ଅମିୟ ସ୍ୱାଇଁ, ବିନାୟକ କର, ଚନ୍ଦ୍ରକାନ୍ତ ସାମଲ, ବି.ତିରୁପତି, ଜଗନ୍ନାଥ ପଣ୍ଡା, କୃଷ୍ଣ ଚନ୍ଦ୍ର ସାହୁ, ଚନ୍ଦ୍ରଶେଖର ବେହେରା, କେ.ନାଗରାଜୁ, ଅଶୋକ ଆଚାର୍ଯ୍ୟ ପ୍ରମୁଖ ଶୋକ ପ୍ରକଟ କରିଛନ୍ତି। ଡମ୍ବୁରୁଧରଙ୍କ ମରଶରୀର ତାଙ୍କ ଜନ୍ମମାଟି ବାଙ୍କିଲିକୁ ଅଣାଯାଉଛି। ଗୁରୁବାର ବନ୍ଧୁପରିଜନଙ୍କ ଶେଷ ଦର୍ଶନ ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି।

### ସମଲେଇ ପ୍ରକଳ୍ପକୁ...

କରି ଦେଖାନ୍ତି। ଆପଣଙ୍କ ଅଞ୍ଚଳରେ ଜଣେ କେନ୍ଦ୍ରମନ୍ତ୍ରୀ ଏବେ ଦେଖା ଦେଉଛନ୍ତି । ଭୋଟ ବେଳେ ତାଙ୍କର ଦର୍ଶନ ଆପଣମାନେ ପାଇଥିବେ, ଗଲା ୫ ବର୍ଷରେ ଥରେ ସେ ଆପଣଙ୍କ ଅଞ୍ଚଳକୁ ଆସିଥିଲେ କି? ଆପଣମାନେ ତାଙ୍କୁ ଦେଖିଥିଲେ କି ? କେନ୍ଦ୍ରମନ୍ତ୍ରୀ ଏଠାରେ ମିଛ ପ୍ରଚାର କରୁଛନ୍ତି, ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନିରବରେ ଆପଣଙ୍କ ପାଇଁ କାମ କରି ଚାଲିଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରିବାକୁ ଶ୍ରୀ ଦାସ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

### ଓଡ଼ିଶାକୁ ଦେଲାନାହିଁ...

ସେସ୍ ବାବଦରେ ଆଦାୟ କରୁଛନ୍ତି। ମାତ୍ର ଏହି ସେସ୍‌ରୁ ରାଜ୍ୟ ସରକାର କୌଣସି ଭାଗ ପାଉ ନାହାନ୍ତି। ଏହି ସେସ୍‌କୁ ପରିବେଶ ଓ ଥଇଥାନ ସେସ୍ ନାମରେ ନାମିତ କରି ପ୍ରଭାବିତ ରାଜ୍ୟକୁ ଏହାର ୬୦% ଅଂଶ ପ୍ରଦାନ କରିବା ପାଇଁ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରକୁ ଦେଇଥିବା ପ୍ରସ୍ତାବ ବାରମ୍ବାର ଦୋହରାଇଛନ୍ତି। କୋଇଲା ଖଣି ଥିବା ରାଜ୍ୟଗୁଡ଼ିକ ଖଣି ଖନନ, ପରିବହନ ଯୋଗୁଁ ପ୍ରଦୂଷଣଜନିତ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ରାଜ୍ୟକୁ ଏହି ସେସ୍‌ରୁ ଭାଗ ଦିଆଯିବା ଯଥାର୍ଥ ବୋଲି ମୁଖ୍ୟମନ୍ତ୍ରୀ ଯୁକ୍ତି ଉପସ୍ଥାପନ କରିଛନ୍ତି; ମାତ୍ର ଏହାକୁ କେନ୍ଦ୍ର ସରକାର କର୍ଣ୍ଣପାତ କରୁ ନାହାନ୍ତି। ଦେଶର ଯେଉଁ ୫ଟି ରାଜ୍ୟ ସର୍ବାଧିକ କୋଇଲା ଉତ୍ପାଦନ କରୁଛନ୍ତି, ତନ୍ମଧ୍ୟରେ ଓଡ଼ିଶା ଅନ୍ୟତମ। ଓଡ଼ିଶା ସମେତ ଏହି ୫ ରାଜ୍ୟ କୋଇଲା ଉତ୍ତୋଳନଜନିତ ପ୍ରଦୂଷଣ ସହୁଥିବା ବେଳେ ଏହାର ଲାଭ ନେଉଛନ୍ତି କେନ୍ଦ୍ର ସରକାର। ତେଣୁ ଗ୍ରୀନ୍ ସେସ୍‌ର ସିଂହଭାଗ ଓଡ଼ିଶାର ରାଜଭାଗ ରହିବା ଆବଶ୍ୟକ ବୋଲି ବିଜେଡି ସାଂସଦମାନେ ସଂସଦରେ ବାରମ୍ବାର ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ଓ ଖଣି ମନ୍ତ୍ରୀ ବିଭିନ୍ନ ସମୟରେ ଏହି ପ୍ରସଙ୍ଗରେ କେନ୍ଦ୍ର ନିକଟରେ ଦାବି ରଖି ଆସିଛନ୍ତି। ମାତ୍ର ଓଡ଼ିଶା ପାଇଁ ଏବେ କୁମ୍ଭୀର କାନ୍ଦଣା କାନ୍ଦୁଥିବା କେନ୍ଦ୍ର ବିଜେପି ସରକାରର ନେତାମାନେ ଏହାକୁ ପୂରା ଉପେକ୍ଷା କରି ଚାଲିଛନ୍ତି। ବିଡ଼ମ୍ବନା ହେଉଛି, ଓଡ଼ିଶା ଅସ୍ମିତା କଥା କହୁଥିବା ରାଜ୍ୟ ବିଜେପି ନେତା ଓ ଦଳର ୮ଜଣ ସାଂସଦ ଗତ ୫ ବର୍ଷ ମଧ୍ୟରେ ଏ ସମ୍ପର୍କରେ ଥରୁଟିଏ ବି ସଂସଦ ଅଧିବେଶନ କିମ୍ବା ସଂସଦ ବାହାରେ ତୁଣ୍ଡ ଖୋଲି ନାହାନ୍ତି।

**AFFIDAVIT**

By virtue of an affidavit sworn before the Executive Magistrate, Panposh, Rourkela on 08.05.2024, I, Gopinath Majhi, S/o-Late Chandra Mohan Majhi, Resident of Qrs. No. B/404, Sector-14, Rourkela-09, PS-Sector-15, Dist.-Sundargarh, Odisha-769009, declare that I have changed my daughter's name from Preeti Prangya Majhi to Priyanshi Majhi. Henceforth, she shall be known as **Priyanshi Majhi** for all purposes.

GOPINATH MAJHI

ସକାଳ THE SAKALA



### ୩୧ନଂ ଜିଲ୍ଲା ପରିଷଦ ଜୋନସ୍ତରୀୟ ବିଜେଡିର ନିର୍ବାଚନୀ ସଭା

# ‘ବିଜେପି ଭଙ୍ଗା ଚୌକି, କଂଗ୍ରେସ ବୁଡ଼ି ଯାଇଥିବା ଭେଳା’



**● ନବୀନଙ୍କ ବିକାଶ କାର୍ଯ୍ୟକୁ ଆଗେଇ ନେବା ପାଇଁ ଶଙ୍ଖରେ ଭୋଟ ଦେବାକୁ ଆହ୍ୱାନ**

ଭୋଗରାଇ/ଭୁଷଣ୍ଡେଶ୍ୱର, ୧୫।୫ (ସମିସ) :

ବିଜେପି ଦଳରେ ନାରୀଙ୍କୁ ସମ୍ମାନ ନାହିଁ। ବିଜେପି ଦଳରେ ନେତା, କର୍ମୀ ଓ ସମର୍ଥକ କମ୍, ମାତ୍ର ଭଙ୍ଗା ଚଉକି ବେଶୀ। ସେଭଳି ଦଳରେ ଦେଶର ଜନସାଧାରଣ କେବେବି ସୁରକ୍ଷିତ ରହିପାରିବେ ନାହିଁ। ସେହିପରି ପରିବାରବାଦର ବିଶ୍ୱାସୀ କଂଗ୍ରେସ ଦଳ ଦୀର୍ଘ ବର୍ଷ କେନ୍ଦ୍ର ଓ ରାଜ୍ୟ ଶାସନରେ ରହି ଦୁର୍ନୀତିରେ ବୁଡି ଯାଇଥିଲା ବେଳେ ଏବେ ଗଭୀର ଜଳରେ ବୁଡି ଯାଉଥିବା ଡଙ୍ଗା ପାଲଟିଛି। ଏଣୁ ବିଜେପି ଏବଂ କଂଗ୍ରେସକୁ ଭୋଟ ଦେଲେ ତାହା ଅପଚୟ ହେବ। ଭୋଗରାଇ ନିର୍ବାଚନ ମଣ୍ଡଳୀ ଜ୍ଞାନ ଓ ଶିକ୍ଷାରେ ସମଗ୍ର ରାଜ୍ୟରେ ନିଜର ପରିଚୟ ସୃଷ୍ଟି କରିଛି। ପ୍ରତ୍ୟେକ ନିର୍ବାଚନରେ ଭୋଗରାଇବାସୀ ସଠିକ ସ୍ଥାନରେ ନିଷ୍ପତ୍ତି ପ୍ରଦାନ କରି ଆସିଥିଲା ବେଳେ ଚଳିତ ନିର୍ବାଚନରେ ମଧ୍ୟ ସଠିକ ଚିହ୍ନରେ ଭୋଟ ଦେବାକୁ ବାଲେଶ୍ୱର ଜିଲ୍ଲା ଭୋଗରାଇ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩୧ ନଂ ଜିଲ୍ଲା ପରିଷଦ ଜୋନ ସ୍ତରୀୟ ନିର୍ବାଚନୀ ସଭାରେ ଯୋଗ ଦେଇ ବିଜେଡି ବିଧାୟକ ପ୍ରାର୍ଥୀ ଗୌତମବୁଦ୍ଧ ଦାସ ଏବଂ ସାଂସଦ ପ୍ରାର୍ଥୀନୀ ଡ. ଲେଖାଶ୍ରୀ ସାମନ୍ତସିଂହାର ଆହ୍ୱାନ ଦେଇଥିଲେ।

ଭୋଗରାଇ ବ୍ଲକ ଅନ୍ତର୍ଗତ ଭୋଗରାଇ ହେରମ୍ବ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖ ଖେଳ ପଡ଼ିଆରେ ଅନୁଷ୍ଠିତ ଜିଲ୍ଲା ପରିଷଦ ଜୋନ ସ୍ତରୀୟ ବିଜେଡିର ନିର୍ବାଚନୀ ସଭାରେ ବ୍ଲକ କମିଟି ସଭାପତି ରମାକାନ୍ତ କରଣ ଅଧ୍ୟକ୍ଷତା କରିଥିଲେ। ସେଲିବ୍ରିଟି ପ୍ରଚାରକ ତଥା ଓଲିଉଡ ଜଗତର ଚର୍ଚ୍ଚିତ ଅଭିନେତା ସବ୍ୟସାଚୀ ଓ ଅନ୍ୟତମ ସେଲିବ୍ରିଟି ତଥା ଓଲିଉଡ଼ ଜଗତର ଚର୍ଚ୍ଚିତ ନାୟିକା ଅର୍ଚ୍ଚିତା ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ଶଙ୍ଖରେ ଭୋଟ ଦେବା ପାଇଁ ଆହ୍ୱାନ ଦେଇଥିଲେ।

ସାଂସଦ ପ୍ରାର୍ଥିନୀ ଡ. ଲେଖାଶ୍ରୀ ସାମନ୍ତସିଂହାର ଯୋଗ ଦେଇ କହିଥିଲେ ଯେ, ଦୀର୍ଘ ୨୪ ବର୍ଷ ଧରି ଶାସନ କ୍ଷମତାରେ ରହିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାରେ ବିକାଶର ଗଙ୍ଗା ବୁହାଇଛନ୍ତି। ଆଜି ଦିନରେ ପ୍ରତ୍ୟେକ ଗାଁରେ ବିକାଶ ନଭଶ୍ଚୁମ୍ବୀ ହୋଇଛି। ଆସନ୍ତା ଦିନରେ ଏହାକୁ ଅଧିକ ତ୍ୱରାନିତ କରିବାକୁ ହେବ। ମହିଳା ମାନଙ୍କୁ ସମ୍ମାନ ଦେଇ ଆସୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲେଶ୍ୱର ଜିଲ୍ଲାରେ ବିଜେଡି ଦଳରୁ ୫୦ ପ୍ରତିଶତ ବିଧାନସଭା କ୍ଷେତ୍ରରେ ମହିଳାଙ୍କୁ ପ୍ରାର୍ଥୀ କରିଛନ୍ତି। ନବୀନ ପଟ୍ଟନାୟକ ସମାଲୋଚକ ମାନଙ୍କୁ ମଧ୍ୟ ସାଦରେ ଗ୍ରହଣ କରିଥାନ୍ତି। ମୋ ପରି ଜଣେ ସମାଲୋଚକଙ୍କୁ ଶ୍ରୀକୃଷ୍ଣ ଭଳି ଆଶୀର୍ବାଦ ପ୍ରଦାନ ସହ ବାଲେଶ୍ୱର ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଲୋକସଭା ଆସନରୁ ପ୍ରାର୍ଥୀ କରିଛନ୍ତି। ଭୋଗରାଇ ନିର୍ବାଚନ ମଣ୍ଡଳୀ ଜ୍ଞାନ ଓ ଶିକ୍ଷାରେ ସମଗ୍ର ରାଜ୍ୟରେ ନିଜର ପରିଚୟ ସୃଷ୍ଟି କରିଛି। ବିଗତ ପ୍ରତ୍ୟେକ ନିର୍ବାଚନରେ ବିଜେଡି ପ୍ରତି ରହିଆସିଥିବା ଅଫୁରନ୍ତ ସମର୍ଥନ ଚଳିତ ନିର୍ବାଚନରେ ଅତୁଟ ରଖିବା ପାଇଁ ଭୋଗରାଇବାସୀଙ୍କୁ ଆହ୍ୱାନ ଦେଇଥିଲେ। ବିଧାୟକ ପ୍ରାର୍ଥୀ ଗୌତମବୁଦ୍ଧ ଦାସ ଯୋଗ ଦେଇ ନବୀନ ପଟ୍ଟନାୟକଙ୍କ ବିକାଶର ଗଙ୍ଗାକୁ ଭଗୀରଥ ସାଜି ଭୁବନେଶ୍ୱରରୁ ଭୋଗରାଇକୁ ବୁହାଇ ଆଣିବେ ବୋଲି ଦୃଢ ପ୍ରତିଶ୍ରୁତି ଦେଇଥିଲେ। ଦକ୍ଷିଣ ଭୋଗରାଇର ଜଳ ନିଷ୍କାସନ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଭୋଗରାଇବାସୀଙ୍କ ପ୍ରତି ତାଙ୍କର ଭଲପାଇବା ପ୍ରକାଶ କରିଥିଲା ବେଳେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସେ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ଏହାସହିତ ବିଧାୟକ ଭାବେ ନିର୍ବାଚିତ ହେଲେ ମହଲେର ନନ୍ଦନକାନନ ଉଦୟପୁର-ତାଳସାରି ବେଳାଭୂମିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଅତିଶୀଘ୍ର ଶେଷ କରିବା ସହିତ ଆସନ୍ତା ୩ ବର୍ଷ ମଧ୍ୟରେ ଏସିଆ ମହାଦେଶର ସର୍ବବୃହତ ଶିବଲିଙ୍ଗ ବାବା ଭୁଷଣ୍ଡେଶ୍ୱରଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ଯେତେ ଅର୍ଥ ଆବଶ୍ୟକ ପଡ଼ିବ ତାହା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଠାରେ ଅଳି କରି ଆଣିବେ ବୋଲି ବିଧାୟକ ପ୍ରାର୍ଥୀ ଶ୍ରୀ ଦାସ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ନବୀନ ପଟ୍ଟନାୟକ ପାନ ଚାଷକୁ କୃଷିର ମାନ୍ୟତା ଦେଇଥିଲା ବେଳେ ଭୋଗରାଇ ଅଞ୍ଚଳର ଚିର ଅବହେଳିତ ୩୦ ହଜାରରୁ ଅଧିକ ପାନ ଚାଷୀଙ୍କୁ ମାନ୍ୟତା ପ୍ରଦାନ ସହିତ ପାନ ବରଜ ପାଇଁ ଆର୍ଥିକ ସହାୟତା ଓ ବିନା ସୁଧରେ ଋଣ ଯୋଗାଇ ଦେବା ବ୍ୟବସ୍ଥା କରିଛନ୍ତି। ଏଣୁ ନବୀନ ପଟ୍ଟନାୟକଙ୍କ ପ୍ରତି ଆନ୍ତରିକ ସମର୍ଥନ ଦେବା ସହିତ ଶଙ୍ଖରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦ, ଭୋଗରାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ବିଜେଡି ବ୍ଲକ କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଗଣପତି ଗିରି, ସମ୍ପାଦକ ତଥା ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ହେମନ୍ତ ବେହେରା, ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟା ଦମୟନ୍ତୀ ସାହୁ, ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷା ତଥା ଜିଲ୍ଲା ପରିଷଦ ସଦସ୍ୟା ନିବେଦିତା ମହାନ୍ତି, ବ୍ଲକ କମିଟି ଉପ ସଭାପତି ତଥା ପୂର୍ବତନ ନାରାୟଣ ମହାନ୍ତି ପଡ଼ିଆ ସରପଞ୍ଚ ପ୍ରଦୀପ ବେହେରା ପ୍ରମୁଖ ଯୋଗ ଦେଇ ଜନତା ଦଳ ଓ ପରବର୍ତ୍ତୀ ବିଜେଡି ଦଳ ସପକ୍ଷରେ ଦୀର୍ଘ ୩୪ ବର୍ଷ ଧରି ରହିଆସିଥିବା ଭୋଗରାଇବାସୀଙ୍କ ସମର୍ଥନ ଚଳିତ ନିର୍ବାଚନରେ ମଧ୍ୟ ପ୍ରତିଫଳିତ ହେବ ବୋଲି ଦୃଢୋକ୍ତି ପ୍ରକାଶ କରିବା ସହିତ ଶଙ୍ଖରେ ବିପୁଳ ସଂଖ୍ୟାରେ ଭୋଟ ଦେବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ରସଲପୁର ପଞ୍ଚାୟତ ସମିତି ସଦସ୍ୟ ନିଶିକାନ୍ତ ସାହୁ, ଖରିଦପିପଳ ସରପଞ୍ଚ ତଥା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷା ମଞ୍ଜୁରାଣୀ ବେହେରା, ଭୋଗରାଇ ସରପଞ୍ଚ ସୁଷମା କର, କୁମ୍ଭୀରଗଡ଼ି ପଞ୍ଚାୟତ ସମିତି ସଦସ୍ୟା ଝରଣା ସାହୁ, ସୁନାଧରବସାଣ ପଞ୍ଚାୟତ ସମିତି ସଦସ୍ୟା ସସ୍ମିତା ଜେନା, ପୂର୍ବତନ ସୁଲତାନପୁର ସରପଞ୍ଚ ରଶ୍ମୀରେଖା ମହାନ୍ତି, ବ୍ଲକ କମିଟି ସଦସ୍ୟ ମହମ୍ମଦ ଖୁରସେଦ, ନଳିନୀକାନ୍ତ ସେଠୀ, ରାମକୃଷ୍ଣ ପାତ୍ର, ପୂର୍ବତନ କୁମ୍ଭୀରଗଡ଼ି ପଞ୍ଚାୟତ ସମିତି ସଦସ୍ୟ ଭବେନ୍ଦ୍ର ସାହୁ, କୃଷକ ସାଥୀ ସଞ୍ଜିବ ଜେନା ପ୍ରମୁଖ ଯୋଗ ଦେଇ ଯୋଡ଼ିଏ ଶଙ୍ଖରେ ଭୋଟ ଦେବାକୁ ଆହ୍?ାନ ଦେଇଥିଲେ। ଏହି ଅବସରରେ ଭୋଗରାଇ ପଞ୍ଚାୟତରେ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଅନ୍ୟ ଦଳରୁ ବିଜୟୀ ହୋଇଥିବା ୱାର୍ଡମେମ୍ବର ଗୌରୀବାଲା ଜେନା ଓ ସସ୍ମିତା ସେଠୀ ନିଜ ଦଳ ତ୍ୟାଗ କରି ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଥିଲେ। ବ୍ଲକ ସଭାପତି ଶ୍ରୀ କରଣ ବିଜେଡି ଉତ୍ତରୀୟ ପିନ୍ଧାଇ ସେମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ। ଜିଲ୍ଲା ଉପ ସଭାପତି ତଥା ପୂର୍ବତନ ହୁଗୁଳି ସରପଞ୍ଚ ତପନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଭୋଗରାଇ ବ୍ଲକର କେନ୍ଦ୍ରସ୍ଥଳ ଥାନାଛକ ଠାରୁ ଏକ ବିଶାଳ ବାଇକ ଶୋଭାଯାତ୍ରା ଓ ‘ରୋଡ ସୋ’ ବାହାରି ଭୋଗରାଇ ହାଇସ୍କୁଲ ପଡ଼ିଆ ସଭା ସ୍ଥଳରେ ପହଞ୍ଚିଥିଲା।

# ବିଜେଡିର ସାଂଗଠନିକ ବୈଠକ ଓ ମିଶ୍ରଣ ପର୍ବ



ଚୌକି, ୧୫।୫(ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭଲ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଭିନ୍ନ ଦଳର ନେତା ଓ କର୍ମୀ ମାନେ ବିଜେଡିରେ ମିଶିବାକୁ ଲାଗିଛନ୍ତି। ଏହିଭଳି ଏକ ମିଶ୍ରଣ ପର୍ବ ଓ ସାଂଗଠନିକ ବୈଠକ ଭୋଗରାଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦେହୁର୍ଦ୍ଧା ପଞ୍ଚାୟତର ବହ୍ଲାରପୁର ଓ ବନାବସାଣ ଗ୍ରମରେ ଅନୁଷ୍ଠିତ ହୋଇଯାଇଛି। ଦେହୁର୍ଦ୍ଧା ପଞ୍ଚାୟତର ବିଜେଡି ସଭାପତି ମାନସ ଗାଙ୍ଗୁଲିଙ୍କ ଆହ୍ୱାନରେ ଏକ ବୈଠକ ଆହ୍ୱାନ କରାଯାଇଥିଲା। ଏଥିରେ ସମସ୍ତ ଛାମୁଆଁ ନେତା ଓ କର୍ମୀ ମାନଙ୍କୁ ନେଇ ଏକ ନିର୍ବାଚନ ଜନିତ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସରପଞ୍ଚ ସରସ୍ୱତୀ କରଣ ଓ ସଦସ୍ୟ ସନ୍ଧ୍ୟାରାଣୀ ଜେନା ସରକାରଙ୍କ ଗରିବ କଲ୍ୟାଣ ଯୋଜନା ବାବଦରେ ଜଣାଇଥିଲେ। ବହ୍ଲାରପୁର ଗ୍ରାମର ୱାର୍ଡ ମେମ୍ବର ଆଶିଷ ଦାସ ଓ ସଞ୍ଜୟ ଦେ ଆନୁଷ୍ଠାନିକ ଭାବେ ବିଜେଡରେ ମିଶିଥିଲେ। ନାଏବ ସରପଞ୍ଚ ରାଜେନ୍ଦ୍ର କର, ସୁବଳ ଜେନା, ପୂର୍ବତନ ୱାର୍ଡ଼ ସଭ୍ୟ ପରେଷ ଦାସ, ଦିଲୀପ ଦେବ, ମିଣ୍ଟୁ ଗିରି ରତନ ମଣ୍ଡଳ, ସୁକାନ୍ତ ଦାସ, ଉମେଶ ମଣ୍ଡଳ, ଅଜୟ ଆଧେକ, ଯଜ୍ଞେଶ୍ୱର ଜେନା, ସୁଦର୍ଶନ ପାଳ ଅରୁନ୍ଧତୀ ଦତ୍ତ, ରାଜେନ୍ଦ୍ରେ କର, କିଶୋର ଗିରି, ଶ୍ରୀମନ୍ତ ଦେ, ବିଶ୍ୱନାଥ ମଣ୍ଡଳ, ସତ୍ୟ ଗୋପାଳ ପାତ୍ର ଆଦି ବହୁସଂଖକ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ। ଦେହୁର୍ଦ୍ଧା ପଞ୍ଚାୟତର ବିଜେଡି ସମ୍ପାଦକ କାଳୀଚରଣ ଆଧେକ ଧନ୍ୟବାଦ ଅର୍ପଣ କରିଥିଲେ।

# ନାମ୍ପୋ ପଞ୍ଚାୟତରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ



ନାମ୍ପୋ, ୧୫।୫(ସମିସ): ବିଜୁ ଜନତା ଦଳ ପକ୍ଷରୁ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ର ନାମ୍ପୋ ପଞ୍ଚାୟତରେ ବିଜୁ ଜନତା ଦଳର କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ସନ୍ଧ୍ୟାରେ ବରିଷ୍ଠ ଆଇନଜୀବୀ ବିଷ୍ଣୁପଦ ଦାସ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ନାମ୍ପୋ ସରପଞ୍ଚ ଲୋପମୁଦ୍ରା ରାଉଳ, ସମିତି ସଭ୍ୟା ସସ୍ମିତା ପରିଡ଼ା, ନାଏବ ସରପଞ୍ଚ କଳ୍ପନା ଜେନା, ବରିଷ୍ଠ ବିଜେଡି ନେତା ନଳିନୀ ଭୂୟାଁ, ଜାମିନି କାନ୍ତ ଦତ୍ତ, ସୁଶୀଲ ପରିଡ଼ା, ଚନ୍ଦ୍ର ମୋହନ ରାଉଳ, ଗୌରୀ ପଦ ପଣ୍ଡା, ମୃଗାଙ୍କ ବସୁ, ଗୋପାଳ ଚନ୍ଦ୍ର ପ୍ରମାଣିକ, ଅରୁଣ ରାଉଳ, ଦେବାଶିଷ ଦାସ, ଉଜ୍ଜ୍ୱଳ ଦାସ, ସୁଧୀର ଜେନା, ପ୍ରଶାନ୍ତ ଦାସ, ସନ୍ତୋଷ ପାତ୍ର, କୃଷ୍ଣ ଚନ୍ଦ୍ର ରାଉଳ ପ୍ରମୁଖ ଶତାଧିକ କର୍ମୀ ଯୋଗ ଦେଇ ଆଗାମୀ ସାଧାରଣ ନିର୍ବାଚନରେ ସାଂସଦ ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାର ଓ ବିଧାୟକ ପ୍ରାର୍ଥୀ ଅଶ୍ୱିନୀ ପାତ୍ରଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିପୁଳ ସଂଖ୍ୟାରେ ଜୟଯୁକ୍ତ କରାଇ ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ କରାଇ ଏକ ବିକଶିତ ଓ ନବୀନ ଓଡ଼ିଶା ଗଠନରେ ଆଗ ଧାଡ଼ିର ସୈନିକ ର କାର୍ଯ୍ୟ ସମ୍ପାଦନ କରିବେ ବୋଲି ଶପଥ ନେଇଥିଲେ।

# ଅପରିଷ୍କାର ଡ୍ରେନ୍, ବିଗୁଡୁଛି ସହରର ପରିମଳ ବ୍ୟବସ୍ଥା

ବାଲେଶ୍ୱର, ୧୫।୫(ସମିସ): ସହରର ଜଳ ନିଷ୍କାସନ ଏବଂ ବର୍ଷା ଜଳରେ ରାସ୍ତା ଘାଟ ବୁଡିନଯିବା ପାଇଁ ବାଲେଶ୍ୱର ସହରରେ ବିଭିନ୍ନ ସ୍ଥାନ ମାନଙ୍କରେ ଡ୍ରେନ ନିର୍ମାଣ କରାଯାଇଛି। କିନ୍ତୁ ନିୟମିତ ଡ୍ରେନ ସଫେଇ ହେଉ ନ ଥିବାରୁ ଅସ୍ୱାସ୍ଥକର ପରିସ୍ଥିତି ଉପୁଜିଛି। ବାଲେଶ୍ୱର ସହର ପତୁଆଁପଦା ଛକ ନିକଟରେ ଥିବା ଡ୍ରେନ ପରିସ୍ଥିତି ଏପରି ହୋଇଛି ଯେ ଜଳ ନିଷ୍କାସନ ଅସମ୍ଭାଳ ହୋଇପଡ଼ିଛି। ସହର ଭିତରେ ଥିବା ସମସ୍ତ ଡ୍ରେନ ମାନଙ୍କର ତଦାରଖ କରିବା ଦାୟିତ୍ୱ ପୌରପରିଷଦ ବହନ କରୁଥିବା ବେଳେ ଡ୍ରେନ ପରିସ୍ଥିତି ଏପରି ଅପରିଷ୍କାର ହୋଇ ପଡ଼ିରହିଛି। ମାସ ମାସ ଧରି ଡ୍ରେନ ସଫା କରାନଯିବା ଲକ୍ଷ୍ୟ କରାଯାଉଛି। ଡ୍ରେନ ସଫା ନହେବା କାରଣରୁ ଡ୍ରେନରେ ଆଣ୍ଠୁଏ ଉଚ୍ଚାର ଅନାବନା ଘାସ ଗଛ ଉଠିଛି। ଏହି କାରଣ ବଶତଃ ଡ୍ରେନରେ ପାଣି ଜମି ରହି ବିଭିନ୍ନ ପ୍ରକାର ର ପୋକ ଜୋକ ସୃଷ୍ଟି ହେଉଛି। ଅନାବନା ଘାସ ଗଛ ବୃଦ୍ଧି ହେବାରୁ ପାଣି ଜମି ରହି ସହରରେ ଦୁର୍ଗନ୍ଧ ମଧ୍ୟ ବ୍ୟାପୁଛି। କେବଳ ଏତିକି ନୁହଁ କାଳ ବୈଶାଖୀ କାରଣ ରୁ ପବନ ଦେବା ରୁ ରାସ୍ତା ର ବିଭିନ୍ନ ପାର୍ଶ୍ୱର ପ୍ଲାଷ୍ଟିକ ଜରି ପଲଥିନି ଉଡି ଆସି ଡ୍ରେନ ଉପରେ ଥିବା ଘାସ ଗଛ ଉପରେ ପଡ଼ି ଅଧିକ ଅପରିଷ୍କାର ପରିସ୍ଥିତି ସୃଷ୍ଟି କରୁଛି। ପୌରପରିଷଦ ଏହିଭଳି ଦାୟିତ୍ୱ ହୀନତା ନ ଦେଖାଇ ତୁରନ୍ତ ସହରରେ ଥିବା ଡ୍ରେନକୁ କିପରି ପରିଷ୍କାର ରଖାଯିବ ତା ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।



### ୪୦ ନମ୍ବର ନୀଳଗିରି ନିର୍ବାଚନ ମଣ୍ଡଳୀ

# ୭ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର କାଏମ



ନୀଳଗିରି, ୧୫।୫(ସମିସ): ସାଧାରଣ ନିର୍ବାଚନ ପରପ୍ରେକ୍ଷୀରେ ୪୦ ନମ୍ବର ନିର୍ବାଚନ ମଣ୍ଡଳୀ ଭାବେ ନୀଳଗିରିରେ ବିଧାନ ସଭା ଆସନ ପାଇଁ ୭ ପ୍ରାର୍ଥୀଙ୍କ ସମସ୍ତ ଦସ୍ତାବିତ୍ ଯାଞ୍ଚ ପରେ ନାମାଙ୍କନ ପତ୍ର ଯୋଗ୍ୟ ବିବେଚିତ ବୋଲି ନିର୍ବାଚନ ଅଧିକାରୀ ତଥା ଉପଜିଲ୍ଲାପାଳ ମନ୍ଦରଧର ମହାଲିକ ପ୍ରକାଶ କରିଛନ୍ତି। ନୀଳଗିରି ବିଧାନସଭା ଆସନ ପାଇଁ ବିଭିନ୍ନ ରାଜନୈତିକ ଦଳ ଦ୍ୱାରା ମନୋନୀତ ଦୁଇଜଣ ପ୍ରାର୍ଥୀ ୧୬ ଗୋଟି ସେଟ୍ ରେ ଚଳିତ ମାସ ୭ ତାରିଖ ଠାରୁ ୧୪ ତାରିଖ ମଧ୍ୟରେ ନିଜ ନିଜର ନାମାଙ୍କନ ପତ୍ର ନିର୍ବାଚନ ଅଧିକାରୀଙ୍କ ଠାରେ ଦାଖଲ କରିଥିଲେ ଏବଂ ୧୪ ତାରିଖ ଦିନ ସମସ୍ତ ପ୍ରାର୍ଥୀଙ୍କ ର ନାମାଙ୍କନ ପତ୍ର ଯାଞ୍ଚ କରାଯାଇ ୭ ଜଣ ପ୍ରାର୍ଥୀ ଙ୍କର ଦସ୍ତାବିଦ ସଠିକ୍ ଥାଇ କାଏମ ରହିଥିବା ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି ଏବଂ ଆସନ୍ତା ୧୭ ତାରିଖ ପ୍ରାର୍ଥୀ ପତ୍ର ପ୍ରତ୍ୟାହର ଦିବସ ପରେ କାଏମ ଥିବା ପ୍ରାର୍ଥୀ ଦଳୀୟ ନିର୍ବାଚନୀ ସଙ୍କେତଙ୍କ ଚିହ୍ନ ପ୍ରକାଶ ନିମନ୍ତେ ଧାର୍ଯ୍ୟ ଅବଧି ରହିଛି। ଚଳିତ ନୀଳଗିରି ବିଧାନ ସଭା ଆସନ ପାଇଁ ଆସନ୍ତା ଜୁନ ୧ତାରିଖରେ ଭୋଟ ଦାନ ପ୍ରକ୍ରିୟା ରେ ମୋଟ ୨, ୧୯, ୧୫୬ ଜଣ ଭୋଟରଙ୍କ ମଧ୍ୟରୁ ୧, ୦୮, ୨୪୨ ଜଣ ମହିଳା ୭ ଜଣ ଅନ୍ୟ ବର୍ଗ ର ମତଦାତା ୨୧୯ ଗୋଟି ବୁଥରେ ମତଦାନ କରିବେ ୨୧୯ଟି ବୁଥ ମଧ୍ୟରେ ୧୫ଗୋଟି ସହରାଞ୍ଚଳ ରେ ଏବଂ ୨୦୪ ଗୋଟି ଗ୍ରାମାଞ୍ଚଳ ରେ ଥାଇ ବୁଥ ୨୪ଟି ଦିବ୍ୟାଙ୍ଗ ମାନଙ୍କ ଦ୍ୱରା ପରିଚାଳିତ ୧ଗୋଟି ଯୁବବର୍ଗ ଦ୍ୱାରା ୨ଗୋଟି ପରିବେଶ ଅନୁକୂଳ ସାଥି ବୁଥ, ୬ଟି ସମ ଜାତୀୟ ବୁଥ ୪ ଗୋଟି ଅନ୍ୟାନ୍ୟ ୨ ଗୋଟି ବୁଥ ଅନ୍ତର୍ଭୁକ୍ତ। ଚଳିତ ବର୍ଷ ନିର୍ବାଚନ ନିବେଦନୁସାରେ ସମସ୍ତ ଭୋଟର ମତାଦାନ କରିବେ ତେଣୁ ନୀଳଗିରି ନିର୍ବାଚନ ମଣ୍ଡଳୀର ବରିଷ୍ଠ ନାଗରିକ ୬୯ ଜଣ ଏବଂ ଦିବ୍ୟାଙ୍ଗ ୧୩ ଜଣଙ୍କୁ ମତଦାନ କରିବାର ସ୍ୱତନ୍ତ୍ର ବ୍ୟବସ୍ଥା ରହିଥିବା ସମ୍ପର୍କରେ ନିର୍ବାଚନ ଅଧିକାରୀ ଶ୍ରୀ ମହାଲିକ ପ୍ରକାଶ କରିଛନ୍ତି।

# ମିରିଗିଣିରେ ବିଜେଡିର ନିର୍ବାଚନୀ କାର୍ଯ୍ୟାଳୟ ଖୋଲିଲା



ନୀଳଗିରି, ୧୫।୫(ସମିସ): ଆଜି ପୂର୍ବାହ୍ନରେ ନୀଳଗିରି ଏନଏସି ଅନ୍ତର୍ଗତ ୪ନମ୍ବର ୱାଡ଼ ମିରିଗିଣି ଗ୍ରାମରେ ବିଜେଡି ଦଳ ପକ୍ଷରୁ ନିର୍ବାଚନୀ ପରିପ୍ରେକ୍ଷୀରେ ନୂତନ କାର୍ଯ୍ୟାଳୟ ଖୋଲା ଯାଇଛି। ଏଥିରେ ଦଳୀୟ କର୍ମୀ, ଭୋଟରଙ୍କ ଯୋଗାଯୋଗ ସହିତ ନିର୍ବାଚନୀ ପ୍ରଚାର ରେ ସୁବିଧା ହେବ। ଏନ.ଏ.ସି. ଅଧ୍ୟକ୍ଷା ଅମ୍ବିକା ଦାସ ଫିତା କାଟି ଶୁଭାରମ୍ଭ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ତୁଙ୍ଗ ନେତା ଶରତ ଦାସ, ମାନିଆ ଦିୱେଦି, ରଶ୍ମିରେଖା ଆଚାର୍ଯ୍ୟ, ସୁନୀଲ ପ୍ରଧାନ, ସରୋଜ ମିଶ୍ର, ପ୍ରମୁଖ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ଫୁଲବଣୀ ଖାସ ହାଡ଼ିଗୋଛିଆ ରାସ୍ତା ମରଣଯନ୍ତା



ଚନ୍ଦନେଶ୍ୱର, ୧୫।୫ (ସମିସ) :

ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ଟୁକୁରୀହାଜିରା ପଞ୍ଚାୟତ ଅଧୀନ ଫୁଲବଣୀ ଖାସ ଗ୍ରାମ ୧୫ ନମ୍ବର ୱାର୍ଡରେ ଥିବା ଫୁଲବଣୀ ସରକାରୀ ଉଚ୍ଚବିଦ୍ୟାଳୟ ସମ୍ମୁଖରୁ ହାଡିଗୋଛିଆ ଓ ଶାନ୍ତି ନଗର ରାସ୍ତାକୁ ସଂଯୋଗ କରୁଥିବା କଂକ୍ରିଟ ରାସ୍ତାର ଲକ୍ଷ୍ମୀକାନ୍ତ ମହାନ୍ତି ଘର ନିକଟରେ ଥିବା ରାସ୍ତା ସଂଲଗ୍ନ ପୋଖରୀ ଭିତରକୁ କଙ୍କ୍ରିଟ ରାସ୍ତାର ତଳପଟରୁ ମାଟି ଅତଡା ଖସିଯିବା ଫଳରେ ଉପରେ ଥିବା କଂକ୍ରିଟ ଭାଙ୍ଗି ଚାଲିଛି। ତିନିବର୍ଷର କଂକ୍ରିଟ ରାସ୍ତା ହୋଇଥିଲେ ହେଁ ରାସ୍ତା ଦୁଇ ପଟେ କାଦୁଆ ଓ ପୋଖରୀ ଏବଂ କିଛିଦିନ ଆଗରୁ ଗତ ମାସ ଜୁଲାଇ ୧୮ ତାରିଖରୁ ବାବୁରାମ ମହାନ୍ତି ଘର ସମ୍ମୁଖସ୍ଥ ପକ୍କା ରାସ୍ତାର ତଳେ ବର୍ଷା ପ୍ରଭାବରେ ତଳେ ମାଟି ନ ଥାଇ ସୁଡ଼ଙ୍ଗ ହୋଇ ଅତଡା ଖସି ଭାଙ୍ଗିଯିବା ସହିତ କ୍ରମଶଃ କଙ୍କ୍ରିଟ ଢଳାଇ ଭାଙ୍ଗି ଭାଙ୍ଗି ରାସ୍ତାଟି ମରଣଯନ୍ତାରେ ପରିଣତ ହୋଇଛି। ସେଥିପାଇଁ କିଛି ଦିନ ଯାତାୟାତ ବନ୍ଦ ଥିଲା। ସ୍ଥାନୀୟ ସରପଞ୍ଚ ଉପେନ୍ଦ୍ର ସାହୁ ଛୋଟ ଛୋଟ ସ୍କୁଲ ପିଲା ପ୍ରାୟତଃ ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ଲକ୍ଷ୍ୟ କରି ସେ ସେହି ସ୍ଥାନରେ ବାଲି ପକାଇ ସମତୁଲ କରି ଥିଲେ। ତେବେ ବାଲି ପଡ଼ିଥିବା ସ୍ଥାନକୁ ଛାଡି ପାଖରେ ଥିବା ରାସ୍ତା ପୁଣି ଭାଙ୍ଗିବାରେ ଲାଗିଛି। ରାସ୍ତାର ଗୋଟିଏ ମୁଣ୍ଡରେ ହାଡିଗୋଛିଆ ପ୍ରାଥମିକ ବିଦ୍ୟାଳୟ ଅନ୍ୟ ଏକ ମୁଣ୍ଡରେ ଫୁଲବଣୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଅବସ୍ଥିତ ପାଖାପାଖି ୮୦୦ମିଟର ରାସ୍ତା। ତେବେ ସମ୍ପୂର୍ଣ୍ଣ ରାସ୍ତାଟି କଂକ୍ରିଟ ଓ ସୁଦୃଢ ଗାର୍ଡୱାଲର ଆବଶ୍ୟକ ରହିଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିବା ସହିତ ଖୁବ୍‌ଶୀଘ୍ର ଉକ୍ତ ରାସ୍ତାର ମରାମତି ପାଇଁ ଦାବି ହେଉଛି।

# ଭତ୍ତା ହିତାଧିକାରୀଙ୍କୁ ଛୋଲା ଓ ପାଣି ବଣ୍ଟନ



ଚୌକି, ୧୫।୫(ସମିସ) : ଭୋଗରାଇ ବ୍ଲକ ଦେହୁର୍ଦ୍ଧା ପଞ୍ଚାୟତ ପକ୍ଷରୁ ଭତ୍ତା ହିତାଧିକାରୀଙ୍କୁ ଆଜି ଛୋଲା ଓ ପାଣି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାରା ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହ ଚାଲିଥିବା ସ୍ଥଳେ ପଞ୍ଚାୟତ କାର୍ଯ୍ୟାଳୟକୁ ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ଭତ୍ତା ନେବାକୁ ଆସିଥିବା ହିତାଧିକାରୀ ମାନଙ୍କୁ ସ୍ଥାନୀୟ ଉଦପଦା ଗ୍ରାମର ସମାଜସେବୀ ଗଣେଶ ଚନ୍ଦ୍ର ବାରିକ ଥଣ୍ଡା ପାଣି ଓ ଛୋଲା ପ୍ରଦାନ କରିଛନ୍ତି।

# ଏନ୍‌ଜିଟି ନିର୍ଦ୍ଦେଶକୁ ପଶ୍ଚିମବଙ୍ଗ ବାଲି ମାଫିଆଙ୍କ ଫୁଁ’

ଜଳେଶ୍ୱର ବ୍ଲକ, ୧୫।୫ (ସମିସ) :



- ସୁବର୍ଣ୍ଣରେଖା ନଦୀ ଭିତରେ ବନ୍ଧ ପକାଇ ଓଡ଼ିଶା ସୀମାରେ ବାଲି ଉତ୍ତୋଳନ
- ସୁରକ୍ଷା ପାଇଁ ଦୁଇ ରାଜ୍ୟ ପ୍ରଶାସନର ତଦନ୍ତ ଦାବି

ଗତ ୧୫ ଦିନ ହେବ ସୁବର୍ଣ୍ଣରେଖା ନଦୀର ବିଳାସପୁର ଘାଟରେ ପଶ୍ଚିମବଙ୍ଗର ବାଲି ମାଫିଆ ମାନେ ବେଆଇନ ବାଲି ଉତ୍ତୋଳନ କରି ଆସୁଛନ୍ତି। ଦିବାରାତ୍ର ଶହ ଶହ ଟ୍ରାକ୍ଟର ନଦୀ ଭିତରେ ବନ୍ଧ ପକାଇ ନଦୀ ଗର୍ଭରୁ ବାଲି ଉତ୍ତୋଳନ କରୁଛନ୍ତି। ଏବେ ସେମାନେ ଓଡ଼ିଶା ସୀମା ମଧ୍ୟରେ ପ୍ରବେଶ କରି ଅହୋରାତ୍ର ବାଲି ଉତ୍ତୋଳନ ଓ ପରିବହନ କରି କୋଟି କୋଟି ଟଙ୍କାର ମାଲେମାଲ ହେଉ ଥିବା ବେଳେ ନଦୀର ଗତିପଥ ପରିବର୍ତ୍ତନର ଆଶଙ୍କା ଦେଖା ଦେଇଛି। ବାଲିମାଫିଆ ମାନେ ଟ୍ରାକ୍ଟର ପ୍ରତି ୮୦୦୦ ଟଙ୍କାରେ ବିକ୍ରି କରୁଥିଲା ବେଳେ ବ୍ୟାପକ ରାଜସ୍ୱ ହରାଉଛି ଓଡ଼ିଶା ରାଜ୍ୟ।

ସୁବର୍ଣ୍ଣରେଖା ନଦୀର ପଶ୍ଚିମ ପଟେ ଓଡ଼ିଶା ରାଜ୍ୟର ରାଇବଣିଆ ଥାନା ଅନ୍ତର୍ଗତ ମାକିଡିଆ, ଗୋପାଳପୁର ଓ ରାଜନଗର, ଓଲମରା ଗ୍ରାମ ରହିଥିବାବେଳେ ନଦୀର ପୂର୍ବ ପଟ ପର୍ଯ୍ୟନ୍ତ ଓଡ଼ିଶାର ସୀମା ରହିଥିବା ପ୍ରକାଶ। ନଦୀର ପଶ୍ଚିମ ପଟେ ପଶ୍ଚିମବଙ୍ଗର ଦାନ୍ତୁନ ଥାନା ଅନ୍ତର୍ଗତ ବେଲମୂଳା, ପାନଶୁଳା, ଛତ୍ରପାଲ, ବାଲିଡାଙ୍ଗିରୀ, ବଇଁଚା ଇତ୍ୟାଦି ନଈକୂଳ ଗାଁ ଅବସ୍ଥିତ। ପଶ୍ଚିମବଙ୍ଗର ଉପରୋକ୍ତ ଗାଁ ନିକଟରେ ନଦୀ ପାରିହେବା ଲାଗି ଜଳସ୍ରୋତ ଉପରେ ଅସ୍ଥାୟୀ କାଠ ପୋଲ ନିର୍ମାଣ କରି ନଈ ବାଲି ଉପରେ ମୋରମ ପକାଇ ରାସ୍ତା ନିର୍ମାଣ କରିଛନ୍ତି। ବର୍ଷା ଦିନ ପରେ ଉପରୋକ୍ତ ଅଞ୍ଚଳର ଲୋକେ ପଶ୍ଚିମବଙ୍ଗ ନଦୀ ପଠାରୁ ବାଲି ନେବା ସହିତ ଓଡ଼ିଶା ଅଞ୍ଚଳର ବିସ୍ତୀର୍ଣ୍ଣ ନଦୀ ପଠାରୁ ଜବରଦସ୍ତ ବାଲି ନେଇ ଯାଆନ୍ତି। ଖଣି, ଜଙ୍ଗଲ, ପରିବେଶ, ରାଜସ୍ୱ ଇତ୍ୟାଦି ବିଭାଗର ନିୟମକୁ ଉଲଂଘନ କରି ବାଲିମାଫିଆ ମାନେ ବାଲି ଉତ୍ତୋଳନ କରୁଥିବାରୁ ଅତୀତରେ ଏନଜିଟିରେ ବାରମ୍ବାର ମାମଲା ରୁଜୁ ହୋଇଥିଲା। ଏନଜିଟିର ନିୟମକୁ ବାଲି ମାଫିଆ ମାନେ ଅମାନ୍ୟ କରି ବାଲି ଉତ୍ତୋଳନ କରୁଥିଲା ବେଳେ କେତେକ ପ୍ରଶାସନ ବାଲି ମାଫିଆଙ୍କୁ ସହାୟତା କରି ଆସୁଛି। ଏନଜିଟିର ନିର୍ଦ୍ଦେଶ ଅନୁଯାୟୀ ୧୯୨୬ ମସିହାରେ ତତ୍କାଳୀନ ମେଦିନୀପୁର ଜିଲ୍ଲାପାଳ ଏସ ସୋଲେମାନ ନିର୍ଦ୍ଧାରଣ କରିଥିବା ନଦୀଗର୍ଭର ସୀମା କୁ ଅଧିକ ସ୍ୱଷ୍ଟ ଓ ସୁରକ୍ଷିତ କରିବାକୁ କହିଛନ୍ତି। କିନ୍ତୁ ଓଡ଼ିଶା ସରକାରଙ୍କ ପକ୍ଷରୁ ବାଲେଶ୍ୱର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜଳେଶ୍ୱର ତହସିଲ ପକ୍ଷରୁ ବାରମ୍ବାର ମାପ ଚୁପ୍ କରାଯାଇ ପ୍ରଥମେ ନାଲି ପତାକା ଓ ପରେ କଂକ୍ରିଟ ପିଲର ନିର୍ମାଣ କରିଥିଲେ ମଧ୍ୟ ପଶ୍ଚିମବଙ୍ଗ ବାଲି ମାଫିଆ ସେଗୁଡିକୁ ଅବଜ୍ଞା କରିଛନ୍ତି। ପଶ୍ଚିମବଙ୍ଗ ସରକାର ବେଲମୂଳା, ବାଲିଡାଙ୍ଗିରୀ ଅଞ୍ଚଳର ବାଲି ପଠାକୁ ନିଲାମ ଦେଇଛନ୍ତି କି ନା, ଜଣା ପଡ଼ି ନ ଥିଲେ ମଧ୍ୟ ଓଡ଼ିଶା ପଟେ ଓଲମରା, ରାଜନଗର ଓ ଗୋପାଳପୁର ବାଲି ପଠା ନିଲାମ ହୋଇ ନ ଥିବାର ରାଜସ୍ୱ ଓ ଖଣି ବିଭାଗ ପକ୍ଷରୁ ପ୍ରକାଶ। ଏପରି ବାଲି ଉତ୍ତୋଳନ ଫଳରେ ନଦୀର ପଶ୍ଚିମ ପଟରେ ପଶ୍ଚିମବଙ୍ଗ ହୋଇଥିଲେ ମଧ୍ୟ ଓଡ଼ିଶା ସୀମାରୁ ବାଲି ଅତଡ଼ା ଖସିବାରେ ଲାଗିଛି। ନଦୀ ଶଯ୍ୟାରେ ବନ୍ଧ ବାନ୍ଧିବା ବେନିୟମ କାର୍ଯ୍ୟ ହୋଇଥିଲେ ମଧ୍ୟ ବାଲି ଉତ୍ତୋଳନ ଲାଗି ନଦୀ ସ୍ରୋତରେ ବନ୍ଧ ପକା ଯାଇଛି।ଫଳରେ ପାଣି ସ୍ରୋତ ଅନ୍ୟ ଦିଗକୁ ମୁହାଁଇଛି।

ପ୍ରକାଶଯୋଗ୍ୟ, ମାକିଡିଆ ଗାଁକୁ ରକ୍ଷା କରିବା ପାଇଁ ୧୯୮୪ ମସିହାରେ ଓଡ଼ିଶା ସରକାର ୩ ଟି ସ୍ପର କରିଥିଲେ। ଅଦ୍ୟାବଧି ସେଠାରେ କୋଟି କୋଟି ଟଙ୍କା ବ୍ୟୟରେ ୧୪ ଟି ସ୍ପର୍ ଓ ବିସ୍ତୀର୍ଣ୍ଣ ଅଞ୍ଚଳ ପଥରବନ୍ଧ ଗତ ୪/୫ ବର୍ଷ ମଧ୍ୟରେ ହୋଇ ପାରିଥିବାରୁ ସମଗ୍ର ଗାଁ ରକ୍ଷା ପାଇବା ସହ ରାଇବଣିଆ ଅଞ୍ଚଳ ସୁରକ୍ଷିତ ହୋଇ ପାରିଛି। ନଦୀର ଦୁଇ ପଟ ଗ୍ରାମବାସୀ ମୁହାମୁହିଁ ହେବାକୁ ଯାଉ ଥିବାରୁ ଦୁଇ ରାଜ୍ୟ ପକ୍ଷରୁ ପ୍ରଶାସନିକ ସ୍ତରରେ ଘଟଣାସ୍ଥଳ ପରିଦର୍ଶନ କରି ସମସ୍ୟାର ସମାଧାନ କରା ଯିବାକୁ ଏ ଅଞ୍ଚଳର ବହୁ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜଳେଶ୍ୱରର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ଘଟଣା ସମ୍ପର୍କରେ ସେ ଜାଣିବା ପରେ ବାଲେଶ୍ୱର ଜିଲ୍ଲାପାଳ ଓ ଜଳେଶ୍ୱର ତହସିଲଦାରଙ୍କ ଦୃଷ୍ଟି କୁ ଘଟଣାଟି ଆଣିଛନ୍ତି। ଶ୍ରୀ ପାତ୍ର ରାଜସ୍ୱ ସଚିବ ସତ୍ୟବ୍ରତ ସାହୁଙ୍କ ସହ ଆଲୋଚନା କରି ସେଠାକାର ପରିସ୍ଥିତି, ଆଇନଶୃଙ୍ଖଳା ଓ ଆଇନଗତ ସମସ୍ୟା ଦୂର ଲାଗି ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି। ଓଡ଼ିଶା ସୀମାରେ ଥିବା ବାଲି ପଠାରୁ ୩୦ ଭାଗ ବାଲି ପଶ୍ଚିମବଙ୍ଗର ବାଲି ମାଫିଆ ଜେସିବି ସହାୟତାରେ ନେଇ ଯାଉଥିବା ସମ୍ପର୍କରେ ସ୍ଥାନୀୟ ରାଜସ୍ୱ ବିଭାଗର କର୍ମଚାରୀ କହିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନ କୁ ମଧ୍ୟ ଜଣାଇଛନ୍ତି।

# ବିପୁଳ ଦେଶୀ ମଦ ଜବତ, ୧୪ ବେପାରୀ ଗିରଫ



**ବସ୍ତା, ୧୫।୫(ସମିସ):** ବାଲେଶ୍ୱର ଜିଲ୍ଲା ବସ୍ତା ଅଞ୍ଚଳରେ ଅବକାରୀ ବିଭାଗ ଓ ସାଟେଲାଇଟ ବିଭାଗର ମିଳିତ ଚଢଉରେ ବିପୁଳ ପରିମାଣର ମଦ, ଗାଡି ସହ ୧୪ ଜଣ ଗିରଫ ହୋଇଛନ୍ତି। ଉତ୍ତର ବାଲେଶ୍ୱର ଅଞ୍ଚଳ ରେ ନିଶା କାରବାର ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ପୁଲିସ, ଅବକାରୀ ବିଭାଗ ର ମୁଣ୍ଡ ବିନ୍ଧା ର କାରଣ ପାଲଟିଛି। ତେବେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା ବେଳେ ଦେଶୀମଦ ବେପାରୀ ଙ୍କ ଉପରେ ଉଭୟ ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ଅଙ୍କୁଶ ଲଗାଯାଇଛି। ଗତକାଲି ଅବକାରୀ ଡେପୁଟି ସୁପରିଟେଣ୍ଡେଣ୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଳେଶ୍ୱର, ବସ୍ତା, ଭୋଗରାଇ, ସଦର ଅବକାରୀ ଓ ସାଟେଲାଇଟ ବିଭାଗ ପକ୍ଷରୁ ଉତ୍ତର ବାଲେଶ୍ୱରର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଛି। ଏହି ସମୟରେ ୪୩୦୦ ଲିଟର ଦେଶୀ ମଦ, ସାତଟି ମଟର ସାଇକେଲ, ଗୋଟିଏ କାର, ଗୋଟିଏ ନମ୍ବର ବିହୀନ ବୋଲେରୋ ସହିତ ୧୪ ଜଣଙ୍କୁ ଗିରଫ କରି ନଅ ଟି ମାମଲା ରୁଜୁ କରାଯାଇଥିବା ଥିବା ସୂଚନା ଦେଇଛନ୍ତି ଡେପୁଟି ସୁପରିଟେଣ୍ଡେଣ୍ଟ। ରାଜପଥ କଡ଼ରେ ଥିବା ଢ଼ାବା ମାନଙ୍କ ରେ ବେଆଇନ ନିଶା କାରବାର, ଠିପି ବନ୍ଦ ଦୋକାନ ସମ୍ମୁଖରେ ସନ୍ଧ୍ୟାରୁ ରାତି ୧୨ ଟା ପର୍ଯ୍ୟନ୍ତ ମଦର ଆସର ଜମୁଥିବା ବେଳେ ଅବକାରୀ ବିଭାଗ ନିଦାବିଷ୍ଟ ପାଲଟିଛି।

# ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଲାଗି ୮ ପ୍ରାର୍ଥୀଙ୍କ ନାମାଙ୍କନ

**ଜଳେଶ୍ୱର ବ୍ଲକ, ୧୫।୫ (ସମିସ) :** ୨୦୨୪ ସାଧାରଣ ନିର୍ବାଚନ ଲାଗି ୩୫ନଂ ଜଳେଶ୍ୱର ବିଧାନସଭା ମଣ୍ଡଳରୁ ୮ଜଣ ପ୍ରାର୍ଥୀ ନାମାଙ୍କନ କରିଥିବା ଜଣାଯାଇଛି। ଗତ ୧୪ତାରିଖ ନାମାଙ୍କନ ପତ୍ରର ଶେଷ ତାରିଖ ଥିବାରୁ ସେ ଦିନ ୭ଜଣ ପ୍ରାର୍ଥୀ ନାମାଙ୍କନ କରିଛନ୍ତି।

ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ଜଳେଶ୍ୱର ବ୍ଲକର ୩୫ଟି, ବସ୍ତା ବ୍ଲକର ୧୪ଟି ଓ ଜଳେଶ୍ୱର ମ୍ୟୁନିସିପାଲଟିର ୨ଲକ୍ଷ ୫୨ହଜାର ୪୫୭ଜଣ ଭୋଟର ରହିଛନ୍ତି। ଏଥିଲାଗି ୨୫୩ଟି ବୁଥରେ ମତଦାତାମାନେ ଆସନ୍ତା ଜୁନ୍ ୧ତାରିଖରେ ସେମାନଙ୍କ ମତସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ୧ଲକ୍ଷ ୨୮ହଜାର ୫୦୯ ପୁରୁଷ ଥିବା ବେଳେ ୧ଲକ୍ଷ ୨୩ହଜାର ୯୨୭ଜଣ ମହିଳା ଭୋଟର ରହିଥିବା ନିର୍ବାଚନ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ଏମାନଙ୍କ ବ୍ୟତିତ ୨୧ଜଣ ତୃତୀୟ ଲିଙ୍ଗୀ ଭୋଟ ଦେବେ ବୋଲି ଜଣାଯାଇଛି। ଚଳିତ ନିର୍ବାଚନରେ ବିଜେଡି ଦଳରୁ ଅଶ୍ୱିନୀ କୁମାର ପାତ୍ର, ବିଜେପି ଦଳରୁ ବ୍ରଜମୋହନ ପ୍ରଧାନ, କଂଗ୍ରେସ ଦଳରୁ ସୁଦର୍ଶନ ଦାସ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ଦିବ୍ୟକାମ ମହାନ୍ତି, ପ୍ରଦୀପ କୁମାର ସିଂହ, ପୂର୍ଣ୍ଣଚନ୍ଦ୍ର ସିଂହ, ହେମନ୍ତ କୁମାର ସାହୁ ଓ ରମାକାନ୍ତ ଜେନା ପ୍ରମୁଖ ସ୍ୱାଧୀନ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ ମୁଖ୍ୟତଃ ୩ଟି ରାଜନୈତିକ ଦଳ ମଧ୍ୟରେ ଦୃଢ ମୁକାବିଲା ହେବ ବୋଲି ଜଣାଯାଇଛି। ଏଥିପାଇଁ ପ୍ରାର୍ଥୀମାନେ ସେମାନଙ୍କ କସରତ ଆରମ୍ଭ କରିଛନ୍ତି। ଏହି ୩ଟି ଦଳର ପ୍ରାର୍ଥୀମାନେ ବିଭିନ୍ନ ସ୍ଥାନରେ ସଭା ଓ ରାଲି ମାନ କରୁଥିବା ଦେଖିବାକୁ ମିଳିଛି।

# କମ୍ରେଡ୍ ରାଧାରମଣ ଷଡଙ୍ଗୀଙ୍କ ବିୟୋଗରେ ଶୋକସଭା

**ନୀଳଗିରି, ୧୫।୫(ସମିସ):** ବିଶିଷ୍ଟ ଶ୍ରମିକ ନେତା ତଥା ନିଖିଳ ଓଡ଼ିଶା ପରିବହନ ଶ୍ରମିକ ମହା ସଂଘର ପୂର୍ବତନ ସାଧାରଣ ସମ୍ପାଦକ ତଥା ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ୱର୍କର ୟୁନିୟନର ବାଲେଶ୍ୱରର ସଭାପତି, ସିଆଇଟିୟୁର ପୂର୍ବତନ ରାଜ୍ୟ କମିଟି ସଦସ୍ୟ ଏବଂ ସଂଗଠିତ ଶ୍ରମିକ ସଂଗଠନର ପୂର୍ବତନ ରାଜ୍ୟ ସଭାପତି ରାଧା ରମଣ ଷଡଙ୍ଗୀଙ୍କର ବିୟୋଗରେ ସୋମନାଥ ପୁର ଟ୍ୟାଙ୍କର ୟୁନିୟନ ଏବଂ ନୀଳଗିରି ସିଟୁ ପକ୍ଷରୁ ଶୋକ ସଭା ଅନୁଷ୍ଠିତ ହୋଇଛି। ଭୋଳାନାଥ ବଳଙ୍କ ସଭାପତିତ୍ୱରେ ଉକ୍ତ ଶୋକ ସଭାରେ ପ୍ରଥମେ ତାଙ୍କର ସ୍ମୃତି ଚାରଣ କରାଯାଇ ଥିଲା। ପରେ ତାଙ୍କର ଆତ୍ମାର ସଦଗତି କାମନା କରି ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ବିଜୟ ପାତ୍ର, ଖଗନ ସିଂ, ଶେଖ ମୁବାରକ, ହରିହର ମଲ୍ଲିକ, ଅମର ରାଉତ, ନିତ୍ୟାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଟିପିଏନ୍‌ଓଡିଏଲ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

**ଜଳେଶ୍ୱର ବ୍ଲକ, ୧୫।୫ (ସମିସ) :** ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଉପାନ୍ତ ନଛିମପୁର ପଞ୍ଚାୟତ ସୀମାନ୍ତ ହାଇସ୍କୁଲ ଠାରେ ଜଳେଶ୍ୱର ବିଦ୍ୟୁତ ବିଭାଗ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି। ବୁଧବାର ପୂର୍ବାହ୍ନରେ ବିଦ୍ୟାଳୟ ପରିସରରେ ଆୟୋଜିତ ଶିବିରରେ ଡାକ୍ତର ଉର୍ମିଳା ମହନ୍ତ, ଏନ୍ ଏମ୍ ସୋନାଲି ଦାସ, ଫାର୍ମାସିଷ୍ଟ ଶୁଭାଶିଷ ଦାସ, ସହଯୋଗୀ ବିଜୟ କୁମାର ଦାସ ପ୍ରମୁଖ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ମାଗଣା ଔଷଧ ବଣ୍ଟନ କରିଥିଲେ। ଜଳେଶ୍ୱର ବିଦ୍ୟୁତ୍ ବିଭାଗ ଏସଡିଓ ଭୁବନ କୁମାର ସାହୁ ଓ କନିଷ୍ଠ ଯନ୍ତ୍ରୀ ଶୁଶାନ୍ତ କୁମାର ପାଢ଼ୀଙ୍କ ତତ୍ତ୍ୱାବଧାନରେ ଏହି ଶିବିର




ଅନୁଷ୍ଠିତ ହୋଇଥିଲା। ମୋଟ ୫୭ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ନିଃଶୁଳ୍କ ଔଷଧ ବଣ୍ଟନ କରା ଯାଇଥିଲା। ନଛିମପୁର ବିଦ୍ୟୁତ କେନ୍ଦ୍ରର ଲାଇନମ୍ୟାନ ବିଶ୍ୱଜିତ ପରିଡ଼ା, ତାପସ ବିଶ୍ୱାଳ, ଗୋପାଳ ଦତ୍ତ, ପବିତ୍ର ଭୂୟାଁ, ସଞ୍ଜୟ ରାଉଳ, ସଦାନନ୍ଦ ପରିଡ଼ା, ସନ୍ତୋଷ ମହାନ୍ତି, ପଙ୍କଜ କର ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ସାମ୍ବାଦିକଙ୍କ ମାତୃ ବିୟୋଗ



**ନୀଳଗିରି, ୧୫।୫(ସମିସ):** ଯୁବ ସାମ୍ବାଦିକ ପ୍ରଶାନ୍ତ କୁମାର ବିଶ୍ୱାଳଙ୍କ ମା’ ପ୍ରମିଳା ଦେବୀଙ୍କ ୫୭ ବର୍ଷ ବୟସରେ ପରଲୋକ ହୋଇଯାଇଛି। ନୀଳଗିରି ବ୍ଲକ ସଜନାଗଡ଼ ପଞ୍ଚାୟତ ରାଜେନ୍ଦ୍ରପୁର ଗ୍ରାମର ରତ୍ନାକର ବିଶ୍ୱାଳଙ୍କ ସ୍ତ୍ରୀ ତଥା ନୀଳଗିରିର ଯୁବ ସାମ୍ବାଦିକ ପ୍ରଶାନ୍ତ ବିଶ୍ୱାଳଙ୍କ ମା ପାଇଖାନାରେ ପଡ଼ି ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ଦୀର୍ଘ ୧ବର୍ଷରୁ ଅଧିକ ହେବ ଚିକିତ୍ସିତ ହେଉଥିଲେ। ଗତ ମଙ୍ଗଳବାର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ନିଆଯାଇ ଚିକିତ୍ସା କରାଯାଇଥିଲା। ପରେ ସେଠାରୁ ତାଙ୍କୁ କଟକ ବଡ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ବଡ ପୁଅ ପ୍ରଶାନ୍ତ, ସାନପୁଅ ପ୍ରକାଶ, ଦୁଇଝିଅ, ଜ୍ୱାଇଁ, ନାତି ନାତୁଣୀ, ବନ୍ଧୁ, ପ୍ରିୟଜନ ଉପସ୍ଥିତ ଥିଲେ। ଖବର ପାଇ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଏସଡିସି ଚେୟାରମେନ୍ ମଦନ ମୋହନ ମାଝୀ, ନାରୀନେତ୍ରୀ ସୁନିତୀ ସିଂ, ବାଲେଶ୍ୱର ଜିଲ୍ଲା ଯୁବ ବିଜେଡ଼ି ସଭାପତି ତାପସ ପରିଡ଼ା, ବିଜେଡ଼ି ବ୍ଲକ ସଭାପତି ବିଜୟ କୁମାର ଲେଙ୍କା, ବରିଷ୍ଠ ବିଜେଡି ନେତା ଗଙ୍ଗାଧର ମିଶ୍ର, ମା ଭୂଦାରଚଣ୍ଡୀ ମନ୍ଦିରର ପୂଜକ ବିଜୟ କୁମାର ପଣ୍ଡା, ଯୁବନେତା ଉପେନ୍ଦ୍ର ନାୟକ, ସଞ୍ଜୟ ନାୟକ, ଚିତ୍ତରଞ୍ଜନ ବାଗ ସମେତ ନୀଳଗିରିର ବହୁ ସାମ୍ବାଦିକ ରାଜେନ୍ଦ୍ରପୁର ସ୍ଥିତ ବାସଭବନରେ ଶେଷ ଦର୍ଶନ କରିଥିଲେ। ବଡ଼ପୁଅ ପ୍ରଶାନ୍ତ ମୁଖାଗ୍ନି ଦେଇଥିବା ବେଳେ ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ବିଜେଡିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ




**ସିମୁଳିଆ, ୧୫।୫(ସମିସ):** ବାଲେଶ୍ୱର ଜିଲ୍ଲା ସିମୁଳିଆ ନିର୍ବାଚନ ମଣ୍ଡଳୀର ସିମୁଳିଆ ବ୍ଲକ ଅନ୍ତର୍ଗତ ମୁରୁଣା ପଞ୍ଚାୟତ କଲ୍ୟାଣୀ ମଣ୍ଡପରେ ବିଜେଡିର ଏକ ସଭାର ଆୟୋଜନ ହୋଇଥିଲା। ଏହି ସଭାରେ ବ୍ଲକ ଯୁବ ସଭାପତି ଗଦାଧର ଜେନା ସଭାପତିତ୍ୱ କରିଥିଲେ। ସିମୁଳିଆ ବିଧାନସଭା କ୍ଷେତ୍ରରେ ପ୍ରଥମ ମହିଳା ବିଧାୟିକା ପ୍ରାର୍ଥିନୀ ସୁବାସିନୀ ସାହୁଙ୍କ ଲୋକ ପ୍ରିୟତା ବଢ଼ି ଚାଲିଛି। ଏହି ପରିପ୍ରେକ୍ଷୀରେ ଅନ୍ୟ ଦଳର କର୍ମୀ ବିଜେଡି ଦଳରେ ମିଶିଥିଲେ। ସମ୍ମିଳନୀ ଓ ମିଶ୍ରଣ ସଭାରେ ରାଜ୍ୟ କଳା ସଂସ୍କୃତି ବିଭାଗର ସମ୍ପାଦକ ଶଶୀ କୁମାର ସାହୁ ପହଞ୍ଚିଥିଲେ। ଏହି ସଭାରେ ପୂର୍ବତନ ଜିଲ୍ଲା ଉପସଭାପତି ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ଜିଲ୍ଲା ମହିଳା ସଭାପତି ପ୍ରମିଳା ବଳ, ପୂର୍ବତନ ଚେୟାରମେନ ଗୌରାଙ୍ଗ ପତ୍ରୀ ଓ ଏମ୍‌ପି ପ୍ରତିନିଧି ରଞ୍ଜନ କୁମାର ବେହେରା, ଅଜୟ କୁମାର ପତ୍ରୀ ଉପସ୍ଥିତ ଥିଲେ

# ସାଇ ଆଦର୍ଶ ମେସ୍ ଛାତ୍ରଛାତ୍ରୀଙ୍କ ସଫଳତା



**ଔପଦା, ୧୫।୫(ସମିସ):** ସିବିଏସଇ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ଔପଦା ବ୍ଲକ ରେ ଥିବା ଅନ୍ୟତମ ଅଗ୍ରଣୀ ଛାତ୍ରାବାସ ତଥା ସାଇ ଆଦର୍ଶ ମେସ୍ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଅପୂର୍ବ ସଫଳତା ହାସଲ କରି ଅନୁଷ୍ଠାନର ଗୌରବ ବୃଦ୍ଧି କରିଛନ୍ତି। ଦଶମ ଶ୍ରେଣୀର ଛାତ୍ର ରୋହନ ମହାପାତ୍ର ୯୫.୮%, ଛାତ୍ରୀ ଲିପ୍ସିତା ଘଡେଇ ୯୪%, କାମ୍ୟାଶ୍ରୀ ପଟ୍ଟନାୟକ ୯୨.୮%, ଛାତ୍ର ରିତିକ୍ ରୋମିଓ ରାଜ୍ ୯୨%, ସୌମ୍ୟରଞ୍ଜନ ବେହେରା ୯୨%, ସୌଭାଗ୍ୟ ଧାଉଁଡିଆ ୯୦%, ଶେଖର ନାୟକ ୮୮%, ଗୀତାଞ୍ଜଳି ସଂଖୁଆ ୮୬.୮%, ସୁବର୍ଣ୍ଣା ପରିଡ଼ା ୮୪.୫%, ପ୍ରତ୍ୟୁଷ ବାରିକ୍ ୮୧.୯% ଏବଂ ମୃତ୍ୟୁଞ୍ଜୟ ପ୍ରଧାନ ୮୦% ସହିତ ୧୭ ଜଣ ଛାତ୍ର ଛାତ୍ରୀ ପ୍ରଥମ ଶ୍ରେଣୀ ରେ ୨ ଜଣ ଛାତ୍ର ଛାତ୍ରୀ ଦ୍ୱିତୀୟ ଶ୍ରେଣୀ ହାସଲ କରି ମେସ ପାଇଁ ଗୌରବ ଆଣିଛନ୍ତି। ଛାତ୍ରଛାତ୍ରୀଙ୍କର ଏହି ଅପୂର୍ବ ସଫଳତା ପାଇଁ ଅଭିଭାବକଙ୍କ ମନରେ ଆନନ୍ଦର ଲହରୀ ଖେଳିଯାଇଛି। ଏହି ସଫଳତାର ଶ୍ରେୟ ସ୍କୁଲ୍ ଶିକ୍ଷକ, ଶିକ୍ଷୟିତ୍ରୀ, ଟ୍ୟୁସନ୍ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ମେସ୍ କର୍ତ୍ତୃପକ୍ଷଙ୍କ ଅଭିନବ ସୃଜନାମକ ଅଧ୍ୟାପନା ପାଇଁ ଏହା ସମ୍ଭବ ହୋଇଛି ବୋଲି ଅନୁଷ୍ଠାନର ଚେୟାରମେନ୍ ଅନିତା ବେହେରା, ସମ୍ପାଦକ ମିହିର କୁମାର ବେହେରା, ସହ ସମ୍ପାଦକ ବିଶ୍ୱରଞ୍ଜନ ବେହେରା ମତ ଦେବା ସହିତ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।

# ୩ ଶ୍ରେଣୀଗୃହର ତାଲା ଭାଙ୍ଗିଦେଲେ ଦୁର୍ବୃତ୍ତ

**ରାଜଘାଟ, ୧୫।୫ (ସମିସ) :** ବସ୍ତା ଥାନା ଅନ୍ତର୍ଗତ ଗୋବରଘୋଟୀ କ୍ଷେତ୍ରପାଳ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩ଟି ଶ୍ରେଣୀଗୃହରେ ତାଲା ଭଙ୍ଗାଯାଇଥିବା ନେଇ ବୁଧବାର ଥାନାରେ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତ ମାନେ ବିଦ୍ୟାଳୟ ଭିତରକୁ ପଶି ତିନୋଟି ଶ୍ରେଣୀ ଗୃହର ତାଲାକୁ ଭାଙ୍ଗି ଦେଇଥିଲେ। ବୁଧବାର ସକାଳ ସମୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପହଞ୍ଚି ଶ୍ରେଣୀଗୃହ ଗୁଡ଼ିକର ତାଲା ଭଙ୍ଗା ଯାଇଥିବା ଦେଖି ପ୍ରଧାନ ଶିକ୍ଷକ ବସନ୍ତ କୁମାର ନାୟକଙ୍କୁ ଖବର ଦେଇଥିଲେ। ଖବର ପାଇ ପ୍ରଧାନ ଶିକ୍ଷକ ଶ୍ରୀ ନାୟକ ସ୍କୁଲରେ ପହଞ୍ଚି ତାଲା ଭଙ୍ଗା ଯାଇଥିବା ଶ୍ରେଣୀ ଗୃହ ଗୁଡ଼ିକୁ ବୁଲି ଦେଖିଥିଲେ। ମାତ୍ର ଶ୍ରେଣୀ ଗୃହରୁ କୌଣସି ଜିନିଷ ଚୋରି ହୋଇନଥିବା ଜାଣିବାକୁ ପାଇଥିଲେ।ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ଜଣକ ବସ୍ତା ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ଘଟଣା ସମ୍ପର୍କରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ଅବଗତ କରିଥିବା ଜଣାଯାଇଛି। ସୂଚନା ଥାଉକି ଗତମାସ ୨୨ ତାରିଖରେ ମଧ୍ୟ ଦୁର୍ବୃତ୍ତମାନେ ଏହି ସ୍କୁଲରୁ ଏକ ଏଲଇଡି ଟିଭି ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଥିଲେ। ଏଣୁ ପୂର୍ବରୁ ବସ୍ତା ଥାନାରେ ୬/୨୪ ମୂଳେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଥିବା ବେଳେ ଘଟଣାକୁ ମାସେ ନ ବିତୁଣୁ ଦୁର୍ବୃତ୍ତମାନଙ୍କର ସ୍କୁଲରୁ ପୁନର୍ବାର ପ୍ରବେଶ କରିବା ଯୋଗୁଁ ସାଧାରଣରେ ଅସନ୍ତୋଷ ଲାଗିରହିଛି।



# ମରଣଯନ୍ତା ପାଲଟିଛି ଥାନାଛକ କଲେଜ ରାସ୍ତା

ଚୌକି, ୧୫।୫ (ସମିସ) :



ଭୋଗରାଇ ଗ୍ରାମ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନ କଲେଜ ଆଗରେ ଥିବା ରାସ୍ତା ମଝିରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଭୋଗରାଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦେହୁର୍ଦ୍ଦା ଓ ଜଳେଶ୍ୱରପୁର ପଞ୍ଚାୟତରେ ଥିବା ଭୋଗରାଇ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନ କଲେଜ ଆଗରେ ଥିବା ଆର୍ ଡି ରାସ୍ତା ମଝିରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଥାନାଛକଠାରୁ ଭୋଗରାଇ ହାଟ ପର୍ଯ୍ୟନ୍ତ ରାସ୍ତାରେ ଥାନା, ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ, ରେଜିଷ୍ଟ୍ରାର ଅଫିସ, କଲେଜ, ଡାକ୍ତର ଖାନା, ତହସିଲ, ବ୍ଲକ, କଟ୍ ଆଦି ଏହି ରାସ୍ତା ପାଖରେ ରହିଛି। ଏହି ରାସ୍ତା ଦେଇ ହଜାର ହଜାର ଲୋକ ଯିବାଆସିବା କରିଥାନ୍ତି। ବିଭିନ୍ନ ସମୟରେ ଦେଖିବାକୁ ମିଳିଛି ଯେ ସେହି ଗର୍ତ୍ତରେ ଲୋକମାନେ ପଡୁଛନ୍ତି। ହସ୍ପିଟାଲକୁ ଯାଉଥିବା ଆମ୍ବୁଲାନ୍ସ ଛୋଟ ଛୋଟ ପିଲାମାନେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପିଲାମାନେ ଗର୍ତ୍ତରେ ପଡ଼ି ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ସେହି ରାସ୍ତା ଦେଇ ପ୍ରଶାସନର ଅଧିକାରୀମାନେ ଯିବା ଆସିବା କରୁଥିଲେ ମଧ୍ୟ କାହାରି ଆଖିରେ ପଡୁନାହିଁ। ଖୁବଶୀଘ୍ର ଯଦି ରାସ୍ତା ମରାମତି ନକରାଯାଏ ତେବେ ଭୋଗରାଇର ବୁଦ୍ଧିଜୀବୀ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି।

# ବିଜେଡି ପ୍ରାର୍ଥୀ ଅଭିମନ୍ୟୁ ସେଠୀଙ୍କ ଜୋର୍‌ଦାର୍ ପ୍ରଚାର

**ସୋସୋ/ହାଟଡିହି,୧୫।୫(ସମିସ)**



ଆନନ୍ଦପୁର ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଅଭିମନ୍ୟୁ ସେଠୀଙ୍କ ୩୪ ନଂ ଜୋନ୍‌ରେ ଜୋର୍‌ଦାର ପ୍ରଚାର ହୋଇଛି। ପ୍ରଥମେ ବାଲିବରେଇ ପଞ୍ଚାୟତର ବିଦ୍ୟାଧରପୁର ବଜାରରୁ ଏକ ହଜାରରୁ ଉଦ୍ଧ୍ୱର୍ କର୍ମୀ ମଟରସାଇକଲ ଶୋଭାଯାତ୍ରାରେ ବାହାରି ଥିଲେ। ମଟରସାଇକଲ ରାଲି ଚେତନା କେନ୍ଦ୍ର ଦେଇ ହଦଗଡ଼, ମଧୁବନ, ଧନୁର୍ଜୟପୁର, ନୁଟିଆ, ସିଆଡ଼ିମାଳି, ତଅଁଳ, ବଣିଆପଙ୍କ, ପଡିଆରିପଲ୍ଲି, କୁରାଡିଘସା, କାହାଳିଆ, ଗଡିଆ, ବାଲିବରେଇ, ବାଙ୍ଗୋର ଓ ସୋସୋ ଆଦି ପଞ୍ଚାୟତଗୁଡ଼ିକର ବିଭିନ୍ନ ଗାଁକୁ ମଟର ସାଇକଲ ଶୋଭାଯାତ୍ରା କରାଯାଇଥିଲା। ବିଜେଡିର ପ୍ରାର୍ଥୀ ଅଭିମନ୍ୟୁ ସେଠୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ କହିବା ସହିତ ଗାଁ ଭିତରେ ସେ ଭୋଟରଙ୍କୁ ଜୁହାର ହୋଇ ଭୋଟ ଭିକ୍ଷା କରିଥିଲେ। ଏହି ସମୟରେ ଶତ୍ରୁଘ୍ନ ପାତ୍ର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ବସନ୍ତ ପଡିଆରୀ, ନରତୋମ ଶତପଥୀ, ଅଜୟ ଘଡେଇ, ବାବୁଲି ସିଂ, ବିନୋଦ ସିଂ, ବିକାଶ ବଳ, କ୍ଷିରୋଦ ବେହେରା, ନାରଣ ବିଶ୍ୱାଳ, ଚିନ୍ମୟ ପେଡ଼ା, ମଦନ ମୋହନ ନନ୍ଦି, ଅଭିମନ୍ୟୁ ନାୟକ, ଅଜିତ୍ ରାଉତ, ରାଜେନ୍ଦ୍ର ପାତ୍ର, ଗୋଲଖ ରାଉତ, ଆନନ୍ଦ ରାଉତ, ବଳରାମ ଗିରି, ଶରତ ନାୟକ, ଯୁବ ବିଜେଡି ସଭାପତି ରାକେଶ ରାମ, ସରପଞ୍ଚ ଚିନ୍ମୟ ନାୟକ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ଜେନା, ବିଶ୍ୱନାଥ ନାୟକ, ରବିନ୍ଦ୍ର ନାୟକ, ଧବଳେଶ୍ୱର ପଟ୍ଟନାୟକ ସମେତ ୧ହଜାରରୁ ଉର୍ଦ୍ଧ୍ୱ ମଟରସାଇକଲ ସାମିଲ ହୋଇଥିଲେ।

# ବିଜେଡି ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟିତ




**ଯୋଡ଼ା,୧୫।୫(ସମିସ):** ଯୋଡ଼ାରେ ବିଜେଡିର ଏକ ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଯୋଡ଼ା ପୌରପାଳିକା ଅନ୍ତର୍ଗତ ଯୋଡ଼ା ବଜାର ସ୍ଥିତ ଏହି କାର୍ଯ୍ୟାଳୟଟିକୁ ବିଜେଡି ଜିଲ୍ଲା ସଭାପତି କୁଶ ଆପଟ ଉଦ୍‌ଘାଟନ କରିଛନ୍ତି। ଏଥିରେ ବିଜେଡି ଦଳର ଶହଶହ କର୍ମୀ ଯୋଗ ଦେଇଥିବା ଦେଖିବାକୁ ମିଳିଛି। ସଭାରେ ସଭାପତି ଆପଟ ବିରୋଧୀଙ୍କ ଉପରେ ଖୁବ୍ ବର୍ଷିଥିବା ଦେଖିବାକୁ ମିଳିଥିଲା। ଯୋଡ଼ା ଅଞ୍ଚଳରେ ଜଣେ ପୁରୁଣା କର୍ମୀ ଦଳ ବିରୋଧୀ କାର୍ଯ୍ୟ ବହିଷ୍କାର ହେବାପରେ ନିକଟରେ ବିଜେପିରେ ସାମିଲ ହୋଇ ବିଜୁ ଜନତା ଦଳକୁ ବଦନାମ କରିବା ପାଇଁ ବିଜେପି ସଭା ସମିତି ଓ ଗଣମାଧ୍ୟମରେ ମିଛ ବକ୍ତବ୍ୟ ଦେବାରେ ଲାଗିଛନ୍ତି। ରାଜ୍ୟ ସରକାରଙ୍କ ୨୪ ବର୍ଷର ସଫଳତାରେ ବିଜେପି ଓ କଂଗ୍ରେସ ହତୋତ୍ସାହ ହୋଇ ପଡ଼ିଛନ୍ତି ବୋଲି ସେ କହିଛନ୍ତି। ଏଥିସହ ନିର୍ବାଚନ ବୈତରଣୀ ପାରହେବାପାଇଁ ବିରୋଧୀ ବିଭିନ୍ନ ମିଥ୍ୟାର ଆଶ୍ରୟ ନେଉଥିବା ସେ କହିଥିଲେ। ଯୋଡ଼ା ପୌରପାଳିକାର ୧୪ଟି ୱାର୍ଡରୁ ଜନସାଧାରଣ ବିପୁଳ ଭୋଟରେ ବିଜେଡିର ଲୋକସଭା ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁ ଓ ବିଧାୟକ ପ୍ରାର୍ଥୀ ସନାତନ ମହାକୁଡ଼ଙ୍କୁ ଜିତାଇ ଆଣିବାକୁ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ପୂର୍ବାହ୍ନରେ ଶ୍ରୀ ଆପଟ ସଭାସ୍ଥଳରେ ପହଞ୍ଚିବାପରେ ତାଙ୍କୁ କର୍ମୀମାନେ ପୁଷ୍ପମାଲ୍ୟ ଅର୍ପଣକରି ପାଛୋଟି ନେଇଥିଲେ। ସଭାସ୍ଥଳଟି ବିଜେଡି ନାରାରେ ଗୁଞ୍ଜରୀତ ହୋଇ ଉଠିଥିଲା। ସଭାରେ ଯୋଡ଼ା ପୌରପାଳିକା ଅଧ୍ୟକ୍ଷ ଡ.ଜଗଦୀଶ ପ୍ରସାଦ ସାହୁ, ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ର, ସମସ୍ତ ବିଜେଡି ପାରିଷଦ, ଯୋଡ଼ା ସହର ବିଜେଡି ସଭାପତି ଚତୁର୍ଭୁଜ ପଲେ, ବିକାଶ ମହାନ୍ତି, ରବିନାରାୟଣ ଦାସ, ମାତା ପ୍ରସାଦ ଜୟସ୍ୱାଲ, ଜିତେନ୍ଦ୍ର ଜୟସ୍ୱାଲ, ନିହାରରଞ୍ଜନ ରାଉତ, ବିନୁ ପଟ୍ଟନାୟକ, ଦୀପକ ଶତପଥୀ, ନିରଞ୍ଜନ ବହିଦାର ଓ କାବୁ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ।

# ବେଲବାହାଲିରେ ବିଜୁ ଜନତା ଦଳ କାର୍ଯ୍ୟାଳୟ ଉଦ୍‌ଘାଟିତ



**ଆନନ୍ଦପୁର,୧୫।୫(ସମିସ):** ଆନନ୍ଦପୁର ନିର୍ବାଚନମଣ୍ଡଳୀର ବେଲବାହାଲିରେ ବିଜୁ ଜନତା ଦଳର ଏକ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ପଞ୍ଚାୟତର ସଭାପତି ପଦ୍ମଲୋଚନ ସାହୁଙ୍କ ତତ୍ତ୍ୱାବଧାନରେ ଏବଂ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତିର ସଭାପତି ଶରତ ଚନ୍ଦ୍ର ସାହୁଙ୍କ ସଂଯୋଜନାରେ ଏହି କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି। ଚଳିତ ବର୍ଷ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଏବଂ କେନ୍ଦୁଝର ସାଂସଦ ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁଙ୍କୁ ଆନନ୍ଦପୁର ଅଞ୍ଚଳରେ ଅଧିକ ମାତ୍ରାରେ ଭୋଟ ଦେଇ ବିଜୟ ଲାଭ କରିବା ନାରା ଦେଇଥିଲେ। ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଆହୁରି ମଜବୁତ କରିବା ପାଇଁ କର୍ମୀମାନେ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ପ୍ରମୋଦ ସାହୁ, ଗୋପୀନାଥ ସାହୁ, ଅରୁଣ ସାହୁ, ବିଚିତ୍ର ସାହୁ, ଗୋବର୍ଦ୍ଧନ ସାହୁ, ସନ୍ତୋଷ ପରିଡ଼ା, ନବଘନ ମହାନ୍ତି, ହରିହର ସାହୁ, ଗୋପୀନାଥ ବିଶ୍ୱାଳ, ତାପସ ରାଉତ, ସଞ୍ଜୟ ଦାସ, ଅନୀଲ ସାହୁ, ତାପସ ଜେନା, ମଇନ ସାହୁ, ଉତ୍ସବ ସାହୁ, ବୃନ୍ଦାବନ ସାହୁ, ଭାଇଗ ସାହୁ, ମୋହନ ସାହୁ, ଶ୍ରୀଧର ସାହୁ, ଅଜିତ ନାହକ ଓ ଶୁକଦେବ ସାହୁଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଓ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ବିଜେଡିର ସଂକଳ୍ପ ସମାବେଶ

**ନାରଦପୁର,୧୫।୫(ସମିସ):** କେନ୍ଦୁଝର ଜିଲ୍ଲା ସଦର ନିର୍ବାଚନମଣ୍ଡଳୀ ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନାରଦପୁର ଗ୍ରାମରେ ବୁଧବାର ବିଜେଡିର ସଂକଳ୍ପ ସମାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ସମାବେଶରେ ବିଜେଡି ସାଂସଦ ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁ ଓ ବିଧାୟକ ପ୍ରାର୍ଥିନୀ ମୀନା ମାଝୀଙ୍କୁ ବହୁ ମାତ୍ରାରେ ଭୋଟ ଦେଇ ବିଜୟ କରିବା ପାଇଁ ଲୋକଙ୍କୁ ଭୋଟ ଭିକ୍ଷା କରାଯାଇଥିଲା। ରାଜ୍ୟ ସରକାରଙ୍କର ଜନକଲ୍ୟାଣକାରୀ ଯୋଜନା ଓ ବିକାଶଧାରାକୁ ବଜାୟ ରଖିବା ସହିତ ଷଷ୍ଠଥର ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ପାଇଁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଲୋକଙ୍କୁ ନିବେଦନ କରିଥିଲେ। ଏହି ସମାବେଶରେ ଶତାଧିକ ବିଜେଡି କର୍ମୀମାନେ ଉପସ୍ଥିତ ରହିଥିଲେ। ଏଥିରେ ବିଜେଡି ଜିଲ୍ଲା ସଭାପତି କୁଶ ଆପଟ, ପୂର୍ବତନ ବିଜେଡି ଜିଲ୍ଲା ସଭାପତି ତଥା ୬ନଂ ଜୋନ୍ ଜିଲ୍ଲା ପରିଷଦ ଆଶିଷ ଚକ୍ରବର୍ତ୍ତି, ଝୁମ୍ପୁରା ବ୍ଲକ ସଭାପତି କପିଳ ଆନସାରୀ, ଜିଲ୍ଲା ପରିଷଦ କ୍ଷୀରୋଦିନୀ ମହାକୁଡ଼, ପୂର୍ବତନ ଜିଲ୍ଲା ପରିଷଦ ବାବୁରାମ ନାଏକ, ବରିଷ୍ଠ କର୍ମୀ ଦାଶରଥି ବାରିକ, ଗୁମୁରା ସରପଞ୍ଚ ତପନ କୁମାର ନାଏକ, ନାରଦପୁର ସମିତିସଭ୍ୟ ଅଯୋଧ୍ୟା ନାଏକ, ସରପଞ୍ଚ ହେମନ୍ତୀ ପ୍ରମୁଖ ସାମିଲ ରହିଥିଲେ।




# ଦୁଇ ନମ୍ବର ଜୋନ୍‌ରେ କଂଗ୍ରେସର ପ୍ରଚାର



**ଆନନ୍ଦପୁର,୧୫।୫(ସମିସ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ଜୟଦେବ ଜେନା ପ୍ରଚାର କରିଛନ୍ତି। ସେ ଏକ ବାଇକ୍ ରାଲିରେ ତରତରା ଛକ ଦେଇ ତରତରା, ଦୁବୁ ଗାଁ, ବାଲକାଟି, ମଲାରପଦା, ରଗୁଡ଼ି, ପୁରୁଣା ଘାଟି, କକ୍ଷଠକଟା, କଣ୍ଟିପାଳ, ବିରିଡ଼ିହା, ବାରୁଆଁ, ବଳଦୁଆଁ, ଖଡ଼ିପାଳ, ଶାଳବଣି, ବାଉଁଶଗଡ଼, ମୋଚିନ୍ଦାରେ ପହଞ୍ଚିଥିଲେ। ରାଲିରେ ବ୍ଲକ ସଭାପତି ବିଷ୍ଣୁଚରଣ ସାହୁ, ପୌରପରିଷଦ ସଭାପତି ହାଡ଼ିବନ୍ଧୁ ଖୁଣ୍ଟିଆ, ନିକୁଞ୍ଜବିହାରି ମିଶ୍ର, ସନ୍ତୋଷ ସାମଲ, ପ୍ରଦୀପ ବେହେରା, ବିପିନି ନାଏକଙ୍କ ସମେତ ବହୁ ସଂଖ୍ୟାରେ କର୍ମୀ ସାମିଲ ହୋଇଥିଲେ।

# ଜମିବାଡ଼ି ବିବାଦକୁ ନେଇ ମହିଳାଙ୍କୁ ଆକ୍ରମଣ

**ହାଟଡ଼ିହୀ,୧୫।୫(ସମିସ):** ନନ୍ଦିପଦା ଥାନା ଷଡ଼ଙ୍ଗ ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ଜଣେ ମହିଳାଙ୍କୁ ଆକ୍ରମଣ ହୋଇଥିବା ଜଣାଯାଇଛି। ମହିଳା ପ୍ରଥମେ ଶାଳଣିଆଁ ମେଡ଼ିକାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ଅଭିଯୋଗ ଅନୁସାରେ, ଅନିରୁଦ୍ଧ ଖଟୁଆ ନାମକ ଜଣେ ରାଜମିସ୍ତ୍ରି ଜଳେଶ୍ୱର ଅଞ୍ଚଳରୁ ଆସି ଷଡ଼ଙ୍ଗରେ ଜମିବାଡ଼ି କିଣି ଘର କରି ରହିଛନ୍ତି। କିନ୍ତୁ ପଡ଼ୋଶୀଙ୍କ ସହ ଗତ କିଛିଦିନ ହେଲା ଜମି ବିବାଦ ସୃଷ୍ଟି ହୋଇଛି। ପଡ଼ୋଶୀଙ୍କ ପରିବାର ଲୋକେ ଅନିରୁଦ୍ଧଙ୍କ ଜମି ଉପରେ ବାଡ଼ ବୁଜିବାରୁ ଅନିରୁଦ୍ଧଙ୍କ ସ୍ତ୍ରୀ କଳ୍ପନା ବିରୋଧ କରିଥିଲେ। ଫଳରେ ପଡ଼ୋଶୀ କୈବଲ୍ୟ ବାରିକ, ଲକ୍ଷ୍ମୀପ୍ରିୟା ବାରିକ, ମାନସୀ ବାରିକ ପ୍ରମୁଖଙ୍କ ସହିତ ଝଗଡା ହେବା ସହ ସେମାନେ ମିଳିତ ଭାବେ ଆକ୍ରମଣ କରିବାରୁ କଳ୍ପନା ଆହତ ହୋଇଛନ୍ତି। ଏ ସଂକ୍ରାନ୍ତରେ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାଯାଇଛି।

# ଘସିପୁରା ନିର୍ବାଚନମଣ୍ଡଳୀରେ ବଢୁଛି ବିଜେଡିର ଶକ୍ତି



**ଆନନ୍ଦପୁର,୧୫।୫(ସମିସ):** ଘସିପୁରା ନିର୍ବାଚନମଣ୍ଡଳୀରେ ପ୍ରତିଦିନ ବିଭିନ୍ନ ଦଳର ସଂଗଠକମାନେ ବିଜୁ ଜନତା ଦଳରେ ସାମିଲ ହେଉଥିବାରୁ ବିଜେଡିର ସଂଗଠନ ସଶକ୍ତ ହେଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ ଉପରେ ଆସ୍ଥା ପ୍ରକଟ କରି ଶତାଧିକ ସଂଗଠକ ବିଜୁ ଜନତା ଦଳରେ ସାମିଲ ହୋଇଥିବା ଜଣାଯାଇଛି। ବ୍ଲକ ସଭାପତି ଦୋଳଗୋବିନ୍ଦ ବେହେରାଙ୍କ ନେତୃତ୍ୱରେ ବିଧାୟକ ଶ୍ରୀ ପାତ୍ର ନବାଗତ ସଂଗଠକମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ଯୁବ ନେତା ବାବୁଲା ସାହୁଙ୍କ ଉଦ୍ୟମରେ ସାନ୍ତାରାପୁର, ମୁକୁନ୍ଦପୁର ପାଟଣା, ଉପରଡିହା ଗ୍ରାମର ଶତାଧିକ ସଂଗଠକ ବିଜୁ ଜନତା ଦଳରେ ଯୋଗ ଦେଇଥିବା ଘୋଷଣା କରିଥିଲେ। କାର୍ଯ୍ୟକ୍ରମକୁ ଘସିପୁରା ବ୍ଲକ ଉପାଧ୍ୟକ୍ଷ ପଞ୍ଚାନନ ବେହେରା ପରିଚାଳନା କରିଥିଲେ।

# କେଶଦୁରାପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଅବହେଳା ଅଭିଯୋଗ

**ରାମଚନ୍ଦ୍ରପୁର/ଆନନ୍ଦପୁର,୧୫।୫(ସମିସ):** ଡାକ୍ତର ନିଯୁକ୍ତି ଥାଇ ଚିକିତ୍ସାରେ ଅବହେଳା ପ୍ରଦର୍ଶନ କରୁଥିବା ନେଇ ରୋଗୀ ସମ୍ପର୍କିୟ ଅଭିଯୋଗ ବାଢିଛନ୍ତି। ଏଭଳି ଅଭିଯୋଗ ଆସିଛି ଘସପୁରା ବ୍ଲକ୍ ଅନ୍ତର୍ଗତ କେଶଦୁରାପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ। ଅଭିଯୋଗ ଅନୁଯାୟୀ ମଙ୍ଗଳବାର ସନ୍ଧ୍ୟାରେ ଚିକିତ୍ସା ପାଇଁ ଆସିଥିବା ସ୍ଥାନୀୟ ଦରଡିପାଳ ଗ୍ରାମର ସୁରେଖା ରାଉତ(୫୨) ଡାକ୍ତରଖାନାରେ ପହଞ୍ଚି ଡାକ୍ତରଙ୍କୁ ପରାମର୍ଶ କରିବାକୁ ଯାଇ ଡାକ୍ତରଙ୍କୁ ଡାକିଥିଲେ। କିନ୍ତୁ ଡାକ୍ତର ନିଜ କ୍ୱାର୍ଟରରେ ଥିବାରୁ ରୋଗୀଙ୍କୁ ସେଠାକୁ ଆଣିବା ପାଇଁ କହିଥିଲେ। ରୋଗୀ ଗୁରୁତର ଥିବାରୁ ରୋଗୀଙ୍କ ସମ୍ପର୍କୀୟ ଡାକ୍ତରଙ୍କୁ ବାରମ୍ବାର ଡାକିବାରୁ ଡାକ୍ତର ରାଗିଯାଇ ଚିକିତ୍ସା କରିବେ ନାହିଁ ବୋଲି ସିଧା କହିଥିଲେ। ଫଳରେ ରୋଗୀ ସମ୍ପର୍କୀୟମାନେ ଚିକିତ୍ସାଳୟରେ ହୋହାଲ୍ଲା କରିବାରୁ କିଛି ସମୟ ପାଇଁ ଚିକିତ୍ସାଳୟ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ପରେ ଉକ୍ତ ଘଟଣାର ସମାଧାନ ହୋଇଥିଲେ ମଧ୍ୟ ଉକ୍ତ ଡାକ୍ତରଙ୍କ ଏଭଳି ମନମୁଖୀ କାର୍ଯ୍ୟକୁ ସାଧାରଣରେ ନାପସନ୍ଦ କରାଯିବା ସହ ତାଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ରୋଗୀଙ୍କ ସମ୍ପର୍କିୟ ସିପୁନ କୁମାର ନାୟକ ଦାବି କରିଛନ୍ତି।

# ଗାଁ ଗଣ୍ଡାରେ ବେଆଇନ ମଦ କାରବାର ବୃଦ୍ଧି

**ତେଲକୋଇ,୧୫।୫(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକରେ ବିଦେଶୀ ମଦର ଅବାଧ କାରବାର ବୃଦ୍ଧି ପାଇଛି। ବ୍ଲକର ତେଲକୋଇ, ଜଗମୋହନପୁର ଠାରେ ଦୁଇଟି ସ୍ୱୀକୃତି ପ୍ରାପ୍ତ ଠିପି ବନ୍ଦ ବିଦେଶୀ ମଦ ଦୋକାନ ରହିଛି। ମାତ୍ର ବ୍ଲକର ବିଭିନ୍ନ ଗାଁ ଓ ଛକମାନଙ୍କରେ ବେଆଇନ ଭାବେ ଏହି ବିଦେଶୀ ମଦ କାରବାର ବୃଦ୍ଧି ପାଇଛି। ତେବେ ଏହି ବେଆଇନ ମଦ କାରବାରକୁ କିଏ ପ୍ରୋତ୍ସାହନ ଦେଉଛି ତାହା ବୁଝା ପଡୁନାହିଁ। ଅନ୍ୟପଟେ ପୁଲିସ ପ୍ରଶାସନ ଓ ଅବକାରୀ ବିଭାଗ ମଧ୍ୟ ଏହି ଅବାଧ କାରବାର ଉପରେ ଆଖି ବୁଜି ଦେଇଛି। ଫଳରେ ମଦ ମାଫିଆ ମାନେ ଏହାର ଭରପୁର ଫାଇଦା ଉଠାଉଛନ୍ତି। ତେବେ ବ୍ଲକର ବିଞ୍ଜ ବାହାଳ, ବାରହା ଦେବତା, ରୁଗୁଡ଼ିହି, ଜନସନ୍‌ପୁର, ଛାମୁଣ୍ଡା, ଖୁଣ୍ଟାପଡା, କନ୍ତଲେଇ, ଆକୁଳ, ସିରିଗିଡ଼ା, କରଦାଙ୍ଗି, ବିମଳା, ରାଇସୁଆଁ, ପାଟଖଳି, ବେଣାମୁଣ୍ଡା, କାଳିଆ ହତା, ପୋଡ଼ାଙ୍ଗ, ତାଳପଦା ଆଦି ଗ୍ରାମରେ ବେଆଇନ ବିଦେଶୀ ମଦ ବିକ୍ରି ହେଉଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ନିଜର ଦୋଷ ଲୁଚାଇବାକୁ ଯାଇ କାଁ ଭାଁ ଆଖି ଦୃଶିଆ ମଦ ମାମଲା ରୁଜୁ କରି ପ୍ରଶାସନ ନିଜର କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ଏହି ଅବାଧ କାରବାର ଉପରେ ପୁଲିସ ପ୍ରଶାସନ, ଅବକାରୀ ବିଭାଗ ଓ ମଦ ମାଫିଆଙ୍କ ହାତ ଥିବା ଅଭିଯୋଗ ହୋଇଛି। ଆଗକୁ ସାଧାରଣ ନିର୍ବାଚନ ଥିବା ବେଳେ ବେଆଇନ ମଦ କାରବାର ଉପରେ ଅଙ୍କୁଶ ନ ଲାଗିଲେ ତେଲକୋଇ ଅଞ୍ଚଳରେ ହିଂସାକାଣ୍ଡ ଘଟିବା ନେଇ ଆଶଙ୍କା ପ୍ରକାଶ ପାଇଛି। ବେଆଇନ ମଦ କାରବାର ଉପରେ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଅନ୍ୟପଟେ ଗାଁ ଗଣ୍ଡାରେ ବିକ୍ରି ହେଉଥିବା ବିଦେଶୀ ମଦ କେଉଁଠୁ ଆସୁଛି। କେଉଁ ପଞ୍ଜିକୃତ ମଦ ଦୋକାନୀ ଗାଁ ଗଣ୍ଡାରେ ରିଟେଲ ସେଲ ଭଳି ମଦ ବିକିବା ପାଇଁ ପ୍ରୋତ୍ସାହନ ଦେଉଛି ଏହାର ବିଭାଗୀୟ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ଦୁଇ ଗାଡ଼ି ମୁହାଁମୁହିଁ ଧକ୍କା; ୨ ଆହତ

**ବଡ଼ବିଲ,୧୫।୫(ସମିସ):** କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ସେରେଣ୍ଡା ତୁଳସୀ ଆପ୍ପାଙ୍କ ଆଶ୍ରମ ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବାରୁ ଜଣେ ବାଇକ ଆରୋହୀ ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟଜଣେ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଓଡି୦୯ଜି-୧୪୬୬ ଓ ଓଡି୦୯ପି-୯୩୬୬ ଦୁଇବାଇକ ମୁହାଁମୁହିଁ ଧକ୍କା ହୋଇ ଭାଙ୍ଗି ଚୁରମାର ହୋଇଯାଇଥିବା ବେଳେ ଜଣେ ବାଇକ୍ ଆରୋହୀଙ୍କ ଗୋଡ଼ ଭାଙ୍ଗି ଗୁରୁତର ହୋଇଛନ୍ତି। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଗୁରତର ଆହତଙ୍କୁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ପଠାଇ ଦୁର୍ଘଟଣାଗ୍ରସ୍ତ ଦୁଇ ବାଇକକୁ ଜବତ କରିଥିବା ଜଣାପଡିଛି।

# ଲୁହା ରଡ୍ ଚୋରି ମାମଲାରେ ୩ ଗିରଫ

**ଚମ୍ପୁଆ,୧୫।୫(ସମିସ):** ଚମ୍ପୁଆ ସଦର ମହକୁମା ସ୍ଥିତ ବ୍ଲକ କଲୋନି ଠାରେ ନିର୍ମାଣଧୀନ ପ୍ରଶାସନ ପକ୍ଷରୁ ନିର୍ମାଣଧୀନ ବାସଗୃହରୁ ରଡ୍ ଓ ରିଙ୍ଗ ଚୋରି ମାମଲାରେ ଚମ୍ପୁଆ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ନିର୍ମାଣଧୀନ ଗୃହରେ ଲାଗିବାକୁ ଥିବା ରଡ୍ ଓ ରିଙ୍ଗ ରଖାଯାଇଥିଲା। ସୋମବାର ଠିକାଦାର ଚତୁର୍ଭୁଜ ମହାନ୍ତି କାମ ଆରମ୍ଭ ସମୟରେ ପ୍ରାୟ ୧ କ୍ୟୁଣ୍ଟାଲ ଓଜନର ରଡ ଓ ରିଙ୍ଗ ନଥିବା ଦେଖିବାକୁ ପାଇଥିଲେ। ଏ ନେଇ ଚମ୍ପୁଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ପକ୍ଷରୁ ମାମଲା ରୁଜୁ କରାଯାଇ ଉକ୍ତ କାର୍ଯ୍ୟକ୍ଷେତ୍ରରେ ଲାଗିଥିବା ସିସିଟିଭିକୁ ଆଧାର କରି ପୁଲିସ ମିହିର ମିଶ୍ର, କିରାନି କାଳନ୍ଦି ଓ ରମଜାନ ରାଜାକୁ ଗିରଫ କରିଥିଲେ। ଥାନା ଅଧିକାରୀ ଦେବକୀ ନାଏକଙ୍କ କହିବା ଅନୁଯାୟୀ ଏହି ଚୋରିରେ କିରାନି କାଳନ୍ଦିଙ୍କ ଅଟୋ ରିକ୍ସା ବ୍ୟବହାର କରାଯାଇ କବାଡି ବାଲା ରମଜାନ ରାଜାଙ୍କ ନିକଟରେ ବିକ୍ରି କରାଯାଇଥିଲା।

# ଚିକିତ୍ସାଧୀନ ଅବସ୍ଥାରେ ଆହତ ହରିଣର ମୃତ୍ୟୁ

**ତୁରୁମୁଙ୍ଗା,୧୫।୫(ସମିସ):** କେନ୍ଦୁଝର ଜିଲ୍ଲା ସାହାରପଡ଼ା ସେକ୍ସନ ଉଦୟପୁର ବିଟ ଅନ୍ତର୍ଗତ ମଲାରପଦା ଗ୍ରାମର ନାଏବ ସରପଞ୍ଚ ନେତ୍ରାନନ୍ଦ ମହାନ୍ତଙ୍କ ପରିବା ବଗିଚାରୁ ବୁଧବାର ଏକ ଆହତ ଅଣ୍ଡିରା ହରିଣକୁ ବନ ବିଭାଗ ଉଦ୍ଧାର କରି ଚିକିତ୍ସା କରୁଥିବା ସମୟରେ ହରିଣଟିର ମୃତ୍ୟୁ ଘଟିଛି। ହରିଣଟି ଖାଦ୍ୟ ଅନ୍ୱେଷଣରେ ଗାଁ ଭିତରକୁ ମଙ୍ଗଳବାର ରାତିରେ ଚାଲି ଆସିଥିବା ବେଳେ ବୁଲା କୁକୁର ଆକ୍ରମଣର ଶିକାର ହୋଇଥିଲା। ବନ ବିଭାଗ ଆହତ ହରିଣକୁ ବଡ଼ବିଲ ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସା କରୁଥିବା ସମୟରେ ମୃତ୍ୟୁ ଘଟିଛି। ମୃତ ହରିଣକୁ ସାହାରପଡା ସେକ୍ସନ କାର୍ଯ୍ୟାଳୟରେ ପୋତି ଦିଆଯାଇଥିବା ବନପାଳ ଭୂପତି ସେଠୀ ସୂଚନା ଦେଇଛନ୍ତି। ଅନ୍ୟ ପଟେ ଦୁଇଦିନ ମଧ୍ୟରେ ପାଟଣା ରେଞ୍ଜରେ କୁକୁର ଆକ୍ରମଣରେ ଦୁଇ ହରିଣଙ୍କ ମୃତ୍ୟୁକୁ ନେଇ ପଶୁପ୍ରେମୀଙ୍କ ମନରେ ଅସନ୍ତୋଷ ଦେଖାଦେଇଛି।

**ପାଟଣାରେଞ୍ଜରେ କୁକୁର ଆକ୍ରମଣରେ ପ୍ରାଣ ହରାଇଲେଣି ଦୁଇ ହରିଣ**

# 'ଲେଖିଦେଲି ଚିଠିରେ ତୋ ନାଁ' ଭିଡିଓ ଲୋକାର୍ପିତ



**ଆନନ୍ଦପୁର,୧୫।୫(ସମିସ):** ଆନନ୍ଦପୁରରେ ପ୍ରଥମ କରି ମ୍ୟୁଜିକ ଭିଡିଓ ୟୁଟ୍ୟୁବ୍ ଚ୍ୟାନେଲ ଲୋକାର୍ପିତ ହୋଇଛି। ଚ୍ୟାନେଲର ପ୍ରଦ୍ୟୁସର କୀରପୁର ଗ୍ରାମର ପ୍ରଦୀପ ଓ ଦିଲୀପଙ୍କ ସଂଯୋଜନାରେ 'ଲେଖିଦେଲି ଚିଠିରେ ତୋ ନାଁ' ମ୍ୟୁଜିକ ଭିଡିଓ ଲୋକାର୍ପିତ ହୋଇଛି। ଏଥିପାଇଁ ଆନନ୍ଦପୁର ପୌରାଞ୍ଚଳ କୀରପୁରର ବାଲୁଙ୍କେଶ୍ୱର ମନ୍ଦିରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ସଂଗୀତରେ ଅଭିନୟ କରିଥିବା ଲୁବୁନ୍ ଓ ସୋନାଲିଙ୍କ ଉପସ୍ଥିତିରେ ଏହି ଭିଡିଓ ଲୋକାର୍ପିତ ହୋଇଥିଲା। ଏହି ସଂଗୀତକୁ ଆନନ୍ଦପୁର ବ୍ଲକ ମନୋହରପୁର ପଞ୍ଚାୟତରେ ଅବସ୍ଥିତ ସୁନାମୁନିଠାରେ ସୁଟିଂ କରାଯାଇଥିଲା। ସୁନାମୁନି ପ୍ରାକୃତିକ ଶୋଭାରାଜିରେ ସୁଟିଂ ହୋଇଥିବା ଏହି ସଂଗୀତର ଭିଡିଓ ବେଶ୍ ଲୋକାଦୃତ ହୋଇପାରିଛି। ଆଗାମୀ ଦିନରେ ସ୍ଥାନୀୟ କଳାକାରମାନଙ୍କୁ ନେଇ ମ୍ୟୁଜିକ ଭିଡିଓ ପ୍ରସ୍ତୁତ କରାଯିବାର ଲକ୍ଷ୍ୟ ରହିଥିବା ପ୍ରଦ୍ୟୁସର ପ୍ରଦୀପ ସୂଚନା ଦେଇଛନ୍ତି।

# ଆନନ୍ଦପୁରରେ ଖଣି ବିଭାଗର ହେଉନି ଧରପଗଡ଼

## କାଗଜପତ୍ର ନଥାଇ ହେଉଛି ବାଲି ଚାଲାଣ

**ଆନନ୍ଦପୁର,୧୫।୫(ସମିସ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ତହସିଲ ଅଧୀନରେ ଥିବା ବାଲିଘାଟରୁ ପରିବହନ ହେଉଥିବା କେତେକ ବାଲି ବୋଝେଇ ଗାଡ଼ିରେ କୌଣସି କାଗଜପତ୍ର ନଥିଲେ ମଧ୍ୟ ଏହା ଅନାୟଶରେ ଚାଲିଥିବା ଜଣାଯାଇଛି। ଖଣି ବିଭାଗ ପକ୍ଷରୁ ଧରପଗଡ଼ ହେଉନଥିବାରୁ ଏହି ବେଆଇନ କାରବାର ଦିନକୁ ଦିନ ବୃଦ୍ଧି ପାଉଛି। ମାତ୍ରାଧିକ ଗାଡ଼ିରେ ବାଲି ପରିବହନ ସାଧାରଣ ଜୀବନଯାତ୍ରାକୁ ପ୍ରଭାବିତ କରୁଥିବାରୁ ବିଭିନ୍ନ ସ୍ଥାନରେ କେତେକ ସଚେତନ ଯୁବକ ବାଲିଗାଡ଼ି ଅଟକାଇ ଯାଞ୍ଚ୍ କରୁଥିବା ପରିଲକ୍ଷିତ ହୋଇଛି। ସେହିପରି ବାଲି ପରିବହନ କରୁଥିବା ଗାଡ଼ିଗୁଡ଼ିକ ନକଲି ଟ୍ରାନଜିଟ୍ ପରମିଟ୍‌ରେ ବାଲି ପରିବହନ କରୁଥିବା ଗୁରୁତର ଅଭିଯୋଗ ହୋଇଛି। ଶହଶହ ଟ୍ରିପ୍ ବାଲି ରାଜ୍ୟର ବିଭିନ୍ନ ସ୍ଥାନକୁ ଚାଲାଣ ହେଉଥିଲେ ମଧ୍ୟ ପ୍ରଶାସନିକ ଧରପଗଡ଼ ହେଉନଥିବାରୁ ଏହି ବେଆଇନ କାରବାର ଦିନକୁ ଦିନ ବୃଦ୍ଧି ପାଉଥିବା ଜଣାଯାଇଛି। ଖଣି ବିଭାଗର କୌଣସି କାର୍ଯ୍ୟାଳୟ କିମ୍ବା ପଦାଧିକାରୀ ଆନନ୍ଦପୁରରେ ନଥିବାରୁ ଏହି କାରବାର ଅନାୟାଶରେ ଚାଲିଥିବା ଜଣାଯାଇଛି। ଏଣୁ କେନ୍ଦୁଝର ଜିଲ୍ଲାପାଳ ବାଲି ପରିବହନରେ ହେଉଥିବା ରାଜସ୍ୱହାନୀକୁ ରୋକିବା ପାଇଁ ଆନନ୍ଦପୁରରେ ଖଣି ବିଭାଗର ଏକ କାର୍ଯ୍ୟାଳୟ ଓ ଏନଫୋର୍ସମେଣ୍ଟ ସ୍କ୍ୱାଡ ନିଯୁକ୍ତି ଦେବା ସହିତ ଟ୍ରାନଜିଟ୍ ପରମିଟ୍‌ରେ ହେଉଥିବା ଜାଲିଆତିକୁ ରୋକିବା ପାଇଁ ଧରପଗଡ଼ କରାଯିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।



# ମା' ଖଣ୍ଡୁଲେଇ ପୀଠରେ ପାଲା ଗାୟକଙ୍କୁ ସମ୍ବର୍ଦ୍ଧନା



**ଆନନ୍ଦପୁର ୧୫।୫(ସମିସ):** ମଦନପୁର ପଞ୍ଚାୟତର ଖଣ୍ଡିଦେଉଳି ଗ୍ରାମର ମା' ଖଣ୍ଡୁଲେଇଙ୍କ ପୀଠରେ ଆୟୋଜିତ ବାଦିପାଲା ସମାରୋହରେ କମିଟିର ସଭାପତି ସଦାଶିବ କବି, ସମ୍ପାଦକ ସଞ୍ଜୟ କୁମାର ରାଉତ, ଗାୟକ ଡ. ଧୀରେନ ମହାନ୍ତି, ଗାୟକ ଦୁଷ୍ମନ୍ତ ମହାନ୍ତିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ବାଦିପାଲା ସମାରୋହରେ ଆଖପାଖ ଅଞ୍ଚଳରୁ ଶହଶହ ହରିଭକ୍ତ ଯୋଗଦେଇ ହରି ନାମରସ ପାନ କରିଥିଲେ। ଶ୍ରୀ ମା' ଖଣ୍ଡୁଲେଇ ସତ୍ୟନାରାୟଣ ପାଲା ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ବାଦିପାଲା ସମାରୋହରେ ମନବୋଦ୍ଧ ଚଉତିଶା, ନୀତିଶିକ୍ଷା ଓ ପଥଭ୍ରଷ୍ଟ ଯୁବପିଢ଼ିଙ୍କୁ ଆଧାତ୍ମିକ ସ୍ରୋତରେ ସାମିଲ କରାଇ ଏକ ସଂସ୍କାରମୂଳକ ଭବିଷ୍ୟତ ପିଢ଼ି ଗଠନ କରିବା ପାଇଁ ପାଲା ମାଧ୍ୟମରେ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ କମିଟିର କର୍ମକର୍ତ୍ତା ଓ ସମସ୍ତ ଗ୍ରାମବାସୀ ପରିଚାଳନା କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୫୨ ● ପାଉଣ୍ଡ ୧୦୫.୪୬
- ୟୁରୋ ୯୦.୯୯ ● ୟେନ୍ ୦.୫୩

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୭,୮୯୦ (ଭୁବନେଶ୍ୱର)
- ରୁପା : ୮୭,୩୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୭୨,୯୮୭.୦୦
- ନିଫ୍ଟି ୨୨,୨୦୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



### ‘ଗାର୍ଲସ ଇନ୍ ଆଇସିଟି ଇଣ୍ଡିଆ - ୨୦୨୪’ କାର୍ଯ୍ୟକ୍ରମ

## ଝିଅଙ୍କୁ ଟେକ୍ନୋଲୋଜି କ୍ଷେତ୍ରରେ ସମାନ ଭାଗିଦାରୀ ମିଳୁ: ଈଶା ଅମ୍ବାନୀ

**ନୂଆଦିଲ୍ଲୀ, ୧୫।୫(ଏଜେନ୍ସି):** ୨୦୨୪: ଚତୁର୍ଥ ଶିଳ୍ପ ବିପ୍ଳବର ଏହି ଡିଜିଟାଲ ଯୁଗରେ ଯଦି ଭାରତକୁ ବିଶ୍ୱର ଅଗ୍ରଣୀ ଭାବରେ ଉଭା ହେବାର ଅଛି ତେବେ ଝିଅମାନଙ୍କୁ ଆଗକୁ ଆଣିବାକୁ ପଡ଼ିବ। ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ, ସୂଚନା ଏବଂ ସଂଚାର ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଝିଅମାନଙ୍କ ଅଂଶଗ୍ରହଣକୁ ବୃଦ୍ଧି କରିବାକୁ ପଡିବ। ଦୂରସଂଚାର ବିଭାଗ ଦ୍ୱାରା ଆୟୋଜିତ ‘ଗାର୍ଲସ



ଇନ୍ ଆଇସିଟି ଇଣ୍ଡିଆ - ୨୦୨୪’ ରେ ଝିଅମାନଙ୍କୁ ସମ୍ବୋଧନ କରି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ନିର୍ଦ୍ଦେଶକ ଈଶା ଅମ୍ବାନୀ ଏହା କହିବା ସହିତ ସେମାନଙ୍କୁ ଟେକ୍ନୋଲୋଜିକୁ କ୍ୟାରିୟର ଭାବରେ ବାଛିବା ପାଇଁ ଉତ୍ସାହିତ କରିଥିଲେ। ଟେକ୍ନୋଲୋଜି କ୍ଷେତ୍ରରେ ମହିଳା ଓ ପୁରୁଷଙ୍କ ଅନୁପାତ ସମାନ ହେବା ଉଚିତ୍ ଏବଂ ଏଥିପାଇଁ ଆମକୁ ଆହୁରି ଅନେକ ବାଟ ଅତିକ୍ରମ କରିବା ବାକି ଅଛି ବୋଲି ଈଶା କହିଛନ୍ତି।

ଭାରତ ସରକାରଙ୍କ ଦୂରସଂଚାର ବିଭାଗ, ଆନ୍ତର୍ଜାତୀୟ ଦୂରସଂଚାର ସଂଘ (ଦକ୍ଷିଣ ଏସିଆ), ଇନୋଭେସନ୍ ସେଣ୍ଟର - ଦିଲ୍ଲୀ ଏବଂ ଜାତିସଂଘର ଅନ୍ୟ ଏଜେନ୍ସି ମାନଙ୍କ ଦ୍ୱାରା ମିଳିତ ଭାବରେ ‘ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତି କ୍ଷେତ୍ରରେ ଝିଅ (ଜିଆଇସିଟି) ଭାରତ - ୨୦୨୪’ ଆୟୋଜିତ ହୋଇଥିଲା। ବିଗତ ଦଶନ୍ଧିରେ ଟେକ୍ନୋଲୋଜି କ୍ଷେତ୍ରରେ ମହିଳାଙ୍କ ପ୍ରତିନିଧିତ୍ୱ ୬% ବୃଦ୍ଧି ପାଇଛି, କିନ୍ତୁ ଉଦ୍ୟୋଗ ଜଗତକୁ ମଧ୍ୟ ଏହି ଦିଗରେ ଯୋଗଦାନ ଦେବାକୁ ପଡିବ। ସେମାନଙ୍କୁ ଏହିପରି ଉପାୟ ଏବଂ ସାଧନ ପ୍ରସ୍ତୁତ କରିବାକୁ ପଡିବ ଯାହାଦ୍ୱାରା ମହିଳାମାନଙ୍କ କ୍ୟାରିଅରରେ ସ୍ଥିରତା ସୁନିଶ୍ଚିତ ହୋଇପାରିବ। ମିଳିତ ଭାବରେ ଆମେ ଏଭଳି ଏକ ଭବିଷ୍ୟତ ସୃଷ୍ଟି କରିପାରିବା ଯେଉଁଠାରେ ଆମ ଝିଅମାନଙ୍କୁ ଆସନ୍ତାକାଲିର ନେତା ହେବାର ସମାନ ସୁଯୋଗ ମିଳିବ। ନିଜ ମା ନୀତା ଅମ୍ବାନୀଙ୍କ ବିଷୟରେ ଉଲ୍ଲେଖ କରି ଈଶା ଅମ୍ବାନୀ କହିଛନ୍ତି ଯେ ସେ ବାରମ୍ବାର କୁହନ୍ତି, “ଜଣେ ପୁରୁଷକୁ ସଶକ୍ତ କଲେ ସେ ଗୋଟିଏ ପରିବାରର ପେଟ ପୋଷିବେ, ତେବେ ଯଦି କୌଣସି ମହିଳା ସଶକ୍ତ ହୁଅନ୍ତି, ତେବେ ସେ ସମଗ୍ର ଗାଁକୁ ଖାଇବା ଯୋଗାଇଦେବେ। ସେ ଆହୁରି ମଧ୍ୟ କହିଛନ୍ତି ଯେ, “ମହିଳାମାନେ ଜନ୍ମରୁ ହିଁ ନେତା ହୋଇଥାନ୍ତି ବୋଲି ମା କହୁଥିବା କଥାରେ ମୁଁ ଦୃଢ ଭାବରେ ବିଶ୍ୱାସ କରେ।

### ନିର୍ବାଚନୀ ମାହୋଲରେ ବିଗୁଡୁଛି ବିଦେଶୀ ନିବେଶକଙ୍କ ମୁଡ୍

# ଭାରତୀୟ ବଜାର ଉପରୁ ତୁଟୁଛି ଆସ୍ଥା

**ନୂଆଦିଲ୍ଲୀ,୧୫।୫(ଏଜେନ୍ସି)**

ସମ୍ପ୍ରତି ଦେଶରେ ଲୋକସଭା ନିର୍ବାଚନ ଜାରି ରହିଛି। ଏ ଯାଏ ହୋଇଥିବା ଭୋଟିଂ ପ୍ରତିଶତରେ ହ୍ରାସକୁ ନେଇ ନିବେଶକ ବଶେ ସତର୍କତା ଅବଲମ୍ବନ କରୁଛନ୍ତି। ଏଥିଯୋଗୁ ନିର୍ବାଚନ ଫଳାଫଳକୁ ନେଇ ନିବେଶକମାନେ ଆଶଙ୍କାରେ ରହିଛନ୍ତି। ଖାସକରି ଭାରତୀୟ ସେୟାର ବଜାରକୁ ନେଇ ବିଦେଶୀ ନିବେଶକଙ୍କ ମୁଡ୍ ଠିକ୍ ନ ଥିବା ଜଣାପଡ଼ିଛି। ଯାହାକୁ ନେଇ ସେୟାର ବଜାରର ମାହୋଲ ମଧ୍ୟ ବଦଳିଯାଉଛି। ଭାରତୀୟ ପୁଞ୍ଜିବଜାର ଉପରୁ ତୁଟୁଛି ବିଦେଶୀ ନିବେଶକଙ୍କ ଭରଷା। ଏଥିଯୋଗୁ ଏବେ ଭାରତୀୟ ବଜାରୁ ପାଣ୍ଠି ସ୍ଥାନାନ୍ତର ହେଉଛି ଚାଇନା ବଜାରକୁ। ବିଦେଶୀ ନିବଶେକମାନେ ପ୍ରଚର ମାତ୍ରାରେ ନିବେଶ ଅର୍ଥକୁ ଚାଇନାର ଷ୍ଟକ୍ ବଜାରରକୁ ସ୍ଥାନାନ୍ତର କରି ନେଉଛନ୍ତି।

ଏକ ରିପୋର୍ଟ ଅନୁଯାୟୀ, ନିବେଶକଙ୍କୁ ଭୟ ରହିଛି ଯେ ବର୍ତ୍ତମାନ କେନ୍ଦ୍ରର ସରକାରଙ୍କୁ ପୂର୍ବ ଅପେକ୍ଷା କମ୍ ସିଟ୍ ମିଳିପାରେ। ବିଦେଶୀ ନିବେଶକ ଭାରତୀୟ ସେୟାର ବଜାରକୁ ନେଇ ଗତ ଏକ ଦଶନ୍ଧି ମଧ୍ୟରେ ସବୁଠାରୁ ଅଧିକ ନିରାଶ ନଜର ଆସୁଛନ୍ତି। ବ୍ଲୁମବର୍ଗର ଏକ ତଥ୍ୟାନୁଯାୟୀ, ନିବେଶକ ସେୟାର ବିକ୍ରି ଉପରେ ଅଧିକ ଜୋର ଦେଉଛନ୍ତି କିନ୍ତୁ କିଣାକିଣି କମ୍ କରୁଛନ୍ତି। ରିପୋର୍ଟ ଅନୁସାରେ ନେଟ ସର୍ଟ ପୋଜିସନ ବର୍ତ୍ତମାନ ସମୟରେ ୨୦୧୨ ପରେ ସବୁଠୁ ଉଚ୍ଚ ସ୍ତରରେ ରହିଛି। ଡେରିଭେଟିଭ ବଜାରରେ ମାନ୍ଦା ସ୍ଥିତି ଏପରି ସମୟରେ ଆସିଛି ଯେତେବେଳେ ବିଦେଶୀ ନିବେଶକ ଏପ୍ରିଲ ମାସର ଆରମ୍ଭରୁ ଭାରତୀୟ ସେୟାରରୁ ବର୍ତ୍ତମାନ ସୁଦ୍ଧା ୪ ବିଲିୟନ ଡଲାରର ପୁଞ୍ଜି ପ୍ରତ୍ୟାହାର କରିନେଇଛନ୍ତି। କୁହାଯାଉଛି ଯେ ବିଦେଶୀ ନିବେଶକ ଭାରତୀୟ ନିର୍ବାଚନ ଫଳାଫଳକୁ ନେଇ ତୀକ୍ଷ୍ଣ ନଜର ରଖିଛନ୍ତି। ଏହି ସ୍ଥିତି ଭୋଟିଂ ପ୍ରତିଶତରେ ହ୍ରାସ ପରେ ଆସିଛି। ବିଦେଶୀ ପୋର୍ଟଫୋଲିଓ ନିବେଶକମାନେ

- ଚାଇନାକୁ ସ୍ଥାନାନ୍ତର ହେଉଛି ପୁଞ୍ଜି
- ଅସ୍ଥିର ହେଉଛି ଷ୍ଟକ୍ ବଜାର
- ନିର୍ବାଚନ ଫଳାଫଳକୁ ନେଇ ଆଶଙ୍କାରେ ନିବେଶକ




ଭାରତୀୟ ଷ୍ଟକ୍ ବଜାରରୁ ଓହରିଯିବା ଏବଂ ସେମାନଙ୍କର ନିବେଶକୁ ଚାଇନାକୁ ସ୍ଥାନାନ୍ତର କରିବାର ଏକ ବିଶେଷ କାରଣ ରହିଛି। ଏକ ଚ୍ୟାନେଲ ସହ କଥାବାର୍ତ୍ତା ବେଳେ ବଜାର ବିଶେଷଜ୍ଞ ସଞ୍ଜୀବ ଭାସିନ୍ କହିଛନ୍ତି ଯେ ଚୀନ୍‌ର ଅର୍ଥନୀତି ପୁନଃଉଜ୍ଜୀବୀତ ହୋଇଛି। ଚାଇନାରେ ପରିସ୍ଥିତି ସୁଧୁରୁଛି। ଏହି କାରଣରୁ, ଏଫ୍ଆଇଆଇଗୁଡିକ ଚାଇନାରେ ପ୍ରଚୁର ମାତ୍ରାରେ ପୁଞ୍ଜି ବିନିଯୋଗ କରୁଛନ୍ତି। ଅନ୍ତର୍ଜାତୀୟ ଷ୍ଟକ୍ ବଜାର ବିଶେଷଜ୍ଞ ମାର୍କ ମୋବିୟସ୍ କହିଛନ୍ତି ଯେ ଭାରତୀୟ ଷ୍ଟକ୍ ବଜାରରେ ବର୍ତ୍ତମାନର ଅସ୍ଥିରତାର କାରଣ ହେଉଛି ନିର୍ବାଚନ ଅନିଶ୍ଚିତତା। ନିର୍ବାଚନ ଫଳାଫଳ ନିଶ୍ଚିତ ଭାବେ ବଜାରକୁ ପ୍ରଭାବିତ କରିବ ବୋଲି ସେ କହିଛନ୍ତି। ତେବେ ସେ କହିଛନ୍ତି ଯେ ଯେଉଁଠାରେ ବଜାର ଭାବନା ଦ୍ୱାରା ପରିଚାଳିତ ହୁଏ, ସେଠାରେ ବଜାର ଭାବନା ବିରୋଧରେ କାର୍ଯ୍ୟ କରିବା ଉଚିତ୍। ଉଦାହରଣ ସ୍ୱରୂପ, ଯଦି ସମସ୍ତେ ବଜାରରେ ସେମାନଙ୍କର ଷ୍ଟକ୍ ବିକ୍ରି କରୁଛନ୍ତି, ତେବେ ଆପଣ ଅଧିକ କିଣିବା ଉଚିତ୍।

## ବଢ଼ିପାରେ ଏମ୍ଡିଏଚ୍, ଏଭରେଷ୍ଟ ପାଇଁ ଅଡୁଆ

**ନୂଆଦିଲ୍ଲୀ,୧୫।୫(ଏଜେନ୍ସି)**



ମସଲା ବ୍ରାଣ୍ଡ ଏମ୍ଡିଏଚ ଏବଂ ଏଭରେଷ୍ଟ ପାଇଁ ପୁଣି ଅଡୁଆ ବଢ଼ିପାରେ। କାରଣ ସିଙ୍ଗାପୁର, ହଂକଂ ଆମେରିକା ଏବଂ ଅଷ୍ଟ୍ରେଲିଆ ପରେ ଏବେ ନ୍ୟୁଜିଲାଣ୍ଡ ମଧ୍ୟ ଏହି କମ୍ପାନୀଙ୍କ ବିରୋଧରେ ମସଲାର ଗୁଣବତ୍ତା ଉପରେ ପ୍ରଶ୍ନ ଉଠାଇଛି। ଖାଲି ସେତିକି ନୁହେଁ ଉଭୟ କମ୍ପାନୀଙ୍କ ମସଲା ଉତ୍ପାଦରେ ସମ୍ଭାବିତ ରାସାୟନିକ ପଦାର୍ଥର ମିଶ୍ରଣ ସମ୍ପର୍କିତ ଯାଞ୍ଚ ମଧ୍ୟ ଆରମ୍ଭ ହୋଇଛି।

ସୂଚନାଯୋଗ୍ୟ ଯେ, ଏମ୍ଡିଏଚ ଏବଂ ଏଭରେଷ୍ଟର ମସଲା ଉତ୍ପାଦ ଗତ ମାସରେ ବିଦେଶୀ ଖାଦ୍ୟ ସୁରକ୍ଷା ନିୟାମକଙ୍କ ରାଡାରକୁ ଆସିଥିଲା। ପ୍ରକୃତରେ ସିଙ୍ଗାପୁରରେ ଏହି କମ୍ପାନୀଙ୍କ କିଛି ଉତ୍ପାଦର ବିକ୍ରି ଉପରେ ରୋକ ଲାଗିଥିଲା। ସିଙ୍ଗାପୁର ଫୁଡ୍ ଏଜେନ୍ସି ଦାବି କରିଥିଲା ଯେ, ଏହି ମସଲାରେ ଏଥିଲିନ ଅକ୍ସାଇଡ୍‌ର ମାତ୍ରା ଅତ୍ୟଧିକ ରହିଛି, ଯାହା ମନୁଷ୍ୟ ଶରୀର ପାଇଁ କ୍ଷତିକାରକ। ଏହା ପରେ ହଂକଂ ମଧ୍ୟ ଏହି କମ୍ପାନୀଙ୍କ କିଛି ମସଲାର ବିକ୍ରି ଉପରେ ରୋକ୍ ଲଗାଇଥିଲେ। ଆମେରିକା ଏବଂ ଅଷ୍ଟ୍ରେଲିଆ ମଧ୍ୟ ଏମ୍ଡିଏଚ ଏବଂ ଏଭରେଷ୍ଟର ମସଲା ଉତ୍ପାଦରେ ସମ୍ଭାବିତ ରାସାୟନିକ ପଦାର୍ଥର ମିଶ୍ରଣର ଯାଞ୍ଚ କରୁଛନ୍ତି। ସେପଟେ ଭାରତ ଖାଦ୍ୟ ସୁରକ୍ଷା ନିୟାମକ ଏମ୍ଡିଏଚ ଏବଂ ଏଭରେଷ୍ଟ ପ୍ଲାଣ୍ଟର ନିରୀକ୍ଷଣ କରିଛି ଏବଂ ବୈଶ୍ୱିକ ଯାଞ୍ଚ ପରେ ସାମ୍ପୁଲ ଟ୍ରାଏଲ ପାଇଁ ପଠାଇଛି। ଉଲ୍ଲେଖଯୋଗ୍ୟ, ଏମ୍ଡିଏଚ ଏବଂ ଏଭରେଷ୍ଟର ଉତ୍ପାଦ ଭାରତରେ ଖୁବ୍ ଲୋକପ୍ରିୟ। ଏହା ୟୁରୋପ, ଏସିଆ, ଉତ୍ତର ଆମେରିକାର ଅନେକ ଦେଶକୁ ମଧ୍ୟ ରପ୍ତାନୀ ହୋଇଥାଏ।

**ନ୍ୟୁଜିଲାଣ୍ଡ ଆରମ୍ଭ କଲା ମସଲାର ଯାଞ୍ଚ**

## ନୂଆ ପାଠ୍ୟକ୍ରମରେ ନାମଲେଖା ପାଇଁ ଏସଭିୟୁଇଟିର ପ୍ରବେଶିକା ପରୀକ୍ଷା

**ଭୁବନେଶ୍ୱର, ୧୫।୫ (ସମିସ):** ବିଦ୍ୟାବିହାର ବିଶ୍ୱବିଦ୍ୟାଳୟ ଏହାର ଏକାଡେମିକ ଉତ୍କର୍ଷତା ପାଇଁ ଜଣାଶୁଣା ବର୍ତ୍ତମାନ ବିବିଏ, ବିଡିଇ, ପ୍ରଡକ୍ଟ ଡିଜାଇନ, ବିଏ ମାସ କମ୍ୟୁନିକେଶନ ଓ ଜର୍ନାଲିଜିମ, ବିଏସସି ଆଇଟି, କମ୍ପ୍ୟୁଟର ସାଇନସ, ଡାଟା ସାଇନସ,ଇକନୋମିକ୍ସ, ସ୍ପୋର୍ଟସ ଓ ଏକ୍ସରସାଇଜ ସାଇନସ ଏଥିପାଇଁ ଏସଭିୟୁଇଟି ପ୍ରବେଶିକା ଜରୀଆରେ ଚୟନ କରାଯିବ। ଏହିସବୁ ପାଠ୍ୟକ୍ରମ ଲାଗି ଅନଲାଇନ ଆବେଦନ ଗ୍ରହଣ କରାଯାଉଛି। ଏହି ପାଠ୍ୟକ୍ରମ ଗୁଡ଼ିକ କ୍ୟାରିୟର ଉପଯୋଗୀ। ଯେକୌଣସି ଷ୍ଟ୍ରିମର ଛାତ୍ର ଛାତ୍ରୀମାନେ ଭାଗ ନେଇପାରିବେ। ଏହାର ଅଫିସିଆଲ ୱେବସାଇଟ ଜରିଆରେ ଆବେଦନ କରାଯାଇପାରିବ। ଏହା ସହ ବିଭିନ୍ନ ଇଞ୍ଜିନିୟରିଂ ବିଭାଗରେ ବି.ଟେକ ପାଠ୍ୟକ୍ରମ ଲାଗି ଦ୍ୱାର ଖୋଲା ରହିଛି। ଏସଭିୟୁଇଟି ଏକ ଅନଲାଇନ ପରୀକ୍ଷା ଓ ୨୦୨୪-୨୫ ଶିକ୍ଷାବର୍ଷ ଲାଗି ୩ଟି ଅଧିବଶେନରେ ପରିଚାଳିତ ହୋଇଥାଏ। ଏସଏମୟୁରେ ପ୍ରଦାନ କରାଯାଉଥିବା ପାଠ୍ୟକ୍ରମ ଉପରେ ଏସଭିୟୁର ପ୍ରଫେସର ଭିଏନ ରାଜଶେଖରନ ପିଲାଇ ଭାଇସ ଚାନସେଲର ଏହି ପାଠ୍ୟକ୍ରମ ଉପରେ ଏକ ପ୍ରତିବଦ୍ଧତାର ମୂଳଦୁଆ ସ୍ଥାପିତ ହୋଇପାରିବ ବୋଲି କହିଛନ୍ତି। ପିଲାଙ୍କ ଦକ୍ଷତା ବୃଦ୍ଧି ସହ ସେମାନଙ୍କ କ୍ୟାରିୟରର ମାର୍ଗକୁ ପ୍ରଶସ୍ତ କରିବା ଉଦ୍ଦେଶ୍ୟରେ ପାଠ୍ୟକ୍ରମ ଗୁଡ଼ିକ ପରିଚାଳିତ ହୋଇଥାଏ। ଆମେ ଛାତ୍ରମାନଙ୍କ ମଧ୍ୟରେ ଏହି ଦକ୍ଷତା ଓ ଜ୍ଞାନର ମାର୍ଗକୁ ବିସ୍ତାର କରିବାକୁ ଲକ୍ଷ୍ୟ ରଖିଛୁ ବୋଲି ସେ କହିଛନ୍ତି।

## ଆମେରିକାରେ ଜୟଆଲୁକ୍କାସ୍‌ର ମେଗା ସମ୍ପ୍ରସାରଣ ଯୋଜନା

**ଭୁବନେଶ୍ୱର,୧୫।୫(ସିମସ)**




ଅଳଙ୍କାର ବ୍ରାଣ୍ଡ ଜୟଆଲୁକ୍କାସ୍ ଆଗାମୀ ଦିନ ଗୁଡିକରେ ତାର ପାଞ୍ଚଟି ଆମେରିକାର ଆଉଟଲେଟଗୁଡ଼ିକର ଉଦ୍‌ଘାଟନ

HAVAS Media Network

ଏବଂ ଏବଂ ପୁନଃ ଉନ୍ମୋଚନ ଘୋଷଣା କରିଛି। ଜୟଆଲୁକ୍କାସ୍ ଗ୍ରୁପର ଅଧ୍ୟକ୍ଷ ଜୟ ଆଲୁକ୍କାସଙ୍କ ନେତୃତ୍ୱରେ ନୂଆ ଆଉଟ୍‌ଲେଟ୍ ଖୋଲିବା ଆମେରିକାର ବଜାରରେ ବ୍ରାଣ୍ଡର ବିସ୍ତାର ରଣନୀତିରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ପରିଗଣିତ ହେଉଛି। ଏହି ଉଦ୍‌ଘାଟନରେ ଡଲାସ୍ ଏବଂ ଆଟଲାଣ୍ଟାରେ ନୂତନ ଷ୍ଟୋର ଉନ୍ମୋଚନ ହେବା ସହିତ ହ୍ୟୁଷ୍ଟନ୍, ସିକାଗୋ, ଏବଂ ନ୍ୟୁଜର୍ସିରେ ନବୀକରଣ ଏବଂ ପୁନଃ ସ୍ଥାପନ ପରି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ରହିଛି। ମେ ୧୮ ରେ ହ୍ୟୁଷ୍ଟନ୍‌ରେ ନବୀକରଣ ଷ୍ଟୋରର ପୁନଃ ଉନ୍ମୋଚନ ସହିତ ଏହି ଉତ୍ସବର ଶୁଭାରମ୍ଭ ହେବ। ଏହାପରେ ୨୬ ମେ’ରେ ଡଲାସରେ ନୂତନ ଷ୍ଟୋରର ଉଦଘାଟନ ହେବ, ପୁଣି ଜୁନ୍ ୨ ରେ ଆଟଲାଣ୍ଟାରେ ନୂତନ ଷ୍ଟୋର୍ ଉନ୍ମୋଚନ କରାଯିବ। ପୁଣି ଜୁନ୍ ୨ ରେ ସିକାଗୋରେ ଏବଂ ୧୫ରେ ନ୍ୟୁ ଜର୍ସିରେ ନବୀକରଣ ହୋଇଥିବା ଆଉଟଲେଟ୍ ଗୁଡିକର ଉଦଘାଟନ କାର୍ଯ୍ୟକ୍ରମ ଘୋଷଣା କରାଯାଇଛି। ଏହି ବିଶେଷ ଉତ୍ସବକୁ ସ୍ମରଣୀୟ କରିବା ପାଇଁ ଜୟଆଲୁକ୍କାସ୍ ଏହାର ସମସ୍ତ ୟୁଏସ୍ ଆଉଟଲେଟ୍ ଗୁଡିକରେ ସ୍ୱତନ୍ତ୍ର ପ୍ରୋତ୍ସାହନ ମୂଳକ ଯୋଜନା ପ୍ରଦାନ କରୁଛି। ୧୦୦୦ ଆମେରିକୀୟ ଡଲାରରୁ ଅଧିକ ମୂଲ୍ୟର ସୁନା ଅଳଙ୍କାର କିଣୁଥିବା ଗ୍ରାହକଙ୍କୁ ୦.୨୦୦ ଗ୍ରାମ ସୁନା ମୁଦ୍ରା ସମ୍ମାନ ଭାବରେ ମିଳିବ, ଯେଉଁଠିକି ୨୦୦୦ ଡଲାର କିମ୍ବା ତା’ଠାରୁ ଅଧିକ ମୂଲ୍ୟର ହୀରା ଏବଂ ପୋଲକି ଅଳଙ୍କାର କିଣିବା ଉପରେ ସେମାନଙ୍କୁ ୧ ଗ୍ରାମ ବିଶିଷ୍ଟ ସ୍ୱର୍ଣ୍ଣ ମୁଦ୍ରା ପ୍ରଦାନ କରାଯିବ। ଏହି ଅଫରଗୁଡିକ କେବଳ ଉଦ୍‌ଘାଟନ ସମୟରେ ଉପଲବ୍ଧ। ଏହି ସମ୍ପ୍ରସାରଣ ଯୋଜନାକୁ କାର୍ଯ୍ୟକାରୀ କରିବାପାଇଁ ଅକ୍ଳାନ୍ତ ପରିଶ୍ରମ କରିଆସିଥିବା ଜୟଆଲୁକ୍କାସ୍ ସମୂହର ପରିଚାଳନା ନିର୍ଦ୍ଦେଶକ ଜନ୍ ପଲ୍ ଆମେରିକାରେ ଏହି ସମ୍ପ୍ରସାରଣ ପାଇଁ ଉତ୍ସାହ ପ୍ରକାଶ କରି କହିଛନ୍ତି ଯେ ଆମେରିକାରେ ଆମର ନୂତନ ତଥା ନବୀକରଣ ହୋଇଥିବା ଆଉଟଲେଟ୍ ଗୁଡ଼ିକୁ ଦେଖି ଆମେ ଅତ୍ୟନ୍ତ ଉଲ୍ଲସିତ।

**ଡଲାସ୍, ଆଟଲାଣ୍ଟାରେ ଖୋଲିବ ନୂଆ ଶୋ’ରୁମ୍**

## ସ୍ଥାୟୀ ଜମା ସୁଧ ହାର ବଢ଼ାଇଲା ଏସ୍‌ବିଆଇ

**ମୁମ୍ବାଇ,୧୫।୫(ଏଜେନ୍ସି)**

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ) ବୁଧବାର ଏହାର ନିର୍ଦ୍ଦିଷ୍ଟ ସ୍ଥାୟୀ ଜମା (ଏଫ୍ଡି) ଉପରେ ସୁଧ ହାରରେ ୨୫-୭୫ ବେସିସ୍ ପଏଣ୍ଟ କିମ୍ବା ୦.୨୫%-୦.୭୫% ପର୍ଯ୍ୟନ୍ତ ବୃଦ୍ଧି କରିଛି। ଦୁଇ କୋଟି ଟଙ୍କାରୁ କମ୍ ଜମା ଉପରେ ଏହି ସୁଧ ମିଳିବ। ଏସ୍‌ବିଆଇ ବିଭିନ୍ନ ଅବଧି ଭିତ୍ତିକ ସ୍ଥାୟୀ ଜମା ପାଇଁ ସୁଧହାର ବୃଦ୍ଧି କରିଛି, ଯେଉଁଥିରେ ୪୬ ଦିନରୁ ୧୭୯ ଦିନ ମଧ୍ୟରେ ପରିପକ୍ୱତା, ୧୮୦ ଦିନରୁ ୨୧୦ ଦିନ ଏବଂ ୨୧୧ ଦିନରୁ ୧ ବର୍ଷରୁ କମ୍ ସ୍କିମ ପାଇଁ ସୁଧ ବୃଦ୍ଧି ହୋଇଛି। ସଂଶୋଧିତ ହାରଗୁଡିକ ୪୬ ଦିନରୁ ୧୭୯ ଦିନ ମଧ୍ୟରେ ପରିପକ୍ୱ ଜମା ପାଇଁ ୭୫ ଆଧାର ପଏଣ୍ଟ (ବିପିଏସ୍) ବୃଦ୍ଧି ହୋଇଛି, ଯେଉଁଥିରେ ବର୍ତ୍ତମାନ ୫.୫୦% ସୁଧ ହାର ରହିଛି। ସେହିଭଳି ୧୮୦ ଦିନରୁ ୨୧୦ ଦିନ ପର୍ଯ୍ୟନ୍ତ ବ୍ୟାଙ୍କ ହାର ୨୫ ବିପିଏସ୍ ବୃଦ୍ଧି ପାଇ ୬% ପଏଣ୍ଟ ହୋଇଛି। ସେହିଭଳି ୧୮୦ ଦିନରୁ ୨୧୦ ଦିନ ପର୍ଯ୍ୟନ୍ତ ସ୍ଥିର ଜମା ପାଇଁ ୨୫ ବିପିଏସ୍ ବୃଦ୍ଧି ପରେ ୬.୨୫% ସୁଧ ମିଳିବ। ଏପ୍ରିଲ୍ ୨୦୨୪ ରେ ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ନେତୃତ୍ୱାଧୀନ ମୁଦ୍ରା ନୀତି କମିଟି (ଏମ୍ପିସି) ରେପୋ ହାରକୁ ୬.୫% ଅପରିବର୍ତ୍ତିତ ରଖିବା ପରେ ଏସବିଆଇ ଏହି ନିଷ୍ପତ୍ତି ନେଇଛି।

## ଟାଟା ଷ୍ଟିଲ୍ ଏଫ୍ଏଏମ୍ଡିକୁ ଉତ୍ପାଦକତା ଉତ୍କର୍ଷ ପୁରସ୍କାର



**ଭୁବନେଶ୍ୱର,୧୫।୫(ସମିସ):** ଟାଟା ଷ୍ଟିଲର ଫେରୋ ଆଲଏଜ ଆଣ୍ଡ ମିନେରାଲସ ଡିଭିଜନ (ଏଫଏଏମଡି)କୁ ଉତ୍ପାଦକତା ଦିବସ - ୨୦୨୪ ପାଳନ ସମାରୋହରେ ସମ୍ମାନଜନକ ‘ଉତ୍ପାଦକତା ଉତ୍କର୍ଷ ପୁରସ୍କାର’ ପ୍ରଦାନ କରାଯାଇଛି। ଓଡ଼ିଶା ରାଜ୍ୟ ଉତ୍ପାଦକତା ପରିଷଦ ପକ୍ଷରୁ ଜାତୀୟ ଉତ୍ପାଦକତା ପରିଷଦ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଚଳିତବର୍ଷ ଫେବୃୟାରୀ ମାସରେ ଅନୁଷ୍ଠିତ “ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଉତ୍ପାଦକତା” ଉପରେ ଭର୍ଚୁଆଲ୍ ପ୍ରତିଯୋଗିତା ପାଇଁ ଉପସ୍ଥାପନା ଆଧାରରେ ଏଫ୍ଏଏମଡିକୁ ଏହି ସମ୍ମାନଜନକ ପୁରସ୍କାର ବର୍ଗରେ ମନୋନୀତ କରାଯାଇଥିଲା। ବିଭିନ୍ନ ଶିଳ୍ପରେ ଉତ୍ପାଦକତା ବୃଦ୍ଧିରେ ଏଆଇର ଅଭିନବ ପ୍ରୟୋଗ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଟାଟା ଷ୍ଟିଲର ଗୁରୁତ୍ୱପୂର୍ଣ୍ଣ ଉପସ୍ଥାପନା ଏବଂ ବିଭିନ୍ନ ଅଧ୍ୟୟନ ଦେଖିବାକୁ ମିଳିଥିଲା। ଏହି ଉପସ୍ଥାପନାଗୁଡିକ ଲଜିଷ୍ଟିକ୍ ପରିଚାଳନାକୁ ସୁବ୍ୟବସ୍ଥିତ କରିବା ଏବଂ ଜଳ ପରିଚାଳନାରେ ଦକ୍ଷତା ବୃଦ୍ଧି କରିବା ପାଇଁ ଏଆଇ ପ୍ରଯୁକ୍ତିର ବ୍ୟବହାର କରିବାରେ କମ୍ପାନୀର ଅଗ୍ରଣୀ ପ୍ରୟାସକୁ ପ୍ରଦର୍ଶିତ କରିଥିଲା। ଏହି ଅବସରରେ ଫେରୋ ଆଲଏଜ୍ ଓ ମିନେରାଲ୍ସ ଡିଭିଜନର ଏକଜିକ୍ୟୁଟିଭ ଇନଚାର୍ଜ ପଙ୍କଜ ସତୀଜା ଖୁସି ବ୍ୟକ୍ତ କରି କହିଛନ୍ତି ଯେ, “ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଦୀର୍ଘସ୍ଥାୟୀ ଅଭିବୃଦ୍ଧି ତଥା ମୂଲ୍ୟବୋଧ ସୃଷ୍ଟି କରିବା ଲାଗି ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ।

### କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ସବୁ ଜିଏସ୍‌ଟି ମାମଲାରେ ଗିରଫଦାରୀର ଆବଶ୍ୟକତା ନାହିଁ

**ନୂଆଦିଲ୍ଲୀ,୧୫।୫(ଏଜେନ୍ସି)**




ସମସ୍ତ ପ୍ରକାରର ଦ୍ରବ୍ୟ ଏବଂ ସେବା ଟିକସ(ଜିଏସ୍‌ଟି) ମାମଲାରେ ଗିରଫଦାର କରାଯିବାର କୌଣସି ଆବଶ୍ୟକତା ନାହିଁ ବୋଲି କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। କୋର୍ଟ କହିଛନ୍ତି ଯେ ଜଣେ ବ୍ୟକ୍ତିଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ବିଶ୍ୱସନୀୟ ପ୍ରମାଣ ଏବଂ ଜବତ ଠୋସ୍ ସାମଗ୍ରୀ ରହିଥିବା ସ୍ଥଳେ ହିଁ ତାଙ୍କୁ ଗିରଫ କରାଯାଇପାରିବ। ଜଷ୍ଟିସ୍ ସଞ୍ଜୀବ ଖାନ୍ନା, ଜଷ୍ଟିସ୍ ଏମ୍ ସୁନ୍ଦରେଶ ଏବଂ ଜଷ୍ଟିସ୍ ବେଲା ଏମ ତ୍ରିବେଦୀଙ୍କୁ ନେଇ ସୁପ୍ରିମିକୋର୍ଟଙ୍କ ଦ୍ୱାରା ଗଠିତ ଏକ ଖଣ୍ଡପୀଠ ବୁଧବାର ସୀମା ଶୁଳ୍କ ଆଇନ ଏବଂ ଜିଏସ୍‌ଟି ସମ୍ବନ୍ଧୀୟ ସମ୍ବିଧାନର ବୈଧତା ଏବଂ ବ୍ୟାଖ୍ୟାକୁ ଚ୍ୟାଲେଞ୍ଜ କରୁଥିବା ଆବେଦନର ଶୁଣାଣି କରି ଏହା କହିଛନ୍ତି।

ଏହି ମାମଲାରେ ନିଷ୍ପତ୍ତି ସଂରକ୍ଷଣ ରଖି ଖଣ୍ଡପୀଠ କହିଛନ୍ତି ଯେ ଗିରଫଦାରୀ ଆବଶ୍ୟକତାଠାରୁ ଭିନ୍ନ। ଖଣ୍ଡପୀଠ ଅତିରିକ୍ତ ସଲିସିଟର ଜେନେରାଲ ଏସ.ଭି ରାଜୁଙ୍କୁ କହିଛନ୍ତି ଯେ ଆଇନର ଉଦ୍ଦେଶ୍ୟ ଆଦୌ ନୁହେଁ ଯେ ତଦନ୍ତ ଶେଷ କରିବା ପାଇଁ କାହାକୁ ଗିରଫ କରାଯିବା ଉଚିତ୍। ସମସ୍ତ ଜିଏସ୍‌ଟି ମାମଲାରେ ଜଣକୁ ଗିରଫ କରାଯିବା ଜରୁରୀ ନୁହେଁ। ଗିରଫ କେବଳ ନିର୍ଭରଯୋଗ୍ୟ ପ୍ରମାଣ ଉପରେ ଆଧାରିତ ହେବା ଉଚିତ୍

ଗିରଫ ବ୍ୟବସ୍ଥା ସମ୍ପର୍କରେ ବେଞ୍ଚ ସଲିସିଟର ଜେନେରାଲଙ୍କୁ ପଚରାଉଚରା କରିଥିଲା। ବେଞ୍ଚ କହିଛି ଯେ ଆଇନ ସ୍ୱାଧୀନତାକୁ ଏକ ଉଚ୍ଚ ସ୍ତରରେ ରଖିଛି, ଏହାକୁ ଦୁର୍ବଳ କରାଯାଇପାରିବନାହିଁ। ଅଧିକାଂଶ ଗିରଫ ତଦନ୍ତ ସମୟରେ କରାଯାଇଥାଏ। କାରଣ ତଦନ୍ତ ଶେଷ ହେବା ପରେ କୌଣସି ମାମଲାରେ ଗିରଫ କରାଯାଇପାରିବ ନାହିଁ। ସଲିସିଟର ଜେନେରାଲ କହିଛନ୍ତି ଯେ ଗିରଫ କେବଳ ସନ୍ଦେହ ଉପରେ ନୁହେଁ ବରଂ ଅଭିଯୁକ୍ତ ଏକ ଗୁରୁତର ଅପରାଧ କରିଛିଥିବା ସୂଚାଉଛି। ଏହା ଉପରେ ଖଣ୍ଡପୀଠ କହିଛନ୍ତି ଯେ ଗିରଫ ପୂର୍ବରୁ ନିଷ୍ପତ୍ତି ନିଆଯିବା ଉଚିତ୍। ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ ଯଦି ଜିଏସ୍‌ଟି ଅଧିକାରୀଙ୍କ ଦ୍ୱାରା ଅବାଧତାମୂଳକ ଘଟଣା ଘଟେ, ତେବେ ଟିକସଦାତାଙ୍କ ଦ୍ୱାରା ମଧ୍ୟ ଭୁଲ୍ ମାମଲା ରହିଛି। ସମସ୍ତ ତଥ୍ୟକୁ ଧ୍ୟାନରେ ରଖି ରାୟ ଶୁଣାଣି କରାଯିବ।

ସମ୍ପୂର୍ଣ୍ଣା

ସକାଳ THE SAKALA www.sakalaepaper.com

ଆଜି ବାହୁଡ଼ିଥିଲେ

## 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ'ର ପ୍ରଣେତା

# ଗୋପାଳଚନ୍ଦ୍ର ପ୍ରହରାଜ



ଓଡ଼ିଶାର ଜଣେ ପ୍ରଥିତଯଶା ସାହିତ୍ୟିକ ହେଉଛନ୍ତି ଗୋପାଳ ଚନ୍ଦ୍ର ପ୍ରହରାଜ। ପେସା ଥିଲା ତାଙ୍କର ଓକିଲାତି, ହେଲେ ନିଶା ଥିଲା ସାହିତ୍ୟ। ଓଡ଼ିଆ ଭାଷାର ବିକାଶ ଓ ଓଡ଼ିଆ ସାହିତ୍ୟର ସେବା କରି ସେ ସର୍ବସ୍ୱାନ୍ତ ହୋଇଯାଇଥିଲେ ସୁଦ୍ଧା ଜୀବନର ଶେଷପର୍ଯ୍ୟନ୍ତ ସେ ଏଥିରୁ ବିରତ ହୋଇ ନ ଥିଲେ। ଗୋପାଳ ଚନ୍ଦ୍ର ପ୍ରହରାଜ ୧୮୭୪ ମସିହା ୨୭ ସେପ୍ଟେମ୍ବରରେ କଟକ ଜିଲ୍ଲାର ସିଦ୍ଧେଶ୍ୱରପୁରଠାରେ ଗୋଟିଏ ସମ୍ଭ୍ରାନ୍ତ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ସେ ରେଭେନ୍ସା କଲିଜିଏଟ ସ୍କୁଲରୁ ମାଟ୍ରିକ୍ ପାସ କରିଥିଲେ। ପରବର୍ତ୍ତୀ ସମୟରେ ସେ ରେଭେନ୍ସା ମହାବିଦ୍ୟାଳୟରେ କଳାରେ ଅଧ୍ୟୟନ କଲେ। ଏହାପରେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ଆଇନ ପାଠ ଅଧ୍ୟୟନ କରି ୧୯୦୨ ମସିହାରେ ସେ ମଧୁବାବୁଙ୍କ ଅଧୀନରେ ଓକିଲାତି ବ୍ୟବସାୟ ଆରମ୍ଭ କରିଥିଲେ। ସେ ସରକାରୀ ଓକିଲ ହିସାବରେ ମଧ କାମ କରିଥିଲେ। ଗୋପାଳଚନ୍ଦ୍ର ୧୯୦୧ ମସିହାରେ ଉତ୍କଳ ସାହିତ୍ୟ ପତ୍ରିକାରେ 'ଭାଗବତ ଟୁଙ୍ଗିରେ ସନ୍ଧ୍ୟା' ଶୀର୍ଷକରେ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ ଏବଂ ଏହା ହେଉଛି ଲେଖକଙ୍କର ପ୍ରଥମ ପ୍ରକାଶିତ ଲେଖା। ସେ ଫକୀର ମୋହନ ସେନାପତିଙ୍କ ପଦାଙ୍କ ଅନୁସରଣ କରି ଓଡ଼ିଆ ବ୍ୟଙ୍ଗ ସାହିତ୍ୟକୁ ଏକ ଉଲ୍ଲେଖନୀୟ ସୋପାନରେ ପହଞ୍ଚାଇଥିଲେ। ତାଙ୍କର ପାରିବାରିକ ଜୀବନ ଦୁଃଖମୟ ଥିଲା, କିନ୍ତୁ ସବୁ ଦୁଃଖ ଓ ଜଞ୍ଜାଳ ସତ୍ତ୍ୱେ ସେ ଓଡ଼ିଆ ଭାଷା ଓ ଓଡ଼ିଆ ଜଗତ ପ୍ରତି ଅନେକ ଅବଦାନ ଛାଡ଼ି ଯାଇଛନ୍ତି। ଏ ଦିଗରେ ତାଙ୍କର ସର୍ବଶ୍ରେଷ୍ଠ କୃତି ହେଲା 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ'। ଭାଷା ଓ ସାହିତ୍ୟ ଦୃଷ୍ଟିରୁ ଏହି ଗ୍ରନ୍ଥ ଏକ କାଳଜୟୀ ସୃଷ୍ଟି। ଏଥିପାଇଁ ଗୋପାଳ ଚନ୍ଦ୍ର ଦୀର୍ଘ ୨୭ ବର୍ଷ ଅକ୍ଳାନ୍ତ ପରିଶ୍ରମ କରିଥିଲେ। ୧୯୧୩ ମସିହାରୁ ୧୯୧୯ ମସିହା ପର୍ଯ୍ୟନ୍ତ ମୁଖ୍ୟତଃ ଶବ୍ଦ ସଂଗ୍ରହ କାର୍ଯ୍ୟ ଚାଲିଥିଲା। ୧୯୧୯ରୁ ୧୯୨୭ ମସିହା ପର୍ଯ୍ୟନ୍ତ ଶବ୍ଦସଜ୍ଜା ଓ ପାଣ୍ଡୁଲିପି ପ୍ରସ୍ତୁତି ଚାଲିଲା। ଏହି କାର୍ଯ୍ୟରେ ପ୍ରହରାଜ ଦୈନିକ ପ୍ରାୟ ୧୬ରୁ ୧୭ ଘଣ୍ଟା ନିଜକୁ ନିୟୋଜିତ ରଖୁଥିଲେ। ୧୯୩୦ ମସିହାରୁ ୧୯୪୦ ମସିହା ମଧ୍ୟରେ ଏହି ଭାଷାକୋଷ ୭ଟି ଖଣ୍ଡରେ ମୁଦ୍ରିତ ହେଲା। ଏଥିରେ ସନ୍ନିବେଶିତ ଥିବା ମୋଟ୍ ଶବ୍ଦ ସଂଖ୍ୟା ଥିଲା ଏକ ଲକ୍ଷ ପଞ୍ଚାଅଶୀ ହଜାର। ସାତଟି ଖଣ୍ଡରେ ପ୍ରକାଶିତ ଏହି ମହାଗ୍ରନ୍ଥରେ ସ୍ଥାନ ପାଇଛି ଅନେକ ଗ୍ରାମୀଣ ତଥା ଲୋକକଥିତ ଶବ୍ଦ। ଫକୀରମୋହନଙ୍କ ପରେ ଗୋପାଳ ଚନ୍ଦ୍ର ପ୍ରହରାଜ ହେଉଛନ୍ତି ଦ୍ୱିତୀୟ ସାହିତ୍ୟିକ, ଯିଏ ଗ୍ରାମୀଣ ଭାଷାକୁ ଗ୍ରହଣ କରିଛନ୍ତି। ତାଙ୍କ ରଚିତ 'ଦୁନିଆର ହାଲଚାଲ', 'ଆମ ଘରର ହାଲଚାଲ', 'ନନାଙ୍କ ବସ୍ତାନୀ' ଓଡ଼ିଆ ସାହିତ୍ୟର ଅନ୍ୟତମ ରତ୍ନ ଭାବେ ପରିଚିତ। ୧୯୪୫ ମସିହା ଆଜିର ଦିନରେ ସେ ଇହଧାମ ତ୍ୟାଗ କରିଥିଲେ।

# ଧୂଳି ଜମିଥିବା ଗାଡ଼ି ପାଇଁ ଦଣ୍ଡ

ସାଧାରଣତଃ ଗାଡ଼ି ଚାଳନା ସମୟରେ ଦ୍ରୁତ ଗତିରେ ଗାଡ଼ି ନ ଚଳାଇବା, ବାଇକ୍ ଚଳାଇବା ସମୟରେ ହେଲମେଟ୍ ପିନ୍ଧିବା, କାର୍ ଚାଳନା ସମୟରେ ସିଟ୍ ବେଲଟ୍ ପିନ୍ଧିବା, ମଦ ପିଇ ଗାଡ଼ି ନ ଚଳାଇବା, ଗାଡ଼ି ଚଳାଇବା ସମୟରେ ମୋବାଇଲ୍‌ରେ କଥା ନ ହେବା ଆଦି ନିୟମ ରହିଛି। ଏହି ନିୟମଗୁଡ଼ିକ ନ ମାନିଲେ ଚାଲାଣ କଟାଯାଏ। କିନ୍ତୁ ଗାଡ଼ିରେ ଧୂଳିମଳି ଜମା ହୋଇଥିଲେ ଏଥିପାଇଁ ଚାଲାଣ କଟାଯାଉଥିବା କଥା ଶୁଣି ଆଶ୍ଚର୍ଯ୍ୟ ଲାଗେ। ଦୁବାଇରେ ଏଭଳି କିଛି ନିୟମ ରହିଛି। ଯଦି ଜଣେ ନିଜର ଧୂଳି ଧୂସର ଗାଡ଼ିକୁ ସର୍ବସାଧାରଣ ସ୍ଥାନରେ ପାର୍କିଂ କରୁଛନ୍ତି ଏଥିପାଇଁ ଜରିମାନା ଦେବାକୁ ହୋଇଥାଏ। ଦୁବାଇର ପରିବହନ ନିୟମ ଅନୁସାରେ ଯଦି ଜଣେ ଗାଡ଼ି ଚାଳକ ନିଜର ଅପରିଷ୍କାର ଗାଡ଼ିକୁ ପାର୍କିଂ ଏରିଆରେ ରଖନ୍ତି, ତେବେ ତାଙ୍କର ଭାରତୀୟ ମୁଦ୍ରା ଅନୁସାରେ ୧୦ ହଜାର ଟଙ୍କାର ଚାଲାଣ କଟାଯାଇଥାଏ। ତେବେ ଏହା ଏବେକାର ନିୟମ ନୁହେଁ। ଏହି ନିୟମ ୨୦୧୯ରୁ ଏଠାରେ ଆରମ୍ଭ ହୋଇଛି। ଦୁବାଇ ଏକ ବ୍ୟସ୍ତ ସହର ଭାବେ ଜଣାଯାଏ। ଏଠାକାର ଲୋକେ ନିୟମିତ ଗାଡ଼ିକୁ ସଫା କରିପାରନ୍ତି ନାହିଁ। କାର୍ ଧୋଇବା ପାଇଁ କମ୍ପାନିଗୁଡ଼ିକୁ ଦେଇ ଦିଅନ୍ତି। ଦୁବାଇରେ କାର୍ ଧୋଉଥିବା ଅନେକ ଷ୍ଟାର୍ଟଅପ୍ ରହିଛି। ଏହି କମ୍ପାନିଗୁଡ଼ିକୁ ୧୦ ମିନିଟ୍ ମଧ୍ୟରେ ଗାଡ଼ିକୁ ସଫାସୁତୁରା କରିଦିଅନ୍ତି। ତେବେ ଦୁବାଇରେ ପାଣି ବଦଳରେ ଇକୋଫ୍ରେଣ୍ଡଲି ଉପାୟରେ ୱାସିଂ ସଲ୍ୟୁସନ୍ ମାଧ୍ୟମରେ କାର୍ ସଫା କରାଯାଏ। ତେବେ ଦୁବାଇରେ ଏପରି ନିୟମ କରାଯିବାର କାରଣ ହେଉଛି ଏଠାକାର ଲୋକେ କାର୍‌ଗୁଡ଼ିକ ପାର୍କିଂ କରି ଅନେକ ଦିନ ଛୁଟିରେ ଚାଲିଯାଆନ୍ତି। ଅନେକ ଦିନ ଧରି ଗାଡ଼ିଗୁଡ଼ିକ ରହିବା ଯୋଗୁଁ ସେଗୁଡ଼ିକ ଉପରେ ଧୂଳି ଜମିଯାଏ। ଦୁବାଇ ବିଜିନେସ୍ ହବ୍ ହୋଇଥିବାରୁ ନିୟମିତ ଏଠାକୁ ଲକ୍ଷ ଲକ୍ଷ ପର୍ଯ୍ୟଟକ ଆସିଥାନ୍ତି। ଏପରି ମଇଳା ଗାଡ଼ି ରଖିବା ଦ୍ୱାରା ଦୁବାଇର ସୁନାମରେ ଆଞ୍ଚ ନ ଆସିବା ପାଇଁ ସରକାରଙ୍କ ପକ୍ଷରୁ ଏପରି ନିୟମ କରାଯାଇଛି।



# ରକ୍ତଦାତାଙ୍କ ଗାଁ



ରକ୍ତଦାନ ଏକ ମହତ କାମ। ରକ୍ତଦାନ କରିବା ଦ୍ୱାରା ମୃତ୍ୟୁମୁଖରୁ ଜଣେ ରୋଗୀକୁ ଫେରାଇ ଆଣିହୁଏ। ହେଲେ ସଚେତନ ଅଭାବରୁ ଅଧିକାଂଶ ଲୋକ ରକ୍ତଦାନ ଠାରୁ ଦୂରେଇ ରହୁଥିବାବେଳେ କର୍ଣ୍ଣାଟକ, ହାବେରୀ ଜିଲ୍ଲାର ହନାଗଲ ତାଲୁକ ଗାଁର ଲୋକେ ଏହାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଛନ୍ତି। ଏହି ଗାଁରେ ୫୨୦ଟି ପରିବାର ରହୁଥିବାବେଳେ ପ୍ରତିଟି ପରିବାରରୁ ଅନ୍ତତଃ ଜଣେ ରକ୍ତଦାତା ଅଛନ୍ତି। ଏହି କାରଣରୁ ଏହି ଗାଁକୁ 'ରକ୍ତଦାତାଙ୍କ ଗାଁ' ବୋଲି କୁହାଯାଇଥାଏ। ଗାଁର ଯୁବକମାନେ 'ଜୀବନଦାତା ସମୂହ' ନାଁରେ ଏକ ଗ୍ରୁପ୍ ଚଳାଇ ରକ୍ତଦାନ କରିଆସୁଛନ୍ତି। ପ୍ରତିବର୍ଷ ଏହି ଗାଁରେ ବିଭିନ୍ନ ସମୟରେ ରକ୍ତଦାନ ଶିବିରର ଆୟୋଜନ କରାଯାଏ। ୨୦୧୫ରେ ପୋଲିସ୍ କନେଷ୍ଟବଳ କରିବାସପା ଗୋଣ୍ଡି ପ୍ରଥମ ଥର ପାଇଁ ଗ୍ରାମବାସୀଙ୍କୁ ରକ୍ତଦାନ ଦିଗରେ ପ୍ରୋତ୍ସାହିତ କରିଥିଲେ। ରକ୍ତଦାନ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ଗାଁର ବିଭିନ୍ନ ସ୍ଥାନରେ ବୋର୍ଡ ଲାଗିଛି। ପ୍ରାରମ୍ଭରେ ବହୁତ କମ୍ ଜଣ ରକ୍ତଦାନ କରିଥିଲେ ସୁଦ୍ଧା ଏବେ ଗାଁର ଅଧିକାଂଶ ଯୁବକ ୧୦ରୁ ଅଧିକ ଥର ରକ୍ତଦାନ କରିସାରିଲେଣି। ଏହି ଗାଁର ଲୋକେ ଏବେ ରକ୍ତଦାନ ସହ ଅଙ୍ଗଦାନ କରିବାକୁ ମଧ୍ୟ ନିଷ୍ପତ୍ତି ନେଇଛନ୍ତି।



ପ୍ଲାଷ୍ଟିକ୍ ପ୍ରଦୂଷଣ ବିଶ୍ୱ ପାଇଁ ଗଭୀର ସଙ୍କଟ ସୃଷ୍ଟି କରିଛି। ଏହା ପରିବେଶର କ୍ଷତି କରିବା ସହ ଏଥିଯୋଗୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଉଛି। ତେଣୁ ପ୍ଲାଷ୍ଟିକ୍ ବ୍ୟବହାରକୁ ଯଥାସମ୍ଭବ କମ୍ କରିବା ନେଇ ଲୋକଙ୍କୁ ସତର୍କ ଓ ସଚେତନ କରାଯାଉଛି। ୨୦୨୩ରେ ୪୯ କୋଟି ଟନ୍ ପ୍ଲାଷ୍ଟିକ୍ ବ୍ୟବହାର କରାଯାଇଥିବା ବେଳେ ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି ଯେ, ଏହାର ପରିମାଣ ୨୦୪୦ ବେଳକୁ ୭୬୫ କୋଟି ଟନ୍‌ରେ ପହଞ୍ଚିବ। ତେବେ ବୈଜ୍ଞାନିକଙ୍କ ମତରେ, ପ୍ଲାଷ୍ଟିକ୍ ବ୍ୟବହାର ସମସ୍ୟା ନୁହେଁ, ଏହା ବିଘଟନ ନ ହେବା ହେଉଛି ପ୍ରମୁଖ ସମସ୍ୟା। ଅବଶ୍ୟ ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଆମେରିକାର ବୈଜ୍ଞାନିକମାନେ ଏହାର ଏକ ସମାଧାନର ରାସ୍ତା ଖୋଜି ପାଇଛନ୍ତି। ସେମାନେ ଏଭଳି ଏକ ପ୍ଲାଷ୍ଟିକ୍ ତିଆରି କରିଛନ୍ତି, ଯାହାକି ପ୍ଲାଷ୍ଟିକ୍ ପ୍ରଦୂଷଣକୁ କମ୍ କରିବା ଦିଗରେ କାର୍ଯ୍ୟ କରିବ। କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ପ୍ଲାଷ୍ଟିକ୍‌ର ବିକଳ୍ପ ଭାବେ 'ବାୟୋପ୍ଲାଷ୍ଟିକ୍' ତିଆରି କରିଛନ୍ତି। ଏହି ବାୟୋପ୍ଲାଷ୍ଟିକ୍ ହେଉଛି ଥର୍ମୋପ୍ଲାଷ୍ଟିକ୍ ପଲିୟୁରେଥିନ୍ (ଟିପିୟୁ)ର ଏକ ପ୍ରକାର। ଯାହାକି ସାଧାରଣ ପ୍ଲାଷ୍ଟିକ୍‌ଠାରୁ ସମ୍ପୂର୍ଣ୍ଣ ଭିନ୍ନ। କାରଣ ଏହା ସହଜରେ ନଷ୍ଟ ହୋଇଯାଏ। ତେବେ ଏହାକୁ ତିଆରି କରିବା ପାଇଁ ବେସିଲସ୍ ସବ୍ଟିଲିସ୍ ଜୀବାଣୁର ବ୍ୟବହାର କରାଯାଇଛି। ଏହି ଜୀବାଣୁ ପ୍ଲାଷ୍ଟିକ୍‌କୁ ନଷ୍ଟ କରିଥାଏ। ତେବେ ଏହି ଜୀବାଣୁ ପ୍ଲାଷ୍ଟିକ୍‌ରେ ଯେତେ ପର୍ଯ୍ୟନ୍ତ ବ୍ୟବହାରରେ ରହିଥାଏ, ନିଷ୍କ୍ରିୟ ରହେ। କିନ୍ତୁ ଯେତେବେଳେ ଏହା ଅଳିଆ ଆବର୍ଜନା ଆଦି ତତ୍ତ୍ୱ ସଂସ୍ପର୍ଶରେ ଆସେ, ତାହା ସକ୍ରିୟ ହୋଇ ପ୍ଲାଷ୍ଟିକ୍‌କୁ ନଷ୍ଟ କରିବା ଆରମ୍ଭ କରିଥାଏ। କେବଳ ସେତିକି ନୁହେଁ, ସାଧାରଣ ପ୍ଲାଷ୍ଟିକ୍ ତୁଳନାରେ ପାଣି, ମାଟି ଆଦି ସଂସ୍ପର୍ଶରେ ଆସିବା ଦ୍ୱାରା ବାୟୋପ୍ଲାଷ୍ଟିକ୍ ଧୀରେ ଧୀରେ ନଷ୍ଟ ହେବା ଆରମ୍ଭ ହୁଏ। ଅନ୍ୟପକ୍ଷରେ ବାୟୋପ୍ଲାଷ୍ଟିକ୍‌ରେ ଯେଉଁ ସବୁ ଜିନିଷକୁ ବ୍ୟବହାର କରାଯାଇଛି, ସେଥିରେ ମକା ଏବଂ ଆଖୁ ସାମିଲ ଅଛି। ତେବେ ଏହାର ବ୍ୟବହାର ବୃଦ୍ଧି ପାଇଲେ ଚାହିଦା ବି ବୃଦ୍ଧି ପାଇବ। ବୈଜ୍ଞାନିକମାନେ ଏ ଦିଗରେ ଆହୁରି ଗବେଷଣା ଚଳାଇଛନ୍ତି।

## ଆଜିର ଇତିହାସ

- ୧୮୭୭- ଫ୍ରାନ୍ସରେ ରାଜନୈତିକ ସଙ୍କଟ ଆରମ୍ଭ ହେଲା।
- ୧୯୨୯-ହଲିଉଡ୍‌ରେ ପ୍ରଥମ ଥର ପାଇଁ ଆକାଡେମୀ ପୁରସ୍କାର ପ୍ରଦାନ କରାଗଲା।
- ୧୯୭୫- ସିକିମ୍ ଭାରତର ୨୨ତମ ରାଜ୍ୟ ହେଲା।
- ୧୯୯୬- ଅଟଳ ବିହାରୀ ବାଜପେୟୀ ଭାରତର ଦଶମ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲେ।
- ୨୦୦୫- କୁଏତ୍ ସଂସଦ ମହିଳାମାନଙ୍କୁ ପୁଣିଥରେ ମତଦାନ ଅଧିକାର ଦେଲା।
- ୨୦୦୮- ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଦୁଇ ଦିବସୀୟ ଭୁଟାନ୍ ଯାତ୍ରା ଅବସରରେ ଥିମ୍ପୁରେ ପହଞ୍ଚିଲେ।
- ୨୦୧୪- ଷୋଡ଼ଶ ଲୋକସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟିକୁ ପୂର୍ଣ୍ଣ ବହୁମତ ମିଳିଲା।

ବିଛଣାରେ ଚା' ପିଇବା ସଉକ ପୂରା କରିବ

# ମୋଟ'ର ପଲଙ୍କ

ଅନେକ ଜଣ ସକାଳୁ ଉଠିବା ପରେ ବିଛଣାରେ ବସି ଚା' ପିଇବାକୁ ଭଲ ପାଆନ୍ତି। ଏହି ଲୋକମାନେ ସର୍ବଦା ତାଙ୍କୁ ଅନ୍ୟ କେହି ଜଣେ ଚା' ତିଆରି କରି ଦେଉ ବୋଲି ଚାହାଁନ୍ତି। ଏଭଳି ଲୋକଙ୍କ ପାଇଁ ଏବେ ସ୍ୱତନ୍ତ୍ର ଏବଂ ଭିନ୍ନ ଖଟ ତିଆରି କରି ଜଣେ ଯୁବକ ଚର୍ଚ୍ଚାରେ ରହିଛନ୍ତି। ଗଦି ତକିଆ ପଡ଼ିଥିବା ବେଡ୍‌ରେ ସେ ଟାୟାର ଏବଂ ହ୍ୟାଣ୍ଡଲ ଲଗାଇଛନ୍ତି। ଯେଉଁଥିରେ ଜଣେ ଶୋଇକି ଉଠିବା ପରେ ସିଧା ଏହି ଖଟକୁ ଚଳାଇ ବଜାରକୁ ଚା' ପିଇବାକୁ ଯାଇ ପାରିବେ। ଇନଷ୍ଟାଗ୍ରାମ୍‌ରେ ସେୟାର କରାଯାଇଥିବା ଏହି ଭିଡିଓ ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଭିଡିଓରେ ଦେଖାଯାଇଛି, ଜଣେ ଯୁବକ ଶୋଇକି ଉଠିଛନ୍ତି। ଏହାପରେ ସେ ବେଡ୍ ଉପରେ କିଛି ସମୟ ବସୁଛନ୍ତି। ପରେ ବେଡ୍‌ରେ ଲାଗିଥିବା ହ୍ୟାଣ୍ଡେଲ ଧରି ସେ ବେଡ୍‌କୁ ଚଳାଇ ବଜାରକୁ ଯାଉଛନ୍ତି। ଏହି ବେଡ୍‌ରେ ଚାରୋଟି ଚକ ଲାଗିଛି। ସେ ଏକ ଚା' ଷ୍ଟଲ୍ ପାଖରେ ତାଙ୍କ ବେଡ୍‌କୁ ରଖିଛନ୍ତି। ବେଡ୍ ଉପରେ ବସି ସେ ଚା' ପିଉଛନ୍ତି। ଏହି ଭିଡିଓକୁ ୪.୭ କୋଟି ଥର ଦେଖାଯାଇଛି।



ଯୁବକଙ୍କର ଏଭଳି ଯୋଗାଡ଼ିଆ ବ୍ୟବସ୍ଥାକୁ ଲୋକେ ବେଶ୍ ପସନ୍ଦ କରିଛନ୍ତି। ଏହାକୁ ଅନେକ 'ମୋଟର ପଲଙ୍କ' ନାମ ଦେଇଛନ୍ତି। ଏହି ବେଡ୍ ଉପରେ ଖରା ଓ ବର୍ଷାରୁ ରକ୍ଷା ପାଇବା କିଛି ବ୍ୟବସ୍ଥା ଥିଲେ ଆହୁରି ଭଲ ହୋଇଥାନ୍ତା ବୋଲି ଅନେକ ମତ ଦେଇଛନ୍ତି।



# ଏହି ଭୁଲ୍ ଯୋଗୁ ହୋଇଥାଏ ହାନି

**ବାସ୍ତୁ ଶାସ୍ତ୍ର ଅନୁଯାୟୀ, ସକାରାତ୍ମକ ଶକ୍ତି ଯୋଗୁ ଘରେ ସୁଖଶାନ୍ତି ବଜାୟ ରହେ, ପରିବାର ସଦସ୍ୟ ହସଖୁସିରେ ରୁହନ୍ତି। ସେହି ଘରେ ମା' ଲକ୍ଷ୍ମୀଙ୍କ କୃପା ରହିଛି ବୋଲି କୁହାଯାଏ। କିନ୍ତୁ ଘରେ ବାସ୍ତୁଦୋଷ ଥିଲେ ଆର୍ଥିକ ସଙ୍କଟ ଦେଖାଯିବା ସହ ପରିବାର ସଦସ୍ୟ ରୋଗଗ୍ରସ୍ତ ହୁଅନ୍ତି ଏବଂ ଅଶାନ୍ତି ଲାଗିରୁହେ। ତେବେ ଏପରି ବାସ୍ତୁଦୋଷଗୁଡ଼ିକ କେଉଁ କାରଣରୁ ସୃଷ୍ଟି ହୋଇଥାଏ, ଆସନ୍ତୁ ଜାଣିବା...**

- ଘରର ମୁଖ୍ୟଦ୍ୱାର ଅନ୍ଧକାରରେ ରହିବା ଅନୁଚିତ। ଏପରି ହେଲେ କୌଣସି କାର୍ଯ୍ୟ ହୋଇ ନଥାଏ। ବହୁତ ପରିଶ୍ରମ କରିବା ସତ୍ତ୍ୱେ ଲୋକେ ସେମାନଙ୍କ କାର୍ଯ୍ୟରେ ସଫଳ ହୋଇ ନ ଥାନ୍ତି।
- ସେହିଭଳି ଘରେ ଭାଙ୍ଗି ଯାଇଥିବା ଫଟୋ ଟାଙ୍ଗିବା ଅନୁଚିତ। ଏହାଦ୍ୱାରା ପରିବାର ସଦସ୍ୟଙ୍କ ମଧ୍ୟରେ ଭଲ ବୁଝାମଣା ରୁହେନାହିଁ। ଏଥିଯୋଗୁ ବାଦବିବାଦ ଦେଖାଯାଇପାରେ। ତେଣୁ ଏଭଳି ଫଟୋ ହଟେଇ ଦିଅନ୍ତୁ।
- ଯଦି ଜଣେ ଘରେ ଥିବା ଜୋତା, ପୋଷାକ ଆଦିକୁ ଠିକ୍ ଜାଗାରେ ନ ରଖି ଏଣେତେଣେ ପକାଉଛନ୍ତି ଏଥିଯୋଗୁ ମା' ଲକ୍ଷ୍ମୀ ରୁଷ୍ଟ ହୋଇଥାନ୍ତି। ଏଥିଯୋଗୁ ଘରେ ଧନଅଭାବ ଦେଖାଯାଇଥାଏ।



- ସେହିଭଳି ଘରର କବାଟ ଓ ଝରକାଗୁଡ଼ିକୁ ପୂରାପୂରି ଖୋଲନ୍ତୁ ନାହିଁ। ଏହାଦ୍ୱାରା ଘରକୁ ନକାରାତ୍ମକ ଶକ୍ତି ପ୍ରବେଶ କରିବା ସହ ପରିବାର ସଦସ୍ୟଙ୍କ ମଧ୍ୟରେ ରାଗରୁଷା ଲାଗି ରହେ।
- ଅନେକ ଲୋକଙ୍କର ଘରର ଟ୍ୟାପ୍‌ଗୁଡ଼ିକ ଖୋଲି ଦେଇଥାନ୍ତି। ଏଥିରୁ ଅନବରତ ପାଣି ବୋହିଥାଏ। ବାସ୍ତୁ ଅନୁସାରେ ଏହା ଅତ୍ୟନ୍ତ ଅଶୁଭ ହୋଇଥାଏ। ଏଥିଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବା ସହ ଜଣେ ମାନସିକ ସ୍ତରରେ ଦୁର୍ବଳ ହୋଇପଡ଼େ।
- ସେହିଭଳି ରାତିରେ ପର୍ଫ୍ୟୁମ୍ ବ୍ୟବହାର କରିବା ଅନୁଚିତ। ଏହାର ତୀବ୍ର ବାସ୍ନା ଯୋଗୁ ନକାରାତ୍ମକ ଶକ୍ତିଗୁଡ଼ିକ ପ୍ରବେଶ କରିଥାନ୍ତି ବୋଲି କୁହାଯାଏ।
- ଘରର ପ୍ରବେଶ ଦ୍ୱାରରେ ଡଷ୍ଟବିନ୍ ରଖିବା ଅନୁଚିତ। ଏହାଦ୍ୱାରା ମା' ଲକ୍ଷ୍ମୀ ଅସନ୍ତୁଷ୍ଟ ହୋଇଥାନ୍ତି ବୋଲି କୁହାଯାଏ। ଏଥିଯୋଗୁ ଆର୍ଥିକ ସ୍ଥିତି ବିଗିଡ଼ି ଯାଇପାରେ।

# 'କଲ୍କି ୨୮୯୮ ଏଡି'ର ଡବିଂ ସାରିଲେ ଦୀପିକା



ସାଉଥ୍ ସୁପରଷ୍ଟାର୍ ପ୍ରଭାସଙ୍କ ବହୁପ୍ରତୀକ୍ଷିତ ଫିଲ୍ମ 'କଲ୍କି ୨୮୯୮ ଏଡି'ର ରିଲିଜ୍‌କୁ ଅନେକ ଦିନରୁ ଦର୍ଶକେ ଅପେକ୍ଷା କରିଛନ୍ତି। ଏହି ଫିଲ୍ମରେ ପ୍ରଭାସଙ୍କ ନାୟିକା ଭାବେ ଦେଖାଯିବେ ଦୀପିକା ପାଦୁକୋନ୍। ଏହା ୨୭ ଜୁନ୍, ୨୦୨୪ରେ ରିଲିଜ୍ ହେବ। ନିକଟରେ ଦୀପିକା ଫିଲ୍ମର ଡବିଂ ସାରିଥିବା ଜଣାପଡ଼ିଛି। ସେ ଉଭୟ ହିନ୍ଦୀ ଓ କନ୍ନଡ଼ରେ ଡବିଂ କରିଛନ୍ତି। 'କଲ୍କି ୨୮୯୮ ଏଡି'ରେ ପ୍ରଭାସ ଓ ଦୀପିକାଙ୍କ ବ୍ୟତୀତ ବିଗ୍ ବି ଅମିତାଭ ଓ କମଲ ହାସନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖାଯିବେ। ନାଗ ଅଶ୍ୱିନ୍, ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ତେବେ ଦୀପିକା ଗର୍ଭବତୀ ଥାଇ ବି ଫିଲ୍ମର ପ୍ରମୋସନ୍‌ରେ ଯୋଗ ଦେବେ ବୋଲି ଜଣାପଡ଼ିଛି।

**ଗର୍ଭବତୀ ଥାଇ ବି କରିବେ ଫିଲ୍ମର ପ୍ରମୋସନ୍**

## ଆଜିର ରାଶିଫଳ

**ମେଷ:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟ ଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ମନ ପ୍ରସନ୍ନ ରହିବ। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଚକ୍ଷୁ ସମସ୍ୟା ଦେଖା ଦେବ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

# ଆଇପିଏଲ୍ ପ୍ଲେ ଅଫ୍ ସମ୍ଭାବନା; କାହାକୁ କେମିତି

## କୋଲକାତା ଓ ରାଜସ୍ଥାନର ଯୋଗ୍ୟତା ଅର୍ଜନ

## ବିଦା ହୋଇଛନ୍ତି ମୁମ୍ବଇ, ପଞ୍ଜାବ ଓ ଗୁଜରାଟ

**ନୂଆଦିଲ୍ଲୀ,୧୫।୫(ଏଜେନ୍ସି)**

ବିଶ୍ୱର ସବୁଠାରୁ ଲୋକପ୍ରିୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଆଉ ଏକ ସଂସ୍କରଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜୋରଦାର ଲଢ଼େଇ ମଧ୍ୟରେ କେଉଁ ଦଳ ଟାଇଟଲ ଜିତିବ ତାହା ତ ପରର କଥା ଏବେ କିନ୍ତୁ ପ୍ଲେ ଅଫ୍‌ରେ ପ୍ରବେଶ କରିବା ଲାଗି ଛକା ପଞ୍ଝା ଚାଲିଛି। ଗୁଆହାଟୀରେ ଆଜି ରାଜସ୍ଥାନ ରୟାଲ୍ସ ଓ ପଞ୍ଜାବ କିଙ୍ଗସ ମ୍ୟାଚ୍‌କୁ ମିଶାଇ ଆଉ ୬ଟି ମ୍ୟାଚ୍ ଚଳିତ ଆଇପିଏଲରେ ଖେଳାଯିବାକୁ ବାକି ରହିଛି। ଏବେ ସୁଦ୍ଧା କୋଲକାତା ନାଇଟ୍ ରାଇଡର୍ସ ଓ ରାଜସ୍ଥାନ ରୟାଲ୍ସ ପ୍ରଥମ ଦୁଇଟି ଦଳ ଭାବେ ପ୍ଲେ ଅଫ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ସେହି ସମୟରେ ୫ଥରର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସ, ପଞ୍ଜାବ କିଙ୍ଗସ ଓ ପୂର୍ବଚାମ୍ପିଅନ ଗୁଜରାଟ ଜାଏଣ୍ଟସ ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିଛନ୍ତି। ଟୁର୍ଣ୍ଣାମେଣ୍ଟରେ ମୋଟ ୧୦ଟି ଦଳ ଭାଗନେଉଥିଲାବେଳେ ୫ଟି ଦଳର ଭାଗ୍ୟ ନିର୍ଣ୍ଣିତ ହୋଇସାରିଛି। ବାକିଥିବା ୫ଟି ଦଳ ଶେଷ ୬ଟି ମ୍ୟାଚ୍‌ରେ ସେମାନଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ। ଏହାର ଅର୍ଥ ପ୍ଲେ ଅଫ୍ ଲାଗି ଆଉ ୨ଟି ସ୍ଥାନ ପୂରଣ କରିବା ଲାଗି ଏହି ୫ଟି ଦଳ ମଧ୍ୟରେ ଲଢ଼େଇ ହେବ। ପ୍ଲେ ଅଫ୍‌ରେ ପ୍ରବେଶ କରିବାକୁ ହେଲେ ଏହି ୫ଟି ଦଳକୁ କିପରି ପ୍ରଦର୍ଶନ କରିବାକୁ ହେବ, ସେ ସମ୍ପର୍କରେ ନିମ୍ନରେ ଆଲୋଚନା କରାଯାଉଛି।





### ସନ୍‌ରାଇଜର୍ସ ହାଇଦ୍ରାବାଦ୍

ପ୍ଲେ ଅଫ୍‌ରେ ଖାଲିଥିବା ୨ଟି ସ୍ଥାନ ମଧ୍ୟରୁ ଗୋଟିଏ ପୂରଣ କରିବା ଲାଗି ସନ୍‌ରାଇଜର୍ସ ନିକଟରେ ଶ୍ରେଷ୍ଠ ସୁଯୋଗ ରହିଛି। ଦଳର ୨ଟି ମ୍ୟାଚ୍ ବାକିଥିଲାବେଳେ ନେଟ୍‌ରନ୍‌ରେଟ୍ +୦.୪୦୬ ସହ ୧୪ ପଏଣ୍ଟ ପାଇଛି। ପ୍ଲେ ଅଫ୍‌ରୁ ବାଦ୍ ପଡ଼ିଥିବା ଗୁଜରାଟ (ମେ'୧୬) ଓ ପଞ୍ଜାବ (ମେ'୧୯) ସହ ଦଳ ଶେଷ ଦୁଇଟି ଲିଗ୍ ମ୍ୟାଚ୍ ଖେଳିବ। ଏହା ମଧ୍ୟରୁ ଗୋଟିଏ ମ୍ୟାଚ୍ ଜିତିଲେ ଦଳ ସହଜରେ ପ୍ଲେ ଅଫ୍‌ରେ ପ୍ରବେଶ କରିବ। ରାଜସ୍ଥାନ ଯଦି ତାହାର ଶେଷ ୨ଟି ମ୍ୟାଚ୍‌ରେ ପରାଜିତ ହୁଏ ଏବଂ ସନ୍‌ରାଇଜର୍ସ ବିଜୟୀ ହୁଏ ତେବେ ପ୍ୟାଟ କମିନ୍ସଙ୍କ ଦଳ ପ୍ରଥମ ୨ଟି ସ୍ଥାନ ଅଧିକାର କରି ପ୍ଲେ ଅଫ୍‌ରେ ପ୍ରବେଶ କରିବ।

### ଚେନ୍ନାଇ ସୁପର କିଙ୍ଗସ

ଚଳିତ ସଂସ୍କରଣରେ ଚେନ୍ନାଇ ସୁପର କିଙ୍ଗସ ଆଉ ଏକ ଦଳ ଯିଏକି ନିଜ ଭାଗ୍ୟ ନିଜ ହାତରେ ରଖିଛି। ଏହି ଦଳ ୧୪ ପଏଣ୍ଟ ସଂଗ୍ରହ କରି ଚତୁର୍ଥ ସ୍ଥାନରେ ରହିଛି। ମେ ୧୮ରେ ଦଳ ଯଦି ଶେଷ ଲିଗ୍ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ହରାଇ, ତେବେ ଏହି ଦଳ ସିଧାସଳଖ ପ୍ଲେ ଅଫ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଅନ୍ୟପକ୍ଷରେ ମଙ୍ଗଳବାର ଅନୁଷ୍ଠିତ ମୁକାବିଲାରେ ଦିଲ୍ଲୀ ନିକଟରୁ ଲକ୍ଷ୍ନୌ ପରାଜିତ ହେବା ପରେ ଚେନ୍ନାଇ ତାହାର ଶେଷ ମ୍ୟାଚ୍ ହାରିଲେ ମଧ ପ୍ଲେ ଅଫ୍‌କୁ ଯିବ। କିନ୍ତୁ ଏହି ଦଳକୁ ବେଙ୍ଗାଲୁରୁ ବିପକ୍ଷରେ ୧୮ ରନ୍‌ରେ କିମ୍ବା ୧୮.୧ ଓଭରରେ ପରାଜୟ ସ୍ୱୀକାର କରିବାକୁ ହେବ ନାହିଁ। ଏହି ମ୍ୟାଚ୍ ଯଦି ବର୍ଷା ଯୋଗୁଁ ବାତିଲ ହୁଏ, ତେବେ ମଧ ଚେନ୍ନାଇ ପ୍ଲେ ଅଫ୍‌କୁ ସହଜରେ ଯିବ।

### ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ

କ୍ରମାଗତ ୫ଟି ମ୍ୟାଚ୍ ଜିତିଥିବା ବେଙ୍ଗାଲୁରୁ ଶନିବାର ଖେଳାଯିବାକୁ ଥିବା ଚେନ୍ନାଇ ବିପକ୍ଷ ମୁକାବିଲାକୁ ପ୍ରଥମେ ବ୍ୟାଟିଂ କରି ୧୮ ରନ୍ ବ୍ୟବଧାନରେ କିମ୍ବା ପଛରେ ବ୍ୟାଟିଂ କରି ୧୮.୧ ଓଭରରେ ବିଜୟୀ ହେଲେ ପ୍ଲେ ଅଫ୍‌କୁ ପ୍ରବେଶ କରିବ।

### ଦିଲ୍ଲୀ କ୍ୟାପିଟାଲ୍ସ

ଏହି ଦଳ ୧୪ଟି ମ୍ୟାଚ୍ ଖେଳି ୧୪ ପଏଣ୍ଟ ସହ ଅଭିଯାନ ଶେଷ କରିଛି। ଏବେ ପଏଣ୍ଟ ସାରଣୀରେ ପଞ୍ଚମ ସ୍ଥାନରେ ଦିଲ୍ଲୀର ରହିଛି। ଏହି ଦଳକୁ ପ୍ଲେ ଅଫ୍‌ରେ ପ୍ରବେଶ କରିବାକୁ ହେଲେ ସନ୍‌ରାଇଜର୍ସ ହାଇଦ୍ରାବାଦ୍‌କୁ ୨ଟି ଯାକ ମ୍ୟାଚ୍ ବଡ଼ ବ୍ୟବଧାନରେ ହାରିବାକୁ ହେବ। ଏହା ଫଳରେ ଦିଲ୍ଲୀର ନେଟରନ୍ ରେଟ୍ ହାଇଦ୍ରାବାଦ୍ ଉପରକୁ ଯିବ ଓ ଏହି ଦଳ ପ୍ଲେ ଅଫ୍‌କୁ ଯାଇପାରେ।

### ଲକ୍ଷ୍ନୌ ସୁପର ଜାଏଣ୍ଟସ

ମଙ୍ଗଳବାର ମୁକାବିଲାରେ ଦିଲ୍ଲୀ କ୍ୟାପିଟାଲ୍ସ ନିକଟରୁ ହାରିଯିବା ପରେ ଲକ୍ଷ୍ନୌ ସୁପର ଜାଏଣ୍ଟସର ପ୍ଲେ ଅଫ ଖେଳିବା ଆଶା ମଉଳିଯାଇଛି। ଦଳର ଗୋଟିଏ ମ୍ୟାଚ୍ ଖେଳାଯିବାକୁ ବାକିଥିଲାବେଳେ ୧୨ ପଏଣ୍ଟ ପାଇଛି। ନେଟ୍ ରନ୍ ରେଟ -୦.୭୮୭ ଥିବାରୁ ପ୍ଲେ ଅଫ୍ ଖେଳିବା ଏହି ଦଳ ଲାଗି ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି। ଏହି ଦଳ ଏକ ପ୍ରକାର ବାଦ୍ ପଡିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ମେ ୨୧ରୁ ଆଇପିଏଲ୍ ପ୍ଲେ ଅଫ୍ ଆରମ୍ଭ ହେବ।

## ମାନୁଙ୍କ ବିଶ୍ୱରେକର୍ଡ



**ଇନ୍ଦୋର,୧୫।୫(ଏଜେନ୍ସି):** ଅଲିମ୍ପିଆନ ମାନୁ ଭାକର ୨୫ ମିଟର ସ୍ପୋର୍ଟ୍ସ ପିସ୍ତଲ ଓ ବିଜୟବୀର ସିଦ୍ଧୁ ୨୫ ମିଟର ଫାୟର ପିସ୍ତଲ ଇଭେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ସ୍ଥାନୀୟ ମଧ୍ୟପ୍ରଦେଶ ସୁଟିଂ ଏକାଡେମୀରେ ଚାଲିଥିବା ଅଲିମ୍ପିକ୍ସର ଚତୁର୍ଥ ଟ୍ରାଏଲ୍ସରେ ଉଭୟ ଖେଳାଳି ସେମାନଙ୍କ ଇଭେଣ୍ଟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ମାନୁ ଏଠାରେ ମଧ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ବିଜୟବୀର ସିଦ୍ଧୁଙ୍କ ବିଜୟ ସତ୍ତ୍ୱେ ଅଲିମ୍ପିକ୍ କୋଟା ମିଳିବା ନେଇ ସନ୍ଦେହ ରହିଛି।

## ପ୍ରଥମ ରାଉଣ୍ଡରେ ହାରିଲେ ପ୍ରଣୟ

### ଥାଇଲାଣ୍ଡ ଓପନ୍

**ନୂଆଦିଲ୍ଲୀ, ୧୫।୫ (ଏଜେନ୍ସି):** ଥାଇଲାଣ୍ଡ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ପ୍ରଥମ ଦିବସରେ ଭାରତୀୟ ସଟ୍‌ଲର୍‌ଙ୍କୁ ମିଶ୍ରିତ ଫଳାଫଳ ମିଳିଛି। ତାରକା ଖେଳାଳି ତଥା ୫ମ ସିଡ୍ ଏଚ୍‌ଏସ୍ ପ୍ରଣୟ ଆଶ୍ଚର୍ଯ୍ୟଜନକ ଭାବେ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ତେବେ ପୁରୁଷ ଯୁଗଳରେ ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ବିଜୟ ସହ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ଏକକ ପ୍ରଥମ ରାଉଣ୍ଡରେ ପ୍ରଣୟଙ୍କ ମୁକାବିଲା ସାଥୀ ଭାରତୀୟ ଖେଳାଳି ମେଇରବା ଲୁୱାଙ୍ଗ ମାଇସନମ୍‌ଙ୍କ ସହ ହୋଇଥିଲା। ଏହି ମ୍ୟାଚଟି ୫୫ ମିନିଟ୍ ଧରି ଖେଳାଯାଇଥିବାବେଳେ ପ୍ରଣୟ ୧୯-୨୧, ୧୮-୨୧ ସିଧାସଳଖ ଗେମ୍‌ରେ ପରାସ୍ତ ହୋଇଥିଲେ। ମହିଳା ଏକକରେ ମଧ ଅସ୍ମିତା ଚଲିହା ପ୍ରଥମ ରାଉଣ୍ଡରେ ସଂଘର୍ଷ କରି ନିଜଠାରୁ ଉଚ୍ଚ ର୍‌ୟାଙ୍କ ଖେଳାଳିଙ୍କୁ ମାତ୍ ଦେଇ ଅଗ୍ରଗତି କରିଛନ୍ତି। ଅସ୍ମିତା ୧୯-୨୧, ୨୧-୧୫, ୨୧-୧୪ ଗେମ୍‌ରେ ଇଣ୍ଡୋନେସିଆର ଏଷ୍ଟର ନୁରୁମିଙ୍କୁ ହରାଇଛନ୍ତି। କିନ୍ତୁ ଉନ୍ନତି ହୁଡା ୨୧-୧୪, ୧୪-୨୧, ୯-୨୧ରେ ବେଲଜିୟମର ଲିଆନେ ତାନଙ୍କଠାରୁ ହାରିଯାଇଛନ୍ତି। ତେବେ ପୁରୁଷ ଯୁଗଳ ରାଉଣ୍ଡ-୩୨ରେ ସାତ୍ୱିକସାଇରାଜ ଓ ଚିରାଗ ଯୋଡ଼ି ୨୧-୧୩, ୨୧-୧୩ ସିଧାସଳଖ ଗେମ୍‌ରେ ମାଲେସିଆ ଯୋଡ଼ି ନୁର୍ ମହମ୍ମଦ ଆଜରିୟାନ ଆୟୁବ ଓ ତାନ ୱି କିଓଙ୍ଗଙ୍କୁ ହରାଇ ଅଗ୍ରଗତି କରିଛନ୍ତି।



### ଅରବିନ୍ଦ ସ୍ମାରକୀ କ୍ରିକେଟ

## ସେମିରେ ପାରାମାଉଣ୍ଟ-ଏ'



**ଭୁବନେଶ୍ୱର,୧୫।୫(ସମିସ):** ସହିଦ୍ ସ୍ପୋର୍ଟିଂକୁ ୮ ୱିକେଟରେ ପରାସ୍ତ କରି ଆୟୋଜକ ପାରାମାଉଣ୍ଟ-ଏ' ପ୍ରଥମ ଦଳ ଭାବେ ଏଠାରେ ଚାଲିଥିବା ଅରବିନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ମାତ୍ର ୧୪ ରନ୍ ଦେଇ ୩ଟି ୱିକେଟ ନେଇଥିବା ସାତ୍ୱିକରାଜ ସୁବୁଦ୍ଧିଙ୍କୁ ଆଜିର ଅତିଥି ଗୁରଜିତ ସିଂ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଛନ୍ତି। ଗୁରୁବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ପାରାମାଉଣ୍ଟ-ବି' ସହ ପ୍ରଗତି ସ୍ପୋର୍ଟିଂର ମୁକାବିଲା ହେବ। ପାରାମାଉଣ୍ଟ ସ୍ପୋର୍ଟିଂ ଗ୍ରାଉଣ୍ଡରେ ବୁଧବାର ଆୟୋଜିତ ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ସହିଦ୍ ସ୍ପୋର୍ଟିଂ ୩୮.୩ ଓଭରରେ ୧୦୨ ରନ୍ କରି ଅଲଆଉଟ ହୋଇଯାଇଥିଲା। ରିତିକ ମିଶ୍ର ୨୮ ଓ ପ୍ରିୟରଞ୍ଜନ ନାୟକ ୧୬ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ସାତ୍ୱିକରାଜ ଓ ବିଜୟ ସିଂ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ପାରାମାଉଣ୍ଟ-ଏ' ୧୧.୪ ଓଭରରେ ୨ ୱିକେଟ ହରାଇ ବିଜୟଲାଗି ଆବଶ୍ୟକ ୧୦୩ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ ଆୟୂଷ ପଣ୍ଡା ଓ ସ୍ୱାଗତ ସୌରଭ ୩୦ ରନ୍ ଲେଖାଏଁ କରି ଅପରାଜିତ ରହିଥିଲେ। ସିଦ୍ଧାର୍ଥ ଶଙ୍କର ବେହେରା ମଧ ୨୪ ରନ୍‌ର ସହଯୋଗ ଦେଇଥିଲେ। ସହିଦ୍ ସ୍ପୋର୍ଟିଂର ଆଦିତ୍ୟକୁମାର ପ୍ରଧାନ ୨ଟି ୱିକେଟ ଅକ୍ତିଆର କରିଥିଲେ।



ଜାତୀୟ କରାଟେ ଚାମ୍ପିଅନସିପ୍‌ରେ ସଫଳତା ହାସଲ କରି ଭୁବନେଶ୍ୱର ପହଞ୍ଚିବା ପରେ ଓଡ଼ିଶା କରାଟେ ଡୋ ସଂଘ ପକ୍ଷରୁ ବୁଧବାର ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। ଏଡି ପ୍ରତିଯୋଗିତାରେ ଓଡ଼ିଶା ୬ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୭ କାଂସ୍ୟ ସହ ୨୧ଟି ପଦକ ବିଜୟୀ ହୋଇଛି।

# ଗୋଟିଏ ଅଭ୍ୟାସ ମ୍ୟାଚ୍ ଖେଳିବ ଭାରତ

### ଟି-୨୦ ବିଶ୍ୱକପ୍






**ନୂଆଦିଲ୍ଲୀ,୧୫।୫(ଏଜେନ୍ସି)**

ଆସନ୍ତା ମାସରେ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଆୟୋଜନ ହେବାକୁ ଯାଉଥିବା ଟି-୨୦ ବିଶ୍ୱକପ୍ ପୂର୍ବରୁ ଭାରତ ଗୋଟିଏ ଅଭ୍ୟାସ ଖେଳିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଭାରତର ଏହି ଅଭ୍ୟାସ ମ୍ୟାଚକୁ ନ୍ୟୁୟର୍କରେ କରାଇବାକୁ ଚାହୁଁଛି। ଗ୍ରୁପ୍ ପର୍ଯ୍ୟାୟର ୪ଟି ମ୍ୟାଚ୍‌ରୁ ୩ଟି ଭାରତ ନ୍ୟୁୟର୍କରେ ଖେଳିବ। ତେଣୁ ଅଭ୍ୟାସ ମ୍ୟାଚ୍ ମଧ ଏଠାରେ ଖେଳିବାକୁ ଚାହୁଁଛି।

ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଏପର୍ଯ୍ୟନ୍ତ ଅଭ୍ୟାସ ମ୍ୟାଚ୍‌ର କାର୍ଯ୍ୟସୂଚୀ ଜାରି କରିନାହିଁ। ଇଂଲଣ୍ଡ ଓ ପାକିସ୍ତାନ ଦୁଇଟି ଅଭ୍ୟାସ ମ୍ୟାଚ୍ ଖେଳିବାର ସମ୍ଭାବନା ରହିଛି। ସେହିଭଳି ଅନ୍ୟ ଦଳଗୁଡିକ ମଧ ଦୁଇଟି ଲେଖାଏ ଅଭ୍ୟାସ ମ୍ୟାଚ୍ ଖେଳିବାକୁ ଚାହୁଁଛନ୍ତି।

### ଦୁଇଟି ପର୍ଯ୍ୟାୟରେ ଭାରତୀୟ ଖେଳାଳି ଗସ୍ତ କରିବେ

ଟି-୨୦ ବିଶ୍ୱକପ୍ ପାଇଁ ଭାରତୀୟ ଖେଳାଳିମାନେ ଆମେରିକା ଗସ୍ତ କରିବେ। ଖେଳାଳି ସ୍ୱଦେଶ ପ୍ରସ୍ଥାନ କାର୍ଯ୍ୟକ୍ରମରେ ପରିବର୍ତ୍ତନ କରାଯାଇଛି। ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଲିଗ୍ ପର୍ଯ୍ୟାୟ ଶେଷ ହେବା ପରେ ମେ ୨୧ରେ ପ୍ରଥମ ପର୍ଯ୍ୟାୟରେ କେତେଜଣ ଖେଳାଳି ପ୍ରସ୍ଥାନ କରିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଏବେ ମେ ୨୫ ଓ ୨୬ରେ ଦୁଇଟି ବ୍ୟାଚ୍‌ରେ ଖେଳାଳିମାନେ ଗସ୍ତ କରିବେ ବୋଲି ଜଣାପଡିଛି। ଆଇପିଏଲ୍ ଫାଇନାଲ ଖେଳିବା ପରେ କେତେଜଣ ଖେଳାଳି ୨୬ରେ ଭାରତ ପ୍ରସ୍ଥାନ କରିବେ।

### ଭାରତ କାର୍ଯ୍ୟସୂଚୀ

| ତାରିଖ | ଦଳ | ଭେନ୍ୟୁ | ସମୟ |
|---|---|---|---|
| ଜୁନ୍ ୫ | ଆୟର୍ଲାଣ୍ଡ | ନ୍ୟୁୟର୍କ | ରାତି ୮ଟା |
| ଜୁନ୍ ୯ | ପାକିସ୍ତାନ | ନ୍ୟୁୟର୍କ | ରାତି ୮ଟା |
| ଜୁନ୍ ୧୨ | ଆମେରିକା | ନ୍ୟୁୟର୍କ | ରାତି ୮ଟା |
| ଜୁନ୍ ୧୫ | କାନାଡ଼ା | ଫ୍ଲୋରିଡା | ରାତି ୮ଟା |

### ଭାରତ- ପାକିସ୍ତାନ ମୁକାବିଲା ଜୁନ୍ ୯ରେ

ଭାରତ ଜୁନ୍ ୫ରେ ତା'ର ପ୍ରଥମ ମ୍ୟାଚ୍‌ରେ ଆୟର୍ଲାଣ୍ଡକୁ ଭେଟିବ। ସେହିପରି ୯ ତାରିଖରେ ଦ୍ୱିତୀୟ ମୁକାବିଲାରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ସେହିପର ୧୨ ଓ ୧୫ରେ ଭାରତ ଯଥାକ୍ରମେ ଆମେରିକା ଓ କାନାଡାକୁ ଭେଟିବ। ପ୍ରଥମ ୩ଟି ମ୍ୟାଚ୍ ନ୍ୟୁୟର୍କରେ ଖେଳାଯିବ ଓ କାନାଡା ବିପକ୍ଷ ଅନ୍ତିମ ମ୍ୟାଚ୍ ଫ୍ଲୋରିଡାରେ ଖେଳାଯିବ।

### ଭାରତୀୟ ଦଳ

**ବ୍ୟାଟର(୪):** ରୋହିତ ଶର୍ମା (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, **ୱିକେଟରକ୍ଷକ/ବ୍ୟାଟର(୨):** ରଷଭ ପନ୍ତ ଓ ସଞ୍ଜୁ ସାମସନ, **ଅଲରାଉଣ୍ଡର (୪):** ହାର୍ଦ୍ଦିକ ପାଣ୍ଡ୍ୟା-ପେସ୍ (ଉପଅଧିନାୟକ), ଶିବମ ଦୁବେ-ପେସ, ରବୀନ୍ଦ୍ର ଜାଡେଜା-ସ୍ପିନ୍ ଓ ଅକ୍ଷର ପଟେଲ-ସ୍ପିନ୍, **ପେସ୍ ବୋଲର (୩):** ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ ଓ ଅର୍ଶଦୀପ ସିଂ, **ସ୍ପିନର (୨)-** କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ। **ରିଜର୍ଭ ଖେଳାଳି (୪):** ଶୁବମାନ ଗିଲ୍, ରିଙ୍କୁ ସିଂ, ଖଲୀଲ ଅହମ୍ମଦ୍ ଓ ଆଭେଷ ଖାନ୍।

### ଇଟାଲିଆନ୍ ଓପନ୍ ଟେନିସ୍

## ସେମିରେ ସାବାଲେଙ୍କା, ଗଫ୍



**ରୋମ,୧୫।୫(ଏଜେନ୍ସି):** ଏଠାରେ ଚାଲିଥିବା ଇଟାଲିଆନ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଟପ୍ ପୋଲାଣ୍ଡର ଇଗା ସ୍ୱିଆଟେକଙ୍କ ପରେ ବେଲାରୁଷର ଅରିନା ସାବାଲେଙ୍କା, ଆମେରିକାର କୋକୋ ଗଫ୍ କ୍ୱାର୍ଟର ଫାଇନାଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ଏକକରେ ବୁଧବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ ଦ୍ୱିତୀୟ ସିଡ୍ ସାବାଲେଙ୍କା ୬-୨, ୬-୪ ସେଟ୍‌ରେ ୯ମ ସିଡ୍ ଲାଟଭିଆ ତାରକା ଜେଲେନା ଓଷ୍ଟାପେଙ୍କୋଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ଅନ୍ୟଏକ କ୍ୱାର୍ଟର ଫାଇନାଲରେ ଗଫ୍ ୭-୬, ୬-୧ ଚୀନ୍‌ର ୭ମ ସିଡ୍ କିନୱେନ ଝେଙ୍ଗଙ୍କୁ ପରାସ୍ତ କରି କ୍ୱାର୍ଟରକୁ ଉଠିଛନ୍ତି। ପୂର୍ବରୁ ପ୍ରଥମ କ୍ୱାର୍ଟରରେ ସ୍ୱିଆଟେକ ୬-୧, ୬-୩ ସେଟ୍‌ରେ ଆମେରିକାର ୧୮ତମ ସିଡ୍ ଖେଳାଳି ମାଡିନସନ କିଜ୍‌ଙ୍କୁ ପରାସ୍ତ କରି ସେମିକୁ ଉଠିଥିଲେ। ଏବେ ଅନ୍ତିମ କ୍ୱାର୍ଟର ଫାଇନାଲରେ ୨୪ତମ ସିଡ ବେଲାରୁଷର ଭିକ୍ଟୋରିଆ ଆଜାରେଙ୍କା ଓ ଆମେରିକାର ୧୩ତମ ସିଡ୍ ଡାନିଏଲେ କଲିନ୍ସ ପରସ୍ପରକୁ ଭେଟିବେ।

ଜାତୀୟ ଫେଡେରେସନ ବରିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା

# ନୀରଜଙ୍କୁ ସ୍ୱର୍ଣ୍ଣ; କିଶୋର ନିରାଶ

ଭୁବନେଶ୍ୱର, ୧୫।୫ (ସମିସ)

ସ୍ଥାନୀୟ କଳିଙ୍ଗ ଆଥଲେଟିକ୍ ଷ୍ଟାଡିୟମରେ ୨୭ତମ ଜାତୀୟ ଫେଡେରେସନ ବରିଷ୍ଠ ଦୌଡ଼କୁଦ୍ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଛି। ଅନ୍ତିମ ଦିବସରେ ଜାଭେଲିନ ଥ୍ରୋ ଇଭେଣ୍ଟ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ଜାଭେଲିନ୍ ଫିଙ୍ଗାଳି ତଥା ଆଥଲେଟିକ ସୁପରଷ୍ଟାର ନୀରଜ ଚୋପ୍ରା, ସ୍ଥାନୀୟ ତାରକା କିଶୋର ଜେନା ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ଏହି ଦୁଇ ତାରକାଙ୍କ ପାଇଁ କଳିଙ୍ଗରେ ବୁଧବାର ସନ୍ଧ୍ୟାରେ ପ୍ରଶଂସକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। କିନ୍ତୁ ଲୋକାଲ ତାରକା କିଶୋର ପ୍ରଶଂସକଙ୍କୁ ନିରାଶ କରିଥିଲେ। ସେ ୫ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ଟୋକିଓ ଅଲିମ୍ପିକ୍ସ ପରେ ଅର୍ଥାତ ଦୀର୍ଘ ୩ ବର୍ଷ ପରେ ନୀରଜ ଘରୋଇ ପରିବେଶରେ ପ୍ରଥମଥର ପାଇଁ ଜାଭେଲିନ୍ ଫିଙ୍ଗିଥିଲେ ଓ ପ୍ରଶଂସକଙ୍କୁ ସେ ନିରାଶ ନକରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

ଜାଭେଲିନ୍‌ରେ ୨୬ ବର୍ଷୀୟ ନୀରଜ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ କିଶୋର ଶ୍ରେଷ୍ଠ-୩ରୁ ବାଦ୍ ପଡିଥିଲେ। ଚତୁର୍ଥ ପ୍ରୟାସରେ ନୀରଜ ୮୨.୨୭ ମିଟର ଜାଭେଲିନ ଫିଙ୍ଗି ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ସ୍ୱର୍ଣ୍ଣ ହାସଲ କରିଥିଲେ। ସେହିପରି ଡିପି ମନୁ ୮୨.୦୬ ମିଟର ଫିଙ୍ଗି ରୌପ୍ୟ ଓ ଉତ୍ତମ ବାଲାସାହେବ ପାଟିଲ ୭୮.୩୯ ମିଟର ଫିଙ୍ଗି କାଂସ୍ୟ ପଦକ ହାସଲ କରିଥିଲେ।

ଇଭେଣ୍ଟ ଆରମ୍ଭରୁ ନୀରଜଙ୍କୁ ସଂଘର୍ଷ କରୁଥିବାର ଦେଖାଯାଇଥିଲା। ସେ ପ୍ରଥମ ୩ ରାଉଣ୍ଡ ପରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ତେବେ ଚତୁର୍ଥ ରାଉଣ୍ଡରେ ସେ ୮୨.୨୭ ମିଟର ଫିଙ୍ଗି ଅଗ୍ରଣୀ ହୋଇଥିଲେ। ଅଗ୍ରଣୀ ଥିବାରୁ ସେ ଫାଇନାଲ ଦୁଇ ରାଉଣ୍ଡ ଥ୍ରୋ କରି ନଥିଲେ। ନୀରଜ ଶେଷଥର ପାଇଁ ଫେଡେରେସନ ଦୌଡ଼କୁଦରେ ୨୦୨୧ ମାର୍ଚ୍ଚ ୧୭ରେ ଘରୋଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେତେବେଳେ ସେ ୮୭.୮୦ ମିଟର ଫିଙ୍ଗି ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିଲେ। ଏହାପରେ ସେ ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିଥିଲେ। ସେ ୨୦୨୨ ଡାଇମଣ୍ଡ ଲିଗ୍‌ରେ ଚାମ୍ପିଅନ ହୋଇଥିଲେ। ୨୦୨୩ରେ ବିଶ୍ୱ ଚାମ୍ପିଅନସିପ୍‌ରେ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିଥିଲେ।


ନୀରଜ ଚୋପ୍ରା

## ୫ମ ସ୍ଥାନରେ କିଶୋର

ଜାଭେଲିନ୍ ଇଭେଣ୍ଟରେ କିଶୋର ଜେନା ଆଶାନୁରୂପ ପ୍ରଦର୍ଶନ କରିପାରି ନଥିଲେ। ସେ ନିଜ ଦକ୍ଷତା ଅନୁସାରେ ଥ୍ରୋ କରି ନଥିଲେ ଓ ଶ୍ରେଷ୍ଠ-୩ରୁ ବାଦ୍ ପଡିବା ସହ ୫ମ ସ୍ଥାନରେ ରହିଥିଲେ। ସେ ତାଙ୍କର ୬ଟି ପ୍ରୟାସରେ


କିଶୋର ଜେନା

ଯଥାସମ୍ଭବ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିଥିଲେ। ତାଙ୍କ ପ୍ରଥମ, ତୃତୀୟ ଓ ଚତୁର୍ଥ ପ୍ରୟାସ ଫାଉଲ୍ ଥିଲା। ଦ୍ୱିତୀୟ ପ୍ରୟାସରେ ସେ ୭୫.୪୯, ପଞ୍ଚମରେ ୭୩.୭୯ ଓ ଷଷ୍ଠ ତଥା ଅନ୍ତିମ ପ୍ରୟାସରେ ୭୫. ୨୫ ମିଟର ଥ୍ରୋ କରିଥିଲେ। ଦ୍ୱିତୀୟ ପ୍ରୟାସରେ ହିଁ ସେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ ମଧ୍ୟ ଶ୍ରେଷ୍ଠ ୩ରୁ ବାଦ୍ ପଡିଥିଲେ। ସେହିପରି ବିବିନ ଆଣ୍ଟୋନୀ ୭୭.୩୭ ମିଟର ଥ୍ରୋ କରି ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ।

### ନୀରଜ ଚୋପ୍ରାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିବା ନୀରଜ ଚୋପ୍ରାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ନିଜ କ୍ରୀଡ଼ା କ୍ୟାରିୟରରେ ସେ ଆଗକୁ ଆହୁରି ସଫଳତା ହାସଲ କରନ୍ତୁ ଓ ଦେଶ ପାଇଁ ଗର୍ବ ଓ ଗୌରବ ଆଣିଦିଅନ୍ତୁ ବୋଲି ସେ ଉଲ୍ଲେଖ କରିଛନ୍ତି। ଆଗାମୀ ପ୍ରତିଯୋଗିତାଗୁଡିକ ପାଇଁ ମଧ୍ୟ ସେ ନୀରଜଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# କୋହଲି ପୁଣି ପାକିସ୍ତାନ ଲାଗି କଣ୍ଟା ସାଜିବେ: ମିସ୍‌ବା

ଟି-୨୦ ବିଶ୍ୱକପ୍

**ନୂଆଦିଲ୍ଲୀ,୧୫।୫(ଏଜେନ୍ସି):** ଜୁନ୍‌ରେ ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ ଆୟୋଜନ ହେବାକୁ ଯାଉଛି। ଜୁନ୍ ୯ରେ ଭାରତ ଓ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ଗ୍ରୁପ୍ ମ୍ୟାଚ୍‌ରେ ନ୍ୟୁୟର୍କରେ ପରସ୍ପରକୁ ଭେଟିବେ। ଏହି ମ୍ୟାଚ୍‌ର ସ୍ଥିତି ନେଇ ପାକିସ୍ତାନ ପୂର୍ବତନ ଅଧିନାୟକ ମିସ୍‌ବା ଉଲ ହକ୍ ଭବିଷ୍ୟବାଣୀ କରିଛନ୍ତି। ଏହି ମ୍ୟାଚ୍‌ରେ ଭରାତ ବିପକ୍ଷରେ ପାକିସ୍ତାନ ସଂଘର୍ଷ କରିବ ବୋଲି ସେ କହିଛନ୍ତି।



ଟି-୨୦ ବିଶ୍ୱକପ୍‌ରେ ଦୁଇ ଦଳ ପରସ୍ପରକୁ ୭ଥର ଭେଟିଛନ୍ତି। ଏଥିରେ ଭାରତ ୬ଥର ବିଜୟୀ ହୋଇଥିବା ବେଳେ ପାକିସ୍ତାନ ମାତ୍ର ଥରେ ବିଜୟୀ ହେବାରେ ସଫଳ ହୋଇଛି। ୨୦୨୧ ବିଶ୍ୱକପ୍‌ରେ ପାକିସ୍ତାନ ଭାରତକୁ ହରାଇଥିଲା। ସେହିପରି ଦିନିକିଆ ବିଶ୍ୱକପ୍‌ରେ ମଧ୍ୟ ଭାରତ ସବୁଥର ପାକିସ୍ତାନକୁ ହରାଇଛି। ତେଣୁ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ରେ ଭାରତ ବିପକ୍ଷ ପାକିସ୍ତାନ ସବୁବେଳେ ମାନସିକ ଭାବେ ପଛରେ ରହିଆସିଛି ବୋଲି ସେ କହିଛନ୍ତି। ଏହି ଦୁର୍ବଳ ମାନସିକତାକୁ ପଛରେ ପକାଇବାକୁ ହେଲେ ପାକିସ୍ତାନକୁ ବହୁତ କିଛି କରିବାକୁ ହେବ। ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ସବୁବେଳେ ପାକିସ୍ତାନ ବିପକ୍ଷରେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ତେଣୁ ସେ ପୁଣିଥରେ ଏହି ବିଶ୍ୱକପ୍‌ରେ ପାକିସ୍ତାନ ପାଇଁ ସମସ୍ୟା ସୃଷ୍ଟି କରିବେ ଓ କଣ୍ଟା ସାଜିବେ। ଚଳିତ ଆଇପିଏଲ୍‌ରେ ତାଙ୍କର ବ୍ୟାଟିଂ ଷ୍ଟ୍ରାଇକ୍‌ରେଟ୍‌କୁ ନେଇ ଚର୍ଚ୍ଚା ଚାଲିଥିଲେ ମଧ୍ୟ ସେ ବିଶ୍ୱକପ୍‌ରେ ନିଜ ଦୃଢ ବ୍ୟାଟିଂ ବଳରେ ପ୍ରଭାବୀ ସାବ୍ୟସ୍ତ ହେବେ ବୋଲି ମିସ୍‌ବା ପୂର୍ବାନୁମାନ କରିଛନ୍ତି। କୋହଲି ଅତୀତରେ ଏକାଧିକ ବାର ପାକିସ୍ତାନର କ୍ଷତି ପହଞ୍ଚାଇଛନ୍ତି ଓ ପ୍ରଭାବବିସ୍ତାର କରି ଖେଳିଛନ୍ତି। ବଡ଼ ମ୍ୟାଚ୍‌ରେ ସେ ଆଦୌ ଚାପର ବଶବର୍ତ୍ତୀ ହୋଇନାହାନ୍ତି। ତେଣୁ ସେ ଏହି ଭଳି ମ୍ୟାଚ୍‌ରେ ଫାଇଦା ଉଠାଇବାରେ ସଫଳ ହୋଇଥାନ୍ତି। କୋହଲି ଜଣେ ଶ୍ରେଷ୍ଠ କ୍ରିକେଟର। ସେ ଏକାଏକା ମ୍ୟାଚ୍ ଛଡାଇନେବାର ଦକ୍ଷତା ରଖନ୍ତି। ତେଣୁ ତାଙ୍କ ପାଇଁ ପାକିସ୍ତାନ ସ୍ୱତନ୍ତ୍ର ରଣନୀତ ଆପଣାଇବାର ଆବଶ୍ୟକତା ରହିଛି।

ଦୁଇ ସ୍ପିନର ଓ ବିଶ୍ୱସ୍ତରୀୟ କେତେଜଣ ଦ୍ରୁତ ବୋଲରଙ୍କୁ ନେଇ ଭାରତୀୟ ବୋଲିଂ ଲାଇନ୍‌ଅପ୍ ବେଶ୍ ଦୃଢ ମନେ ହେଉଛି। ଭାରତୀୟ ଦଳରେ ଯଶପ୍ରୀତ ବୁମ୍‌ରା, ମହମ୍ମଦ ସିରାଜ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଭଳି କ୍ୱାଲିଟି ଦ୍ରୁତ ବୋଲର ରହିଛନ୍ତି। ଏହି ମ୍ୟାଚ୍ ସବୁବେଳେ ଚାପ ସୃଷ୍ଟି କରିଛି। ଭାରତ ଓ ପାକିସ୍ତାନ କିପରି ଏହି ଚାପକୁ ନିୟନ୍ତ୍ରଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ବୋଲି ମିସ୍‌ବା କହିଛନ୍ତି।

## ଆଗେ ଧୋନି, ପରେ ସିଏସ୍‌କେ



**ନୂଆଦିଲ୍ଲୀ,୧୫।୫(ଏଜେନ୍ସି):** ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଚେନ୍ନାଇ ସୁପର କିଙ୍ଗସ (ସିଏସ୍‌କେ)କୁ ଯେଉଁମାନେ ସମର୍ଥନ କରିଥାନ୍ତି ସେମାନେ ପ୍ରଥମେ ମହେନ୍ଦ୍ର ଧୋନିଙ୍କ ସମର୍ଥକ ଭାବେ ଜଣାଶୁଣା। ଧୋନିଙ୍କ ପ୍ରତ୍ୟେକ ମୁଭ୍, ପ୍ରତ୍ୟେକ ସଟ୍‌ରେ ଷ୍ଟାଡିୟମରେ ଗର୍ଜନ ତର୍ଜନ ଶୁଭିଥାଏ। ଏହାର ଅର୍ଥ ଏହି ସମର୍ଥକମାନେ ପ୍ରଥମେ ଧୋନିଙ୍କୁ ଏବଂ ପରେ ସିଏସ୍‌କେକୁ ସମର୍ଥନ କରିଥାନ୍ତି ବୋଲି ତାଙ୍କର ପୂର୍ବତନ ସାଥିଖେଳାଳି ଅମ୍ବତି ରାୟୁଡୁ କହିଛନ୍ତି। ସେ ମ୍ୟାଚ୍ ବେଳ ଘଟଣାର ଉଦାହରଣ ଦେଇ କହନ୍ତି, ଥରେ ମୁଁ ଓ ରବୀନ୍ଦ୍ର ଜାଡେଜା ଚେନ୍ନଇରେ ଖେଳୁଥିଲୁ। ଏହି ସମୟରେ ଆମେ ମାରିଥିବା ଚୌକା କିମ୍ବା ଛକାରେ ଦର୍ଶକ ଚୁପ୍ ରହିଥିଲେ। ଏହାକୁ ମାର୍କ କରି ଜାଡେଜା ମୋ ନିକଟରେ ନିରାଶବ୍ୟକ୍ତ କରିଥିଲେ। ମୁଁ ମଧ୍ୟ ନିରାଶ ହୋଇଥିଲି। କିନ୍ତୁ ଆମେ ନିରାଶ ହେବା ଛଡ଼ା କ'ଣ କରିପାରିଥାନ୍ତୁ। ଏଥିରୁ ସ୍ପଷ୍ଟ ପ୍ରମାଣିତ ହୋଇଥିଲା, ଧୋନିଙ୍କ ସମର୍ଥକ ହିଁ ସିଏସ୍‌କେର ସମର୍ଥକ। ଏମାନେ ପ୍ରଥମେ ଧୋନିଙ୍କୁ ସମର୍ଥନ ଦେଇଥାନ୍ତି, ପରେ ସିଏସ୍‌କେ'କୁ ବୋଲି ଷ୍ଟାର ସ୍ପୋର୍ଟ୍ସ ସହ ଏକ ସାକ୍ଷାତକାରରେ କହିଛନ୍ତି ରାୟଡୁ। ଏହା ସମସ୍ତେ ଜାଣନ୍ତି ବିଶ୍ୱରେ ଧୋନି ଜଣେ ଲୋକପ୍ରିୟ ଖେଳାଳି। କିନ୍ତୁ ତାଙ୍କର ସର୍ବାଧିକ ସମର୍ଥକ ଚେନ୍ନଇ ବା ତାମିଲନାଡୁର। ତାଙ୍କ ନେତୃତ୍ୱରେ ସିଏସ୍‌କେ ଆଇପିଏଲ୍‌ରେ ୫ଥର ଚାମ୍ପିଅନ ଓ ୫ଥର ରନର୍ସ ଅପ୍ ହୋଇଛି। ଚଳିତବର୍ଷ ସେ ଦଳର ନେତୃତ୍ୱ ଛାଡ଼ିଦେଇଛନ୍ତି। ଋତୁରାଜ ଗାଏକ୍ୱାଡଙ୍କ ଦଳର ନେତୃତ୍ୱ ନେଉଛନ୍ତି।

## '୧୮'ରେ ବେଙ୍ଗାଲୁରୁର ଭାଗ୍ୟ ନିର୍ଦ୍ଧାରଣ

**ନୂଆଦିଲ୍ଲୀ,୧୫।୫(ଏଜେନ୍ସି):** ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଗୋଟିଏ ହେଲେ ଟାଇଟଲ ଜିତି ନ ଥିଲେ ମଧ୍ୟ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ସମର୍ଥକ ସଂଖ୍ୟା ଅନ୍ୟ ଦଳ ଅପେକ୍ଷା ଅଧିକ। ଚଳିତ ଆଇପିଏଲ୍‌ରେ ବେଙ୍ଗାଲୁରୁ ହାରି ହାରି ସେମାନଙ୍କୁ ନିରାଶ କରିଛି। କିନ୍ତୁ ଦଳ ଖେଳିଥିବା ଶେଷ ୫ଟି ମ୍ୟାଚ୍ ଜିତିବା ପରେ ଏବେ ପ୍ଲେଅଫ୍ ଖେଳିବାକୁ ଆଶା ବାନ୍ଧିଛି। ଦଳ ଯଦି ଶେଷ ଲିଗ୍ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗସକୁ ପରାସ୍ତ କରେ



ତେବେ ଯାଇ ଦଳର ପ୍ଲେ ଅଫ୍ ଖେଳିବା ସମ୍ଭବ ହୋଇପାରେ। ଏବେ ୧୩ଟି ଲେଖାଏଁ ମ୍ୟାଚ୍ ଖେଳିବା ପରେ ଚେନ୍ନାଇର ପଏଣ୍ଟ ସଂଖ୍ୟା ୧୪ ଓ ନେଟ ରନ୍ ରେଟ୍ +୦.୫୨୮ ରହିଛି। ଅନ୍ୟପକ୍ଷରେ ବେଙ୍ଗାଲୁରୁର ପଏଣ୍ଟ ସଂଖ୍ୟା ୧୨ ଥିଲାବେଳେ ନେଟ ରନ୍ ରେଟ୍ +୦.୩୮୭ ରହିଛି। ମେ ୧୮ ତାରିଖରେ ଉଭୟ ଦଳ ଚଳିତ ଆଇପିଏଲ୍‌ରେ ଏହି ମ୍ୟାଚ୍ ଖେଳିବେ। ଏଣୁ ୧୮ରେ ବେଙ୍ଗାଲୁରୁର ଭାଗ୍ୟ ନିର୍ଦ୍ଧାରଣ ହେବ ବୋଲି ସ୍ଥିର ହୋଇଛି। ପ୍ଲେ ଅଫ୍ ଲାଗି ଯୋଗ୍ୟତା ଅର୍ଜନ କରିବାକୁ ହେଲେ ଚେନ୍ନାଇ ବିପକ୍ଷ ମ୍ୟାଚ୍‌କୁ ୧୮ ରନ୍‌ରେ କିମ୍ବା ରନ୍ ଚେଜ୍ କଲେ ୧୮.୧ ଓଭରରେ ବେଙ୍ଗାଲୁରୁକୁ ମ୍ୟାଚ୍ ଜିତିବାକୁ ହେବ। ଦଳର ତାରକା ଖେଳାଳି ବିରାଟ କୋହଲି ୧୮ ନଂ ଜର୍ସି ପିନ୍ଧୁଥିବାବେଳେ ଏହା ଦଳ ଲାଗି ଭାଗ୍ୟବାନ ସାବ୍ୟସ୍ତ ହୋଇଛି। ଏଣୁ ୧୮ ନମ୍ବର ଜର୍ସିରେ କୋହଲି ୧୮ ତାରିଖରେ ହେବାକୁ ଥିବା ମ୍ୟାଚ୍‌କୁ ୧୮ ରନ୍‌ରେ କିମ୍ବା ୧୮.୧ ଓଭରରେ ଜିତାଇବେ ବୋଲି ସମର୍ଥକମାନେ ଦୃଢ଼ ଆଶା ପୋଷଣ କରିଛନ୍ତି।

# ଅନିମେଶଙ୍କୁ ରୌପ୍ୟ, କାଂସ୍ୟ ଜିତିଲେ ଶ୍ରାବଣୀ

**ଭୁବନେଶ୍ୱର, ୧୫।୫ (ସମିସ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ବୁଧବାର ଉଦ୍‌ଯାପିତ ହୋଇଥିବା ୨୭ତମ ଜାତୀୟ ଫେଡେରେସନ ବରିଷ୍ଠ ଦୌଡ଼କୁଦ ପ୍ରତିଯୋଗିତାର ଶେଷ ଦିନରେ ଓଡ଼ିଶାକୁ ଦୁଇଟି ପଦକ ଜିତିଛି। ଦୁଇଟି ଯାକ ପଦକ ଓଡ଼ିଶାକୁ ୧୦୦ ମିଟର ରେସ୍‌ରୁ ମିଳିଛି। ପୁରୁଷ ୧୦୦ ମିଟରରେ ଅନିମେଶ କୁଜୁର ରୌପ୍ୟ ଓ ମହିଳା ୧୦୦ ମିଟରରେ ଶ୍ରାବଣୀ ନନ୍ଦ କାଂସ୍ୟ ପଦକ ଜିତିଛନ୍ତି।

### ୧୦୦ ମିଟରରେ ଗୁରିନ୍ଦରବୀରଙ୍କ ବାଜିମାତ୍

ପୁରୁଷ ୧୦୦ ମିଟର ରେସ୍‌ରେ ଓଡ଼ିଶାର ଅନିମେଶ କୁଜୁରଙ୍କୁ ପଛରେ ପକାଇ ପଞ୍ଜାବର ଗୁରିନ୍ଦରବୀର ସିଂହ ସ୍ୱର୍ଣ୍ଣ ପଦକ ବାଜିମାତ୍ କରିନେଇଛନ୍ତି। ସେ ୧୦.୩୫ ସେକେଣ୍ଡରେ ରେସ୍ ଶେଷ କରି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ଅନିମେଶ ୧୦.୫୦ ସେକେଣ୍ଡ ସହ ରୌପ୍ୟ ଓ ଅନ୍ୟତମ ପଞ୍ଜାବ ଧାବକ ହର୍‌ଜିତ୍ ସିଂହ (୧୦.୫୬ ସେକେଣ୍ଡ) କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ। ସେହିଭଳି ଓଡ଼ିଶାର ଅନ୍ୟତମ ଧାବକ ଲାଲୁ ପ୍ରସାଦ ଭୋଇ (୧୦.୬୩) ୫ମ ସ୍ଥାନ ହାସଲ କରିଥିଲେ। ୨୦୦ ମିଟରରେ ସ୍ୱର୍ଣ୍ଣ ପଦକ ଜିତିଥିବା ଅନିମେଶ ଏଥିସହ ଏହି ପ୍ରତିଯୋଗିତାରେ ଦୁଇଟି ପଦକ ବିଜୟୀ ହୋଇଛନ୍ତି। ପୂର୍ବରୁ ସେ ସୋମବାର ୨୦୦ ମିଟର ରେସକୁ ୨୦.୬୨ ସେକେଣ୍ଡରେ ଶେଷ କରି ଶୀର୍ଷରେ ରହିଥିଲେ।

### ଶ୍ରାବଣୀଙ୍କୁ ଦ୍ୱିତୀୟ ପଦକ

ଘରୋଇ ତାରକା ଶ୍ରାବଣୀ ନନ୍ଦ ୨୦୦ ମିଟର ପରେ ବୁଧବାର ଏଠାରେ ୧୦୦ ମିଟରରେ ମଧ୍ୟ ପଦକ ବିଜୟୀ ହୋଇଛନ୍ତି। ୧୦୦ ମିଟର ରେସ୍‌କୁ ସେ ୧୧.୭୬ ସେକେଣ୍ଡରେ ଫିନିଶ୍ କରି କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଛନ୍ତି। ଏଥିରେ କର୍ଣ୍ଣାଟକର ଏସ୍. ସ୍ନେହାସ (୧୧.୬୩ ସେକେଣ୍ଡ) ଓ ତାମିଲନାଡୁର ଗିରିଧାରାଣୀ ରବିକୁମାର (୧୧.୬୭) ଯଥାକ୍ରମେ ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ପୂର୍ବରୁ ମହିଳା ୨୦୦ ମିଟରରେ ଶ୍ରାବଣୀ ୨୩.୮୯ ସେକେଣ୍ଡ ସହ ରୌପ୍ୟ ଜିତିଥିଲେ।

### ଦଣ୍ଡସେନା ୫ମ

ପୁରୁଷ ୧୫୦୦ ମିଟର ରେସରେ ଓଡ଼ିଶାର ଅଶୋକ ଦଣ୍ଡସେନା ନିରାଶ କରିଛନ୍ତି। ସେ ୩ ମିନିଟ୍ ୪୭.୩୮ ସେକେଣ୍ଡ ସମୟ ସହ ୫ମ ସ୍ଥାନରେ ରହିଥିଲେ। ଏହି ରେସ୍‌ରେ ଆସାମର ମେହେଦୀ ହାସାନ (୩:୪୨.୮୨), ମଧ୍ୟପ୍ରଦେଶର ଅଭିଷେକ ସିଂ ଠାକୁର (୩:୪୩.୪୯) ଓ ଉତ୍ତରପ୍ରଦେଶର ୟୁନୁଶ ଶାହ (୩:୪୪.୨୫) ଯଥାକ୍ରମେ ପୋଡିୟମର ପ୍ରଥମ ୩ଟି ସ୍ଥାନରେ ରହି ପଦକ ଜିତିଥିଲେ।


ଅନିମେଶ କୁଜୁର

# ରାଜସ୍ଥାନର କ୍ରମାଗତ ଚତୁର୍ଥ ପରାଜୟ

ଗୁଆହାଟୀ,୧୫।୫(ଏଜେନ୍ସି)

ଅଧିନାୟକ ସାମ କରାନ (୨ୱିକେଟ, ଅପରାଜିତ ୬୩ରନ୍)ଙ୍କ ଅଲରାଉଣ୍ଡ ସଫଳତା ବଳରେ ଏଠାରେ ବୁଧବାର ଅନୁଷ୍ଠିତ ଆଇପିଏଲ୍‌ର ୬୫ତମ ଲିଗ୍ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ୫ ୱିକେଟରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ଏହା ଫଳରେ ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିଥିବା ପଞ୍ଜାବ ଏହି ମ୍ୟାଚ୍‌କୁ ମିଶାଇ ୫ମ ବିଜୟ ହାସଲ କରିଛି। ଅନ୍ୟପକ୍ଷରେ ଦ୍ୱିତୀୟ ସ୍ଥାନରେ ରହି ପ୍ଲେ ଅଫ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିବା ରାଜସ୍ଥାନ ରୟାଲ୍ସ ଏହାକୁ ମିଶାଇ କ୍ରମାଗତ ଚତୁର୍ଥ ପରାଜୟ ବରଣ କରିଛି। ପଞ୍ଚମ ବିଜୟ ଫଳରେ ପଞ୍ଜାବ ପଏଣ୍ଟ ସାରଣୀର ୯ମ ସ୍ଥାନକୁ ଉନ୍ନୀତ ହୋଇଛି। ପରାଜୟ ସତ୍ତ୍ୱେ ରାଜସ୍ଥାନ ଦ୍ୱିତୀୟ ସ୍ଥାନରେ ରହିଛି। ଏହା ପରେ ଉଭୟ ଦଳର ଶେଷ ଲିଗ୍ ମ୍ୟାଚ୍ ରବିବାର ଖେଳାଯିବ। ଏହି ଦିନ ରାଜସ୍ଥାନ ସହ କୋଲକାତାର ଓ ପଞ୍ଜାବ ସହ ହାଇଦ୍ରାବାଦ୍‌ର ମୁକାବିଲା ହେବ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ରାଜସ୍ଥାନ ୯ ୱିକେଟ ହରାଇ ୧୪୪ ରନ୍ ସଂଗ୍ରହ କରିଥିଲା। ଜବାବରେ ପଞ୍ଜାବ କିଙ୍ଗ୍‌ସ ୧୮.୫ ଓଭରରେ ୫ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ କରାନ ୪୧ବଲ୍‌ରେ ୫ଚୌକା ଓ ୩ଛକା ସହ ୬୩ ରନ୍ କରି ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିଲି ରୁଷୋ ଓ ଜିତେଶ ଶର୍ମା ୨୨ ରନ୍ ଲେଖାଏଁ, ଆଶୁତୋଷ ଶର୍ମା ଅପରାଜିତ ୧୭ ରନ୍ କରିଥିଲେ। ଆଭେଷ ଖାନ୍‌ଙ୍କୁ ୨ଟି ୱିକେଟ ମିଳିଥିଲା।

ପୂର୍ବରୁ ରାଜସ୍ଥାନ ରୟାଲ୍ସ ପ୍ରଥମେ ବ୍ୟାଟିଂ କରି ପ୍ରଥମ ଓଭରରେ ଯଶସ୍ୱୀ ଜୟସ୍ୱାଲ (୪)ଙ୍କ ୱିକେଟ ହରାଇଥିଲା। ଏହା ପରେ ସଞ୍ଜୁ ସାମସନ ଓ ଟମ୍ କୋହଲର-କ୍ୟାଡମୋର ଇନିଂସ ସଜାଡିବାକୁ ଉଦ୍ୟମ କରିଥିଲେ। ଏମାନେ ଯେତେବେଳେ ରନ୍ ହାର ବଢ଼ାଇବାକୁ ଉଦ୍ୟମ କଲେ, ଠିକ୍ ସେତିକିବେଳେ ଉଭୟ ୧୮ ରନ୍ ଲେଖାଏଁ କରି ଆଉଟ ହୋଇଗଲେ। ସ୍ଥାନୀୟ ଖେଳାଳି ରିୟାନ ପରାଗ ଓ ବ୍ୟାଟିଂ ଅର୍ଡରରେ ଆଗୁଆ ଆସିଥିବା ରବିଚନ୍ଦ୍ରନ ଅଶ୍ୱିନଙ୍କ ଯୋଡି ୩୪ ବଲ୍‌ରୁ ୫୦ ରନ୍ ଉଠାଇ ଦଳକୁ ବିପଦରୁ ରକ୍ଷା କରିବାକୁ ଉଦ୍ୟମ କରିଥିଲେ। ୧୩ତମ ଓଭରର ଶେଷ ବଲ୍‌ରେ ୧୯ଟି ବଲ୍‌ରୁ ୩ଚୌକା ଓ ୧ ଛକା ସହ ୨୮ ରନ୍ କରିଥିବା ଅଶ୍ୱିନ ଆଉଟ ହୋଇଯିବା ପରେ ରାଜସ୍ଥାନର ଅନ୍ୟ ବ୍ୟାଟର ଜଣଙ୍କ ପରେ ଜଣେ ପାଭିଲିୟନ ଫେରିଯାଇଥିଲେ। କେବଳ ପରାଗ ୩୪ ବଲ୍‌ରେ ୬ ଚୌକା ସହ ୪୮ ରନ୍ କରି ଦଳର ସମ୍ମାନ ରଖିଥିଲେ। ପଞ୍ଜାବ ପକ୍ଷରୁ ସମସ୍ତ ବୋଲର ମିଳିତଭାବେ ଭଲ ପ୍ରଦର୍ଶନ କରିଥିଲେ। ଯାହା ଫଳରେ ରାଜସ୍ଥାନକୁ ୯/୧୪୪ ରନ୍‌ରେ ସୀମିତ ରଖିବାରେ ସମର୍ଥ ହୋଇଥିଲେ। ପଞ୍ଜାବ ପକ୍ଷରୁ ରାହୁଲ ଚହର, ହର୍ଷଲ ପଟେଲ ଓ ଅଧିନାୟକ ସାମ କରାନ ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। କିନ୍ତୁ ୪ ଓଭର ବୋଲିଂ କୋଟାରେ ନାଥାନ ଏଲିସ୍ ୨୪, ଚହର ୨୬ ଓ ହର୍ଷଲ ୨୮ ରନ୍ ବ୍ୟୟ କରିଥିଲେ।

### ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| କୋଲକାତା | ୧୩ | ୯ | ୩ | ୧୯ | +୧.୪୩୦ |
| ରାଜସ୍ଥାନ | ୧୩ | ୮ | ୫ | ୧୬ | +୦.୨୭୩ |
| ଚେନ୍ନାଇ | ୧୩ | ୭ | ୬ | ୧୪ | +୦.୫୨୮ |
| ହାଇଦ୍ରାବାଦ | ୧୨ | ୭ | ୫ | ୧୪ | +୦.୪୦୬ |
| ଦିଲ୍ଲୀ | ୧୪ | ୭ | ୭ | ୧୪ | -୦.୩୭୭ |
| ବେଙ୍ଗାଲୁରୁ | ୧୩ | ୬ | ୭ | ୧୨ | +୦.୩୮୭ |
| ଲକ୍ଷ୍ନୌ | ୧୩ | ୬ | ୭ | ୧୨ | -୦.୭୮୭ |
| ଗୁଜରାଟ | ୧୩ | ୫ | ୭ | ୧୧ | -୧.୦୬୦ |
| ପଞ୍ଜାବ | ୧୩ | ୫ | ୮ | ୧୦ | -୦.୩୪୭ |
| ମୁମ୍ବାଇ | ୧୩ | ୪ | ୯ | ୮ | -୦.୨୭୧ |

ବି.ଦ୍ର.: କୋଲକାତା ଓ ଗୁଜରାଟର ଗୋଟିଏ ଲେଖାଏଁ ମ୍ୟାଚ୍ ବାତିଲ ହୋଇଛି।

## ଆହତ ରାବାଡା ସ୍ୱଦେଶ ଫେରିଲେ

**ଜୋହାନ୍ସବର୍ଗ,୧୫।୫(ଏଜେନ୍ସି):** ପଞ୍ଜାବ କିଙ୍ଗ୍‌ସ ଫାଷ୍ଟ ବୋଲର ଆହତ ହେବା ଫଳରେ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରୁ ବାଦ୍ ପଡ଼ିଛନ୍ତି। ସେ ପଞ୍ଜାବର ଶେଷ ଦୁଇଟି ମ୍ୟାଚ୍ ଖେଳିବାକୁ ଅସମର୍ଥ ହୋଇଛନ୍ତି। ତାଙ୍କ ଲିମ୍ବ ଟିସୁ ଇନଫେକ୍ସନ ହୋଇଛି ଓ ଏହା ଏତେ ଗୁରୁତର ନୁହେଁ ବୋଲି ସ୍ୱଦେଶ ପହଞ୍ଚିବା ପରେ ଦକ୍ଷିଣ ଆଫ୍ରିକା କ୍ରିକେଟ ବୋର୍ଡ ପକ୍ଷରୁ କୁହାଯାଇଛି। ଏବେ ତାଙ୍କ ଚିକିତ୍ସା କରାଯାଉଛି ଓ ଟି-୨୦ ବିଶ୍ୱକପ ପ୍ରସ୍ତୁତି ଉପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

### ଆଇପିଏଲ୍-୧୭
### ଆଜିର ମ୍ୟାଚ୍
**ହାଇଦ୍ରାବାଦ- ଗୁଜରାଟ**

**ସ୍ଥାନ**- ହାଇଦରାବାଦ୍, **ସମୟ**- ରାତି ୭.୩୦

- ପ୍ରସାରଣ -

ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA